

୨୦୨୫ରେ
'ସାଲାର୍-୨'
ପୃଷ୍ଠା 9 ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-194 • BHUBANESWAR • MONDAY • 8 JANUARY 2024 • PAGE-16 • ₹ 6.00

ବର୍ଷ-୪୧ • ସଂଖ୍ୟା-୧୯୪ • ଭୁବନେଶ୍ୱର • ସୋମବାର • ୮ ଜାନୁଆରୀ ୨୦୨୪ • ପୃଷ୍ଠା-୧୬ • ଟ.୬.୦୦



DSPL-516

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



ନିଯୁକ୍ତି ପର୍ବ
ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
୩୯୮
ନୂଆ ନିଯୁକ୍ତି

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ
୨୦୬
ନୂଆ ନିଯୁକ୍ତି

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର
ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରର୍ସ ସେବା କ୍ୟାଡର୍
ଏବଂ
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର
ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରର୍ସ ସେବା-ଜନସ୍ୱାସ୍ଥ୍ୟ କ୍ୟାଡର୍ ଏବଂ
ଓଡ଼ିଶା ମ୍ୟୁନିସିପାଲ୍ ଇଞ୍ଜିନିୟରିଂ ସେବା-ଓ.ଏମ୍.ଇ.ଏସ କ୍ୟାଡର୍‌ରେ
ନୂତନ ସିଭିଲ୍ କନିଷ୍ଠ ଯନ୍ତ୍ରୀଙ୍କ ନିଯୁକ୍ତି

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୮ ଜାନୁଆରୀ ୨୦୨୪ ॥ ସନ୍ଧ୍ୟା ୫ଟା
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

OIPR - 13001/13/0053/2324



# ସମ୍ପୂର୍ଣ୍ଣା



ସକାଳ THE SAKALA
www.sakalaepaper.com

## ଆଜିର ଦିନରେ

- ୧୭୯୦- ପ୍ରଥମ ଥର ପାଇଁ ଦେଶକୁ ସମ୍ବୋଧନ କଲେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍।
- ୧୮୮୪-ସମାଜ ସଂସ୍କାରକ କେଶବଚନ୍ଦ୍ର ସେନ୍‌ଙ୍କ ଜନ୍ମ।
- ୧୯୪୨- ପ୍ରସିଦ୍ଧ ବ୍ରିଟିଶ୍ ଭୌତିକ ବିଜ୍ଞାନୀ ଷ୍ଟିଫେନ୍ ହକିଂଙ୍କ ଜନ୍ମ।
- ୨୦୦୮ - ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଷଷ୍ଠ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍‌ଘାଟନ କଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ ବିତିବ। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଅର୍ଥ ରୋଜଗାର ପାଇଁ ନୂତନ ମାର୍ଗ ଫିଟିବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟିରେ ମିଶ୍ରିତ ଫଳ ମିଳିବ। ମନ ପ୍ରସନ୍ନ ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭ ଫଳ ମିଳିବ। ବ୍ୟବସାୟରେ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ।

**ମିଥୁନ:** ଅବିବାହିତଙ୍କ ବିବାହ ସ୍ଥିର ହେବ। ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ରାଜନୀତିରେ ସକ୍ରିୟ ରହିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ରୁଚି ବଢ଼ିବ।

**କର୍କଟ:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ମଧୁମୟ ହେବ। ଭାବିଚିନ୍ତି କାର୍ଯ୍ୟ କରିବା ଭଲ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଯୋଜନା କରିବେ। ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଧାର୍ମିକ ସ୍ଥାନକୁ ଯିବାର ଯୋଜନା କରିବେ।

**କନ୍ୟା:** ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଦାନଧର୍ମ କରନ୍ତୁ। ପ୍ରେମ ବ୍ୟାପାରରେ ସଫଳତା ମିଳିବ। ବ୍ୟବସାୟରେ ପରିବର୍ତ୍ତନ ଆସିବ।

**ତୁଳା:** ଚାକିରିରେ ବଦଳି ସମ୍ଭାବନା ଅଛି। ଜମି ବିବାଦ ଦେଖା ଦେବ। ନିବେଶରୁ ଲାଭ ମିଳିବ। ସରକାରୀ ଚାକିରିଆଙ୍କ ପାଇଁ ଭଲ ସମୟ। ଜୀବନସାଥୀଙ୍କ ସହଯୋଗ ମିଳିବ। ଅଚାନକ ଶୁଭ ଖବର ପାଇବେ।

**ବିଛା:** ଧୈର୍ଯ୍ୟର ରଖି କାମ କରନ୍ତୁ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତ ପାଇଁ ଚିନ୍ତା କରନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ। ବିଦେଶଯାତ୍ରା ଯୋଗ ରହିଛି। ଅନ୍‌ଲାଇନ୍ କାର୍ଯ୍ୟରୁ ଲାଭ ମିଳିବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ଅଯଥା ଖର୍ଚ୍ଚ ବଢ଼ିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଆସିବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ମନାନ୍ତର ହେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କୁମ୍ଭ:** ଦିନଟି ବ୍ୟସ୍ତତା ଭିତରେ ଅତିବାହିତ ହେବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ପୁରୁଣା ରୋଗ ସମସ୍ୟା ଦେଖାଦେବ। ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି। ଦୂରଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। । ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## କିମ୍ବଦନ୍ତୀ ଓଡ଼ିଶୀ ନୃତ୍ୟଗୁରୁ
# କେଳୁଚରଣ ମହାପାତ୍ର



ଓଡ଼ିଶାର ପରିଚୟକୁ ନିଜ ନୃତ୍ୟ ମାଧ୍ୟମରେ ପରିସ୍ଫୁଟ କରିପାରିଥିଲେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମ ବିଭୂଷଣ କେଳୁଚରଣ ମହାପାତ୍ର। ବିଂଶ ଶତାବ୍ଦୀରେ ଓଡ଼ିଶୀ ନୃତ୍ୟର ପୁନରୁତ୍ଥାନ ଓ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବାରେ ଗୁରୁ କେଳୁଚରଣ ମହାପାତ୍ରଙ୍କର ବଡ଼ ଯୋଗଦାନ ରହିଛି। ଓଡ଼ିଶୀ ନୃତ୍ୟରେ ନବ ଜାଗରଣ ସୃଷ୍ଟି କରି ପାୟ ୨୦୦ ଏକକ ପ୍ରଦର୍ଶନ ଓ ୫୦ଟି ନୃତ୍ୟ ନାଟିକାର ସଂଯୋଜନା କରି ସେ ଏହାକୁ କରାଇ ଥିଲେ ପରିପୁଷ୍ଟ। କେଳୁଚରଣ ମହାପାତ୍ର ପୁରୀ ଜିଲ୍ଲା ରଘୁରାଜପୁରରେ ଏକ ଶିଳ୍ପୀ ପରିବାରରେ ୧୯୨୬ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଚିନ୍ତାମଣି ମହାପାତ୍ର ଜଣେ ଚିତ୍ରଶିଳ୍ପୀ ଓ ମର୍ଦ୍ଦଳ ବାଦକ ଥିଲେ। ଗୋଟିପୁଅ ନାଚପ୍ରତି ପିଲାଦିନୁ ସେ ଆକର୍ଷିତ ହୋଇଥିଲେ। କିନ୍ତୁ ତାଙ୍କ ପିତାଙ୍କୁ ପୁଅର ଗୋଟିପୁଅ ନୃତ୍ୟ କରିବା ପସନ୍ଦ ନଥିଲା। ସେ ତାଙ୍କୁ ଏଥିରୁ ନିବୃତ୍ତ କରି ପୁରୀର 'କୁଞ୍ଜ ବିହାରୀ ରାସ ଲୀଳା' ଦଳରେ ଛାଡିଥିଲେ। କେଳୁଚରଣ ଏହି ଦଳରେ ପାଖାପାଖି ୧୦ ବର୍ଷ ରହିଥିଲେ। ପିତାଙ୍କ ଦେହାନ୍ତ ପରେ ସେ ଦଳ ଛାଡ଼ି ଗାଁକୁ ଜୀବିକା ନିର୍ବାହ ପାଇଁ ପଳାଇ ଆସିଥିଲେ। କିନ୍ତୁ ତାଙ୍କ ମନ ମାନି ନଥିଲା। ଏହାପରେ ସେ ଗାଁ ଛାଡ଼ି କଟକ କଟକ ଆସି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସରେ ଯୋଗ ଦେଇଥିଲେ। ଏହାପରେ ସେ ଅନ୍ନପୂର୍ଣ୍ଣା-ବି' ଦଳରେ ଯୋଗଦେଲେ। ଏଠାରେ ଗୁରୁ ପଙ୍କଜ ଚରଣ ଦାସଙ୍କ ସଂସ୍ପର୍ଶରେ ଆସି ତାଙ୍କ ନୃତ୍ୟ ପ୍ରତିଭାର ବିକାଶ ହୋଇଥିଲା। ନୃତ୍ୟ ନାଟିକା 'ଭସ୍ମାସୁର'ରେ 'ନଟରାଜ' ଭୂମିକାରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ କେଳୁଚରଣ। ଏଥିରେ ମୋହିନୀ ଭୂମିକାରେ ଅଭିନୟ କରିଥିଲେ ଲକ୍ଷ୍ମୀପ୍ରିୟା। ଏହାପରେ ଲକ୍ଷ୍ମୀପ୍ରିୟା କେଳୁଚରଣଙ୍କ ଯୁଗଳବନ୍ଦୀ ଆରମ୍ଭ ହୋଇଥିଲା। ସେ ୨୮ ବର୍ଷ ବୟସରେ ଲକ୍ଷ୍ମୀପ୍ରିୟାଙ୍କୁ ବିବାହ କରିଥିଲେ। ଏହାପରେ ଉଭୟ ପୁରୀ ଚାଲିଆସିଲେ। ପୁରୀରେ ମାହାରୀ ଓ ଗୋଟିପୁଅ ନୃତ୍ୟ ଉପରେ ଗବେଷଣା କରି ସେସବୁକୁ ଆୟତ୍ତ କରି ନିଜର ଏକ ପରିଚୟ ସୃଷ୍ଟି କରିପାରିଥିଲେ। ୧୯୫୩ ମସିହାରେ ସେ କଟକ କଳାବିକାଶ କେନ୍ଦ୍ରରେ ଯୋଗଦେଲେ। କଳାବିକାଶ କେନ୍ଦ୍ରରେ ସେ ଦୀର୍ଘ ୧୫ ବର୍ଷ ଓଡ଼ିଶୀ ଶିକ୍ଷାଦାନ କରି ବହୁ ଛାତ୍ରଛାତ୍ରୀ ସୃଷ୍ଟି କରିପାରିଥିଲେ। ଏହି ସମୟରେ ସେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ମଧ୍ୟ ଓଡ଼ିଶୀ ଶିକ୍ଷାଦାନ କରୁଥିଲେ। ସଂଯୁକ୍ତା ପାଣିଗ୍ରାହୀ, ମିନତି ମିଶ୍ର,ପ୍ରିୟମ୍ବଦା ମହାନ୍ତି(ହେଜମାଦି) ଆଦିଙ୍କୁ ବ୍ୟକ୍ତିଗତ ଭାବେ ଓଡ଼ିଶୀ ନୃତ୍ୟଶିକ୍ଷା ଦେଇଥିଲେ। ବହୁ ବିଦେଶୀ ଶିଷ୍ୟ କଟକ ଆସି ଗୁରୁ କେଳୁଚରଣଙ୍କ ଘରେ ରହି ଓଡ଼ିଶୀ ନୃତ୍ୟ ଶିକ୍ଷା କରୁଥିଲେ। ସେ ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ର ସହିତ ଦଶବର୍ଷ ଧରି ଜଡ଼ିତ ଥିଲେ। ୧୯୯୫ ମସିହାରେ ସେ ଓଡ଼ିଶୀ ଗବେଷଣା କେନ୍ଦ୍ର ଛାଡିବା ପରେ ନିଜସ୍ୱ ଅନୁଷ୍ଠାନ 'ସୃଜନ'ର ଆରମ୍ଭ କରିଥିଲେ। ୨୦୦୪ ମସିହା ଅପ୍ରେଲ ୭ତାରିଖରେ ଏହି ମହାନ୍ କଳାସାଧକଙ୍କ ଦେହାନ୍ତ ଘଟିଥିଲା। ଓଡ଼ିଶୀ ନୃତ୍ୟର ଏହି ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ୍‌ଙ୍କୁ ଦେଶବାସୀ ସମ୍ମାନିତ କରିଥିଲେ ପଦ୍ମବିଭୂଷଣରେ। ଓଡ଼ିଶୀ ନୃତ୍ୟ ପ୍ରତି ନିଷ୍ଠାପର ଅବଦାନ ପାଇଁ ତାଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ସଙ୍ଗୀତ ନାଟକ ଏକାଡେମୀ ଫେଲୋସିପ୍ , ମଧ୍ୟପ୍ରଦେଶ ସରକାରଙ୍କଠାରୁ କାଳିଦାସ ସମ୍ମାନରେ ସମ୍ମାନିତ କରାଯାଇଛି।

## ଆଜି ଆସିଥିଲେ
# ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର



'ଛାମୁ ଯାହା ଦେଲେ ହରସେ...' ଏହି ପଦଟି ଶୁଣିବା ମାତ୍ରେ ମନକୁ ଚାଲିଆସେ ହାସ୍ୟରସର ପ୍ରଖ୍ୟାତ କବି ଯଦୁମଣି ମହାପାତ୍ରଙ୍କ କଥା। ପୁରାଣ, କାବ୍ୟ, ଅଳଙ୍କାର, ଶିଳ୍ପଶାସ୍ତ୍ର, ସଙ୍ଗୀତଶାସ୍ତ୍ର, ଜ୍ୟୋତିଷ ଓ ଦର୍ଶନଶାସ୍ତ୍ରରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା। ଘଣ୍ଟର ଧ୍ୱନି ଭଳି ତାଙ୍କ କବିତା ସମସ୍ତଙ୍କୁ ସତର୍କ କରାଇ ଦେଉଥିବାରୁ ଯଦୁମଣି ନିଜକୁ ନିଜେ 'ଉତ୍କଳ ଘଣ୍ଟ' ନାମରେ ପରିଚୟ ଦେଉଥିଲେ ବୋଲି ଲୋକମତ ରହିଛି। ୧୭୮୧ ମସିହା ଆଜିର ଦିନରେ ଗଞ୍ଜାମ ଜିଲ୍ଲା ଆଠଗଡ଼ର ପାଟଣାଗ୍ରାମରେ ଯଦୁମଣି ମହାପାତ୍ର ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ମୁକୁନ୍ଦ ମହାପାତ୍ର ଏବଂ ମା'ଙ୍କ ନାମ ଶୋଭାଦେଇ। ଯଦୁକୃଷ୍ଣଙ୍କୁ ପୂଜା କରି ପୁତ୍ରଲାଭ ହୋଇଥିବାରୁ ପିତା ମୁକୁନ୍ଦ ମହାପାତ୍ର ପୁଅଟିର ନାମ ରଖିଥିଲେ ଯଦୁମଣି। ଯଦୁମଣିଙ୍କ ଜନ୍ମଭୂମି ଗଞ୍ଜାମ ହୋଇଥିଲେ ସୁଦ୍ଧା ତାଙ୍କ କର୍ମଭୂମି ଥିଲା ନୟାଗଡ଼ର ଇଟାମାଟି। ଓଡ଼ିଆ ସାହିତ୍ୟର ରୀତିଯୁଗୀୟ କବି ମଧ୍ୟରେ ଯଦୁମଣି ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ପିଲାଦିନରୁ ସେ ସଂସ୍କୃତ ଭାଷାର କାବ୍ୟ, ନାଟକ, ଅମରକୋଷ ଆଦି ପାଠ କରିଥିଲେ। ସ୍ଥପତି ପରିବାରରେ ଜନ୍ମ ହୋଇଥିବାରୁ ଦେବ ବିଗ୍ରହମାନଙ୍କର ରୂପ ଚିତ୍ରଣ, କାଠ ଓ ପ୍ରସ୍ତର ବିଗ୍ରହ ନିର୍ମାଣ, ପଟ୍ଟଚିତ୍ର ଅଙ୍କନ ଆଦିରେ ମଧ୍ୟ ସେ ଧୁରନ୍ଧର ଥିଲେ। ସେ ବିଭିନ୍ନ ରାଗରାଗିଣୀ, ଅଳଙ୍କାର ସମନ୍ୱିତ କାବ୍ୟ, ଚଉପଦୀ, ଭଜନ ଜଣାଣ ଓ ଗୀତ, କବିତା ମାନ ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ପ୍ରଭୁ ରାମଚନ୍ଦ୍ରଙ୍କୁ ନେଇ ସେ ଏକ କାବ୍ୟ 'ରାଘବ ବିଳାସ' ଓ କୃଷ୍ଣଙ୍କୁ ନେଇ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ରଚନା କରିଥିଲେ। ଯାହାକି ଓଡ଼ିଆ ସାହିତ୍ୟ ଜଗତକୁ ତାଙ୍କର ସର୍ବଶ୍ରେଷ୍ଠ କୃତି। କବି ହେବା ପାଇଁ ପିଲାଦିନରୁ ଯଦୁମଣିଙ୍କର ପ୍ରବଳ ଆଗ୍ରହ ଥିଲା। ଗାଁ ଚାଟଶାଳୀରେ ଶିକ୍ଷା ଶେଷ କରି ସଂସ୍କୃତ ଶିକ୍ଷା ପାଇଁ ସେ ମାନଧାତାପୁର ଗ୍ରାମର ଜଣେ ସଂସ୍କୃତ ପଣ୍ଡିତଙ୍କ ନିକଟକୁ ଯାଇଥିଲେ। ସେଠାରେ ଶିକ୍ଷା ସମାପ୍ତ ପରେ ସେ ସଂସ୍କୃତରେ ଉଚ୍ଚଶିକ୍ଷା ପାଇଁ ଘୁମୁସର ନିକଟବର୍ତ୍ତୀ ବିଷ୍ଣୁଚକ୍ର ଗ୍ରାମକୁ ଗଲେ। ସେଠାରେ ସେ ପଞ୍ଚମୁଖ ଭଗବାନ କବିରାଜ ବାହିନୀପତି ନାମକ ବିଖ୍ୟାତ ସଂସ୍କୃତ ପଣ୍ଡିତଙ୍କ ପାଖରୁ ଶିକ୍ଷା ଲାଭ କରିଥିଲେ। ସେଠାରୁ ଯଦୁମଣି 'ହୟଗ୍ରୀବ' ମନ୍ତ୍ର ପ୍ରାପ୍ତ ହୋଇ ସାଧନା ଆରମ୍ଭ କରିଥିଲେ। ଯଦୁମଣି ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତାଙ୍କ ଦରବାରରେ ରାଜକବି ଥିଲେ। ୧୮୬୬ ମସିହା ଜୁଲାଇ ୨ ତାରିଖରେ ତାଙ୍କର ପରଲୋକ ହୋଇଥିଲା। ଯଦୁମଣି ସବୁବେଳେ ଏକ ମାଳି ଓ କୁଣ୍ଡଳ ପିନ୍ଧୁଥିଲେ। ସେହି କୁଣ୍ଡଳ ଯଦୁମଣି ନିଜେ ହାତୀ ଦାନ୍ତରେ ତିଆରି କରିଥିଲେ। ନୟାଗଡ଼ ଜିଲ୍ଲା ଉଦୟପୁର ଗ୍ରାମରେ ଦାସିଆ ଅଜାଙ୍କ ସଂଗ୍ରହାଳୟରେ ତାଙ୍କର କିଛି ସାହିତ୍ୟ କୃତି ସମେତ ଏବେ ବି ସେହି କାନଫୁଲ ସାଇତା ହୋଇ ରହିଛି। ତାଙ୍କର ସ୍ମୃତିରେ ୧୯୯୮ ମସିହାରୁ ଓଡ଼ିଶା ସାହିତ୍ୟ ଅକାଦେମୀ ରାଜ୍ୟସ୍ତରୀୟ ଯଦୁମଣି ଜୟନ୍ତୀ ପାଳନ କରୁଛି ଏବଂ ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକଙ୍କୁ 'ଯଦୁମଣି ସମ୍ମାନ'ରେ ସମ୍ମାନିତ କରାଯାଉଛି।

# ୨୦୨୫ରେ 'ସାଲାର୍-୨'

ସାଉଥ ସୁପରଷ୍ଟାର୍ ପ୍ରଭାସ ଏବେ ତାଙ୍କ ଫିଲ୍ମ 'ସାଲାର' ପାଇଁ ଚର୍ଚ୍ଚାରେ ଅଛନ୍ତି। ପ୍ରଭାସଙ୍କ ଆକ୍ସନ୍ ଅବତାର ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହି ଫିଲ୍ମ ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହେବା ପରେ ଏବେ ସମସ୍ତେ ଏହାର ଦ୍ୱିତୀୟ ଭାଗକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ଏହାର ଦ୍ୱିତୀୟ ଭାଗକୁ ନେଇ ଏକ ଖବର ଆସିଛି, ଯାହା ଦର୍ଶକଙ୍କ ଉତ୍ସାହକୁ ବହୁଗୁଣିତ କରିବାକୁ ଯାଉଛି। ତେବେ 'ସାଲାର୍-୨' ୨୦୨୫ ସୁଦ୍ଧା ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଫିଲ୍ମର ନିର୍ମାତା ବିଜୟ କିରଙ୍ଗଦୁର ନିଜେ ଏକଥା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଫିଲ୍ମର କାହାଣୀ ଲେଖା ହୋଇ ସାରିଛି। ବହୁତ ଜଲ୍‌ଦି ଏହାର ସୁଟିଂ ଆରମ୍ଭ ହେବ। ୨୦୨୫ ଶେଷ ଆଡ଼କୁ ଏହା ରିଲିଜ୍ ହେବ। ପ୍ରଶାନ୍ତନୀଲଙ୍କ ନିର୍ଦ୍ଦେଶିତ 'ସାଲାର୍' ଦୁଇବନ୍ଧୁଙ୍କ କାହାଣୀ। ଯିଏ କି ପରବର୍ତ୍ତୀ ସମୟରେ ଶତ୍ରୁ ପାଲଟି ଯାଉଛନ୍ତି। ତେବେ 'ସାଲାର୍' ଅପେକ୍ଷା ଏହାର ସିକ୍ୱେଲରେ ଆହୁରି ଉଚ୍ଚସ୍ତରର ଆକ୍ସନ୍ ସିନ୍ ରହିବ ବୋଲି କୁହାଯାଉଛି।



# ଶିବଲିଙ୍ଗରେ କେଉଁ ଜିନିଷ ଚଢ଼ାଇବେନି



**ସୋମବାର ଭଗବାନ ଶିବଙ୍କୁ ସମର୍ପିତ। ଏହିଦିନ ଶିବଲିଙ୍ଗରେ ବେଲପତ୍ର, କ୍ଷୀର ତଥା ଜଳଲାଗି କରିବା ଦ୍ୱାରା ମହାଦେବଙ୍କ କୃପା ପ୍ରାପ୍ତି ହୁଏ। ତେବେ ଏପରି କିଛି ଜିନିଷ ଅଛି, ଯାହାକୁ କେବେ ବି ଶିବଲିଙ୍ଗରେ ଲାଗି କରିବା ଉଚିତ ନୁହେଁ। ଏହା ଦ୍ୱାରା ପୂଜା ନିଷ୍ଫଳ ହୋଇଥାଏ।**

- ଶିବଲିଙ୍ଗରେ କେବେ ବି ସିନ୍ଦୂର ଲାଗି କରିବା ଉଚିତ ନୁହେଁ। ଏକଥା ଶିବ ପୁରାଣରେ ଉଲ୍ଲେଖ ରହିଛି।
- ପୂଜାପାଠରେ ହଳଦି ଲାଗି କରାଯାଏ। କିନ୍ତୁ ଏହାକୁ ଶିବଲିଙ୍ଗରେ ଲାଗି କରିବା ଦ୍ୱାରା ଫଳପ୍ରାପ୍ତି ହୋଇ ନ ଥାଏ।
- ଶିବଙ୍କ ପୂଜାରେ ତୁଳସୀ (ବୃନ୍ଦା)କୁ ସାମିଲ କରିବା ଅନୁଚିତ। ପୌରାଣିକ କାହାଣୀ ଅନୁସାରେ, ଶିବ ତୁଳସୀଙ୍କ ପତି ଅର୍ଥାତ୍ ରାକ୍ଷସ ଜଳନ୍ଧରକୁ ବଧ କରିଥିଲେ। ଏହି କାରଣ ଯୋଗୁଁ ଶିବ ବୃନ୍ଦାଙ୍କୁ ଅଭିଶାପ ଦେଇଥିଲେ।
- ଶିବଲିଙ୍ଗରେ କଳା ରାଶି ଅର୍ପଣ କରିବା ମଧ୍ୟ ଅଶୁଭ। ଏହା ଦ୍ୱାରା ଶିବ କୋପ କରନ୍ତି।

# ଶମି ଗଛର ଧାର୍ମିକ ମହତ୍ତ୍ୱ



**ହିନ୍ଦୁ ଧର୍ମରେ ଶମି ଗଛର ବିଶେଷ ମହତ୍ତ୍ୱ ଅଛି। ଏହା ଭଗବାନ ଶିବ ଓ ଶନିଙ୍କ ଖୁବ୍ ପ୍ରିୟ। ଏହି ଗଛକୁ ଘରେ ଲଗାଇବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୋଇଥାଏ। ତା'ସହ ଘରେ ସୁଖ ଓ ସମୃଦ୍ଧି ବୃଦ୍ଧି ପାଏ। ସେହିପରି ଶନି ଦୋଷରୁ ମୁକ୍ତି ପାଇଁ ଶମି ଗଛକୁ ଲଗାଯାଏ। ତେବେ ଏନେଇ ବାସ୍ତୁରେ କେତେକ ନିୟମ ରହିଛି, ସେ ସମ୍ପର୍କରେ ଜାଣିବା।**

- ଶମି ଗଛକୁ ଘରର ଈଶାଣ କୋଣ କିମ୍ବା ପୂର୍ବ ଦିଗରେ ଲଗାଇବା ଉଚିତ। ଏହାଦ୍ୱାରା ଜୀବନରେ ସୁଖଶାନ୍ତି ବଜାୟ ରହେ। ତା'ସହ ଧନ ଆଗମନର ନୂତନ ମାର୍ଗ ଉନ୍ମୁକ୍ତ ହୋଇଥାଏ।
- ଅପରିଷ୍କାର ସ୍ଥାନରେ ଏହାକୁ ଲଗାଇବା ଅନୁଚିତ।
- ଶନିବାର ଦିନ ଘରର ମୁଖ୍ୟଦ୍ୱାରର ବାମ ପାର୍ଶ୍ୱରେ ଏହି ଗଛକୁ ଲଗାଇବା ଶୁଭଙ୍କର।
- ଶମି ଗଛ ପାଖରେ ଜୋତା ଚପଲ ରଖିବା ଅନୁଚିତ।

**ଧାର୍ମିକ ମହତ୍ତ୍ୱ:** ମାନ୍ୟତା ଅଛି, ଶନିବାର ଦିନ ଶମି ଗଛକୁ ପୂଜା କରିବା ଦ୍ୱାରା ଶନି ଦେବ ପ୍ରସନ୍ନ ହୁଅନ୍ତି। ଏହାଦ୍ୱାରା ଶନିଙ୍କ ସାଢ଼େ ସାତୀ ଓ ଶନିଙ୍କ ଅଶୁଭ ପ୍ରଭାବରୁ ମିଳିବାକୁ ଥିବା କଷ୍ଟରୁ ମୁକ୍ତି ମିଳିଥାଏ। ଧାର୍ମିକ ମାନ୍ୟତା ଅନୁସାରେ, ପ୍ରତିଦିନ ସନ୍ଧ୍ୟାରେ ଶମି ଗଛ ତଳେ ଦୀପ ଜାଳିବା ଦ୍ୱାରା ଜୀବନରେ ଆସୁଥିବା ସମସ୍ତ ବାଧା ଦୂର ହୁଏ ଏବଂ ଆର୍ଥିକ ସ୍ଥିତି ସୁଦୃଢ଼ ହୁଏ।




# ଦାନ-ପୁଣ୍ୟ-ଉପାସନାର ମାସ ପୌଷ

**ଧର୍ମ-କର୍ମର ପବିତ୍ର ମାସ ହେଉଛି ପୌଷ ମାସ। ସୂର୍ଯ୍ୟ ଆରାଧନା ପାଇଁ ଏହି ମାସ ବହୁତ ଗୁରୁତ୍ୱ ରଖେ। ଏହି ମାସରେ ରାଶି, ଗୁଡ଼, ଶୀତବସ୍ତ୍ର ଓ ଅନ୍ୟ ଜିନିଷ ଦାନ କରିବାର ବିଶେଷ ପରମ୍ପରା ରହିଛି। ଧର୍ମଗ୍ରନ୍ଥ ଅନୁସାରେ, ପୌଷ ମାସରେ କରାଯାଉଥିବା ଦାନ ଅନେକ ଯଜ୍ଞର ପୁଣ୍ୟ ଫଳ ପ୍ରଦାନ କରିଥାଏ।**



### ସୂର୍ଯ୍ୟ ଉପାସନା ପାଇଁ ଉତ୍କୃଷ୍ଟ

ଏହି ମାସ ସୂର୍ଯ୍ୟ ଉପାସନା ପାଇଁ ସବୁଠୁ ଉତ୍କୃଷ୍ଟ ମାସ। ଏହି ମାସ ଭଗବାନ ସୂର୍ଯ୍ୟ ଓ ବିଷ୍ଣୁ ପୂଜା ପାଇଁ ସମର୍ପିତ। ଜ୍ୟୋତିର୍ବିଦଙ୍କ ଅନୁସାରେ, ଏହି ମାସରେ ସୂର୍ଯ୍ୟଙ୍କ ସହ ମା' ଲକ୍ଷ୍ମୀ ଓ କୁବେରଙ୍କ ଉପାସନାରୁ ମଧ୍ୟ ବିଶେଷ କୃପା ପ୍ରାପ୍ତି ହୋଇଥାଏ। ମାନ୍ୟତା ଅନୁସାରେ, ଏହି ମାସରେ ସୂର୍ଯ୍ୟଦେବ ୧୧ ହଜାର କିରଣ ସହିତ ଶକ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରନ୍ତି।

### ସୂର୍ଯ୍ୟଙ୍କୁ ଜଳ ଅର୍ଘ୍ୟ

ଏହି ମାସରେ ସକାଳୁ ଉଠିବା ଉଚିତ। ପାଣିରେ ଗଙ୍ଗାଜଳ ମିଶାଇ ସ୍ନାନ କରିବା ଦରକାର। ସ୍ନାନ ପରେ ତମ୍ବା ଢାଳରେ ଜଳ ଭର୍ତ୍ତି କରି ଅକ୍ଷତ ଓ ଫୁଲ ରଖି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରନ୍ତୁ। ଏହି ସମୟରେ 'ଓଁ ସୂର୍ଯ୍ୟାୟ ନମଃ' ମନ୍ତ୍ର ଉଚ୍ଚାରଣ କରନ୍ତୁ। ପ୍ରଥମେ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରି ପରେ ଠାକୁରଙ୍କୁ ପୂଜାର୍ଚ୍ଚନା କରନ୍ତୁ। ଏହି ମାସରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା ବଳ, ବୁଦ୍ଧି, ବିଦ୍ୟା, ଯଶ ଓ ଧନପ୍ରାପ୍ତି ହୋଇଥାଏ।

### ପିଣ୍ଡଦାନରେ ବୈକୁଣ୍ଠ ପ୍ରାପ୍ତି

ମାନ୍ୟତା ଅନୁସାରେ, ଏହି ମାସର ପ୍ରତ୍ୟେକ ରବିବାର ବ୍ରତ ରଖିବା ସହ ରାଶି ଚାଉଳର ଖେଚୁଡ଼ି ଭୋଗ ଲଗାଇବା ଦ୍ୱାରା ବ୍ରତଧାରୀ ତେଜସ୍ୱୀ ହୋଇଥାନ୍ତି। ଏହି ମାସରେ କିଛି ଦିନ ପାଇଁ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇ ନ ଥାଏ। ପୌଷ ମାସରେ ପୂର୍ବପୁରୁଷଙ୍କ ପିଣ୍ଡଦାନ କରିବା ଦ୍ୱାରା ବୈକୁଣ୍ଠ ପ୍ରାପ୍ତି ହୋଇଥାଏ। ଅନ୍ୟପଟେ ଏହି ମାସରେ ଥଣ୍ଡା ପ୍ରବଳ ରହିଥାଏ।

### ନଅ ପ୍ରକାର ଅନ୍ନଦାନର ମହତ୍ତ୍ୱ

ପୌଷ ମାସରେ ଦାନର ବିଶେଷ ମହତ୍ତ୍ୱ ଅଛି। ଉକ୍ତ ମାସରେ ଅଧିକରୁ ଅଧିକ ଦାନ କରିବା ଉଚିତ। ଶୀତବସ୍ତ୍ର ସାଙ୍ଗକୁ ନଅ ପ୍ରକାର ଅନ୍ନଦାନ କରିବାକୁ ଶୁଭ ବୋଲି କୁହାଯାଏ। ଏହି ପୂରା ମାସରେ ନାଲି ଓ ହଳଦିଆ ରଙ୍ଗର ପୋଷାକ ପିନ୍ଧିବା ଦ୍ୱାରା ସୌଭାଗ୍ୟ ବୃଦ୍ଧି ହୁଏ। ସେହିପରି ଏହି ମାସରେ ଘରେ କର୍ପୂର ଜାଳିବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିଥାଏ।

### କ'ଣ କରିବେ ନାହିଁ

- କୁହାଯାଏ, ଏହି ମାସରେ ଲୁଣ କମ୍ ଖାଇବା ଉଚିତ।
- ତା'ସହ ଖାଦ୍ୟରେ ଚିନି ପରିବର୍ତ୍ତେ ଗୁଡ଼ ଖାଇବା ଆବଶ୍ୟକ।
- ଏହାବାଦ୍ ପୌଷ ମାସରେ ଥଣ୍ଡା ପାଣିର ବ୍ୟବହାର ସହ ଗୁରୁ ଭୋଜନ ଭଲ ନୁହେଁ।
- ଅତ୍ୟଧିକ ଘିଅ ମଧ୍ୟ ଖାଦ୍ୟରେ ଖାଇବା ଅନୁଚିତ।

## ଗୀତାବାଣୀ

ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂଯମାଗ୍ନିଷୁ ଜୁହ୍ୱତି।
ଶବ୍ଦାଦୀନ୍ ବିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି ॥୨୬॥

ଅନ୍ୟ କେତେକ ଯୋଗୀ ଶ୍ରୋତ୍ରାଦି ସମସ୍ତ ଇନ୍ଦ୍ରିୟଙ୍କୁ ସଂଯମରୂପକ ଅଗ୍ନିରେ ଆହୁତି ଦିଅନ୍ତି ଏବଂ ଆଉ କେତେକ ଯୋଗୀ ଶବ୍ଦାଦି ବିଷୟଗୁଡ଼ିକୁ ଇନ୍ଦ୍ରିୟରୂପକ ଅଗ୍ନିରେ ଆହୁତି ଦିଅନ୍ତି।



(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୨୬)

# କୁବେର ମନ୍ତ୍ର ଜପରେ ଦୂର ହୁଏ ବାଧା

**ହିନ୍ଦୁ ଧର୍ମରେ କୁବେରଙ୍କୁ ଧନର ଦେବତା ରୂପେ ପୂଜାର୍ଚ୍ଚନା କରାଯାଏ। ତାଙ୍କ କୃପା ପ୍ରାପ୍ତି ଦ୍ୱାରା ଆର୍ଥିକ ସମସ୍ୟାକୁ ସାମ୍ନା କରିବାକୁ ପଡ଼ି ନ ଥାଏ। କୁହାଯାଏ, କୁବେର ମନ୍ତ୍ର ଜପ କଲେ ଧନ ଦେବତା ପ୍ରସନ୍ନ ହୋଇ ମନୋବାଞ୍ଛା ପୂରଣ କରିଥାନ୍ତି।**

**ମନ୍ତ୍ର ଜପର ଲାଭ:** ନିତିଦିନ କୁବେର ଦେବଙ୍କ ମନ୍ତ୍ର ଜପ କରିବା ଦ୍ୱାରା ଧନହାନିରୁ ରକ୍ଷା ମିଳେ। ଏହାସହ ବ୍ୟବସାୟରେ ଲାଭ ମିଳିଥାଏ। କୁବେରଙ୍କ କୃପା ଦ୍ୱାରା ଆୟର ନୂତନ ମାର୍ଗ ମଧ୍ୟ ଉନ୍ମୁକ୍ତ ହୁଏ।

**ମନ୍ତ୍ର ଜପର ନିୟମ:** ଶାସ୍ତ୍ରରେ କୁବେର ମନ୍ତ୍ର ଜପର କିଛି ନିୟମ ଦର୍ଶାଯାଇଛି। ଏହି ମନ୍ତ୍ରକୁ କ୍ରମାଗତ ତିନି ମାସ ଜପ କରିବା ଦରକାର। ସେହିପରି ଏହାକୁ ୧୦୮ ଥର ଜପ କରିବା ଉଚିତ। ସେଥିପାଇଁ ସକାଳୁ ସ୍ନାନ ସାରି କୁବେରଙ୍କ ପୂଜାର୍ଚ୍ଚନା କରନ୍ତୁ। ଏହାପରେ କୁବେରଙ୍କ ସାମ୍ନାରେ ବସି ମନ୍ତ୍ର ଜପ କରନ୍ତୁ। ମନ୍ତ୍ରକୁ ଠିକ୍ ଭାବେ ଉଚ୍ଚାରଣ କରିବା ନିହାତି ଆବଶ୍ୟକ। ଏହା ଦ୍ୱାରା ହିଁ ମନ୍ତ୍ରରୁ ଶୁଭଫଳ ପ୍ରାପ୍ତି ହୁଏ। ସେହିପରି ଭଗବାନ କୁବେରଙ୍କ ମନ୍ତ୍ର ଜପ ସମୟରେ ଦକ୍ଷିଣ ଦିଗକୁ ମୁଖ କରିବା।







• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-194 ♦BHUBANESWAR ♦MONDAY ♦8 JANUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୯୪ ♦ଭୁବନେଶ୍ୱର ♦ସୋମବାର ♦୮ ଜାନୁଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦







## କଳାମଣ୍ଡପ ସମ୍ମିଳନୀ କେନ୍ଦ୍ର ନିର୍ମାଣ ଅଗ୍ରଗତି ସମୀକ୍ଷା କଲେ '୫-ଟି' ଅଧ୍ୟକ୍ଷ

# 'ଅକ୍ଷର ଭୂମି'ରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ





- କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମାଣ ହେଉଛି ଅକ୍ଷରଭୂମି
- ଓଡ଼ିଆ ସଂସ୍କୃତି ଓ ଐତିହ୍ୟ ପୃଷ୍ଠଭୂମି ଢାଞ୍ଚାରେ ସାଜସଜ୍ଜା
- ସମ୍ମିଳନୀ ସ୍ମୃତିକୁ ଚିର ସ୍ମରଣୀୟ କରିବ ଅକ୍ଷର ଭୂମି
- କଳାମଣ୍ଡପ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ଲାଗି ନିର୍ଦ୍ଦେଶ

■ **ଭୁବନେଶ୍ୱର, ୭ ।୧ (ସମିସ):** ଆସନ୍ତା ଫେବ୍ରୁଆରୀ ୩ରୁ ୩ ଦିନ ଧରି ରାଜ୍ୟରେ ଅନୁଷ୍ଠିତ ହେବ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ । ସମଗ୍ର ବିଶ୍ୱରେ ଓଡ଼ିଆ ଭାଷାକୁ ସମୃଦ୍ଧ, ଲୋକପ୍ରିୟ ଓ ଗ୍ରହଣୀୟ କରାଯିବା ନିମନ୍ତେ ଆୟୋଜିତ ଏହି ସମ୍ମିଳନୀରେ ଭାଷା ଗବେଷକ, ଭାଷାବିତ୍‌ମାନେ ଯୋଗ ଦେଇ ବ୍ୟାପକ ବିଚାରବିମର୍ଶ କରିବେ। ଏହି ସମ୍ମିଳନୀକୁ ସ୍ମରଣୀୟ ତଥା ସଫଳ କରିବା ନିମନ୍ତେ ଭୁବନେଶ୍ୱରସ୍ଥିତ କଳାମଣ୍ଡଳ ପରିସରରେ ନିର୍ମାଣ ହେଉଛି ଅକ୍ଷରଭୂମି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ କଳାମଣ୍ଡପ ଯାଇ ଅକ୍ଷରଭୂମିର ଅଗ୍ରଗତି ସମୀକ୍ଷା କରିଛନ୍ତି। ଦୁଇ ହଜାର ଆସନ ବିଶିଷ୍ଟ କଳାମଣ୍ଡଳ ସମ୍ମିଳନୀ କେନ୍ଦ୍ର ରାଜ୍ୟର ସବୁଠାରୁ ବଡ଼ ସମ୍ମିଳନୀ କେନ୍ଦ୍ର ହେବାକୁ ଯାଉଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଏହି ସମ୍ମିଳନୀ କେନ୍ଦ୍ରର ନିର୍ମାଣ ଦାୟିତ୍ୱ ଇଡ୍‌କୋ ବହନ କରିଛି। ଶ୍ରୀ ପାଣ୍ଡିଆନ କଳାମଣ୍ଡପ ପରିସରରେ ନିର୍ମାଣାଧୀନ କାର୍ଯ୍ୟ ଅନୁଧ୍ୟାନ କରିବା ସହ ଯଥାଶୀଘ୍ର ସମ୍ଭବ ଏହି କାର୍ଯ୍ୟକୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କଳାମଣ୍ଡଳର ଆଭ୍ୟନ୍ତରୀଣ ସାଜସଜ୍ଜା ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପୃଷ୍ଠଭୂମି ଢାଞ୍ଚାରେ କରାଯିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ପ୍ରଥମ ବିଶ୍ୱ ଓଡ଼ିଆ ▸ପୃଷ୍ଠା-୧୦

# ଡୁରୁଙ୍ଗାରେ ପହଞ୍ଚିଲା ହୀରାକୁଦ ପାଣି

## ବାସ୍ତବ ରୂପ ନେଲା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ସବୁଜ କ୍ରାନ୍ତି





■ **ବରଗଡ଼, ୭।୧ (ସମିସ):** ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ସବୁଜ କ୍ରାନ୍ତି ବରଗଡ଼ ଜିଲ୍ଲାରେ ବାସ୍ତବତାରେ ପରିଣତ ହୋଇଛି । ଦୀର୍ଘ ଦିନର ପ୍ରତୀକ୍ଷା ପରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ବରଗଡ଼କୁ ପାଣି ପହଞ୍ଚିଛି । ରବିବାର ହୀରାକୁଦ ଜିରୋ ଆର୍‌ଡିରୁ ବରଗଡ଼ ଡୁରୁଙ୍ଗା ପମ୍ପ ହାଉସକୁ ପାଣି ପହଞ୍ଚିଥିବା ବେଳେ ଦିନେ ଦୁଇ ଦିନ ମଧ୍ୟରେ ଚାଷୀଙ୍କ କ୍ଷେତକୁ ପାଣି ମାଡ଼ିବ ବୋଲି ସୂଚନା ମିଳିଛି । ୧୬୭୧ କୋଟି ଟଙ୍କା ବିନିମୟରେ ଏହି ବୃହତ ଜଳସେଚନ ପ୍ରକଳ୍ପ କରାଯାଇଥିବା ବେଳେ ମରୁଡ଼ିପ୍ରପୀଡ଼ିତ ଜମିଗୁଡ଼ିକ ଶସ୍ୟଶ୍ୟାମଳା ହେବାକୁ ଯାଉଛି। ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାର ଚାଷୀଙ୍କୁ ନୂତନ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ଏହି ଉପହାର ଚାଷୀକୁଳରେ ଖୁସିର ଲହରୀ ଖେଳାଇ ଦେଇଛି। ଏହାସହ ୨୦୧୭ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ବାସ୍ତବ ରୂପ ନେଇଛି। ଓଡିଶାର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲ୍ଲାର ଅଣଜଳସେଚିତ ଅଞ୍ଚଳରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଆଉ କିଛି ଦିନ ପରେ ଜଳସେଚିତ ହେବାକୁ ଯାଉଛି । ରବିବାର ହୀରାକୁଦ ଜିରୋ ଆର୍‌ଡିରୁ ବରଗଡ଼ ଡୁରୁଙ୍ଗା ସ୍ଥିତ ପମ୍ପ ହାଉସକୁ ପାଣି ପହଞ୍ଚିଛି । ୨୦୧୯ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋହେଲାର ଇଚ୍ଛାପାଲିରେ ଏହି ପ୍ରକଳ୍ପର ଶୁଭାରମ୍ଭ କରିଥିବା ବେଳେ ଏହି ପ୍ରକଳ୍ପ ଦ୍ୱାରା ବିଜେପୁର, ସୋହେଲା, ବରପାଲି ଏବଂ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ୧୨୯ ଟି ଗାଁ ଜଳସେଚିତ ହେବା ନେଇ ଲକ୍ଷ୍ୟ ରଖାଯାଇଥିଲା । ପରେ ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କ ଦାବି ପରେ ବରଗଡ଼ ବ୍ଲକର ୧୨ଟି ଏବଂ ବରପାଲି ବ୍ଲକର ଆଉ ୨ଟି ଗାଁକୁ ଏଥିରେ ସାମିଲ କରାଯାଇଥିଲା । ଗଙ୍ଗାଧର ମେହେର ▸ପୃଷ୍ଠା-୧୦

**ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପରୁ ୪ ବ୍ଲକର ୩୧,୩୧୮ ହେକ୍ଟର ଜମି ହେବ ଜଳସେଚିତ**

# ହାତୀ ସଂରକ୍ଷଣ କେନ୍ଦ୍ରରେ ଦନ୍ତାର ମୃତ୍ୟୁ



ମୃତ ଦନ୍ତାର ଫାଇଲ୍ ଫଟୋ

■ **ଢେଙ୍କାନାଳ/ଗଁଦିଆ, ୭ ।୧ (ସମିସ):** ଗଁଦିଆ ବ୍ଲକ୍‌ର କପିଳାସଠାରେ ଥିବା ହାତୀ ସଂରକ୍ଷଣ କେନ୍ଦ୍ରରେ ଏକ ଦନ୍ତା ହାତୀ(୪୦)ର ମୃତ୍ୟୁ ହୋଇଛି। ଉକ୍ତ ହାତୀଟିକୁ ଗତକାଲି ବୌଦ୍ଧରୁ ଅଣାଯାଇଥିଲା। ହାତୀଟି ଏଠାରେ ପହଞ୍ଚିବା ପରେ ଉତ୍ପାତ ଆରମ୍ଭ କରିଥିଲା। ସେଠାରେ ଥିବା କାଠଗଣ୍ଡି ଫିଙ୍ଗିବା ସହ ବନ୍ଧା ଯାଇଥିବା ଚେନ୍‌କୁ ମଧ୍ୟ ଛିଣ୍ଡାଇ ଦେଇଥିଲା। କିନ୍ତୁ ଆଜି ରହସ୍ୟଜନକ ଭାବେ ତା'ର ମୃତ୍ୟୁ ହୋଇଯାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିଲେ ହେଁ ଅତ୍ୟଧିକ ଟ୍ରାଙ୍କୁଲାଇଜ୍ ଯୋଗୁଁ ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଭୁବନେଶ୍ୱରରୁ ଏକ ଉଚ୍ଚସ୍ତରୀୟ ଟିମ୍ କପିଳାସ ଆସୁଥିବା ଜଣାପଡ଼ିଛି। ଏ ସଂପର୍କରେ କପିଳାସ ରେଞ୍ଜ ଅଧିକାରୀ ତରୁଣ କୁମାର ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ତଥ୍ୟ ଦେବାକୁ ମନା କରିଥିଲେ।

## ଯୁବକଙ୍କୁ କଚାଡ଼ି ମାରିଲା



■ **ଢେଙ୍କାନାଳ, ୭ ।୧ (ସମିସ):** ଢେଙ୍କାନାଳ ସଦର ରେଞ୍ଜ ଅନ୍ତର୍ଗତ ଚାଉଳିଆ ଗ୍ରାମ ନିକଟରେ ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଜଣଙ୍କ ହେଲେ, ଚାଉଳିଆ ଗ୍ରାମର ବ୍ରହ୍ମାନନ୍ଦ ନାୟକ। ରବିବାର ସକାଳେ ବ୍ରହ୍ମାନନ୍ଦ ଧାନ ବିଲକୁ ଯାଉଥିବା ବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ଶୁଣ୍ଢରେ ଟେକି କଚାଡ଼ି ମାରିଦେଇଥିଲା। ଘଟଣାସ୍ଥଳରେ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଦନ୍ତାଟି କିଛି ଦିନ ହେବ ଆଖପାଖ ଅଞ୍ଚଳରେ ଘୂରି ବୁଲୁଥିବା ଦେଖିବାକୁ ମିଳିଥିଲା। ଏହି ଅଘଟଣ ପରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ଦନ୍ତାଟିକୁ ଅନ୍ୟତ୍ର ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ତ୍ୱରିତ ହେଉଛି ଶ୍ରୀଦାଣ୍ଡ ଓ ଜେବିପିସି କାର୍ଯ୍ୟ

## ଶ୍ରୀକ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ '୫-ଟି' ଅଧ୍ୟକ୍ଷ

■ **ପୁରୀ, ୭।୧ (ସମିସ):** ପାଖେଇ ଆସୁଛି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ । ସବୁକିଛି ବ୍ୟବସ୍ଥିତ ଢଙ୍ଗରେ କରିବା ପାଇଁ ଚାଲିଛି ଉଦ୍ୟମ । ଠିକଣା ସମୟରେ ବିଭିନ୍ନ ପ୍ରକଳ୍ପ କିପରି ପୂର୍ଣ୍ଣାଙ୍ଗ ହେବ ଏବଂ ଲୋକାର୍ପଣ କାର୍ଯ୍ୟକ୍ରମ ସୁରୁଖୁରରେ ସମ୍ପନ୍ନ କରାଯିବ ତା'ର ପ୍ରତ୍ୟକ୍ଷ ଅନୁଧ୍ୟାନ କରୁଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ନିୟମିତ ପୁରୀ ଆସି ଏ ସବୁର ତଦାରଖ କରୁଥିବା '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ରବିବାର ଅପରାହ୍ଣରେ ପୁରୀରେ ପହଞ୍ଚିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି।



'୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଏବଂ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଅପରାହ୍ଣରେ ପହଞ୍ଚି ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ବିଭିନ୍ନ ପ୍ରକଳ୍ପର ମାରାଥନ ଅନୁଧ୍ୟାନ ଓ ସମୀକ୍ଷା। ମନ୍ଦିରରୁ ବାହାରିବା ପରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ତିଆରି ଚାଲିଥିବା ଯଜ୍ଞମଣ୍ଡପ ଦେଖିଥିଲେ । ଉତ୍ତରପାର୍ଶ୍ୱ ମଠ ସମ୍ମୁଖରେ ▸ପୃଷ୍ଠା-୧୦

### ନୀତି ସବ୍-କମିଟିର ନିଷ୍ପତ୍ତି

# ୧୫ରୁ ୧୭ ତାରିଖ ରାତି ୩ରୁ ଦ୍ୱାରଫିଟା

■ **ପୁରୀ, ୭ ।୧(ସମିସ):** ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି। ୧୨ତାରିଖରେ ଶ୍ରୀନଅରରେ ଗଜପତି ମହାରାଜା ଗୁଆ ଟେକା ଏବଂ ଆଚାର୍ଯ୍ୟ ବରଣ ପରେ ଆରମ୍ଭ ହେବ ଯଜ୍ଞ ପ୍ରକ୍ରିୟା। ୧୫ ତାରିଖରୁ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ତ୍ରିଦିନାତ୍ମକ ଯଜ୍ଞ କରାଯିବ। ୧୭ ତାରିଖରେ ପୂର୍ଣ୍ଣାହୁତି ସହ ଲୋକାର୍ପଣ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ତେବେ ୧୨ତାରିଖରୁ ଶ୍ରୀକ୍ଷେତ୍ର ପୁରୀକୁ ଅତିଥି ଅଭ୍ୟାଗତ ଓ ଭକ୍ତଙ୍କ ସୁଅ ଛୁଟିବ। ଏହି ସମୟରେ ଶ୍ରୀମନ୍ଦିରରେ ନୀତିକାନ୍ତି ଯେପରି ଶୃଙ୍ଖଳିତ ଏବଂ ସଅଳ ହେବ, ▸ପୃଷ୍ଠା-୧୦

## ଲୋକକଥା



ଅ, ଆ ମଧ୍ୟେ ଲଢ଼େଇ ଚାଲିଚି
ଏକ ନମ୍ବର ହୋଇବା ପାଇଁ,
ଦିନରାତି ତାଙ୍କ ଏକାକାର ହୁଏ
ଟଙ୍କା ପଛରେ ଦଉଡ଼ି ଧାଇଁ !
ଭୋକ ଶୋଷ କାହିଁ ମେଣ୍ଟେନାହିଁ,
କେତେବେଳେ କିଏ କାହାକୁ ଟପିବ
ଦେଖ ହୁଅନ୍ତି ବିଳିବିଳେଇ !!

# ସାବାଡ଼ ହେବେ ବାଲି ମାଫିଆ

## ଚୋରା ଚାଲାଣ ଉପରେ ଅଙ୍କୁଶ ପାଇଁ ଅଣ୍ଟା ଭିଡ଼ିଲା ଖଣି ବିଭାଗ

- ବାଲି ଖଣିର ହେବ ଜିଓ ଫେନସିଂ, ପିଲର୍‌ରେ ଲାଗିବ ଇଲେକ୍ଟ୍ରୋନିକ୍ସ
- ଓରସାକ୍ ଦେବ ବୈଷୟିକ ସହାୟତା, ସବୁ ଖଣିର ଡିଜିପିଏସ୍ ସର୍ଭେ
- ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠନ ହେବ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ
- ମୋବାଇଲ୍ ଆପ୍‌ରେ ଯାଞ୍ଚ ହେବ ଟ୍ରକ୍‌ର ବାରକୋଡ୍ ଇ-ପାସ୍
- ବାଲିର ଉପଲବ୍ଧତା ଓ ଆବଶ୍ୟକତା ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ ହେବ
- ଲିଜ୍ ଅଞ୍ଚଳର ଡିମାର୍କେସନ୍ ଓ ପରିବେଶ ମଞ୍ଜୁରୀ ବାଧ୍ୟତାମୂଳକ
- ଅବଧି ଶେଷ ହେବା ପୂର୍ବରୁ ପରବର୍ତ୍ତୀ ଲିଜ୍ ପାଇଁ ନିଆଯିବ ପଦକ୍ଷେପ



■ **ଭୁବନେଶ୍ୱର, ୭ ।୧ (ସମିସ):** ବାଲି ଚୋରା ଚାଲାଣ ଯୋଗୁଁ ବିପୁଳ ରାଜସ୍ୱହାନି ଘଟୁଛି। କାର୍ଯ୍ୟାନୁଷ୍ଠାନ ପାଇଁ ଯାଉଥିବା ସରକାରୀ ଅଧିକାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଛି। ଏହାକୁ ରୋକିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ସରକାର। ଖଣି ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି ଏବଂ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

ନଦୀ ବାଲିର ସୁପରିଚାଳନା ପାଇଁ ରାଜ୍ୟ ସରକାର ଓଡ଼ିଶା ବାଲି ନୀତି ୨୦୨୧ ଲାଗୁ କରିଛନ୍ତି। ଏହି ନୀତି ଅନୁଯାୟୀ ବିଭାଗ ପକ୍ଷରୁ ଏକାଧିକ ବାର ମାର୍ଗଦର୍ଶିକା ଜାରି କରାଯାଇଛି। ମାତ୍ର ଏବେ ଏହାକୁ ଅତ୍ୟନ୍ତ କଠୋର ଭାବରେ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ୨୦୧୬ ଓ ୨୦୨୧ ବାଲି ନୀତି ସହିତ ଏନଫୋର୍ସମେଣ୍ଟ ଆଣ୍ଡ ମନିଟରିଂ ଗାଇଡ୍‌ଲାଇନ୍ସ ଫର୍ ସ୍ୟାଣ୍ଡ ମାଇନିଂ, ୨୦୨୦ ଏବଂ ଜାତୀୟ ସବୁଜ ଟ୍ରିବୁନାଲ (ଏନ୍‌ଜିଟି) ତଥା ସର୍ବୋଚ୍ଚ ନ୍ୟାୟାଳୟ ଜାରି କରିଥିବା ନିର୍ଦ୍ଦେଶନାମାକୁ ନେଇ ଚଳିତ ଥର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ନୂଆ ନିୟମ ଅନୁସାରେ ଏଣିକି ପ୍ରତ୍ୟେକ ଜିଲ୍ଲାରେ ବାଲିର ଉପଲବ୍ଧତା, ଆବଶ୍ୟକତା ଏବଂ ଯୋଗାଣ ପରିମାଣର ▸ପୃଷ୍ଠା-୧୦

# ଏକାଠି ବୁଲୁଛନ୍ତି ୪ କଳା ମହାବଳ



■ **ଭୁବନେଶ୍ୱର, ୭ ।୧ (ସମିସ):** ଶିମିଳିପାଳ ଅଭୟାରଣ୍ୟରୁ ଏକ ବିରଳ ଦୃଶ୍ୟ ସାମ୍ନାକୁ ଆସିଛି। ଜଙ୍ଗଲ ଭିତରେ ୪ଟି କଳାବାଘ ଏକାସାଙ୍ଗେ ବୁଲିବାର ଭିଡିଓ ପ୍ରଥମଥର ପାଇଁ ପଦାକୁ ଆସିଛି। ବାଘଗୁଡ଼ିକ ଗୋଟିଏ ପରିବାରର ବୋଲି ଜଣାଯାଇଛି। ଏହି ଭିଡିଓକୁ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ନିଜ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରି ଏହା ଓଡ଼ିଶା ଜଙ୍ଗଲର ଦୃଶ୍ୟ ବୋଲି ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ରାଜ୍ୟ ବନ ବିଭାଗ ଏକାଧିକବାର କଳାବାଘର ଭିଡିଓ ପୋଷ୍ଟ କରିଛି। ଗତ ▸ପୃଷ୍ଠା-୧୦

**ନଭେମ୍ବରରେ ଦେଖାଦେଇଥିଲା କଳା କଲରାପତରିଆ**

**ଦେଶର ସବୁ କଳା ବାଘ ଅଛନ୍ତି ଶିମିଳିପାଳରେ**

# ମାଲ୍ୟଗିରି ମହୋତ୍ସବ ଉଦ୍‌ଯାପିତ

# ମନମୋହିଲା ଶିବ ତାଣ୍ଡବ ଏବଂ ରିଷି ସିଂଙ୍କ ସଂଗୀତ









ପାଲଲହଡ଼ା,୭।୧(ସମିସ)

ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡରେ ୩ ଦିନ ଧରି ଚାଲିଥିବା ମାଲ୍ୟଗିରି ମହୋତ୍ସବ ଉଦଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ମହିଳା, ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ସ୍ଥାନୀୟ ତଥା ରାଜ୍ୟସ୍ତରୀୟ ପ୍ରତିଭାଙ୍କ ପାଇଁ ପ୍ରତିଭା ପ୍ରଦର୍ଶନର ଏକ ଉତ୍କୃଷ୍ଟ ମାଧ୍ୟମ ହୋଇପାରିବ ବୋଲି କହିଥିଲେ। ଏଥିପାଇଁ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଏବଂ ଉପଖଣ୍ଡ ପ୍ରଶାସନର ପ୍ରଚେଷ୍ଟା ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ସମ୍ମାନିତ ଅତିଥିଭାବେ ରାଜ୍ୟ ଯୁବ କଲ୍ୟାଣ ପରିଷଦ ଅଧ୍ୟକ୍ଷ କୁନ ବିହାରୀ ଦାସ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ମହୋତ୍ସବ ପାଳନ ଏବଂ ଏହା ଦ୍ୱାରା ସ୍ଥାନୀୟ ଲୋକକଳାର ପ୍ରଚାର ପ୍ରସାର ସହ ଧୀରେ ଧୀରେ ଲୋପ ପାଇଯାଉଥିବା ଲୋକକଳା କିଭଳି ଭାବେ ବଞ୍ଚାଇ ରଖାଯାଇପାରିବ ସେନେଇ ମତ ପ୍ରକାଶ କରିଥିଲେ। ପାଲଲହଡ଼ା ବିଧାୟକ ତଥା ମହୋତ୍ସବ କମିଟିର ଅଧ୍ୟକ୍ଷ ମୁକେଶ କୁମାର ପାଲ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଲଲହଡ଼ା ଉପଜିଲ୍ଲାପାଳ ତଥା ମହୋତ୍ସବ କମିଟିର ଆବାହକ ସୁଶାନ୍ତ କୁମାର ପତି ଉପସ୍ଥିତ ଥିଲେ । ଉଦଯାପନୀ ସନ୍ଧ୍ୟାରେ ମାଲ୍ୟଗିରି ମୁକ୍ତାକାଶ ରଙ୍ଗମଞ୍ଚରେ ରାଉରକେଲା ସଂସ୍କୃତି ପରିଷଦ ସାଗର ରିଦିମ ପକ୍ଷରୁ ଆୟୋଜିତ ଆଧୁନିକ ଶିବତାଣ୍ଡବ ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ଏବଂ ଅନୁଗୋଳରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ଓଡ଼ିଶୀ ନୃତ୍ୟକୁ ଦର୍ଶକ ମନଭରି ଉପଭୋଗ କରିଥିଲେ । ଶେଷରେ ବଲିଉଡ୍ ଗାୟକ ରିଷି ସିଂ ଏବଂ ଉସ୍ତାଦ ରାପରଙ୍କ ଆଧୁନିକ ହିନ୍ଦୀ ସଂଗୀତ ପରିବେଷଣରେ ଯୁବପିଢ଼ି ଝୁମିଥିଲେ । ମହୋତ୍ସବର ଶେଷ ସନ୍ଧ୍ୟା ହୋଇଥିବାରୁ ପାଲଲହଡ଼ା ଷ୍ଟାଡିୟମରେ ପ୍ରବଳ ଭିଡ଼ ଦେଖିବାକୁ ମିଳିବା ସହ ମିଶନ ଶକ୍ତି ଏବଂ ଅନ୍ୟାନ୍ୟ ଖାଦ୍ୟ ଷ୍ଟଲରେ ଲୋକମାନେ ମନଭରି ବିଭିନ୍ନ ଖାଦ୍ୟକୁ ଉପଭୋଗ କରିଥିଲେ।

## ୱାର୍କସପ୍‌ରୁ ଯନ୍ତ୍ରାଂଶ ଚୋରି ଘଟଣାରେ ୪ ଗିରଫ

**ତାଳଚେର ସଦର, ୭।୧(ସମିସ):** ତାଳଚେର ବାଇପାସ୍ ନିକଟରେ ଥିବା ରଶ୍ମି ମୋଟରର ଅଶୋକ ଲିଲାଣ୍ଡ ୱର୍କ ସପରୁ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ତାଳଚେର ପୁଲିସ୍। ୱାର୍କସପରୁ ମୂଲ୍ୟବାନ ଯନ୍ତ୍ରାଂଶ ଚୋରି ହୋଇଥିବା ନେଇ ୱାର୍କସପ୍ ମାଲିକ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏହି ଅଭିଯୋଗକୁ ଆଧାରକରି ହିନ୍ଦୋଳ ରଜମୋହନପୁର ଅଞ୍ଚଳର ଚିନ୍ମୟ ସାହୁ, ପଶ୍ଚିମବଙ୍ଗ ନୌହାଟି ଅଞ୍ଚଳର ଉମେଶ ଯାଦବ, ଜଗତସିଂପୁର ଅଞ୍ଚଳର ବିକ୍ରମ କେଶରୀ ପଶାୟତ, ତାଳଚେର ଟାଉନ ବାଉଳଚକ୍କ ଅଞ୍ଚଳର ଜଣକୁ ଧରିବା ସହିତ ଚୋରି ହୋଇଥିବା ବିଭିନ୍ନ ଯନ୍ତ୍ରାଂଶ ଜବତ କରିଛି।

## ଆମ୍ରପାଳ ହାଇସ୍କୁଲର ବାର୍ଷିକ କ୍ରୀଡ଼ା



**କିଶୋରନଗର, ୭।୧(ସମିସ):** କିଶୋରନଗର ବ୍ଲକ ଆମ୍ରପାଳ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଗତକାଲି ଉଦଯାପିତ ହୋଇଯାଇଛି। ଉଦଘାଟନୀ ଦିବସରେ ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ , ଝରାବେରଣୀ ହାଇସ୍କୁଲର ପ୍ରଧାନଶିକ୍ଷକ ରଂଜିତ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସୁଲତନା ବୀର, ସମ୍ମାନିତ ଅତିଥି ଭାବେ ଫୁଲାମ୍ବା ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପିଇଟି ବନମାଳୀ ସାହୁ ଖେଳ ପରିଚାଳନା କରିଥିଲେ।

# ତାଳଚେର ଟ୍ରକ୍ ମାଲିକ ସଂଘର ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ



**ତାଳଚେରସଦର, ୭।୧(ସମିସ):** ଆଞ୍ଚଳିକ ପରିବହନ ପକ୍ଷରୁ ଆଜି ଟ୍ରକ ମାଲିକ ସଂଘର ସଡ଼କ ସୁରକ୍ଷା ଉଦଯାପନୀ ଉତ୍ସବ ପାଳନ କରାଯାଇଛି। ଏହି ପରିପେକ୍ଷୀରେ ଟ୍ରକ ମାଲିକ ସଂଘରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଆଖି ଡାକ୍ତର ଜୟଦେବ ନନ୍ଦଙ୍କ ଠାରେ ଡ୍ରାଇଭର ଓ ଟ୍ରକ ମାଲିକମାନେ ଆଖି ପରୀକ୍ଷା କରାଇଥିଲେ। ସେହିପରି ଏମଭିଆଇ ପ୍ରିୟବ୍ରତ ମହାନ୍ତି ତାଙ୍କ ଉଦବୋଧନରେ ଟ୍ରାଫିକ ନିୟମ ମାନିବା, ଗାଡ଼ି ଚଲାଇବା ବେଳେ ହେଲମେଣ୍ଟ ବ୍ୟବହାର, ମଦ୍ୟପାନ କରି ଗାଡ଼ି ନ ଚଲାଇବା, ସିଟ୍ ବେଲ୍ଟ ପିନ୍ଧିବା ଜରୁରୀ ବୋଲି ସଚେତନ କରିଥିଲେ। ପ୍ରତିଦିନ ସଚେତନ ରଥ ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପରିକ୍ରମା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଟ୍ରାଫିକ ଇନ୍ସପେକ୍ଟର ଜିତେନ୍ଦ୍ର ବେହେରା, ସଂଘର ସଭାପତି ଅରବିନ୍ଦ ଭୂତିଆ, ସମ୍ପାଦକ ରତନ ଶତପଥୀ, କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁ, ପରିବହନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ।

## ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ



**ଅନୁଗୋଳ ସଦର,୭।୧(ସମିସ):** ଅନୁଗୋଳ ୟୁକୋ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଠାରେ ବ୍ୟାଙ୍କର ୮୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାହକମାନଙ୍କୁ ମିଠା ବାଣ୍ଟି ଅଭିନନ୍ଦନ ଜଣାଯାଇଥିଲା। ଅପରାହ୍ନରେ ବ୍ୟାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ୨ ଜଣ ଗ୍ରହକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବ୍ୟାଙ୍କର ବିଭିର୍ଣ୍ଣ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଯାଇଥିଲା।. ପ୍ରତିଷ୍ଠା ଦିବସରେ ୫୫ଟି ନୂଆ ଆକାଉଣ୍ଟ ଖୋଲାଯିବା ସହ ୨ ଜଣଙ୍କୁ ଗୃହ ଋଣ ଓ ଜଣଙ୍କୁ ବ୍ୟବସାୟିକ ଋଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରାଞ୍ଚ ମ୍ୟାନେଜର ବଳରାମ ସେଠି, ଶ୍ରୀକାନ୍ତ ବିଶ୍ୱାଳ, ଶୁଭସ୍ମିତା ଦାସ, ଚନ୍ଦ୍ରକାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଜଗନ୍ନାଥ ପରିକ୍ରମା ରଥର ଶୁଭାରମ୍ଭ



**କିଶୋରନଗର, ୭।୧(ସମିସ):** ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଜି କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର ବରପଦର ଗ୍ରାମରେ ପରିକ୍ରମା ରଥର ଶୁଭାରମ୍ଭ ହୋଇଛି। ପ୍ରଥମେ ବରପଦର ଗ୍ରାମରେ ଏହି ରଥ ପହଞ୍ଚିଲା ପରେ ଗ୍ରାମବାସୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଇ ଏହାର ଶୁଭାରମ୍ଭ କରାଯାଇଥିଲା। ପରେ ଏହି ରଥ ମୟୂରକାଟେଣୀ, କସ୍ତୁରୀବାହାଳ, ଝାମ୍ପୁଲ୍ଲୀ ଗ୍ରାମରେ ଏହି ରଥ କୁ ନାମ ସଂକୀର୍ତ୍ତନ କରାଯାଇ ଗ୍ରାମାସୀଙ୍କ ପକ୍ଷରୁ ଅରୁଆ ଚାଉଳ, ଗୁଆ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁଲୋଚନା ପ୍ରଧାନ, ପିଇଓ ପ୍ରମୋଦ କୁମାର ସାହୁ, ନାଏବ ସରପଞ୍ଚ କ୍ଷୀରାବ୍ଧି ବିଶ୍ୱାଳ, ପୂର୍ବତନ ସରପଞ୍ଚ ଅନୀତା ଦାଶଙ୍କ ସମେତ ସମସ୍ତ ଓ୍ବାର୍ଡ ସଭ୍ୟ ସଭ୍ୟା, ସିଆରପି, ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ସାମିଲ ଥିଲେ।

## ଚକବନ୍ଦୀ ଉଚ୍ଛେଦ ଦାବିରେ ଚାଷୀ ସୁରକ୍ଷା କମିଟିର ରଣହୁଙ୍କାର



**ଅନୁଗୋଳ,୭।୧(ସମିସ):** ଆଜି ଚାଷୀ ସୁରକ୍ଷା କମିଟି, ଅନୁଗୋଳର ସାଧାରଣ ବୈଠକ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର, ଶିକ୍ଷକପଡ଼ା ଠାରେ ଅନୁଗୋଳ ଜିଲ୍ଲାର ଚକବନ୍ଦୀ ଅଧ୍ୟୁଷିତ ୯୨ଖଣ୍ଡ ଗ୍ରାମର ପ୍ରତିନିଧିଙ୍କୁ ନେଇ ସଭାପତି ପ୍ରଦୀପ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଚକବନ୍ଦୀ ଉଚ୍ଛେଦ ଦାବିରେ ଚାଷୀ ସୁରକ୍ଷା କମିଟି ଗତ ଡିସେମ୍ବର ୧୨ ତାରିଖରୁ ଆନ୍ଦୋଳନ ଓ ଗଣଧାରଣା ଜାରି ରଖିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଅଧିକନ୍ତୁ ଚକଭୁକ୍ତ ଜମିକୁ ବିକ୍ରୟ, ଭାଗ ବଣ୍ଟନ ଓ ହସ୍ତାନ୍ତର କରିବା ପାଇଁ କୋହଳ ନୀତି ଅବଲମ୍ବନ ପୂର୍ବକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏ ନୀତି କମିଟି କରୁଥିବା ଦାବିର ପରିପନ୍ଥି ଅଟେ। ତେଣୁ ଏ ନୀତି ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। କାରଣ ଅନୁଗୋଳ ଜିଲ୍ଲାରେ ଥିବା ଚକବନ୍ଦୀ ଗ୍ରାମଗୁଡ଼ିକରେ ଚକମତେ ପ୍ରଜାମାନଙ୍କୁ ଜମି ଦଖଲ ପ୍ରଦାନ କରିପାରିନାହାନ୍ତି। ତେଣୁ ଦୀର୍ଘ ୪ ଦଶନ୍ଧି ଧରି ଏହାର ତୁରନ୍ତ ସମାଧାନ ପାଇଁ ଦାବି ପ୍ରଦାନ କରାଯାଉଥିଲେ ହେଁ ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଅଦ୍ୟ ବୈଠକରେ ଗ୍ରାମ ସ୍ତରରେ ଚକବନ୍ଦୀ ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ଦଳମାନ ଗଠନ କରାଯାଇଛି। ଯେଉଁ ଦଳଗୁଡିକ ଗ୍ରାମମାନଙ୍କରେ ଥିବା ଯୁବ ସଂଗଠନ, ମହିଳା ସଂଗଠନ ସର୍ବୋପରି ସର୍ବସାଧାରଣ ଚାଷୀମାନଙ୍କୁ ଭବିଷ୍ୟତ ଆନ୍ଦୋଳନରେ ସାମିଲ ହେବାକୁ ସଚେତନ, କାର୍ଯ୍ୟକ୍ରମ, ପଦଯାତ୍ରା ଓ ପ୍ରଚାର ମାଧ୍ୟମରେ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଉ ମଧ୍ୟ ଧାରଣାସ୍ଥଳରେ ଅଧିକ ସଂଖ୍ୟାରେ ଚାଷୀ ଉପସ୍ଥିତ ହେବାକୁ ଗ୍ରାମ ସ୍ତରର ପ୍ରତିନିଧିମାନଙ୍କୁ ସଚେତନ କରିବା ସହିତ ଅନୁରୋଧ କରୁଛି। ସଂଗଠନର ସମ୍ପାଦକ ହେମନ୍ତ କୁମାର ଦାସ ବୈଠକରେ ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉପଦେଷ୍ଟା ଅଚ୍ୟୁତାନନ୍ଦ ମିଶ୍ର ସମସ୍ତ ନିଷ୍ପତ୍ତି ଯଥାର୍ଥ ଓ ଆନ୍ଦୋଳନକୁ ଆଗାମୀ ଦିନରେ ଜୋରଦାର କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ କୁମର ସାହୁ, ଦୁର୍ଯ୍ୟୋଧନ କର, ଭାସ୍କର ଦେହୁରୀ, ନିର୍ମଳ କୁମାର ସାହୁ, ହର୍ଷବର୍ଦ୍ଧନ ସାହୁ, ମରେନ୍ଦ୍ର ଗଡ଼ନାୟକ, ବ୍ରଜବନ୍ଧୁ ସାହୁ, ବ୍ରଜକିଶୋର ବିଶ୍ୱାଳ, ବିଷ୍ଣୁ ସାହୁ, ଭିକାରୀ ପ୍ରଧାନ, ଧ୍ରୁବ ଦେହୁରୀ, ସତ୍ୟାନନ୍ଦ ସାହୁ, ତ୍ରିନାଥ ସାହୁ, ବିଭୂତି ଗଡ଼ନାୟକ, କାଳିଚରଣ ପ୍ରଧାନ, ଚନ୍ଦ୍ରଶେଖର ପାଣିଗ୍ରାହୀ, ଅନନ୍ତ ସାହୁ, ଗିରିଶ ଚନ୍ଦ୍ର ସ୍ୱାଇଁ, ଅନିରୁଦ୍ଧ ଦେହୁରୀ, ଅନନ୍ତ ପ୍ରଧାନ, ଜ୍ୟୋତି ପ୍ରଧାନ ପ୍ରମୁଖ ଚାଷୀ ନେତାମାନେ ମତ ପ୍ରଦାନ କରିଥିଲେ।

### ବିଜୁ ଜନତା ଦଳର ମିଶ୍ରଣ ପର୍ବ

## ବିଜେପି ଓ କଂଗ୍ରେସର ୨୦୦ ସମର୍ଥକ ସାମିଲ



**କୁଇଓ,୭।୧(ସମିସ):** ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ବଅଁରପାଳ ବ୍ଲକ ୨୬ନଂ ଜୋନ ଜାମୁନାଳି ପଞ୍ଚାୟତ ବିଜୁ ଜନତା ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନୀତି ଆଦର୍ଶ, ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ରବିବାର ବିଜେପି ଓ କଂଗ୍ରେସ ଦଳ ଛାଡ଼ି ୨୦୦ ବ୍ୟକ୍ତି ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଜାମୁନାଳି ପଞ୍ଚାୟତ ସମିତି ସଭ୍ୟ ଅମିତ୍ କୁମାର ବେହେରା, ଗୋପବନ୍ଧୁ ପ୍ରଧାନ, ଉପେନ୍ଦ୍ର ବେହେରା, ସୁରେଶ ନାଏକ, ଅକ୍ଷୟ ଗଡ଼ନାୟକ, ଅମର ବେହେରା, ନାରଣ ଭୁତିଆ ନେତୃତ୍ୱରେ କୁଇଓ, ଜାମୁନାଳି, କରଡ଼ାଟିକର, ନୂଆଁ, ଅନନ୍ତବେରିନି, ବାଲି ସାହି ଗ୍ରାମର ବହୁ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଅନୁଗୋଳ ଜିଲ୍ଲା ବିଜେଡି ସହପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ତାମଡ଼ା ଅଧ୍ୟକ୍ଷ ମୀନକେତନ ଅମାନ୍ତ, ଜିଲ୍ଲା ପରିଷଦ ପ୍ରଦୀପ କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସନ୍ତୋଷ କୁମାର ଦାସ ଯୋଗ ଦେଇଥିଲେ।

## ପୂର୍ବତନ ସ୍ନାତକ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ଆଠମଲ୍ଲିକ ୭।୧(ସମିସ):** ଆଠମଲ୍ଲିକ ମହାବିଦ୍ୟାଳୟର ଗ୍ରାଜୁଏସନ ବ୍ୟାଚର ବନ୍ଧୁମିଳନ ବୌଦ୍ଧ ଜିଲ୍ଲା ଖର ସଂକୁଳ ଗ୍ରାମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସୁବୋଧ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଶୋକ କୁମାର ଗାଇଗରିଆ, ଗାୟତ୍ରୀ ସିଂ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ। ଆଠମଲ୍ଲିକ ଏନଏସିର ଅଧ୍ୟକ୍ଷା ଆଶା କୁମାରୀ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସାମ୍ବାଦିକ ବିଶ୍ୱମ୍ବର ବେହେରା, ରୁଦ୍ରପ୍ରସାଦ ମିଶ୍ର, ରୁଦ୍ରମୋହନ ହୋତା, ଦିନବନ୍ଧୁ ସାହୁ, ରାଜେନ୍ଦ୍ର ପ୍ରସାଦ ମିଶ୍ର ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆଲୋକ କୁମାର ରଥ ମଞ୍ଚ ପରିଚାଳନା କରିଥିଲେ।

# ଜବରଦଖଲରେ ତାଳଚେର ଚିତ୍ରକୂଟ ପୋଖରୀ

### • ପୁନଃଉଦ୍ଧାର କରି ଆଦର୍ଶ ପୋଖରୀ କରିବାକୁ ଦାବି



ତାଳଚେର ସଦର, ୭।୧(ସମିସ):

ତାଳଚେର ଫାଷ୍ଟ ଗେଟ ପାଖରେ ଥିବା ଚିତ୍ରକୁଟ ମନ୍ଦିର ପାଖ ଚିତ୍ରକୂଟ ପୋଖରୀ। ଏହି ପୋଖରୀର ଚାରିପାଖ ଏବେ ଜବରଦଖଲରେ ରହିଛି। ଏହି ପୋଖରୀ ପୁନଃଉଦ୍ଧାର କେବେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ତାଳଚେର ସହରରେ ରାଜା ମହାରାଜାଙ୍କ ଅମଳରୁ ପ୍ରାୟ ୧୬ରୁ ୧୮ଟି ସରାକରୀ ବେସରକାରୀ ଭାବରେ ବଡ଼ ବଡ଼ ପୋଖରୀ ରହିଛି। ମାତ୍ର ଏହି ପୋଖରୀ ମଧ୍ୟରୁ ଗୋଟାଏ ହେଲେ ବି ପୋଖରୀ ସ୍ୱଚ୍ଛ ନାହିଁ। ଫଳରେ ପୋଖରୀ ପାଣିକୁ ୱାର୍ଡବାସୀ ବ୍ୟବହାର କଲେ ବିଭିନ୍ନ ଚର୍ମରୋଗକୁ ହାତଠାରି ଡ଼ାକଦେଲା ଭଳି ଅବସ୍ଥା ଦେଖାଦେଇଥାଏ। ତାଳଚେର ସହର ମଧ୍ୟରେ ରହିଥିବା ପ୍ରଶସ୍ତ ସୌଭାଗ୍ୟ ସାଗର ପୋଖରୀକୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ପୁନରୁଉଦ୍ଧାର କାର୍ଯ୍ୟ କରାଯାଇଥିଲେ ମଧ୍ୟ ପୋଖରୀ ପାଣି ସାଜିଛି ଜହର। ପ୍ରଶସ୍ଥ ଚିତ୍ରକୂଟ ପୋଖରୀକୁ ଏକ ଆଦର୍ଶ ପୋଖରୀ କରିବା ପାଇଁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ପୂର୍ବତନ ଢେଙ୍କାନାଳ ସାଂସଦ ତଥାଗତ ଶତପଥି ଅଣ୍ଟା ଭିଡ଼ିଥିଲେ ଏବଂ ଏହାର ପୁନରୁଉଦ୍ଧାର କାର୍ଯ୍ୟ କରାଯାଇ ଏକ ଆଦର୍ଶ ପୋଖରୀ କରିବା ପାଇଁ ଶୁଭ ଉଦଘାଟନ କରିଥିଲେ। ଏହାର ସମସ୍ତ ଖର୍ଚ୍ଚ ଏନଟିପିସି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଜିବି ଏହି ପୋଖରୀ ହୁଡ଼ାରେ ଫଳକ ଲାଗିଥିବା ଦେଖିବାକୁ ମିଳେ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ, ବର୍ତ୍ତମାନ ସୁଦ୍ଧା ଏହାର ଉନ୍ନୟନ କାର୍ଯ୍ୟ ହୋଇପାରିନାହିଁ। ତାଳଚେର ଅଞ୍ଚଳରୁ କୋଟି କୋଟି ଟଙ୍କା ରାଜସ୍ୱ ଯାଉଛି ଓ ପୁନଶ୍ଚ ଅନୁଗୋଳ ଜିଲ୍ଲା ଖଣିଜ ପାଣ୍ଠିରେ କୋଟି କୋଟି ଟଙ୍କା ଗଚ୍ଛିତ ରହିଛି। ତେବେ ତାଳଚେର ସହର ମଧ୍ୟରେ ରହିଥିବା ଏହି ପୋଖରୀଗୁଡ଼ିକ ଯଦି ୫-ଟି ସରକାର ହାତକୁ ନେଇ ଆଦର୍ଶ ପୋଖରୀରେ ପରିଣତ କରି ଏହାର ଚାରିପାଖ ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ ଓ ରାସ୍ତା ନିର୍ମାଣ ଇତ୍ୟାଦି କରନ୍ତେ, ତେବେ ଅଞ୍ଚଳବାସୀ ଏହି ମନୋରମ ଦୃଶ୍ୟମାନ ଉପଭୋଗ କରିପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତେବେ ଏହି ଜବରଦେଖଲ କେବେ ଉଚ୍ଛେଦ ହେଉଛି ଓ ଏହାର ପୁନଃଉଦ୍ଧାର କାର୍ଯ୍ୟ କେବେ କରାଯାଉଛି, ତାହା ଦେଖିବାକୁ ବାକି ରହିଲା।

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର
ଅବସରପ୍ରାପ୍ତ ସିଡ଼ିଏମ୍ଓ
ଆବିର୍ଭାବ: ୧୫-୦୮-୧୯୪୪, ତିରୋଧାନ: ୨୮-୧୨-୨୦୨୩

ବାବା, ବୋଉ ଯିବା ପରେ ତୁମେ ଆମର ସବୁ କିଛି ଥିଲ। ତୁମେ ଥିଲ ମାର୍ଗଦର୍ଶକ। ଶତସିଂହର ବଳ ଓ ପରାକ୍ରମରେ ଆମକୁ ଉଦ୍‌ବୁଦ୍ଧ କରି ଆସୁଥିଲ। କେବଳ ପରିବାରବର୍ଗ ନୁହନ୍ତି, ତୁମ ସହକର୍ମୀ ଡାକ୍ତର, ତୁମ ବରିଷ୍ଠ, ଅନୁଜ ଡାକ୍ତରମାନେ ମଧ୍ୟ ତୁମ ଅକାଳ ବିୟୋଗରେ ଖୁବ୍ ମର୍ମାହତ। ପରଲୋକରୁ ସେହି ଅପାଶୋରା ମୁରୁକୁନିଆ ହସ ଓ ସଜଳ ନୟନରେ ଆମପ୍ରତି ସର୍ବଦା ଦୃଷ୍ଟି ରଖିଥାଅ।

-: ଶୋକସନ୍ତପ୍ତ :-
ପୁଅ ଶ୍ରୀନିବାସ(ଗୋପୀ) ବୋହୂ- ପଦ୍ମା, ଝିଅ-ଜ୍ୱାଇଁ: ପଦ୍ମଲତା- ହୃଦାନନ୍ଦ, ଶକୁନ୍ତଳା-ବସନ୍ତ ଏବଂ ସମସ୍ତ ନାତିନାତୁଣୀ -ମୟଙ୍କ, ଅବିନାଶ, ପୂଜା, ରୋଜା, ଚିକୁ ଓ ସାନ୍‌ଭି ତଥା ପରିବାରବର୍ଗ

● ଜଗନ୍ନାଥ ଅର୍ପଣ ରଥ ପରିକ୍ରମା

## ସାମିଲ ହେଲେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ



**କାମାକ୍ଷାନଗର, ୭ା୧(ସମିସ) :** ଆସନ୍ତା ଜାନୁଆରୀ ୧୭ ତାରିଖରେ ଲୋକାର୍ପିତ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଥିଲାଗି ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ପରିକ୍ରମା କରିବ ଜଗନ୍ନାଥ ଅର୍ପଣ ରଥ। ଏହି କ୍ରମରେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ୧ ନମ୍ବର ୱାର୍ଡ ଇନ୍ଦିପୁର ଠାରେ ଜଗନ୍ନାଥ ରଥର ପରିକ୍ରମା ହୋଇଛି। ଏହି ଅବସରରେ ୱାର୍ଡର ପ୍ରତିଘରୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ, ଗୁଆ ସଂଗ୍ରହ କରାଯାଇଛି। ଗ୍ରାମରେ ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଜଗନ୍ନାଥ ରଥକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମବାସୀଙ୍କ ଉପସ୍ଥିତରେ ଭବ୍ୟ ସ୍ୱାଗତ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପ୍ରକଳ୍ପ। ଏହି ରଥ ପରିକ୍ରମା କାର୍ଯ୍ୟକ୍ରମରେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଯତୀନ୍ଦ୍ର କୁମାର ମିଶ୍ର, ଉପ ନଗରପାଳ ଶକୁନ୍ତଳା ସେଠୀ, ସମସ୍ତ କାଉନସିଲର, ଶତାଧିକ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

ପତ୍ନୀଙ୍କଠାରୁ ସୁନାଗହଣା, ମୋବାଇଲ ଓ ଏଟିଏମ୍ କାର୍ଡ ଲୁଟ୍

## ଚୋରଙ୍କୁ ପ୍ରତିରୋଧକରି ସ୍ୱାମୀ ଗୁରୁତର

**ଗଁଦିଆ, ୭ା୧(ସମିସ):** ଗଁଦିଆ ଥାନା ଅନ୍ତର୍ଗତ ବରଦା ଗ୍ରାମ ପଞ୍ଚାୟତ ଅଧୀନ କୁଶିଦା ଗ୍ରାମରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ଗତକାଲି ମଧ୍ୟ ରାତ୍ରିରେ କିଛି ଦୁର୍ବୃତ୍ତ କୁସିଦା ଗ୍ରାମର ସତ୍ୟନ୍ଦ୍ର କୁମାର ସାହୁଙ୍କ ଘରେ ଚୋରି କରିବା ଲାଗି ପଶିଥିଲେ। ସେମାନେ ତାଙ୍କ ପତ୍ନୀ ସରୋଜିନୀ ପିନ୍ଧିଥିବା ସୁନା ଗହଣା, ମୋବାଇଲ ଓ ଏଟିମ କାର୍ଡ ଛଡାଇ ନେଉଥିବା ସମୟରେ ସତ୍ୟନ୍ଦ୍ର ସେମାନଙ୍କୁ ବାଧା ଦେବାରୁ ସେମାନେ ଏକ ଧାରୁଆ ଅସ୍ତ୍ରରେ ତାଙ୍କର ମୁଣ୍ଡକୁ ଆଘାତ କରିଥିଲେ। ସମସ୍ତ ଚୋରି ଜିନିଷ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଆଘାତପ୍ରାପ୍ତ ସତ୍ୟନ୍ଦ୍ରଙ୍କୁ ପ୍ରଥମେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ସମ୍ପର୍କରେ ତାଙ୍କର ସମ୍ପର୍କୀୟ ଭାଇ ଅନନ୍ତ ଚରଣ ସାହୁ ଆଜି ଗଁଦିଆ ଥାନାରେ ଲିଖିତ ଅଭିଯୋଗ କ୍ରମେ ଗଁଦିଆ ପୁଲିସ କେସ ନଂ ୮ ରେ ଏକ ମାମଲା ରୁଜୁ କରିଛି। ଗଁଦିଆ ଥାନା ଅଧିକାରୀ ଦୀପକ କୁମାର ଲେଙ୍କା ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଜାଚେଷ୍ଟା ଜାରିରହିଥିବା କହିଛନ୍ତି।

## ପୋଖରୀରେ ବୁଡ଼ି ଜଣେ ମୃତ

**ମହାବିରୋଡ଼, ୭ା୧ (ସମିସ) :** ମହାବିରୋଡ଼ ଥାନା ମହାବିରୋଡ଼ ମେଡିକାଲ ଛକ ସନ୍ନିକଟ ଏକ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ ମହାବିରୋଡ଼ ଗ୍ରାମର ଲାକ୍ଷ୍ମୀଧର ପଧାନ(୫୫) ପୋଖରୀରେ ଗାଧେଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ଏହି ଖବର ପାଇ ମହାବିରୋଡ଼ ଥାନା ଅଧିକାରୀ ଅନାଦି ପଟାୟତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମହାବିରୋଡ଼ ପୁଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। କେଉଁ ପରିସ୍ଥିତିରେ ଘଟଣା ଘଟିଛି, ପୁଲିସ ଏହାର ଅଧିକ ତଦନ୍ତ ଜାରି ରଖିଛି। ଖବର ପାଇ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ, ଜିଲ୍ଲା ବିଜେଡି ଯୁବ ସାଧାରଣ ସମ୍ପାଦକ ରାଜେଶ କୁମାର ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ଶୋକ ବ୍ୟକ୍ତ କରିଥିଲେ।

● ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ

## ୫ ହଜାର ଲିଟର ମହୁଲ ପୋଚ ନଷ୍ଟ



**ଭୁବନ, ୭ା୧(ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ଏକତାଳି ଓ ମହୁଲପାଳ ଅଞ୍ଚଳରେ ଆଜି ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ବେଆଇନ ମଦ ପ୍ରସ୍ତୁତକାରୀମାନେ ଅତ୍ୟନ୍ତ ଚତୁରତା ସହିତ ମାଟିତଳେ ଗାତ ଖୋଳି ହାଣ୍ଡି, ପ୍ଲାଷ୍ଟିକ ଜାରକିନରେ ମଦ ରଖିଥିବା ବେଳେ ଅବକାରୀ କର୍ମଚାରୀମାନେ ମାଟି ଖୋଳି ସମୁଦାୟ ୫ ହଜାର ଲିଟର ମହୁଲ ପୋଚ ନଷ୍ଟ କରିଦେଇଥିଲେ ଏବଂ ୪୦୦୦ ଲିଟର ଦେଶୀ ମଦ ଜବତ କରିଥିଲେ। ଅବକାରୀ କମିଶନର ନରସିଂହ ଭୋଳ, ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ଓ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଭୁବନ, କାମାକ୍ଷାନଗର ଓ ଗନ୍ଦିଆ ଅବକାରୀ ବିଭାଗ ଚଢ଼ଉ କରିଥିଲେ। ଭୁବନ ଅବକାରୀ ଏସଆଇ ସୌରଭ ମିଶ୍ର, ଏଏସଆଇ ବିଶ୍ୱରଞ୍ଜନ ନାଥ, କନଷ୍ଟେବଳ ଗୋଲାପ ସାହୁ , ପ୍ରେମାନନ୍ଦ ବେହେରା, ପ୍ରଫୁଲ୍ଲ କୁମାର ସାମଲ ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଗଡ଼ିଲା ଅର୍ପଣ ରଥ

**ହିନ୍ଦୋଳ, ୭ା୧ (ସମିସ)**

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ପକ୍ଷରୁ ଆଜି ପବିତ୍ର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ଆରମ୍ଭ ହୋଇଛି ରଥଯାତ୍ରା। ଆଜିଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଦୈନିକ ଦୁଇଟି ୱାର୍ଡ ବୁଲିବା ସହ ଘରକୁ ଘର ଯାଇ ସମସ୍ତଙ୍କଠାରୁ ଅରୁଆ ଚାଉଳ ଗୁଆ ନୈବେଦ୍ୟ ସଂଗ୍ରହ କରିବେ ଏବଂ ସଂଗୃହୀତ ଦ୍ରବ୍ୟ ସବୁ ଏନଏସି ତତ୍ତ୍ୱାବଧାନରେ ପୁରୀ ଧାମ ପ୍ରକଳ୍ପ ଉଦଘାଟନ ପୂର୍ବରୁ ସଯତ୍ନରେ ପଠାଯିବ ବୋଲି ଏନଏସି କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ। ଆଜି ଏହି ରଥ ୱାର୍ଡ ନଂ - ୧, ୨ ଓ ୩ ରେ ପରିକ୍ରମା କରିଥିଲା। ଏହି ଶୁଭ କାର୍ଯ୍ୟକ୍ରମ ହିନ୍ଦୋଳ ଏନଏସି ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇଥିଲା ଏବଂ ଅଧ୍ୟକ୍ଷ କେଶବ ପ୍ରଧାନ ଓ ଉପାଧ୍ୟକ୍ଷା ପ୍ରତିମା ରାଉତ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ ଓ ସଂକୀର୍ତ୍ତନ ମଣ୍ଡଳୀ, ଜନସାଧାରଣଙ୍କ କୀର୍ତ୍ତନ, ଘଣ୍ଟ ଶଙ୍ଖ, ଜୟ ଜଗନ୍ନାଥ, ହରିବୋଲ ହୁଳହୁଳି ସହ ଏହି ଭବ୍ୟ ରଥ ସହର ପରିକ୍ରମା କରିଥିଲା। ନଗର ବିଜେଡି ସଭାପତି ଗୋବିନ୍ଦ ବେହେରା, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସମ୍ପାଦକ ତପନ ପରିଡ଼ା, କାଉନସିଲର ସୌମିତ୍ର ବେହେରା ୱାର୍ଡ-୧, ସୁଶାନ୍ତ ନାୟକ ୱାର୍ଡ-୨, ଶୁଭଲକ୍ଷ୍ମୀ ଦେହୁରୀ ୱାର୍ଡ -୧୧, ରୁଦ୍ରନାରାୟଣ ଦାସ ୱାର୍ଡ -୮, ବନିତା ଦାସ ୱାର୍ଡ -୩, ଅନୁପମା ସାହୁ ୱାର୍ଡ -୧୫, ବିଜେଡି ଯୁବ ଉପସଭାପତି ବିଜୟ ବେହେରା, ଛାତ୍ର ସଭାପତି ଶ୍ୟାମଳ ଜେନାଙ୍କ ସହ ବହୁ କର୍ମୀ ଯୋଗ ଦେଇଥିଲେ। ହିନ୍ଦୋଳ ଏନଏସି ତରଫରୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।



# ଗଁଦିଆ ବ୍ଲକ୍‌ରେ ଧାନମଣ୍ଡିର ଶୁଭାରମ୍ଭ



**ଗଁଦିଆ, ୭ା୧ (ସମିସ)**

ଗଁଦିଆ ବ୍ଲକରେ ଧାନମଣ୍ଡିର ଶୁଭ ଉଦଘାଟନ ହୋଇଛି। ୨ଟି ମଣ୍ଡିରେ ହୋଇଛି ଧାନ କ୍ରୟ। ଗଁଦିଆ ବ୍ଲକରେ ଆଜି ୨ଟି ମଣ୍ଡିରେ ଚାଷୀମାନେ ସେମାନଙ୍କ ଧାନ ବିକ୍ରି କରିଛନ୍ତି। ଗଁଦିଆ ସମବାୟ ସମିତିରେ ଆଜି ମୁଖ୍ୟ ଅତିଥି ଭାବରେ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ଓ ସମ୍ମାନିତ ଅତିଥି ଭାବରେ ଉପ -ନିବନ୍ଧକ ସମବାୟ ସମିତି ସମୂହ, ଢେଙ୍କାନାଳ ସରୋଜିନୀ ଜେନା, ଅନୁଗୁଳ ସଂଯୁକ୍ତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ମଲିକ ମଣ୍ଡିର ଶୁଭ ଉଦଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଅନୁଗୋଳ ସଂଯୁକ୍ତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଗଁଦିଆ ଶାଖାର ପରିଚାଳକ ସିଦ୍ଧପ୍ରଜ୍ଞ ନାୟକ, ଗଁଦିଆ ସମବାୟ ସମିତି ସଭାପତି ବିଶ୍ୱନାଥ ଜେନା , ଗଁଦିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ, ନିୟନ୍ତ୍ରିତ ବଜାର କମିଟିର ଆନାଲିସିସ୍ ଅଭିମନ୍ୟୁ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ୨୫ଜଣ ଚାଷୀ ସେମାନଙ୍କର ଧାନ ବିକ୍ରି କରିଥିଲେ। ମୋଟ ୯୨୯ କ୍ୱିଣ୍ଟାଲ ଧାନ ସଂଗ୍ରହୀତ ହୋଇଥିଲା। ଏଥିରେ ଅଗ୍ରଣୀ ଚାଷୀଙ୍କ ମଧ୍ୟରେ ଚିତ୍ତରଞ୍ଜନ କଅଁର, ଅଖିଳ ଚନ୍ଦ୍ର ଦାସ, ଅରୁଣ କୁମାର ଜେନା, ଜୁଆଙ୍ଗ ସେଠୀ, ନେତ୍ରମଣି ମହାରଣା, ନରେନ୍ଦ୍ର ବାରିକ, ମଙ୍ଗୁଲିସାହୁ, ପଞ୍ଚାନନ ମାନସିଂହ ଇନ୍ଦ୍ରମଣି ଦାସ, ସଚିଦା ନନ୍ଦ ବେହେରା ହଟକିଶୋର ରାଉତ ଉପସ୍ଥିତ ଥିବା ବେଳେ ସମିତିର ସମ୍ପାଦକ ଗୋକୁଳାନନ୍ଦ ପାଣି ଉକ୍ତ କାର୍ଯ୍ୟ ସମ୍ପାଦନା କରିଥିଲେ।

## ମାର୍ଥାପୁରରେ ଧାନମଣ୍ଡି ଉଦ୍‌ଘାଟିତ

**ମାର୍ଥାପୁର, ୭ା୧(ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମିତି ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଢେଙ୍କାନାଳ ଡିଭିଜନ ସରୋଜିନୀ ଜେନା, ଏସ୍ ଆର୍ ସି ଏସ୍ ଶୁଭ୍ରାଂଶୁ ଶେଖର ପାତ୍ର, ସଭାପତି ଅଭିମନ୍ୟୁ ମିଶ୍ର, ସମିତି ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ଅମଳ ଦାଶ, ଶ୍ରୀବତ୍ସ ସାହୁ, ଏସ୍ଏଲ୍ ପିସି ସଦସ୍ୟ ଓ ଚାଷୀମାନଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଛି। ଚଳିତବର୍ଷ ସମବାୟ ସମିତିରେ ୪୮୨ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୧୪,୫୦୦ କୁଇଣ୍ଟାଲରୁ ଅଧିକ ଧାନ କିଣାବାକୁ ଲକ୍ଷ୍ୟ ରଖାଯାଇଛି। ଆଜି ପ୍ରଥମ ଦିନରେ ୧୫ ଜଣ ଚାଷୀଙ୍କ ଠାରୁ ୭୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ କରାଯାଇଛି। ମାର୍ଥାପୁର ସେବା ସମବାୟ ସମିତିରୁ ଧାନ କିଣିବା ପାଇଁ ତ୍ରିଶକ୍ତି ଆଗ୍ରୋ ମିଲର ଦାୟିତ୍ୱ ନେଇଥିବା ବେଳେ ଚଳିତବର୍ଷ ସୁରୁଖୁରୁରେ ଧାନ ମଣ୍ଡିକୁ ପରିଚାଳନା କରିବା ସହ ଚାଷୀ ଧାନକୁ ବିକ୍ରିକରିବା ପାଇଁ ସମିତି ସମ୍ପାଦକ ସୂଚନା ଦେଇଛନ୍ତି।



# ହିନ୍ଦୋଳରେ ଧାନମଣ୍ଡି ଉଦ୍‌ଘାଟିତ



**ହିନ୍ଦୋଳ, ୭ା୧ (ସମିସ)**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ଚାଷୀଙ୍କ ପାଇଁ ଆରମ୍ଭ ହୋଇଛି ଧାନମଣ୍ଡି। ହିନ୍ଦୋଳ ବ୍ଲକରେ ୧୩ଗୋଟି ପ୍ରାଥମିକ କୃଷି ସେବା ସମବାୟ ସମିତି ମଧ୍ୟରୁ ଆଜି ପ୍ରଥମକରି ଚିତ୍ତଲପୁର ପ୍ରାଥମିକ କୃଷି ସମବାୟ ସମିତି ଆନୁକୂଲ୍ୟରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଚିତ୍ତଲପୁର କୃଷି ସେବା ସମବାୟ ସମିତିର ସମ୍ପାଦକ ସାନ୍ତନୁ କୁମାର ପାଳ, ପୂର୍ବତନ ସମ୍ପାଦକ, କମ୍ପ୍ୟୁଟର ଆସିଷ୍ଟାଣ୍ଟ ଏବଂ ସମବାୟ ସମିତିର ସଭାପତି ପ୍ରଦୀପ କୁମାର ସର ଆନୁଷ୍ଠାନିକ ଭାବେ ମଣ୍ଡିକୁ ଉଦଘାଟନ କରିଥିଲେ। ସମବାୟ ସମିତିର ପୂର୍ବତନ ଏବଂ ବର୍ତ୍ତମାନର ସଦସ୍ୟ ପ୍ରମୁଖ ଯୋଗଦାନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଶାସନ ତରଫରୁ ଚାଷୀମାନଙ୍କୁ ସୁବିଧାରେ ଧାନ ବିକ୍ରି କରିବାର ସମସ୍ତ ବ୍ୟବସ୍ଥା କରାଯାଇଛି। କିପରି ଭାବେ ସୁରୁଖୁରୁରେ ଚାଷୀମାନେ ଟୋକନ ମାଧ୍ୟମରେ ନିଜର ଧାନ ବିକ୍ରି କରିପାରିବେ, ସେ ନେଇ ପ୍ରଶାସନ ତତ୍ପର ଥିବା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ମିଲର ଭାବେ କମଳେଶ ଓ ଅନ୍ନପୂର୍ଣ୍ଣା ରାଇସ ମିଲରଙ୍କୁ ଧାନ ସଂଗ୍ରହ ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଆଜି ପ୍ରଥମ ଦିନରେ କମଳେଶ ରାଇସ ମିଲ ୨୬ଜଣ ଚାଷୀଙ୍କଠାରୁ ୭୫୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରିବ ବୋଲି ସମ୍ପାଦକ ଶାନ୍ତନୁ କୁମାର ପାଳଙ୍କ ଠାରୁ ପ୍ରକାଶ। ଚିତ୍ତଲପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ପ୍ରଦୀପ କୁମାର ସର ଓ ସମ୍ପାଦକ ସାନ୍ତନୁ କୁମାର ପାଳ ମଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେଲଟିକିରି ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ



**ଢେଙ୍କାନାଳ, ୭ା୧ (ସମିସ) :** ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ସେବା ସମବାୟ ସମିତିଠାରେ ଆଜି ଧାନମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ଏହି ଉତ୍ସବରେ ଖଣି, ପୂର୍ତ୍ତ ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି ସେବା ସମବାୟ ଅଧୀନରେ ବେଲଟିକିରି, ନାଗିଆ ପଶି ଓ କାଇମାଟି ଗ୍ରାମ ପଞ୍ଚାୟତର ଶତାଧିକ ଚାଷୀ ଧାନ ମଣ୍ଡିରେ ସରକାରୀ ଦରରେ ଆଜିଠାରୁ ଧାନ ବିକିପାରିବେ।

## ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକ

**ଢେଙ୍କାନାଳ, ୭ା୧(ସମିସ)**



ଢେଙ୍କାନାଳ-ଅନୁଗୁଳ ଜିଲ୍ଲା ସମନ୍ୱୟ ତୈଳିକ ବୈଶ୍ୟ ସମାଜର ଏକ କାର୍ଯ୍ୟକାରିଣୀ ବୈଠକ ଢେଙ୍କାନାଳ ପଦ୍ମବଜାର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ସଭାପତି ସଞ୍ଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ତଥା ସାହି ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ। ଏହି ବୈଠକରେ ସଂଘର ନିୟମାବଳୀ ପୁସ୍ତକ ଉନ୍ମୋଚନ ହୋଇଥିବା ବେଳେ ତୈଳିକ ସମାଜର ଉନ୍ନତି ବିଷୟରେ ଆଲୋଚନା କରାଯାଇଥିଲା। ପୁରୀରେ ଥିବା ଧର୍ମଶାଳାକୁ ପୁନଃଉଦ୍ଧାର କରିବା ପାଇଁ ସ୍ଥିର କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ସାହୁ, ଉପସଭାପତି ଅନୁକୂଳ ସାହୁ ଓ ଶ୍ରୀକାନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା, ସମ୍ପାଦକ ଅଶ୍ୱିନୀ କୁମାର ସାହୁ ଓ ଜ୍ଞାନେଶ୍ୱର ସାହୁ, ସହ-ସମ୍ପାଦକ ପ୍ରମୋଦ କୁମାର ସାହୁ, ପ୍ରତାପ ଚନ୍ଦ୍ର ସାହୁ ଓ ଅର୍ଜୁନ କୁମାର ସାହୁ, ଆଇନ୍ ପରାମର୍ଶଦାତା ପଙ୍କଜ ଲୋଚନ ସାହୁ, ଉପଦେଷ୍ଟା ପୁରୁଷୋତମ ସାହୁ, ନରେନ୍ଦ୍ର କୁମାର ସୁବୁଦ୍ଧି, ଗୋପାଳ ଚନ୍ଦ୍ର ସାହୁ ଓ ଜିତେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ଲଳିତ ମୋହନ ସାହୁ, ମାଣ୍ଡବାସାହି ସଭାପତି ବିଜୟ କୁମାର ସାହୁ, ଅଡିଟର ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ବରିଷ୍ଠ ଉପଦେଷ୍ଟା ପୁରୁଷୋତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଢେଙ୍କାନାଳ ସଚେତନ ନାଗରିକ ଫୋରମ୍‌ର ବନ୍ଧୁମିଳନ

**ଢେଙ୍କାନାଳ, ୭ା୧(ସମିସ):** ଢେଙ୍କାନାଳ ସଚେତନ ନାଗରିକ ଫୋରମର ନୂତନ ବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ସିମିଳିଆ ଉଦ୍ୟାନ ଠାରେ ଫୋରମର ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫୋରମର



ସେବାକାରୀ କାର୍ଯ୍ୟ, ପୂଜ୍ୟପୂଜାଙ୍କ ସ୍ମୃତି ପାଳନ ଏବଂ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ଫୋରମ ପକ୍ଷରୁ ହେଉଥିବା କାର୍ଯ୍ୟକ୍ରମର ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆମ୍ ଆଦମୀ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଫୋରମର ଧର୍ମ ଦର୍ଶକ ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ପୂର୍ବତନ ଓଡ଼ିଶା ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ପଙ୍କଜ ନାୟକ, ଡିସିସି ପ୍ଲେସ୍କୁଲ ସଭାପତି ତଥା ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଫୋରମର ଉପସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ତାରା ପ୍ରସନ୍ନ ଶତପଥୀ, ଡିସିସି ଇଂରାଜୀ କ୍ଲବ ସଭାପତି ଶୁଭ୍ରାଂଶୁ ଭଞ୍ଜ ପ୍ରମୁଖ ଅଭିଭାଷଣ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫୋରମର ଜିଲ୍ଲା ସହସମ୍ପାଦକ ଅମରେନ୍ଦ୍ର ସାହୁ, ଶିକ୍ଷା ବିଭାଗ ପ୍ରମୁଖ ରୁଦ୍ର ମାଧବ ହୋତା, ନଗର ଶାଖା, ମହିଳା ଶାଖା, ଗନ୍ଦିଆଶାଖା, ହିନ୍ଦୋଳ ଶାଖା, ସଦର ବ୍ଲକ ଶାଖା, ଡ଼ିସିସି ଇଂରାଜୀ କ୍ଲବ, ଡ଼ିସିସି ପ୍ଲେସ୍କୁଲ ଆଦିର ସମସ୍ତ କାର୍ଯ୍ୟକର୍ତା ଯୋଗଦେଇ ବ୍ୟବସ୍ଥା ବୁଝିବାରେ ସହଯୋଗ କରିଥିଲେ। ଫୋରମର କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବେହେରା ସଭା ପରିଚାଳନା କରିଥିବା ବେଳେ ସହ ସମ୍ପାଦକ ତଥା ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର ଓ ଜିଲ୍ଲା ସମ୍ପାଦକ ଭରତ କୁମାର ଦାସଙ୍କ ସହଯୋଗରେ ବନ୍ଧୁମିଳନ କାର୍ଯ୍ୟକ୍ରମ ସୂଚାରୁରୂପେ ସମାପନ ହୋଇଥିଲା। ଶେଷରେ ଫୋରମର ମହିଳା ଶାଖା ସଭାନେତ୍ରୀ ପ୍ରଭାତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା

**ଢେଙ୍କାନାଳ,୭ା୧(ସମିସ)**

ଢେଙ୍କାନାଳ ସହରସ୍ଥିତ ମୁଖ୍ୟ ଷ୍ଟାଡିୟମଠାରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଚାଲିଥିବା 'ନୂଆ ଓ' କ୍ରୀଡ଼ା ପ୍ରତିଯୋଗିତାର ତୃତୀୟ ଦିନରେ ପୁରୁଷ ଫୁଟବଲ ଅନୁଷ୍ଠିତ ହୋଇଛି। ସହରସ୍ଥିତ ମୁଖ୍ୟ ଷ୍ଟାଡିୟମ ଏବଂ ନରଣପୁର ଖେଳ ପଡ଼ିଆରେ ଉଭୟ ପୁରୁଷ ଓ ମହିଳା ବିଭାଗର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୁରୁଷ ବିଭାଗରେ ଢେଙ୍କାନାଳ କାଙ୍କଡ଼ପାଳର ପପୁଲାର କ୍ଲବ ଚାମ୍ପିଅନ ହୋଇଥିବା ବେଳେ ବନମାଳିପ୍ରସାଦ ରନର୍ସ ଅପ, ଭୁବନ ବାରୁଆଁ ବିକେଟିଏଫଇ ପ୍ରଥମ ରନର୍ସ ଅପ, ସଦାଶିବପୁର ବଜରଙ୍ଗ ଫୁଟବଲ ଟିମ୍ ଦ୍ୱିତୀୟ ରନର୍ସ ଅପ ହୋଇଛି। ସେହିପରି ମହିଳା ବିଭାଗରେ ବୋରାପଦାର ସରକାରୀ ଆଇଟିଆଇ ପ୍ରଥମ ହୋଇଥିବା ବେଳେ ଗଁଦିଆ ବ୍ଲକ ଖଙ୍କିରାର ଟାଇଗର କ୍ଲବ ରନର୍ସ ଅପ ଏବଂ ଭୁବନ ୱାରିଅର ପ୍ରଥମ ରନର୍ସ ଅପ ହୋଇଥିବା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି ଜଣାଇଛନ୍ତି।




ମହାକାଶ ଗବେଷଣାର ବିପୁଳ ଆହ୍ୱାନ କୌଣସି ଦେଶ ପକ୍ଷେ ଏକାକୀ ସମ୍ମୁଖୀନ ହେବା ସମ୍ଭବ ନୁହେଁ।
-ରାକେଶ ଶର୍ମା

ସକାଳ
THE SAKALA

## ଓଡ଼ିଶାର ଆଉ ସାତ ଉତ୍ପାଦକୁ ଜିଆଇ ମାନ୍ୟତା

# ମୌଳିକତାର ଗୌରବମଣ୍ଡିତ ସ୍ୱାକ୍ଷର

ଓଡ଼ିଶାବାସୀଙ୍କ ପାଇଁ ଆନନ୍ଦର କଥା ଯେ ଆମର ଆଉ ସାତଟି ନିଜସ୍ୱ ଆଞ୍ଚଳିକ ଉତ୍ପାଦକୁ ଭୌଗୋଳିକ ସୂଚକାଙ୍କ(ଜିଆଇ ଟ୍ୟାଗ୍) ମାନ୍ୟତା ମିଳିଛି। ଏଥିସହିତ ରାଜ୍ୟର ଜିଆଇ ମାନ୍ୟତାପ୍ରାପ୍ତ ଉତ୍ପାଦ ସଂଖ୍ୟା ୨୫ରେ ପହଞ୍ଚିଛି। ଏହାମଧ୍ୟରେ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଏହି ସାତଟି ଉତ୍ପାଦ ମଧ୍ୟରୁ ଚାରିଟି ଆଦିବାସୀ ସମ୍ପ୍ରଦାୟ ଓ ସେମାନଙ୍କ ଅଞ୍ଚଳ ସହିତ ଜଡ଼ିତ। ରାଜ୍ୟର ଅନ୍ୟତମ ଅନୁନ୍ନତ ଆଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳ ନିୟମଗିରିର ଅବକ୍ଷୟମୁଖୀ ତାଲିକାରେ ସାମିଲ୍ ହୋଇସାରିଥିବା ଡଙ୍ଗରିଆ କନ୍ଧଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ସାଲ୍ ଏବଂ ଲାଞ୍ଜିଆ ସଉରାଙ୍କ ପାରମ୍ପରିକ ଚିତ୍ରକଳା ମଧ୍ୟ ଏହି ତାଲିକାରେ ସାମିଲ୍ ଅଛି। ଏହାଦ୍ୱାରା କେବଳ ସେହି ବର୍ଗର ଲୋକ ଓ ସେମାନଙ୍କର ମୌଳିକ ଉତ୍ପାଦ ବିଶ୍ୱସ୍ତରୀୟ ଦୃଷ୍ଟି ଆକର୍ଷଣ କରିନାହିଁ, ବରଂ ତା' ସହିତ ଓଡ଼ିଶାର ନାମ ମଧ୍ୟ ଗୌରବାନ୍ୱିତ ହୋଇପାରିଛି।

ଈଷତ୍ ଧଳା ସୂତାଲୁଗା ଉପରେ ନାଲି, ହଳଦିଆ ଓ ସବୁଜ ସୂତାରେ ବୁଣା ଡଙ୍ଗରିଆ କନ୍ଧଙ୍କ ଏହି ସାଲ୍‌ର ସ୍ୱତନ୍ତ୍ରତା ହେଉଛି ତିନିଟି ରଙ୍ଗ ତିନିଟି ବାର୍ତ୍ତା ଓ ଭାବର ପ୍ରତିନିଧିତ୍ୱ କରୁଛି। ସବୁଜ ରଙ୍ଗ ପ୍ରାକୃତିକ ପାହାଡ଼କୁ ପ୍ରତିନିଧିତ୍ୱ କରୁଥିବା ବେଳେ ହଳଦିଆ ଶାନ୍ତି ଓ ଖୁସିର ଏବଂ ନାଲି ରଙ୍ଗ ରକ୍ତ ବା ପରିଶ୍ରମର ପ୍ରତୀକ ବୋଲି କୁହାଯାଉଛି। ଏହି ସାଲ୍ ବୁଣିବାର ତ୍ରିକୋଣାକାର ଶୈଳୀ ମଧ୍ୟ ପାହାଡ଼ ପର୍ବତକୁ ପ୍ରତିନିଧିତ୍ୱ କରୁଛି ବୋଲି କୁହାଯାଏ। ସେହିପରି ଲାଞ୍ଜିଆ ସଉରାଙ୍କ ମଧ୍ୟରେ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ଚିତ୍ରକଳା ବା ଇଡିଟାଲ୍‌କୁ ଜିଆଇ ଟ୍ୟାଗ ମିଳିବା ନିଶ୍ଚିତ ରୂପେ ଏକ ଅବକ୍ଷୟମୁଖୀ ଜନଜାତି ବର୍ଗ ପାଇଁ ପ୍ରେରଣାର ଉତ୍ସ ଓ ଗୌରବର ବିଷୟ। ଘରର ମାଟି-ଗୋବର ଲିପା କାନ୍ଥରେ ଅଙ୍କିତ ଏହି ଚିତ୍ରକଳା ସେମାନଙ୍କର ଧର୍ମ, ବିଶ୍ୱାସ, ଇଷ୍ଟଦେବତା ଓ ପ୍ରକୃତିର ଉପାସନା, ପୂର୍ବପୁରୁଷଙ୍କ ସ୍ମରଣ କରିବାର ପରମ୍ପରା ଓ ସୌନ୍ଦର୍ଯ୍ୟବୋଧର ପ୍ରତିନିଧିତ୍ୱ କରୁଛି।

ଜିଆଇର ସଦ୍ୟତମ ତାଲିକାରେ ଆଉ ଯେଉଁ ଉତ୍ପାଦଗୁଡ଼ିକ ସାମିଲ୍ ଅଛି ସେଗୁଡ଼ିକ ହେଲା ଢେଙ୍କାନାଳର ମଗଜି ଲଡୁ, ଶିମିଳିପାଳର କାଇ ଚଟଣୀ, ଗଜପତି ଜିଲ୍ଲାର ଖଜୁରୀ ଗୁଡ଼, ନୟାଗଡ଼ର କଣ୍ଟେଇମୁଣ୍ଡି ବାଇଗଣ, କୋରାପୁଟ୍‌ର କଳାଜିରା ଚାଉଳ। ଏଥିମଧ୍ୟରୁ ଅବିଭକ୍ତ କୋରାପୁଟ୍ ଜିଲ୍ଲାରେ ଆଦିବାସୀ କୃଷକମାନଙ୍କ ଦ୍ୱାରା ଉତ୍ପାଦିତ କଳାଜିରା ଚାଉଳ ଏବେ ଆନ୍ତର୍ଜାତିକ ସ୍ତରରେ 'ଚାଉଳର ରାଜା' ଭାବରେ ପରିଗଣିତ। ସ୍ୱାଦ ସହିତ ପୁଷ୍ଟିସାର, ସ୍ନେହସାର, ଶ୍ୱେତସାର ସମୃଦ୍ଧ ଏହି ଚାଉଳର ଆଦର ଏବେ ବିଶ୍ୱବାସୀଙ୍କ ପାଖରେ ଆକାଶଛୁଆଁ। ବିଗତ ହଜାରେ ବର୍ଷ ଧରି ସେଠାକାର ଆଦିବାସୀମାନେ ଏହି ଧାନର ବିହନ ସଂରକ୍ଷଣ କରି ରଖିଛନ୍ତି। ସେହିପରି ନାଲି ଜନ୍ଦାରୁ ପ୍ରସ୍ତୁତ ହେଉଥିବା ଶିମିଳିପାଳର କାଇ ଚଟଣୀ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ପାରମ୍ପରିକ ଖାଦ୍ୟ ଭାବେ କାହିଁ କେତେ ବର୍ଷ ଧରି ବ୍ୟବହାର ହୋଇଆସୁଛି। ଏଥିରେ ଭିଟାମିନ୍ ବି-୧୨, ଆଇରନ୍, ଜିଙ୍କ, କ୍ୟାଲସିୟମ୍, ମ୍ୟାଗ୍‌ନେସିୟମ୍, ପୋଟାସିୟମ ଓ ପ୍ରୋଟିନରେ ଭରପୂର ହୋଇ ରହିଥିବାରୁ ସ୍ୱାସ୍ଥ୍ୟ ଅନୁକୂଳ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ବାଦ୍ ଦେଲେ ଉପକୂଳବର୍ତ୍ତୀ ନୟାଗଡ଼ ଅଞ୍ଚଳର କଣ୍ଟେଇମୁଣ୍ଡି ବାଇଗଣ ଏହାର ସ୍ୱାଦ ପାଇଁ ସୁପରିଚିତ ଥିବା ବେଳେ ରୋଗପୋକ ନିରୋଧୀ। ପ୍ରାୟ ଶହେ ବର୍ଷ ତଳୁ ଚାଷ ହୋଇଆସୁଥିବା ଏହି ବାଇଗଣ ହେକ୍ଟର ପିଛା ୨୦୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଉତ୍ପାଦିତ ହୋଇପାରୁଥିବା ବେଳେ ଏହାର କିଲୋ ପିଛା ବଜାର ମୂଲ୍ୟ ୫୦ ରୁ ୬୦ ଟଙ୍କା ରହିଛି। ସେହିପରି ଉପାନ୍ତ ଗଜପତି ଜିଲ୍ଲାର ଖଜୁରୀ ଗୁଡ଼ ଏହାର ସ୍ୱାଦ ଓ ସ୍ୱାସ୍ଥ୍ୟ ଅନୁକୂଳ ଗୁଣବତ୍ତା ପାଇଁ ପ୍ରସିଦ୍ଧ। ମଇଁଷି ଖିର ଓ ଲହୁଣିରୁ ପ୍ରସ୍ତୁତ ଢେଙ୍କାନାଳର ମଗଜି ଲଡୁର ସ୍ୱାଦ ମଧ୍ୟ ବିଶ୍ୱପ୍ରସିଦ୍ଧ।

ସାଧାରଣତଃ ଆଞ୍ଚଳିକ ମୌଳିକତା ପାଇଁ ପ୍ରସିଦ୍ଧ କୌଣସି ଉତ୍ପାଦକୁ ଜିଆଇ ମାନ୍ୟତା ମିଳିଲେ ସେହି ଅଞ୍ଚଳର ଓ ସମ୍ପୃକ୍ତ ରାଜ୍ୟର ପ୍ରସିଦ୍ଧି ତ ବୃଦ୍ଧି ପାଇବ ନିଶ୍ଚୟ; ତା' ସହିତ ସେଥିସହିତ ସମ୍ପୃକ୍ତ କୃଷକ, ବ୍ୟବସାୟୀ, ଉତ୍ପାଦକମାନେ ମଧ୍ୟ ବିଶ୍ୱବଜାରରେ ଅର୍ଥନୈତିକ ଦୃଷ୍ଟିରୁ ଲାଭବାନ ହେବେ। ସ୍ୱତନ୍ତ୍ରତା ଦୃଷ୍ଟିରୁ ଚାହିଦା ବଢ଼ିଲେ ଉତ୍ପାଦର ମୂଲ୍ୟ ମଧ୍ୟ ବଢ଼ିବ। ଏହାଛଡ଼ା ଆଉ କୌଣସି ଅଞ୍ଚଳବାସୀ ସେହିସବୁ ଉତ୍ପାଦର ନକଲ କରିପାରିବେ ନାହିଁ। ବିଶେଷକରି, ଭାରତ ଭଳି ବିବିଧତାପୂର୍ଣ୍ଣ ଦେଶରେ ଯେଉଁଠାରେ ବିଭିନ୍ନ ଭୌଗୋଳିକ ପରିବେଶରେ ଭିନ୍ନ ଭିନ୍ନ ବର୍ଗର ଆଞ୍ଚଳିକ ଅଧିବାସୀ ଭିନ୍ନ ଭିନ୍ନ ଅଥଚ ମୌଳିକ ଉତ୍ପାଦକୁ ବୃତ୍ତି ଭାବେ ଗ୍ରହଣ କରି ନିଜର ଜୀବିକା ଅର୍ଜନ କରିବା ସହିତ ସମ୍ପୃକ୍ତ ଅଞ୍ଚଳର ମର୍ଯ୍ୟାଦା ଓ ପରିଚୟ ବୃଦ୍ଧି କରୁଛନ୍ତି, ସେଠାରେ ଜିଆଇର ମାନ୍ୟତା ଅନେକ ମହତ୍ତ୍ୱ ରଖେ। ସାଧାରଣତଃ ଯେଉଁ ଗରିବ କାରିଗର ବା କୃଷକମାନଙ୍କ ପାଇଁ ସ୍ୱତ୍ୱାଧିକାର ବା କପିରାଇଟ୍ ଆବେଦନ କରିବା ଏକ ଦୁରୂହ ବ୍ୟାପାର ସେମାନଙ୍କ ପାଇଁ ଜିଆଇ ମାନ୍ୟତା ଏକ ବ୍ରାଣ୍ଡ ବା ସୁରକ୍ଷା ବ୍ୟବସ୍ଥା ଭଳି କାମ କରେ। ଜାତିସଂଘର ବାଣିଜ୍ୟ ଓ ବିକାଶ ସମ୍ବନ୍ଧୀୟ ଶୀର୍ଷ ସମ୍ମିଳନୀ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ, ଜିଆଇ ମାନ୍ୟତାପ୍ରାପ୍ତ କୌଣସି କୃଷିଜାତ ଉତ୍ପାଦର ବଜାର ମୂଲ୍ୟ ୧୦ ରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ ଏବଂ ଅଣକୃଷିଜାତ ସାମଗ୍ରୀର ବଜାର ମୂଲ୍ୟ ୫ ରୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଏ। ଏହା ମଧ୍ୟ ଅଦୃଶ୍ୟ ଅର୍ଥନୈତିକ ସମ୍ପଦ ଭାବରେ ସମ୍ପୃକ୍ତ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ଶ୍ରୀବୃଦ୍ଧିରେ ସହାୟକ ହୁଏ। ଏହି ପୃଷ୍ଠଭୂମିରେ ବିଚାର କଲେ ଓଡ଼ିଶାର ସଦ୍ୟ ସାତଟି ଉତ୍ପାଦ ସହିତ ମୋଟ ୨୫ଟି ଜିଆଇ ମାନ୍ୟତାପ୍ରାପ୍ତ ସାମଗ୍ରୀ ରାଜ୍ୟର, ସମ୍ପୃକ୍ତ ଅଞ୍ଚଳର ଏବଂ ସର୍ବୋପରି ଏହା ସହିତ ଜଡ଼ିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀର ସାମାଜିକ-ଅର୍ଥନୈତିକ ସଶକ୍ତୀକରଣ ସହିତ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହେବା ନିଶ୍ଚିତ।

ପ୍ରଥମେ ୟୁରୋପୀୟ ସଂଘ ଦ୍ୱାରା ଏହି ବ୍ୟବସ୍ଥା ଆରମ୍ଭ ହୋଇଥିବା ବେଳେ ଭାରତରେ ବିଗତ ଶତାବ୍ଦୀର ଶେଷ ଭାଗରେ ଏ ସମ୍ପର୍କିତ ବିଚାର ବିମର୍ଶ ଆରମ୍ଭ ହେଲା ଏବଂ ତାହା 'ଜିଓଗ୍ରାଫିକାଲ୍ ଇଣ୍ଡିକେସନ୍ ଅଫ୍ ଗୁଡ୍‌ସ(ରେଜିଷ୍ଟ୍ରେସନ୍ ଆଣ୍ଡ ପ୍ରୋଟେକସନ୍) ଆକ୍ଟ-୧୯୯୯'ର ରୂପ ନେଲା। କିନ୍ତୁ ଏହା କାର୍ଯ୍ୟକାରୀ ହେବାକୁ ଆହୁରି ଚାରିବର୍ଷ ଲାଗିଗଲା। ୨୦୦୩ ସେପ୍ଟେମ୍ବରରେ ଏହି ଆଇନ କାର୍ଯ୍ୟକାରୀ ହେବା ପରେ ପଞ୍ଜିକରଣ ପ୍ରକ୍ରିୟା ୨୦୦୪-୦୫ରେ ଆରମ୍ଭ ହେଲା ଏବଂ ପଶ୍ଚିମବଙ୍ଗର ଦାର୍ଜିଲିଂ ଚା' ପ୍ରଥମ ଉତ୍ପାଦ ଭାବେ ଏହି ମାନ୍ୟତା ହାସଲ କଲା। ଏଥିରୁ ଆମ ଦେଶରେ ଏଥିପାଇଁ ଥିବା ଯୋଜନା ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା କେତେକ ମନ୍ଥର ଓ ଆନ୍ତରିକତା ହୀନ ତାହା ଅନୁମାନ କରାଯାଇପାରେ।

ଏବେ ଏ କ୍ଷେତ୍ରରେ ଥିବା ମୁଖ୍ୟ ଆହ୍ୱାନଟି ହେଲା କୌଣସି ଉତ୍ପାଦର ଜିଆଇ ମାନ୍ୟତା ଲାଗି ନିର୍ଦ୍ଦିଷ୍ଟ ଭାବେ କିଏ ଆବେଦନ କରିପାରିବେ ସେ ସମ୍ବନ୍ଧରେ ଆଇନରେ ସ୍ପଷ୍ଟ ହୋଇନାହିଁ। ଗୋଟିଏ ଉତ୍ପାଦକୁ ଭିନ୍ନ ଭିନ୍ନ ସଂସ୍ଥା ଭିନ୍ନ ଭିନ୍ନ ନାମରେ ଆବେଦନ କରିବା ଦ୍ୱାରା ଉତ୍ପାଦର ସ୍ୱତନ୍ତ୍ରତା ପ୍ରମାଣିତ ହୋଇପାରୁନାହିଁ। ଏହାଛଡ଼ା ଉତ୍ପାଦର ବ୍ୟାବହାରିକ ନାମ ଓ ସରକାରୀ ନଥିପତ୍ରର ନାମ ଭିତରେ ଫରକ ରହିଯାଉଥିବାରୁ ଆନ୍ତର୍ଜାତିକ ବଜାରରେ ଉକ୍ତ ଉତ୍ପାଦନ ଉପଯୁକ୍ତ ସ୍ଥାନ ଓ ଧ୍ୟାନ ସୃଷ୍ଟି କରିବାରେ ବିଫଳ ହେଉଛି। ଏହି ଦିଗକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଆଇନରେ ଆବଶ୍ୟକ ସଂଶୋଧନ ଆଣିବା ଅପରିହାର୍ଯ୍ୟ। ଏଥିସହିତ ଯେଉଁ ଉତ୍ପାଦ ଜିଆଇ ତାଲିକାଭୁକ୍ତ ହେଲା ତା' ସହିତ ଯଦି ସେହି ଅଞ୍ଚଳର ଓ ତା' ସହିତ ସମ୍ପୃକ୍ତ ବର୍ଗର ବିଶେଷତ୍ୱ ସଂଶ୍ଳିଷ୍ଟ ହୋଇପାରନ୍ତା ତେବେ ଗୋଟିଏ ଉତ୍ପାଦ ସମଗ୍ର ଅଞ୍ଚଳର ଓ ଜାତିର ପ୍ରତିନିଧିତ୍ୱ ବିଶ୍ୱ ଦରବାରରେ କରିପାରନ୍ତା। ଏହାଦ୍ୱାରା ବାଣିଜ୍ୟ ସହିତ ପର୍ଯ୍ୟଟନ ଅର୍ଥନୀତି ମଧ୍ୟ ସମୃଦ୍ଧ ହୋଇପାରନ୍ତା।

# ପୃଥିବୀବାସୀଙ୍କୁ ଏଲିଅନ ଚିନ୍ତା


ପ୍ରଭାକର ଦଳାଇ
ବ୍ରହ୍ମଗିରି, ମୋ: ୭୯୭୮୬୨୨୫୬୬

ଅନ୍ୟଗ୍ରହର ଜୀବସତ୍ତା ବା ଏଲିଅନକୁ ନେଇ ପୃଥିବୀର ବୈଜ୍ଞାନିକମାନଙ୍କୁ ପୁଣି ଥରେ ଉନ୍ମାଦିତ କରିଛି। ଅନ୍ୟ ଗ୍ରହ ହେଉ କି ଅନ୍ୟ ସୌର ଜଗତ କି ନିହାରୀକାରେ ଯେ ଜୀବସତ୍ତା ରହିଛି, ଏହା ଆଉ ଅବିଶ୍ୱସନୀୟ ନୁହେଁ। ହଜାରେ ବର୍ଷ ପୂର୍ବରୁ ଏଲିଅନମାନେ ପୃଥିବୀ ପୃଷ୍ଠ ପରିକ୍ରମା କରି ଆସୁଛନ୍ତି ବୋଲି ପୃଥିବୀର ମହାକାଶ ବିଜ୍ଞାନୀମାନଙ୍କର ଯେଉଁ ଧାରଣା ଥିଲା, ତାହା ମଧ୍ୟ କ୍ରମଶଃ ଦୃଢ଼ୀଭୂତ ହେବାରେ ଲାଗିଛି। ଏଲିଅନ୍‌ମାନଙ୍କର ପୃଥିବୀ ସମ୍ପର୍କରେ ଅନୁସନ୍ଧାନ ଓ ଗବେଷଣା କେତେକମାତ୍ରରେ ସଫଳ ହୋଇଥାଇପାରେ ବୋଲି ମଧ୍ୟ ଏବେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ସଦ୍ୟତମ ପ୍ରମାଣ ଅନୁଯାୟୀ, ଦୁଇ ବିଚିତ୍ର ଶରୀରଧାରୀଙ୍କ ଦେହାବଶେଷ ମିଳିଛି, ଯାହା ପୃଥିବୀ ପୃଷ୍ଠର ନୁହେଁ ବୋଲି ଆପାତତଃ ଅନୁସନ୍ଧାନକାରୀ ବୈଜ୍ଞାନିକମାନେ ଦୃଢ଼ୋକ୍ତି କରିସାରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏଲିଅନମାନେ ପୃଥିବୀ ପୃଷ୍ଠରେ ଓହ୍ଲାଇଛନ୍ତି। କିନ୍ତୁ କୌଣସି କାରଣରୁ ସେମାନଙ୍କ ମୃତ୍ୟୁ ହୋଇଛି। ଯଦି ସେମାନଙ୍କୁ ନେଇ ଆସୁଥିବା ଯାନ ଦୁର୍ଘଟଣାଗ୍ରସ୍ତ ହୋଇଥା'ନ୍ତା ତେବେ ଯାନର ଧ୍ୱଂସାବଶେଷ ମଧ୍ୟ ମିଳିଥା'ନ୍ତା। କିନ୍ତୁ ଏଲିଅନଙ୍କର ଅକ୍ଷତ ଦେହାବଶେଷ ମିଳିଥିବାରୁ ସେମାନେ ପୃଥିବୀ ପୃଷ୍ଠରେ ଓହ୍ଲାଇଥିବା ଧାରଣା ଆପାତତଃ ଦୃଢ଼ ହେଉଛି।

ମେକ୍ସିକୋ ସଂସଦରେ ନିକଟରେ ଉପସ୍ଥାପିତ ଏ ସଂକ୍ରାନ୍ତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ଏଲିଅନ୍‌ମାନେ ଭୂପୃଷ୍ଠରେ ଅବତରଣ କରିଥିଲେ। କାରଣ ସେମାନଙ୍କର ଯାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ତା'ର ଭଗ୍ନାବଶେଷ ନିଶ୍ଚିତ ମିଳିଥା'ନ୍ତା। ଅପରପକ୍ଷେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ, ନିଖୁଣ ଦେହାବଶେଷ ମିଳିବା ମଧ୍ୟ କେତେକାଂଶରେ ସମ୍ଭବ ନୁହେଁ। ହୁଏତ ଅଳ୍ପ ଉଚ୍ଚରୁ ସେମାନେ ଯାନରୁ ଅବତରଣ କରିବା ପରେ ଯାନଟି ଚାଲି ଯାଇଥିବ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କୁ ନେବା ପାଇଁ ଆସି ସମ୍ପୃକ୍ତ ଅଞ୍ଚଳ ଚିହ୍ନଟ କରିପାରି ନଥିବ କିମ୍ବା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବ, ଯାହା ଦ୍ୱାରା ସେମାନେ ଆଉ ଫେରି ପାରି ନ ଥିବେ କିମ୍ବା ଯୋଗାଯୋଗ ଯନ୍ତ୍ର ଅକାମୀ ହୋଇ ଯାଇଥିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ କାରଣ ଯାହା ବି ହେଉନା କାହିଁକି, ଏଲିଅନ ବା ପୃଥବୀ ବାହାରେ ଯେ ଜୀବସତ୍ତା ରହିଛି ଏଥିରେ ଆଉ ଦ୍ୱନ୍ଦ୍ୱ ରହିବା ଉଚିତ ନୁହେଁ। ବିଡ଼ମ୍ବନା ହେଉଛି ପୃଥିବୀବାସୀ ଆଜି ପର୍ଯ୍ୟନ୍ତ ସେମାନଙ୍କ ନିକଟରେ ପହଞ୍ଚି ପାରି ନାହାନ୍ତି କି ପ୍ରତ୍ୟକ୍ଷ ଯୋଗାଯୋଗ କରିପାରି ନାହାନ୍ତି।

ମେକ୍ସିକୋ ସଂସଦରେ ଉପସ୍ଥାପିତ ରିପୋର୍ଟରେ ଏଲିଅନର ଦେହାବଶେଷ ହଜାରେ ବର୍ଷ ତଳର ବୋଲି ବିଭିନ୍ନ ପରୀକ୍ଷା ନିରୀକ୍ଷାରୁ ଜଣାପଡ଼ିଛି। ଡିଏନ୍‌ଏ ଟେଷ୍ଟରୁ ଜଣାପଡ଼ିଛି ଯେ ଏହା କୌଣସି ମାନବ ଶରୀରର ଦେହାବଶେଷ ନୁହେଁ। ୧୯୩୦ରେ ଆମେରିକାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅଜଣା ଯାନ(ୟୁଏଫ୍‌ଓ) ଓ ସେଠାରୁ ମିଳିଥିବା ଯନ୍ତ୍ରାବଶେଷ ମଧ୍ୟ ପୃଥିବୀର କୌଣସି ପଦାର୍ଥ ନୁହେଁ ଏବଂ ମିଳିଥିବା ଶରୀର ମାନବ କିମ୍ବା କୌଣସି ପ୍ରାଣୀର ନୁହେଁ ବୋଲି ପରବର୍ତ୍ତୀ ପରୀକ୍ଷାରୁ ପ୍ରମାଣିତ ହୋଇସାରିଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ସେହି ଯନ୍ତ୍ରାବଶେଷ ଓ ଦେହାବଶେଷକୁ



ନେଇ ଗବେଶଷଣା କରୁଥିବା ଆମେରିକା ଏ ପର୍ଯ୍ୟନ୍ତ କୌଣସି ରିପୋର୍ଟ ପ୍ରକାଶ କରୁ ନାହିଁ। ଅପରପକ୍ଷେ, ଆମେରିକାର ନିଷିଦ୍ଧାଞ୍ଚଳ-୫୧କୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଏଲିଅନଙ୍କ ଯାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ସେହିଠାରୁ ଯାନର ଭଗ୍ନାବଶେଷ ଓ କିଛି ଅଚିହ୍ନା ଦେହାବଶେଷ ମିଳିଥିଲା। ୧୯୫୧ ମସିହାରୁ ସେହି ଅଞ୍ଚଳକୁ ଆମେରିକା କାହିଁକି ନିଷିଦ୍ଧ କରି ରଖିଛି ତାକୁ ନେଇ ନାନା ଆଲୋଚନା ହେଉଛି।

ଆମ ଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ଉଡ଼ନ୍ତା ଥାଳିଆ ଏବଂ ବିଚିତ୍ର ଆଲୋକ ବିଭିନ୍ନ ସମୟରେ ଦୃଶ୍ୟମାନ ହୋଇଛି। ୧୯୫୧ ମସିହା ମାର୍ଚ୍ଚ ୧୫ ତାରିଖ ସକାଳ ୧୦ଟା ୨୧ ମିନିଟରେ ଦିଲ୍ଲୀରେ, ୨୦୦୭ ଅକ୍ଟୋବର ୨୯ ତାରିଖ ଭୋର ୩ଟା ୩୦ରୁ ୬ଟା ୩୦ ମଧ୍ୟରେ କୋଲକତାରେ ଦୃଶ୍ୟମାନ ତୀବ୍ର ଗତିରେ ଯାଉଥିବା ଯାନର ଭିଡିଓ ମଧ୍ୟ ସୁଟିଂ କରାଯାଇଛି। ଏହାର ଗତି ଏବଂ ଯାନର ଆକାର ପରିବର୍ତ୍ତନର ଦୃଶ୍ୟ ସମଗ୍ର ଦେଶବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥିଲା। ପ୍ରଥମେ ଏହା ଏକ ଥାଳିଆ ଭଳି ଗୋଲାକାର, ପରେ ତ୍ରିକୋଣାକାର ଏବଂ ଶେଷରେ ଏକ ସରଳରେଖାକୃତ ହୋଇ ବିଭିନ୍ନ ରଙ୍ଗର ଆଭାମଣ୍ଡଳ ସୃଷ୍ଟି କରି ତୀବ୍ର ଗତିରେ ଚାଲିଯାଇଥିଲା। ସେ ସମୟରେ ଏହାକୁ ହଜାର ହଜାର ଲୋକ ଦେଖିଛନ୍ତି। ସେତେବେଳେ ଏହି ଖବର ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଇଥିଲା। ମାତ୍ର ଏହାକୁ ବିଭିନ୍ନ ପ୍ରକାର ଆଖ୍ୟା ଦିଆଯାଇଥିଲା। ସେହିପରି ୨୦୧୩ ମସିହା ଜୁନ୍ ୨୦ ତାରିଖରେ ଚେନ୍ନାଇ ଅଞ୍ଚଳରେ, ଅଗଷ୍ଟ ୪ ତାରିଖରେ ଲଗନ ଖେର, ଲଦାଖ ଆଦି ଅଞ୍ଚଳ ଏବଂ ଅରୁଣାଚଳ ପ୍ରଦେଶରେ ଖୋଦ ସେନାବାହିନୀର ଯବାନମାନେ ଏଭଳି ଅନେକ ଅଜଣା ଯାନ ବା ୟୁଏଫ୍‌ଓ ଉଡୁଥିବା ଦେଖିଛନ୍ତି। ଏପରିକି ୨୦୧୪ ଓ ୨୦୧୫ରେ ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ଏହି ୟୁଏଫ୍‌ଓ ଉଡୁଥିବାର ଦେଖିବାକୁ ମିଳିଛି।

ଏହି ସବୁ ଘଟଣାକ୍ରମକୁ ତର୍ଜମା କଲେ ଅନୁମାନ କରିବା କଷ୍ଟ ହେବନି ଯେ ପୃଥିବୀ ବ୍ୟତୀତ ଅନ୍ୟ ଗ୍ରହ, ସୌର ଜଗତ କିମ୍ବା ନିହାରୀକା ଜଗତରେ ଜୀବସତ୍ତା ରହିଛି। ସେମାନେ ଆମଠାରୁ ଆକାରରେ ଛୋଟ କିମ୍ବା ବଡ଼ ହୋଇପାରନ୍ତି। ମାତ୍ର ଜ୍ଞାନ, ବିଜ୍ଞାନ, ବୈଷୟିକ ଜ୍ଞାନରେ ସେମାନେ ଯେ ଆମଠାରୁ ଅୟୁତ ଅୟୁତ ଗୁଣରେ ଶ୍ରେଷ୍ଠ, ଏକଥାକୁ ଆମେ ଅସ୍ୱୀକାର କରିପାରିବା ନାହିଁ। କାରଣ ସେମାନେ ପୃଥିବୀକୁ ହଜାର ହଜାର ଥର ପରିକ୍ରମା କରିସାରିଲେଣି। ମାତ୍ର ଆମେ ଏବେ ଆମର ଉପଗ୍ରହ ସମ୍ପର୍କରେ କିଞ୍ଚିତ ସୂଚନା ପ୍ରାପ୍ତ ହୋଇଛେ। ତେଣୁ ଏଲିଅନ୍‌ମାନଙ୍କର ଦକ୍ଷତା, ବୁଦ୍ଧିମତ୍ତା, କ୍ଷମତା ଆମଠାରୁ ଢେର ଗୁଣରେ ଅଧିକ ବୋଲି କହିବାରେ ଦ୍ୱିଧା ରହିବା ଅନୁଚିତ।

ପ୍ରଶ୍ନ ଉଠେ ଯେ ସେମାନେ କାହିଁକି ବାରମ୍ବାର ପୃଥିବୀ ପୃଷ୍ଠକୁ ଆସୁଛନ୍ତି? କେବଳ ଜୀବସତ୍ତା ଅନୁସନ୍ଧାନରେ ନା ଜଳବାୟୁ ସେମାନଙ୍କ ପାଇଁ ସହାୟକ ହେଉଛି ତାହା ପରୀକ୍ଷା କରିବାକୁ? ବୈଜ୍ଞାନିକମାନେ ଏବେ ଏକ ଅଜବ ଆଶଙ୍କା କରୁଛନ୍ତି ଯେ ଯଦି ସେମାନେ ଭବିଷ୍ୟତରେ କେବେ ଆସି ଆମ ସହିତ ବସବାସ କରନ୍ତି ତେବେ ପରିସ୍ଥିତି କ'ଣ ହେବ? ସେମାନେ ଆମ ସହ ମିଳିମିଶି ଚଳିବେ ନା ଆମକୁ ଅନ୍ୟ ଗ୍ରହର ଏକ ପ୍ରାଣୀ ଭାବି ପାଳନ ପୋଷଣ କରିବେ। ସେମାନେ ହୁଏତ ଆମକୁ କୌଣସି ପରିସ୍ଥିତିରେ ସମ୍ମାନ ଦେବେ ନାହିଁ। କାରଣ, ସେମାନେ ଆମଠାରୁ ସବୁଗୁଣରେ ଶ୍ରେଷ୍ଠ ଓ ବିଜ୍ଞ। ସେମାନଙ୍କୁ ବିରୋଧ କରିବା ପୃଥିବୀବାସୀଙ୍କ ପକ୍ଷରେ ପ୍ରାୟତଃ ଅସମ୍ଭବ ବୋଲି ସାମ୍ପ୍ରତିକ ସ୍ଥିତିରୁ ଆପାତତଃ ଜଣାପଡୁଛି। ସେମାନେ ହୁଏତ ଆମକୁ ତଡ଼ି ଏଠାରେ ସ୍ଥାୟୀ ଭାବରେ ବସବାସ କରିବେ; ନଚେତ ଆମ ସମ୍ପର୍କରେ ଅଧ୍ୟୟନ କରିବା ପରେ ଆମର ଜ୍ଞାନବିଜ୍ଞାନକୁ ନିଜ ଗ୍ରହରେ କାର୍ଯ୍ୟକାରୀ କରିବେ କିମ୍ବା ତାଙ୍କ ସହ ସମକକ୍ଷ କରିବା ପାଇଁ ଆମକୁ ପ୍ରସ୍ତୁତ କରିବେ।

ପୁରାଣରେ ଦଶରଥଙ୍କ ସ୍ୱର୍ଗ ଅଭିଯାନ ସମ୍ପର୍କରେ ଆମେ ପଢ଼ିଛେ ବା ଶୁଣିଛେ। ଅର୍ଥାତ୍ ସେଠାରେ ଜୀବ ଜଗତ ଥିଲା ଏବଂ ସେ ଲଢ଼େଇ କରିବା ପାଇଁ ଯାଇଥିଲେ। ସେହିପରି ପୁରାଣରେ ଅନେକ କଥା ରହିଛି। ଦେବତା ଓ ରାକ୍ଷସଙ୍କ ମଧ୍ୟରେ ଅନେକ ଯୁଦ୍ଧ ହୋଇଛି। ଦେବତାମାନେ ମର୍ତ୍ତ୍ୟଧାମକୁ ଓହ୍ଲାଇ ଆସିବାର ଶହ ଶହ କ୍ଷୁଦ୍ର ଗଳ୍ପ ରହିଛି। ରାମାୟଣ ଓ ମହାଭାରତରେ ମଧ୍ୟ ସ୍ୱର୍ଗ ଅଭିଯାନର ଅନେକ କଥା ରହିଛି। କିନ୍ତୁ ଏକଥା ସତ ଯେ ସେମାନେ ଯେଉଁ ମୁହୂର୍ତ୍ତରେ ଚାହୁଁଥିଲେ, ସେହି ମୁହୂର୍ତ୍ତରେ ଆସିପାରୁଥିଲେ ବା ଆସି ପାରିବାର କ୍ଷମତା ତାଙ୍କ ପାଖରେ ଥିଲା। କେବଳ ପୁରାଣ ନୁହେଁ, ୧୭୨୬ ମସିହାରେ ଜନାଥନ ସ୍ୱିଫ୍ଟଙ୍କ ଗଲିଭର ଟ୍ରାଭେଲ୍ସ, କାର୍ଲ ସାଗାନଙ୍କ ପରିକଳ୍ପିତ 'ପେଲ୍ ବ୍ଲୁ ଡଟ୍: ଏ ଭିଜନ ଅଫ ଦି ହ୍ୟୁମାନ ଫ୍ୟୁଚର ଇନ୍ ସ୍ପେସ୍' କାହାଣୀକୁ ବିଚାରକୁ ନିଆଯାଇ ପାରେ, ଯେଉଁଥିରେ ପୃଥିବୀ ପୃଷ୍ଠକୁ ବିଦେଶୀ ପରିଦର୍ଶକମାନେ ଆସିବାର କଳ୍ପନା କରାଯାଇଛି। ଏହାକୁ ଲୋକକାହାଣୀ କିମ୍ବା କଳ୍ପନାପ୍ରସୂତ ବୋଲି କୁହାଯାଇ ପାରେ, ମାତ୍ର ସେତେବେଳର ଲେଖକମାନଙ୍କର ଚିନ୍ତାଶକ୍ତି ଯେ ଆଜିର ବିଜ୍ଞାନକୁ ପ୍ରମାଣିତ କରୁଛି, ଏଥିରେ ସନ୍ଦେହ ନାହିଁ।

ତେଣୁ ସମଗ୍ର ସୃଷ୍ଟି ବା ବିଶ୍ୱ ବ୍ରହ୍ମାଣ୍ଡର କୌଣସି ନା କୌଣସି ଗ୍ରହରେ ଯେ ଜୀବସତ୍ତା ରହିଛି, ଏହା ଆମକୁ ସ୍ୱୀକାର କରିବାକୁ ପଡ଼ିବ। ଏହା ମଧ୍ୟ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମ ଜ୍ଞାନ, ବିଜ୍ଞାନ, ବୁଦ୍ଧି ସେହି ସ୍ତରକୁ ଯାଇପାରି ନାହିଁ। ଏଲିୟନମାନେ ଯେ ଆଉ ଆମଠାରୁ ବେଶି ଦୂରରେ ନାହାନ୍ତି ଏ କଥା ଆମକୁ ମନେ ରଖିବାକୁ ପଡ଼ିବ।

# ଆତ୍ମହତ୍ୟା ପ୍ରବଣତାର ଭିନ୍ନ ଦିଗ


ଅରୁଣ କୁମାର ତ୍ରିପାଠୀ
ବ୍ରହ୍ମପୁର, ମୋ: ୯୦୭୮୮୩୮୬୨୭

ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ, ଏ ବିଶ୍ୱ ବ୍ରହ୍ମାଣ୍ଡରେ ପୁଣ୍ୟ ଅର୍ଜନ କେବଳ ମାନବ ପକ୍ଷେ ସମ୍ଭବ। ଏଣୁ ମାନବ ଜୀବନକୁ ଦୁର୍ଲଭ ବୋଲି କୁହାଯାଏ। ତେବେ ଫ୍ରାନ୍ସର ପ୍ରଖ୍ୟାତ ସମାଜଶାସ୍ତ୍ରୀ ଡେଭିଡ୍ ଏମିଲ୍ ଦୁର୍ଖିମ୍ ୧୮୯୭ରେ ଗୋଟିଏ ପୁସ୍ତକ ରଚନା କରିଥିଲେ, ଯାହା ତତ୍କାଳୀନ ଶିଳ୍ପବିପ୍ଳବ ଓ ତତ୍‌ଜନିତ ପରିଦୃଶ୍ୟ ସାମାଜିକ ଦୂରତା ଏବଂ ଅନ୍ୟାନ୍ୟ ପ୍ରସଙ୍ଗମାନଙ୍କୁ ସବିଶେଷ ଆକଳନ କରିଥିଲା। ପୁସ୍ତକଟି ଫରାସୀ ଭାଷାରେ ଲିଖିତ ଥିଲା, ଯାହାର ନାମ 'ଲେ ସୁଇସାଇଡ୍: ଏଟ୍ୟୁଡ୍ ଡି ସୋସିଓଲୋଜି(ଇଂରାଜୀରେ ସୁସାଇଡ: ଏ ଷ୍ଟଡି ଇନ୍ ସୋସିଓଲୋଜି)। ବିଶ୍ୱ ଇତିହାସ ପରିପ୍ରେକ୍ଷୀରେ ପୁସ୍ତକଟି ସାମାଜିକ ସମସ୍ୟାମାନଙ୍କୁ ନେଇ ପ୍ରଥମ ଆନୁଷ୍ଠାନିକ ଅଧ୍ୟୟନ କରିଥିବାର ସମ୍ମାନ ହାସଲ କରିଛି। ସେହି ପୁସ୍ତକରେ ବର୍ଣ୍ଣିତ ଆତ୍ମହତ୍ୟାର ବିଭିନ୍ନ କାରଣ ଓ ତତ୍ତ୍ୱ ତଥା ଭାରତୀୟ ସମାଜରେ ତାହାର ପ୍ରାସଙ୍ଗିକତା ସମ୍ପର୍କରେ କିଞ୍ଚିତ ଆଲୋଚନା କରିବା।

ଦୁର୍ଖିମ୍‌ଙ୍କ ମତାନୁସାରେ, 'ମହିଳାଙ୍କ ଅନୁପାତରେ ପୁରୁଷମାନଙ୍କ ମଧ୍ୟରେ ଆତ୍ମହତ୍ୟା ପରିମାଣ ଅଧିକ। ଅବିବାହିତ ଲୋକେ ଅଧିକ ଆତ୍ମହତ୍ୟା କରନ୍ତି। ନିଃସନ୍ତାନ ଦମ୍ପତିଙ୍କ କ୍ଷେତ୍ରରେ ଆତ୍ମହତ୍ୟା ପ୍ରବଣତା ସନ୍ତାନବାନ୍‌ମାନଙ୍କ ତୁଳନାରେ ଅଧିକ। ସାଧାରଣ ନାଗରିକ ଅପେକ୍ଷା ସୈନିକମାନଙ୍କ ମଧ୍ୟରେ ଆତ୍ମହତ୍ୟା ଅଧିକ ପରିମାଣରେ ଦେଖିବାକୁ ମିଳେ। ଧନୀ ରାଷ୍ଟ୍ରମାନଙ୍କରେ ଆତ୍ମହତ୍ୟାର ମାମଲା ଅଧିକ ଥାଏ। ଯୁଦ୍ଧ ସମୟ ଅପେକ୍ଷା ସାଧାରଣ ସମୟରେ ଲୋକେ ଅଧିକ ଆତ୍ମହତ୍ୟା କରିଥା'ନ୍ତି। ଏହାର ଉଦାହରଣ ଦେବାକୁ ଯାଇ ସେ କହିଛନ୍ତି, ୧୮୬୬ରେ ଅଷ୍ଟ୍ରିଆ-ଇଟାଲି ମଧ୍ୟରେ ସଂଗଠିତ ଯୁଦ୍ଧ ଉଭୟ ଦେଶରେ ଆତ୍ମହତ୍ୟାର ପରିମାଣ ୧୪ ପ୍ରତିଶତ ଊଣା କରିଦେଇଥିଲା। ଯଦିଓ ବିଶ୍ୱାସ ରହିଥିଲା ଯେ ଶିକ୍ଷିତ ଲୋକେ ଅଧିକ ଆତ୍ମହତ୍ୟା କରନ୍ତି, କିନ୍ତୁ ଦୁର୍ଖିମ୍ ତା'କୁ ଗ୍ରହଣ ନକରି ଲୋକଙ୍କ ବିଚାରଧାରା ଉପରେ ଗୁରୁତ୍ୱାରୋପ କରିଥିଲେ।

ଦୁର୍ଖିମ୍‌ଙ୍କ ମତରେ ଆତ୍ମହତ୍ୟାକୁ ମାନବୀୟ ନତୁବା ମାନସିକ କାରଣ ଦ୍ୱାରା ବ୍ୟାଖ୍ୟା କରିହେବ ନାହିଁ। ଯଦି ଏହାକୁ ବୁଝିବାର ଅଛି ତେବେ ସାମାଜିକ ଅନୁଷ୍ଠାନ ଏବଂ ମନୁଷ୍ୟ ମଧ୍ୟରେ ଥିବା ସମ୍ପର୍କକୁ ତର୍ଜମା କରିବାକୁ ହେବ। ମନୁଷ୍ୟ ସମାଜ ସହ କିଭଳି ସମ୍ପର୍କ ସ୍ଥାପନ କରେ ଏବଂ ତାହା ଦ୍ୱାରା କିଭଳି ନିୟନ୍ତ୍ରିତ ହୁଏ, ତାହାକୁ



ନେଇ ଆତ୍ମହତ୍ୟାର ଚାରିଗୋଟି ପ୍ରକାରଭେଦ ଦୁର୍ଖିମ୍ ଉପସ୍ଥାପନ କରିଛନ୍ତି। ସେଗୁଡ଼ିକ ହେଲା - ଇଗୋଇଷ୍ଟିକ୍, ଆଲଟ୍ରୁଇଷ୍ଟିକ, ଆନୋମିକ୍ ଏବଂ ଫାଟାଲିଷ୍ଟିକ। ଇଗୋଇଷ୍ଟିକ ଆତ୍ମହତ୍ୟାର କାରଣ ହେଉଛି ସାମାଜିକ ବନ୍ଧନର ଅଭାବ ଏବଂ ମନୁଷ୍ୟର ସାମାଜିକ ଅନୁଷ୍ଠାନମାନଙ୍କ ପ୍ରତି କର୍ତ୍ତବ୍ୟ ହୁଗୁଳା ହେବା। ସେ କହିଛନ୍ତି, ଯେଉଁ ସମୟରେ ମନୁଷ୍ୟ ସାମାଜିକ ଅନୁଷ୍ଠାନମାନଙ୍କଠାରୁ ଦୂରେଇ ଯାଏ, ସେ ନିଜ ଜୀବନକୁ ଅର୍ଥହୀନ, ଆଗ୍ରହହୀନ, ଦୁଃଖଯୁକ୍ତ ଏବଂ ଉଦାସ ବୋଲି ଭାବିନିଏ। ଆଲଟ୍ରୁଇଷ୍ଟିକ ଆତ୍ମହତ୍ୟା ଇଗୋଇଷ୍ଟିକ ଆତ୍ମହତ୍ୟା ସହ ୧୮୦ ଡିଗ୍ରୀ ସମ୍ପର୍କରେ ରହେ। ଯେତେବେଳେ ମନୁଷ୍ୟ ସାମାଜିକ ସମ୍ପର୍କରେ ବହୁତ ବୁଡ଼ିଯାଏ, ଏଭଳିକି ତାହା ଦ୍ୱାହିରେ ସେ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାଏ ନାହିଁ ତଥା ସେଥିନିମନ୍ତେ ସେ ମରଣୋତ୍ତର ସମ୍ମାନିତ ହୁଏ। ଅଗ୍ନିଶମ କର୍ମଚାରୀ, ଆଇନ ପ୍ରଣୟନକାରୀ ବ୍ୟକ୍ତି, ଗୁପ୍ତଚର ପ୍ରତିନିଧି, ନାବିକ ଏବଂ ସୈନିକମାନେ ଏହି ଯୋଜନାବଦ୍ଧ ଆତ୍ମବଳିଦାନ ମାନସିକତାର ଅଧିକ ଶିକାର ହୁଅନ୍ତି। ସାମାଜିକ ନିୟନ୍ତ୍ରଣ ଅଭାବରେ ମନୁଷ୍ୟ ଆନୋମିକ୍ ଆତ୍ମହତ୍ୟା ପରିସ୍ଥିତି ହାବୁଡ଼ରେ ପଡ଼େ। ଯେଉଁ ସମୟରେ ଅର୍ଥନୈତିକ ଦୁଃସ୍ଥିତି ନତୁବା ଅର୍ଥନୈତିକ ଉନ୍ନତି ହେଇଥାଏ, ସେହି ସମୟରେ ସମାଜ ସେହିଭଳି ଲକ୍ଷ୍ୟ ଧାର୍ଯ୍ୟ କରେ, ଯାହା ମନୁଷ୍ୟ ପକ୍ଷେ ହାସଲ କରିବା କାଠିକର ପାଠ ହେଇପଡ଼େ। ଏହି ପରିସ୍ଥିତିମାନଙ୍କରେ ମନୁଷ୍ୟ ଉଦାସୀନ ହେଇପଡ଼େ ଏବଂ ସାମାଜିକ ନିୟନ୍ତ୍ରଣ ଅଭାବରେ ନିଜକୁ ନାଶ କରିବସେ। ଫାଟାଲିଷ୍ଟିକ ଆତ୍ମହତ୍ୟା ସାମାଜିକ ଅନୁଷ୍ଠାନମାନଙ୍କ ଦ୍ୱାରା ଅତ୍ୟଧିକ ନିୟନ୍ତ୍ରଣ କାରଣରୁ ହୁଏ। ଉଦାହରଣ ସ୍ୱରୂପ, କ୍ରମାଗତ ଅତ୍ୟାଚାର କାରଣରୁ ଦାସଦାସୀ ଏବଂ ଅତ୍ୟଧିକ ନିୟମ ସହିତ ଜେଲରେ କଏଦୀ ରହିବା ଅପେକ୍ଷା ମରିବାକୁ ପସନ୍ଦ କରନ୍ତି।

ଭାରତରେ ଯେଉଁସବୁ କାରଣମାନଙ୍କୁ ନେଇ ଆତ୍ମହତ୍ୟା ହେଉଛି, ତାହା ପ୍ରକାଶ କରିବାକୁ ଯାଇ ଜାତୀୟ ଅପରାଧ ପଞ୍ଜିକରଣ ସଂସ୍ଥା ବୃତ୍ତିଗତ ସମସ୍ୟା, ଭେଦଭାବ, ବିଚ୍ଛିନ୍ନତା ଭାବନା, ଅପବ୍ୟବହାର, ହିଂସା, ପାରିବାରିକ ସମସ୍ୟା, ମାନସିକ ବିକୃତି, ମଦ୍ୟପାନର ନିଶା, ଆର୍ଥିକ କ୍ଷତି, ଦୀର୍ଘଦିନର ଯନ୍ତ୍ରଣା ଇତ୍ୟାଦିର ଉଦାହରଣ ଦେଇଛି। ଭାରତ ସରକାର 'ଟେଲିମାନସ' ନାମକ ଟୋଲ୍ ଫ୍ରି ଆଲୋଚନା ଓ ପରାମର୍ଶ ବ୍ୟବସ୍ଥା କରିଛନ୍ତି, ଯେଉଁଠି ମାନସିକ ସମସ୍ୟା ଦେଖାଦେଲେ ଲୋକେ ବିନା ଦେୟରେ ମନସ୍ତତ୍ତ୍ୱ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିପାରିବେ। ଓଡ଼ିଶାର ଦ୍ୱୈତନଗରୀ ଭୁବନେଶ୍ୱର ଓ କଟକରେ ଏହାର ଦୁଇଟି ଶାଖା ରହିଛି। କିନ୍ତୁ ଲୋକେ ସେହି ସମୟରେ ଆତ୍ମହତ୍ୟା କରନ୍ତି, ଯେତେବେଳେ କାହାସହ ନିଜର କଷ୍ଟ ବାଣ୍ଟି ପାରନ୍ତି ନାହିଁ। ଆମ ଆଖପାଖରେ ଯେଉଁମାନେ ରହୁଛନ୍ତି, ଅନ୍ୟୂନ ସେମାନଙ୍କ ସହ ଆମେ ଯଦି ଉପଯୁକ୍ତ ବ୍ୟବହାର କରିପାରିବା, ତେବେ ଦେଶରୁ ଆତ୍ମହତ୍ୟା ମାନସିକତାକୁ ସମୂଳେ ନାଶ କରିପାରିବା। ପରିବାରରେ ଯେଉଁମାନେ ରହୁଛନ୍ତି, ସେମାନଙ୍କ ପ୍ରତିଟି କ୍ଷେତ୍ରରେ ଯତ୍ନ ନେବା ସମସ୍ତ ସଦସ୍ୟଙ୍କ କର୍ତ୍ତବ୍ୟ ହେବା ଉଚିତ। ପାଠ୍ୟକ୍ରମରେ ନୈତିକ ଶିକ୍ଷା କଥା ସବୁବେଳେ ସମ୍ମିଳିତ ରହେ, କିନ୍ତୁ ମାନସକୁ ପବିତ୍ର ଓ ପ୍ରକୃଷ୍ଟ ରଖିବା ନିମିତ୍ତ ନିର୍ଦ୍ଦେଶାବଳୀ ଆଜିର ଆହ୍ୱାନ। ପ୍ରତିଟି ସମସ୍ୟାର ସମାଧାନ ଅଛି, ଆବଶ୍ୟକ ରହିଛି କେବଳ ଉଦ୍ୟମର।

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ମୋଦୀଙ୍କ ପ୍ରତି ମାଳଦ୍ୱୀପର ଅପମାନସୂଚକ ମନ୍ତବ୍ୟ

# ଦୃଢ଼ ପ୍ରତିକ୍ରିୟା ପରେ ୩ ମନ୍ତ୍ରୀ ନିଲମ୍ବିତ

- ମନ୍ତ୍ରୀଙ୍କ ମନ୍ତବ୍ୟକୁ ମାଳଦ୍ୱୀପ ନାଗରିକଙ୍କ ନିନ୍ଦା
- ଭର୍ତ୍ସନା କଲେ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନସିଦ

**ନୂଆଦିଲ୍ଲୀ,୭।୧(ଏଜେନ୍ସି)** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ମାଳଦ୍ୱୀପର ୩ ମନ୍ତ୍ରୀ ସୋସିଆଲ ମିଡିଆରେ ଅପମାନସୂଚକ ମନ୍ତବ୍ୟ ଜାରି କରି ନିଲମ୍ବିତ ହୋଇଛନ୍ତି। ମୋଦୀଙ୍କ ପ୍ରତି ଏଭଳି ଅଶାଳୀନ ବ୍ୟବହାର କରିବା ଘଟଣା ମଧ୍ୟ ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ତୀବ୍ର ବିବାଦ ସୃଷ୍ଟି କରିଛି। ମୋଦୀ ଜଣେ ଜୋକର୍ ଏବଂ ଇସ୍ରାଏଲ ହାତରେ କଣ୍ଢେଇ ସାଜିଛନ୍ତି ବୋଲି ମାଳଦ୍ୱୀପର ଯୁବ ସଶକ୍ତିକରଣ ଏବଂ ସଂସ୍କୃତି ମନ୍ତ୍ରୀ ମାରୟମ ସିଉନା ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ସେହିପରି ଅନ୍ୟ ଦୁଇ ଉପମନ୍ତ୍ରୀ ମାଲସା ସରିଫ୍ ଏବଂ ମାଜୁମ ମାଜିଦ୍ ମଧ୍ୟ ସୋସିଆଲ ମିଡିଆରେ ମୋଦୀଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ଦେଇଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଭାରତ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ମାଲେସ୍ଥିତ ଭାରତୀୟ ରାଷ୍ଟ୍ରଦୂତଙ୍କ ପକ୍ଷରୁ ଏହି ବିଷୟକୁ ନେଇ ସେଠାକାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ଏହାକୁ ଦୃଢ ନିନ୍ଦା କରାଯାଇଥିଲା। ମାଳଦ୍ୱୀପ ସରକାର ପ୍ରଥମେ ଏହାକୁ ହାଲୁକା ଭାବେ ଗ୍ରହଣ କରିବା ସହିତ କେବଳ ନିନ୍ଦା କରି ଏଭଳି ମନ୍ତବ୍ୟ ମନ୍ତ୍ରୀମାନଙ୍କ ନିଜସ୍ୱ ଏବଂ ଏଥିରେ ସରକାରଙ୍କ କୌଣସି ଭୂମିକା ନାହିଁ ବୋଲି ସଫେଇ ଦେଇଥିଲେ। କିନ୍ତୁ ଖୋଦ୍ ନିଜ ଦେଶରେ ଏହି ବିଷୟକୁ ନେଇ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ପୂର୍ବତନ ରାଷ୍ଟ୍ରପତି ଏବଂ ଅନ୍ୟ ରାଜନୈତିକ ଦଳଙ୍କ ପକ୍ଷରୁ ଆକ୍ରୋଶର ଶିକାର ହେବା ପରେ ମାଳଦ୍ୱୀପ ସରକାର ଏହି ତିନି ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ନିଲମ୍ବିତ କରିଛନ୍ତି। ମୋଦୀଙ୍କ ଭଳି ଜଣେ ଲୋକପ୍ରିୟ ଏବଂ ବିଦେଶୀ ନେତାଙ୍କ ପ୍ରତି ଯେଉଁଭଳି ଟିପ୍ପଣୀ ଦିଆଯାଇଛି ସେଥିରେ ମାଳଦ୍ୱୀପ ସରକାରଙ୍କ କୌଣସି ଭୂମିକା ନାହିଁ। କିନ୍ତୁ ଏହି ତିନି ମନ୍ତ୍ରୀଙ୍କୁ ନିଲମ୍ବିତ କରାଯାଇଛି ବୋଲି ମାଳଦ୍ୱୀପ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୋଦୀଙ୍କ ପ୍ରତି ଏଭଳି ଅପମାନଜନକ ଟିପ୍ପଣୀ ଦିଆଯାଇଥିବାରୁ ଭାରତ ସହ ମାଳଦ୍ୱୀପର ସମ୍ପର୍କ କ୍ଷୁଣ୍ଣ ହେବା



ଆଶଙ୍କାରେ ସେଠାକାର ସାଧାରଣ ନାଗରିକ ମଧ୍ୟ ଏହି ପ୍ରସଙ୍ଗକୁ ନିନ୍ଦା କରିଛନ୍ତି। ଏହାବ୍ୟତୀତ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନସିଦ୍ ମଧ୍ୟ ତିନି ମନ୍ତ୍ରୀଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ ଲକ୍ଷାଦ୍ୱୀପ ଗସ୍ତରେ ଯାଇ ସେଠାରେ 'ସ୍ନରକେଲିଂ'(ସମୁଦ୍ର ଭିତରେ ବୁଡିବା) କରିଥିଲା ବେଳେ ସ୍ୱିମିଂ ସୁଟ୍‌ରେ ଥିବା ତାଙ୍କ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ। ପର୍ଯ୍ୟଟନ ଏବଂ ଦୁଃସାହସିକ ସାମୁଦ୍ରିକ କ୍ରୀଡ଼ା ପାଇଁ ଯେଉଁମାନେ ଆଗ୍ରହୀ ସେମାନେ ନିଶ୍ଚିତ ଭାବେ ଲାକ୍ଷାଦ୍ୱୀପ ବୁଲି ଆସି ଏଠାକାର ମଜା ନେବା ଉଚିତ ବୋଲି ଉଲ୍ଲେଖ କରିଥିଲେ। ତାଙ୍କର ଫଟୋ ଏବଂ ଏହି ବାର୍ତ୍ତା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ବେଳେ କୋଟି କୋଟି ଲୋକ ଏହାକୁ ସକାରାତ୍ମକ ସହ ଗ୍ରହଣ କରିଥିଲେ। କିନ୍ତୁ ଏହି ବିଷୟ ପରବର୍ତ୍ତୀ ସମୟରେ ମାଳଦ୍ୱୀପ ପାଇଁ ଜ୍ୱଳନର କାରଣ ପାଲଟିଥିଲା। ମାଳଦ୍ୱୀପର ଦୁଇ ପ୍ରମୁଖ ରାଜନୈତିକ ଦଳ 'ମାଳଦ୍ୱୀପ ଡେମୋକ୍ରାଟିକ୍ ପାର୍ଟି' ଏବଂ 'ମାଳଦ୍ୱୀପ ପ୍ରୋଗ୍ରେସିଭ୍ ପାର୍ଟି' ମଧ୍ୟରୁ ପ୍ରଥମ ଦଳ ଭାରତ ସପକ୍ଷବାଦୀ। କିନ୍ତୁ ଦ୍ୱିତୀୟ ପାର୍ଟି ଚୀନ୍ ସମର୍ଥନରେ ରହିଛି। ବର୍ତ୍ତମାନ ଏହି ଦଳ କ୍ଷମତାରେ ରହିବା ସହିତ ଚୀନ୍ ମୋହରେ ପଡ଼ିଛି। ଯେଉଁଥିପାଇଁ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ବାରମ୍ବାର ଭାରତ ବିରୋଧୀ ମନ୍ତବ୍ୟ ଦେଇଆସିଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୋଦୀ ମାଳଦ୍ୱୀପକୁ ପରୋକ୍ଷରେ ବାର୍ତ୍ତା ଦେବା ଲାଗି ନିକଟରେ ଲାକ୍ଷାଦ୍ୱୀପ ଗସ୍ତ କରିବା ଏବଂ ଏଠକାର ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଲାଗି ଉଦ୍ୟମ କରିଥିଲେ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ଆରମ୍ଭ ହେବା ପରେ ମାଳଦ୍ୱୀପ ସରକାର ଭାରତ ପ୍ରତି ଅସହ୍ୟ ହୋଇପଡ଼ିଥିଲେ। ଯାହାକୁ ନେଇ ଏହି ତିନି ମନ୍ତ୍ରୀ ମୋଦୀଙ୍କ ପ୍ରତି ଏଭଳି ଅପମାନସୂଚକ ମନ୍ତବ୍ୟ ଦେବାକୁ ପଛାଇ ନଥିଲେ। କିନ୍ତୁ ଏହି ପ୍ରସଙ୍ଗକୁ ନେଇ ଏବେ ଯେଉଁଭଳି ବିବାଦ ତେଜିଛି ତଦ୍ୱାରା ମାଳଦ୍ୱୀପକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି କୂଟନୀତିକ ତଥାଭିଜ୍ଞ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

● ଭାରତରେ ତେଜିଲା 'ବୟକଟ୍ ମାଳଦ୍ୱୀପ୍' ଟ୍ରେଣ୍ଡ

## ଦିନକରେ ୮ ହଜାର ହୋଟେଲ, ୨୫୦୦ ଫ୍ଲାଇଟ୍ ବୁକିଂ ବାତିଲ

ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ମାଳଦ୍ୱୀପର ତିନି ମନ୍ତ୍ରୀଙ୍କ ଅପମାନସୂଚକ ମନ୍ତବ୍ୟକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିବା ସହିତ ବିବାଦ ତେଜିଛି। ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ଜାରି କରାଯିବା ଘଟଣାକୁ ବଲିଉଡ୍ ଷ୍ଟାରଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ବିରୋଧ କରିଥିଲା ବେଳେ ସୋସିଆଲ ମିଡିଆରେ ' ବୟକଟ୍ ମାଳଦ୍ୱୀପ' ଟ୍ରେଣ୍ଡ ଜୋର ଧରିଥିବା ଦେଖିବାକୁ ମିଳିଛି। ପର୍ଯ୍ୟଟନ ପାଇଁ ଏବେ ଭାରତରୁ କେହି ମାଳଦ୍ୱୀପ ନ ଯାଇ ଲାକ୍ଷାଦ୍ୱୀପକୁ ଯାଆନ୍ତୁ ବୋଲି ଆହ୍ୱାନ ଦିଆଯାଇଛି। ଏଭଳି ସ୍ଥିତିରେ ଦିନକ ମଧ୍ୟରେ ମାଳଦ୍ୱୀପର ବିଭିନ୍ନ ହୋଟେଲରେ ପ୍ରାୟ ୮ ହଜାର ବୁକିଂ ବାତିଲ ହୋଇଯାଇଛି। ସେହିପରି ଭାରତରୁ ବୁକିଂ ହୋଇଥିବା ପ୍ରାୟ ୨୫୦୦ ଫ୍ଲାଇଟ୍ ଟିକଟ ମଧ୍ୟ ବାତିଲ କରାଯାଇଥିବା ଜଣାପଡ଼ିଛି। ଅପରପକ୍ଷେ ଲାକ୍ଷାଦ୍ୱୀପ ପାଇଁ ହଜାର ହଜାର ବୁକିଂ ହୋଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସାମୁଦ୍ରିକ ଦ୍ୱୀପସମୂହ ରାଷ୍ଟ୍ର ମାଳଦ୍ୱୀପର ଅର୍ଥନୀତି ସର୍ବାଧିକ ପର୍ଯ୍ୟଟନ ଉପରେ ନିର୍ଭର କରିଥିଲା ବେଳେ ଏଥିରେ ଭାରତୀୟ ପର୍ଯ୍ୟଟକଙ୍କ ଉପସ୍ଥିତି ସର୍ବଦା ଉଲ୍ଲେଖନୀୟ ରହିଆସିଛି। ଏହାଛଡ଼ା ଏକ ପଡୋଶୀ ରାଷ୍ଟ୍ର ଭାବେ ଆପଦ ବିପଦ ସମୟରେ ଭାରତ ସଦାସର୍ବଦା ମାଳଦ୍ୱୀପ ସମର୍ଥନରେ ଛିଡା ହୋଇଆସିଛି। ଏହାସତ୍ତ୍ୱେ ମାଳଦ୍ୱୀପ ଭାରତର ପ୍ରଧାନମନ୍ତ୍ରୀଙ୍କ ଭଳି ଜଣେ ତୁଙ୍ଗ ନେତାଙ୍କୁ ତାଚ୍ଛଲ୍ୟ କରାଯିବା ଘଟଣା ଦେଶବାସୀଙ୍କ ପାଇଁ ସହ୍ୟ ହୋଇପାରି ନାହିଁ।

● ହମାସ୍-ଇସ୍ରାଏଲ ଯୁଦ୍ଧକୁ ୩ ମାସ ପୂରିଲା

## ୮୦୦୦ ଆତଙ୍କବାଦୀ ନିପାତ, ୨୩୦୦୦ ନାଗରିକଙ୍କ ମୃତ୍ୟୁ

**ତେଲ୍ଆଭିଭ୍,୭।୧(ଏଜେନ୍ସି):** ୨୦୨୨ ଅକ୍ଟୋବର ୭ ତାରିଖରୁ ହମାସ୍ ବିରୋଧରେ ଇସ୍ରାଏଲ ସେନା ଆଇଡିଏଫ ଆରମ୍ଭ କରିଥିବା ଯୁଦ୍ଧକୁ ୩ ମାସ ପୂରିଛି। ଗାଜା ଅଞ୍ଚଳ ଇସ୍ରାଏଲ ସେନାର ଆକ୍ରମଣର କେନ୍ଦ୍ର ସ୍ଥଳ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮୦୦୦ରୁ ଅଧିକ ହମାସ୍ ଯୋଦ୍ଧାଙ୍କୁ ନିପାତ କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ଗାଜାର ବିଭିନ୍ନ ସହର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ବେଳେ ୨୩୦୦୦ରୁ ଅଧିକ ନାଗରିକଙ୍କ ମୃତ୍ୟୁ ହେବା ସହିତ ହଜାର ହଜାର ଲୋକ ଆହତ ହୋଇଛନ୍ତି। ପ୍ରାୟ ୨୦ ଲକ୍ଷ ଲୋକ ମଧ୍ୟ ବାସଚ୍ୟୁତ ହୋଇଛନ୍ତି। ବର୍ତ୍ତମାନ ଗାଜାର ଖାନ୍ ୟୁନୁସ୍ ସହରରେ ଇସ୍ରାଏଲ ସେନା ଆକ୍ରମଣ ଜାରି ରଖିଥିବା ବେଳେ ହମାସ୍‌ର ସମସ୍ତ ଆଡ୍ଡାସ୍ଥଳକୁ ଧ୍ୱଂସ ନ କରିବା ଯାଏ ଇସ୍ରାଏଲ ସେନା ନିଶ୍ୱାସ ମାରିବ ନାହିଁ ବୋଲି ଆଇଡିଏଫ ପ୍ରବକ୍ତା ଡାନିୟଲ ହଗାରୀ କହିଛନ୍ତି।

## ୫ ସାଂସଦଙ୍କୁ ମିଳିବ 'ସଂସଦ ରତ୍ନ' ପୁରସ୍କାର

**ନୂଆଦିଲ୍ଲୀ,୭ ।୧(ଏଜେନ୍ସି):** ୫ ସାଂସଦଙ୍କୁ ସଂସଦ ରତ୍ନ ସମ୍ମାନରେ ସମ୍ମାନିତ କରିବାକୁ ରବିବାର ଘୋଷଣା କରାଯାଇଛି। ଆସନ୍ତା ଫେବୃଆରୀ ୧୭ ତାରିଖରେ ଏକ ବିଶେଷ କାର୍ଯ୍ୟକ୍ରମରେ ସେମାନଙ୍କୁ ସମ୍ମାନିତ କରାଯିବ। ଏହି ସାଂସଦଙ୍କ ମଧ୍ୟରେ ବିଜେପିର ସୁକାନ୍ତ ମଜୁମଦାର , ସୁଧୀର ଗୁପ୍ତା, ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ , ଏନସିପିର ଅମୋଲ ରାମସିଂହ କୋଲହେ ଏବଂ କଂଗ୍ରେସର କୁଲଦୀପ ରାୟ ଶର୍ମାଙ୍କ ନାମ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଉତ୍କୃଷ୍ଟ ପ୍ରଦର୍ଶନକାରୀ ସାଂସଦଙ୍କୁ ପ୍ରତି ୫ ବର୍ଷରେ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ପୂର୍ବତନ ରାଷ୍ଟ୍ରପତି ଡ.ଏ.ପି.ଜେ.ଅବ୍ଦୁଲ କଲାମଙ୍କ ପରାମର୍ଶରେ ଚେନ୍ନାଇସ୍ଥିତ 'ପ୍ରାଇମ ପଏଣ୍ଟ ଫାଉଣ୍ଡେସନ' ପକ୍ଷରୁ ଏହି ପୁରସ୍କାର ବ୍ୟବସ୍ଥା ଆରମ୍ଭ କରାଯାଇଥିଲା।

**BIJUPATTNAIK, VIKASH & BRILLIANT GROUP OF NURSING, PHARMACY & ALLIED MEDICAL TECHNOLOGY,**
DEBENDRAPUR, NEAR SBI ATM BARIPADA, MAYURBHANJ, ODISHA,
MOB:-9438047436.7428867569

**URGENTLY SPOT ADMISSION GOING ON**

(GOVERNMENT PERMITTED BY HEALTH & FAMILY WELFARE DEPARTMENT, BHUBANESWAR, RECOGNIZED BY ODISHA NURSES & MIDWIVES COUNCIL, BHUBANESWAR, APPROVED BY INDIAN NURSING COUNCIL, NEW DELHI AND ODISHA UNIVERSITY OF HEALTH SCIENCES)


ବିକାଶ ଚନ୍ଦ୍ର ସେଠୀ, ସମାଜସେବୀ

ସମାଜସେବୀ ବିକାଶ ଚନ୍ଦ୍ର ସେଠିଙ୍କ ଦ୍ୱାରା ଆରମ୍ଭ ତିନୋଟି ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର ଓ କେଉଁଝରରେ INSTITUTION ମାନ ଅଛି ଏଠାରେ ଓଡିଶାରେ ପ୍ରଥମ କରି ସର୍ବ ନିମ୍ନ ମୂଲ୍ୟ ରେ ଟ୍ରେନିଙ୍ଗ ନେବାର ସୁବିଧା ଯୋଗାଇ ଦିଆଯାଉଛି । ଏଣୁ ଯେଉଁ ଛାତ୍ରଛାତ୍ରୀ ମାନେ ଇଚ୍ଛୁକ ନିମ୍ନ COURSES ମାନଙ୍କରେ SPOT ADMISSION ହୋଇ ପାରିବେ ସାଥିରେ ସମସ୍ତ DOCUMENTS ନେଇ ଆସିବେ। ନିମ୍ନ ୱେବ ସାଇଟ ମାରି ଆପଣମାନେ କଲେଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇପାରିବେ । FIRST ADMISSION FEES- RS. 20,000/- (SC/ST ପିଲାମାନଙ୍କୁ ପ୍ରଥମେ କେବଳ RS. 10,000/- ଦେବାକୁ ପଡିବ) । ସମସ୍ତ ST ଏବଂ SC ପିଲାମାନଙ୍କ STIPENT ଟଙ୍କା ରେ ସମସ୍ତ ଖର୍ଚ୍ଚ ବହନ କରାଯିବ । ଏଣୁ STIPENT ଟଙ୍କାରେ ଛାତ୍ରଛାତ୍ରୀମାନେ ଟ୍ରେନିଂ ନେଇ ପାରିବେ। ଟ୍ରେନିଂ ସାରିଲା ପରେ ଅନୁଷ୍ଠାନ ତରଫରୁ campus ଦିଆଯାଏ ସେଠାରେ ଚାକିରୀ କାଲେ ମାସକୁ RS.20,000/- ରୁ RS.40,000/- ଟଙ୍କା ଦରମା ମିଳିଥାଏ। INSTALMENT FACILITIES PAYMENT ର ସମସ୍ତ ସୁବିଧା ଅଛି । ସମାଜସେବୀ ବିକାଶ ଚନ୍ଦ୍ର ସେଠିଙ୍କ ଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ TWENTY LAKHS ର STUDENTS INSURANCE ସୁବିଧା ଯୋଗାଇ ଦିଆଯିବ । www.bijubikashmedicalandnursing.com ୱେବ ସାଇଟ ମାରି ଦେଖନ୍ତୁ । SPOT ADMISSION LAST DATE - 31.01.2024

| NAME OF COURSE | QUALIFICATION | COURSE FEES & HOSTEL FEES |
|---|---|---|
| M.SC NURSING COURSE | B.SC NURSING PASS & P.B.B.SC NURSING PASS | RS.70,000/- YEARLY X Duration 2 YEARS |
| P.B.B.SC NURSING COURSE EXCLUDE HOSTEL FEE | GNM PASS, 12 TH /+2 PASS ANY STREAM | RS.50,000/- YEARLY X Duration 2 YEARS |
| B.SC NURSING COURSE | 12 TH /+2 SCIENCE PCBM /PCB(45%) | RS.70,000/- YEARLY X Duration 4 YEARS |
| BIJUPATTNAIK G.N.M COURSE | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| BIJUPATTNAIK A.N.M COURSE | 12 TH /+2 SCIENCE PCM / PCBM / PCB/ARTS | RS.50,000/-YEARLY X Duration 2 YEARS |
| DIPLOMA PHARMACY | 12 TH /+2 SCIENCE PCM / PCBM / PCB/ARTS | RS.70,000/- YEARLY X Duration 2 YEARS |
| B.SC OPTOMETRY(B.O) | 12 TH /+2 SCIENCE PCM / PCBM / PCB | RS.70,000/-YEARLY X Duration 4 YEARS |
| B.SC IN MEDICAL RADIATION TECH (B.M.R.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B. SC. IN MEDICAL LABORATORY TECH (B.M.L.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B.SC. IN OPERATION THEATRE (B.O.T.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| B.SC. IN EMERGENCY MEDICINE TECH (B.E.M.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 3 YEARS |
| CERTIFIED DIALYSIS TECHNICIAN (C.D.T) | 12 TH /+2 SCIENCE PCM / PCBM / PCB | RS.70,000/- YEARLY X Duration 1 YEARS |
| CERTIFIED E.C.G. TECHNICIAN (C.E.C.G.T) | 12 TH /+2 SCIENCE PCM / PCBM / PCB | RS. 30,000/- 6MONTH |
| CERTIFIED COURSE IN FIRST AID (C.C.F.A) | 10TH PASS OR ABOVE | RS. 30,000/- 6MONTH |
| CERTIFIED WARD TECHNICIAN (C.W.T) | 10TH PASS OR ABOVE | RS. 30,000/- 6MONTH |

ALL FEE ARE INCLUDING :- COURSE FEES , TUITION FEES , WITH HOSTEL LODGING (BOARDING FEES, BOOK FEES, (UNIFORM BLAZER CLOTH) GOVT MEDICAL COLLEGE CLINICAL PRACTICAL TRAINING TRANSPORTATION BUS FEES,, AS PER OUR MANAGEMENT RULE.
1:-VIKASH INSTITUTION :- AT-REMUNA BHIMPURA CHAWK, BALASORE,
2:-BRILLIANT INSTITUTION :- GHUTUR, NEAR SATSANGH / GATE, KEONJHOR,
3:-BIJUPATTNAIK INSTITUTION:-DEBENDRAPUR, NEAR SBI ATM BARIPADA,MBJ

## ଭାରତବିରୋଧୀ ମୌଲବୀ ଉସ୍‌ମାନୀକୁ ପାକିସ୍ତାନରେ ହତ୍ୟା

**ଇସଲାମାବାଦ, ୭।୧ (ଏଜେନ୍ସି):** ପାକିସ୍ତାନରେ ଆଉ ଜଣେ ଭାରତ ବିରୋଧୀର ମୁଣ୍ଡ ଗଡ଼ିଛି। ଭାରତ ବିରୋଧୀ ମୌଲବୀ ଭାବେ ପରିଚିତ ମୌଲବୀ ଅଲାମ ମସୁଦୁର ରେହମାନ ଉସମାନୀକୁ ଶୁକ୍ରବାର ଦିନ ଦ୍ୱିପହରେ ହତ୍ୟା କରାଯାଇଛି। ଇସଲାମାବାଦ ନିକଟସ୍ଥ ଘୌରୀ ସହର ବାହାରେ ୨ ବନ୍ଧୁକଧାରୀ ବାଇକରେ ଆସି ତାକୁ ଗୁଳି କରି ହତ୍ୟା କରି ଫେରାର ହୋଇ ଯାଇଛନ୍ତି। ଏହି ଆକ୍ରମଣରେ ଉସମାନୀର ଡ୍ରାଇଭର ମଧ୍ୟ ଆହତ ହୋଇଛି। ଉସ୍‌ମାନୀର ମୃତ୍ୟୁ ହୋଇଥିବା ନେଇ ଇସଲାମାବାଦ ପୁଲିସ ସ୍ପଷ୍ଟ କରିଛି। ତେବେ ଏହି ହତ୍ୟା ଘଟଣା ପୁଲିସର ଚିନ୍ତା ବଢ଼ାଇ ଦେଇଛି। ଏ ପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ଗୋଷ୍ଠୀ ଏହି ହତ୍ୟା ପାଇଁ ନିଜକୁ ଦାୟୀ କରିନାହାନ୍ତି। ଉସମାନୀ କ୍ରମାଗତ ଭାବେ ଭାରତ ବିରୋଧୀ ମନ୍ତବ୍ୟ ଏବଂ କାର୍ଯ୍ୟକଳାପରେ ସାମିଲ ଥିଲା।

## ଲୋକଙ୍କ ଭରସା ବଜାୟ ରଖନ୍ତୁ ଜିଲ୍ଲାକୋର୍ଟ: ସିଜେଆଇ

**ରାଜକୋଟ, ୭।୧ (ଏଜେନ୍ସି):** ମନ୍ଦିରର ଶିଖରରେ ଲାଗିଥିବା ଧ୍ୱଜା ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି। ଆଗାମୀ ପିଢ଼ି ପର୍ଯ୍ୟନ୍ତ ନ୍ୟାୟର ଧ୍ୱଜା ଉଡ଼ାଇବା ପାଇଁ ଜିଲ୍ଲା କୋର୍ଟର ଓକିଲମାନେ ମଧ୍ୟ ଏହି ଭଳି ଭାବେ କାର୍ଯ୍ୟ କରିବା ଉଚିତ। ରବିବାର ଗୁଜରାଟ ରାଜକୋଟରେ କୋର୍ଟର ନୂତନ କୋଠାକୁ ଉଦ୍‌ଘାଟନ କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରତ୍ୟେକ ନାଗରିକଙ୍କ ପାଇଁ ନ୍ୟାୟର ଅଧିକାର ଧାର୍ଯ୍ୟ ହେଉ। ଜିଲ୍ଲାକୋର୍ଟ ଲୋକଙ୍କୁ ନ୍ୟାୟ ଦିଅନ୍ତୁ ଏବଂ ଲୋକଙ୍କ ଭରସାକୁ ବଜାୟ ରଖନ୍ତୁ। କାରଣ ଜିଲ୍ଲା କୋର୍ଟରୁ ହିଁ ନ୍ୟାୟ ପ୍ରଦାନ ଆରମ୍ଭ ହୋଇଥାଏ। ଲୋକେ ସିଧାସଳଖ ସୁପ୍ରିମକୋର୍ଟ ଯାଇ ନ ଥାନ୍ତି। ପ୍ରଥମେ ଜିଲ୍ଲା କୋର୍ଟ ଯାଇଥାନ୍ତି। ସିଜେଆଇ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଦ୍ୱାରା ପ୍ରଭାବିତ ହୋଇ ନ୍ୟାୟପାଳିକା ସାମ୍ନାରେ ଥିବା ଆହ୍ୱାନକୁ ବୁଝିବା ଏବଂ ଏହାର ସମାଧାନ ପାଇଁ ବିଭିନ୍ନ ରାଜ୍ୟ ଗସ୍ତରେ ଯାଉଥିବା କହିଛନ୍ତି।

## ପଶ୍ଚିମବଙ୍ଗରେ ଇଡି ଅଧିକାରୀଙ୍କ ବିରୋଧରେ ଏତଲା

**କୋଲକାତା, ୭।୧ (ଏଜେନ୍ସି):** ରାସନ ଦୁର୍ନୀତିକୁ ନେଇ ପଶ୍ଚିମବଙ୍ଗରେ ଚଢ଼ଉ ସମୟରେ ଆକ୍ରମଣର ସମ୍ମୁଖୀନ ହୋଇଥିବା ଇଡି ଅଧିକାରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ଘରେ ଜୋରଜବରଦସ୍ତି ପ୍ରବେଶ କରି ମହିଳାଙ୍କୁ ଖରାପ ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଅଧିକାରୀ ୨୪ ପ୍ରଗଣା ଜିଲ୍ଲାର ଟିଏମ୍‌ସି ଜିଲ୍ଲା ପରିଷଦ ସଦସ୍ୟ ଶାହାଜାନ ଶେଖ୍‌ଙ୍କ ଘରର ତଲାସୀ ନେବାକୁ ଯାଇଥିଲେ। କିନ୍ତୁ ଆକ୍ରମଣ ଯୋଗୁଁ ବାଧ୍ୟ ହୋଇ ଫେରି ଆସିଥିଲେ। ଏହାର ଦିନକ ପରେ ଶନିବାର ପୁଲିସ ଇଡି ଅଧିକାରୀଙ୍କ ବିରୋଧରେ ଗୋଟିଏ ଏବଂ ଅଜ୍ଞାତ ଲୋକଙ୍କ ଉପରେ ୨ଟି ଏତଲା ରୁଜୁ କରିଥିଲା। ସେହିପରି ଟିଏମ୍‌ସି ନେତା ଶେଖ୍‌ଙ୍କ ବିରୋଧରେ ଇଡିର 'ଲୁକଆଉଟ ନୋଟିସ'କୁ କଂଗ୍ରେସ ନେତା ଅଧିରରଞ୍ଜନ ଚୌଧୁରୀ କଟାକ୍ଷ କରିଛନ୍ତି। ଇଡିକୁ ସେ ଇଡିୟଟ ବୋଲି କହିଛନ୍ତି।

## ଟିଏମ୍‌ସି ନେତାଙ୍କୁ ଗୁଳିକରି ହତ୍ୟା

**କୋଲକାତା,୭।୧(ଏଜେନ୍ସି):** ପଶ୍ଚିମବଙ୍ଗର ବରହମ୍ପୁରରେ ଟିଏମସି ନେତା ସତ୍ୟନ ଚୌଧୁରୀଙ୍କୁ ରବିବାର ଗୁଳିକରି ହତ୍ୟା କରାଯାଇଛି। କିଛି ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସତ୍ୟନଙ୍କ ଉପରକୁ ଅତର୍କିତ ଗୁଳି କରିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ନାବାଳିକାଙ୍କୁ ନାବାଳକଙ୍କ ଗଣଦୁଷ୍କର୍ମ

**ନୂଆଦିଲ୍ଲୀ, ୭।୧ (ଏଜେନ୍ସି):** ଦିଲ୍ଲୀରେ ଜଣେ ନାବାଳିକା(୧୨) ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଏହି ମାମଲାରେ ଜଣେ ମହିଳା, ଚା' ଦୋକାନ ମାଲିକଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ୧୨, ୧୪ ଏବଂ ୧୫ ବର୍ଷର ୩ ନାବାଳକ ସାମିଲ ଅଛନ୍ତି। ଏହି ତିନି ଜଣ ଚା' ଦୋକାନରେ କାମ କରୁଥିଲେ। ଗତ ୨ ତାରିଖରେ ଦିଲ୍ଲୀର ସଦର ବଜାର ଅଞ୍ଚଳରେ ଏଭଳି ଘଟଣା ଘଟିଛି।

ନିର୍ବାଚନ ପରିପ୍ରେକ୍ଷୀରେ ଭାରତକୁ ଶେଖ ହସିନାଙ୍କ ପ୍ରଶଂସା

## ପଡ଼ୋଶୀ ଭାବେ ଭାରତ ଆମ ପାଇଁ ସୌଭାଗ୍ୟ

● ୪୦ % ମତଦାନ, ଆଜି ଫଳାଫଳ



**ଢ଼ାକା, ୭।୧ (ଏଜେନ୍ସି):** ବାଂଲାଦେଶର ଦ୍ୱାଦଶତମ ସାଧାରଣ ନିର୍ବାଚନ ରବିବାର ଶେଷ ହୋଇଛି। ଏଠାକାର ମୁଖ୍ୟ ବିରୋଧୀ ଦଳ ବିଏନପି ଏହି ନିର୍ବାଚନକୁ ବର୍ଜନ କରିଥିବାରୁ କେତେକ ସ୍ଥାନରେ ହିଂସା ଘଟିବା ସହିତ ମତଦାନ ହାର ମାତ୍ର ୪୦ ପ୍ରତିଶତ ରହିଥିବା କୁହାଯାଇଛି। ତେବେ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଦଳ ପୁଣିଥରେ ବିଜୟୀ ହେବା ସହିତ ସେ ପଞ୍ଚମଥର ପାଇଁ ପ୍ରଧାନମନ୍ତ୍ରୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଆକଳନ କରାଯାଇଛି। ମତଦାନ ମଧ୍ୟରେ ଶେଖ ହସିନା ବିରୋଧୀ ବିଏନପିକୁ ଆତଙ୍କବାଦର ଦଳ ବୋଲି କହିବା ସହିତ ଏହି ଦଳ ବାଂଲାଦେଶରେ ଗଣତନ୍ତ୍ରକୁ ଖତମ୍ କରିଦେବାକୁ ଚାହୁଁଛି ବୋଲି କହିଛନ୍ତି। ଏହିକ୍ରମରେ ସେ ଭାରତକୁ ଭୂରିଭୂରି ପ୍ରଶଂସା କରିଛନ୍ତି। ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ର ପଡୋଶୀ ହୋଇଥିବାରୁ ଏହା ବାଂଲାଦେଶ ପାଇଁ ସୌଭାଗ୍ୟର ବିଷୟ। ୧୯୭୧ ଯୁଦ୍ଧରେ ଭାରତର ଭୂମିକାକୁ ନେଇ ସେ ଭାରତକୁ ବିଶ୍ୱସ୍ତ ଏବଂ ବନ୍ଧୁ ରାଷ୍ଟ୍ର ବୋଲି କହିଛନ୍ତି। ତାଙ୍କ ସରକାର ପୁଣି କ୍ଷମତାକୁ ଆସିବା ପରେ ଭାରତ ସହ ରହିଥିବା ସମ୍ପର୍କକୁ ଆହୁରି ସୁଦୃଢ କରାଯିବ ବୋଲି ହସିନା କହିଛନ୍ତି। ସୋମବାର ଦ୍ୱିପ୍ରହର ସୁଦ୍ଧା ଫଳାଫଳ ଆସିବାର ସମ୍ଭାବନା ରହିଛି ।

## କାର୍ଗିଲରେ ଯୁଦ୍ଧବିମାନର ପ୍ରଥମ ରାତ୍ରକାଳୀନ ଅବତରଣ

**ନୂଆଦିଲ୍ଲୀ,୭।୧(ଏଜେନ୍ସି):** କାର୍ଗିଲରେ ଭାରତୀୟ ବାୟୁସେନାକୁ ବଡ଼ ସଫଳତା ମିଳିଛି। କାର୍ଗିଲ ଏୟାରଷ୍ଟ୍ରିପ୍‌ରେ ବାୟୁସେନାର ସି-୧୩୦ ଜେ ସୁପର ହର୍କ୍ୟୁଲସ ବିମାନ ପ୍ରଥମଥର ପାଇଁ ରାତ୍ରକାଳୀନ ଅବତରଣ କରିଛି।କାର୍ଗିଲର ଏହି ଏୟାରଷ୍ଟ୍ରିପ୍‌କୁ ଚାରିପଟୁ ପାହାଡ଼ ଘେରି ରହିଥିଲା ବେଳେ ରାତିରେ ବିମାନ ଅବତରଣ ଏକ କଷ୍ଟସାଧ୍ୟ ବ୍ୟାପାର। କିନ୍ତୁ ଏହି ମିଶନକୁ ଏକ ଆହ୍ୱାନପୂର୍ଣ୍ଣ ପରିବେଶରେ ଭାରତୀୟ ବାୟୁସେନା ସଫଳ କରିଛି। ଏହି ଅବସରରେ ବାୟୁସେନାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଟେରେନ୍ ମାସ୍କିଂ କରାଯାଇ ଏହି ସଫଳତା ହାସଲ କରାଯାଇଛି। ଏହାଦ୍ୱାରା କାର୍ଗିଲରେ ଭାରତୀୟ ସେନା ନିଜ ସାମର୍ଥ୍ୟ ବୃଦ୍ଧି କରିବାକୁ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି।

**ADMISSION IS GOING ON**
**GAYATRI SCHOOL & COLLEGE OF NURSING**
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
**B.Sc. Nursing**
Eligibility: +2 Science with Biology (PCB)
**ANM & GNM**
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245





# ଜୟ ଜଗନ୍ନାଥ



# ନବରୂପରେ ଅଠରନଳା

କଳା ଓ ସ୍ଥାପତ୍ୟ ସହ ଧର୍ମ ଓ ଆଧ୍ୟାତ୍ମିକତାର ପୁଣ୍ୟଭୂମି ପୁରୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେଭୂମି ଶ୍ରୀକ୍ଷେତ୍ର ପୁରୀ କହେ ସର୍ବଧର୍ମ ସମନ୍ୱୟର କଥା। ମହାପ୍ରସାଦ ଏଠି ଭକ୍ତର ମନ ମୋହେ। ଏହି ଧାମରେ ଭୂମି ଓ ଭୂମା ଏକାଠି ହୋଇଥାଆନ୍ତି, ଭକ୍ତ ଓ ଭଗବାନ ଏକାକାର ହୋଇ ଯାଆନ୍ତି। ବଡ଼ଠାକୁରଙ୍କ କରୁଣା ଟିକକ ପାଇଁ ଧାଇଁ ଆସେ ଭକ୍ତ। ଭଗବାନଙ୍କ ସ୍ୱରୂପରେ ଭକ୍ତ ଓ ଭକ୍ତର ସ୍ନେହରେ ଭଗବାନ ବାନ୍ଧି ହୋଇ ଯାଆନ୍ତି। ଭକ୍ତ ଭଗବାନଙ୍କୁ ଯେମିତି ଦେଖିବାକୁ ଚାହେଁ, ଭଗବାନ ସେମିତି ରୂପରେ ଦେଖା ଦିଅନ୍ତି। ଭକ୍ତ-ଭଗବାନଙ୍କ ପ୍ରେମର ଅନେକ ସେତୁ ମଧ୍ୟରୁ ଗୋଟିଏ ହେଉଛି ଅଠରନଳା। ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକାରିତା ସହ ବଦଳିଛି ଅଠରନଳାର ରୂପ। ଏକ ସମୟରେ ପରିତ୍ୟକ୍ତ ଜୀର୍ଣ୍ଣଶୀର୍ଣ୍ଣ ଅଠରନଳା ଏବେ ନୂଆ ରୂପରେ ସଜେଇ ହୋଇଛି। ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କୁ ବିମୋହିତ କରୁଛି।

ଭୁଜେ ସବ୍ୟେ ବେଣୁଂ ଶିରସି ଶିଖିପିଚ୍ଛଂ କଟିତଟେ
ଦୁକୂଳଂ ନେତ୍ରାନ୍ତେ ସହଚର କଟାକ୍ଷଂ ବିଦଧତେ
ସଦା ଶ୍ରୀମଦ୍‌ବୃନ୍ଦା ବନବସତି ଲୀଳାପରିଚୟୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ॥



## ନବୀନଙ୍କ ତ୍ୟାଗ ପାଇଁ ଚମକୁଛି 'ସ୍ୱର୍ଗଦ୍ୱାର'

### ବାପାଙ୍କ ସମାଧି ହଟାଇବାକୁ ଦେଇଥିଲେ ନିର୍ଦ୍ଦେଶ



'ସ୍ୱର୍ଗତ ବିଜୁ ପଟ୍ଟନାୟକ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଅଛନ୍ତି। ସ୍ୱର୍ଗଦ୍ୱାରରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ଯାହା କିଛି ଥିଲା, ସେସବୁ ରାଜ୍ୟବାସୀଙ୍କ ସେବାରେ ଲାଗିବ'। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଦୁଇପଦ କଥା ହିଁ ସ୍ପଷ୍ଟ କରିସାରିଛି ଓଡ଼ିଶାବାସୀଙ୍କୁ ସେ କେଉଁ ସ୍ତରରେ ରଖିଛନ୍ତି। ଓଡ଼ିଆଙ୍କ ପ୍ରତି ତାଙ୍କ ଭଲ ପାଇବା କେତେ? ଏବେ ବି ପ୍ରତ୍ୟେକ ଓଡ଼ିଆଙ୍କ କାନରେ ଗୁଞ୍ଜରିତ ହେଉଛି ୨୦୧୯ ନଭେମ୍ବର ୧ ତାରିଖର ସେହି ଐତିହାସିକ ଘୋଷଣା। ଯେଉଁଦିନ ସ୍ୱର୍ଗଦ୍ୱାରରୁ ନିଜ ବାପାଙ୍କ ସମାଧି ହଟାଇବା ଲାଗି ଘୋଷଣା କରିଥିଲେ, ସାଢ଼େ ୪ କୋଟି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟବାସୀଙ୍କ ସେବା ପାଇଁ ବାପାଙ୍କ ସମାଧି ହଟାଇବାକୁ ଜଣେ ପୁଅ ଯେ ଛାତିକୁ ଦମ୍ଭ କରି ଏମିତି ଘୋଷଣା କରିପାରେ, ତା' ହୁଏତ ଏ ଜାତି ପାଇଁ ସ୍ମରଣୀୟ ହୋଇ ରହିବ ଚିରଦିନକୁ। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ତ୍ୟାଗ ପାଇଁ ଆଜି ଚମକୁଛି ଓଡ଼ିଆଙ୍କ ସ୍ୱର୍ଗପ୍ରାପ୍ତିର ଏକମାତ୍ର ବିଶ୍ୱାସ ସ୍ୱର୍ଗଦ୍ୱାର।

ସ୍ୱର୍ଗଦ୍ୱାର ପ୍ରତିଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ। ବିଶ୍ୱାସ

**୧୨.୦୭ କୋଟି ଟଙ୍କାରେ ପୁନରୁଦ୍ଧାର**

**ସ୍ୱର୍ଗଦ୍ୱାର ସେବାକେନ୍ଦ୍ରରେ ୧୦୦ରୁ ଊର୍ଦ୍ଧ୍ୱ ସେବକ**

**୨୪ ଘଣ୍ଟିଆ ଦାହ ସଂସ୍କାର ପାଇଁ ୨୮ ପିଣ୍ଡି**

**ଶ୍ରାଦ୍ଧ, ବିଶ୍ରାମ ନିମନ୍ତେ ସ୍ୱତନ୍ତ୍ର ପିଣ୍ଡି ବ୍ୟବସ୍ଥା**

**କାଠ ଯୋଗାଉଛି ବନ୍ୟ ଉନ୍ନୟନ ନିଗମ**

ରହିଛି, ଏଠାରେ ମୃତଦେହ ଦାହ କଲେ ଆତ୍ମା ମୋକ୍ଷପ୍ରାପ୍ତି ହୁଏ। ଏହି ବିଶ୍ୱାସକୁ ନେଇ ଦୈନିକ ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ମୃତଦେହ ସତ୍କାର ପାଇଁ ଆସିଥାଏ। ଦିନ ଥିଲା, ଏଠାରେ ଅନେକ ସମସ୍ୟା ସମ୍ପର୍କୀୟଙ୍କୁ ଅସ୍ତବ୍ୟସ୍ତ କରିପକାଏ। ଅନେକ ତିକ୍ତ ଅନୁଭୂତି ସାଉଁଟି ଫେରିଥାନ୍ତି ମୃତକଙ୍କ ପରିଜନମାନେ। ତେଣୁ ଏହାର ସ୍ଥାୟୀ ସମାଧାନ ସହିତ ସ୍ୱର୍ଗଦ୍ୱାରର ସବୁକିଛି ସୁବ୍ୟବସ୍ଥିତ କରିବା ଲାଗି ନିଷ୍ପତ୍ତି ନେଇଥିଲେ ରାଜ୍ୟ ସରକାର। ୨୦୧୯ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଗଦ୍ୱାରର ଉନ୍ନତୀକରଣ ଲାଗି ୫ କୋଟି ଟଙ୍କା ମଞ୍ଜୁର କରିବା ସହ ଓଡ଼ିଶାବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧି ପୀଠ ହଟାଇ ଦିଆଯିବା ଲାଗି ଘୋଷଣା କରିଥିଲେ। ଏହାପରେ ଏ ଦିଗରେ ତତ୍ପରତା ପ୍ରକାଶ ପାଇ ସ୍ୱର୍ଗଦ୍ୱାର ପରିସରରେ ଥିବା ପୁରୁଣା ନିର୍ମାଣ ଉଚ୍ଛେଦ କରାଯାଇ ଆରମ୍ଭ ହୋଇଥିଲା ନବୀକରଣ କାମ। ତେଲଙ୍ଗାନାର ମହାପ୍ରସ୍ଥାନମ୍ ଢାଞ୍ଚାରେ ଏହାର ଆଧୁନିକୀକରଣ କାମ କରିଥିଲା ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି)। ତେବେ ବିଭିନ୍ନ ସମୟରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆସି କାମର ତଦାରଖ କରିବା ସହ ଶୀଘ୍ର ଶେଷ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍‌ର ଭୟାବହତା ଭିତରେ ୨୦୨୧ ମେ' ୧୫ ତାରିଖରେ ସ୍ୱର୍ଗଦ୍ୱାରର ନୂତନ ପିଣ୍ଡିରେ ଆରମ୍ଭ ହୋଇଥିଲା ଶବଦାହ।

ଏଠାରେ ଏକକାଳୀନ ୨୮ଟି ମୃତଦେହ ଦାହ କରାଯାଉଛି। ସ୍ୱର୍ଗଦ୍ୱାରର ନବୀକରଣ ଫଳରେ ଏଣିକି ଦାହ କାର୍ଯ୍ୟରେ ବର୍ଷା, ପବନ କି ଶୀତ କାକର ଆଉ ବାଧକ ସାଜୁନି। ସେହିପରି ସମ୍ପର୍କୀୟମାନେ ଯେପରି ସୁବିଧାରେ ଦାହ କାର୍ଯ୍ୟ କରିପାରିବେ, ସେଥିଲାଗି ସିଙ୍ଗିଲ ୱିଣ୍ଡୋ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକ୍ଷମ ହୋଇଛି। ଗୋଟିଏ କାଉଣ୍ଟରରୁ ଟୋକନ୍ ନେଇ ପରିଜନମାନେ ସମସ୍ତ ପ୍ରକାର ସୁବିଧା ପାଉଛନ୍ତି। ଏଠାରେ ଏକ ଏହି ପ୍ରଶାସନିକ ଗୃହ ମଧ୍ୟ ନିର୍ମାଣ ହୋଇଛି। ଏହା ମଧ୍ୟରେ ପଥଶ୍ରାଦ୍ଧ ଗୃହ, ଶାଦ୍ଧ ସାମଗ୍ରୀ ଦୋକାନ, କାଫେଟେରିଆ, କାଠ ଗୋଦାମ ଆଦି ରହିଛି। ସେହିପରି ଶବଦାହ ପାଇଁ ଆସୁଥିବା ସମ୍ପର୍କୀୟଙ୍କ ଲାଗି ବିଶ୍ରାମ ଗୃହ, ଶୌଚାଳୟ, ପାନୀୟ ଜଳ, ପରିଶ୍ରାଗାର ଆଦିର ସୁବିଧା ହୋଇଛି। ସ୍ୱର୍ଗଦ୍ୱାର ପାଚେରି, ଶଙ୍କରାଚାର୍ଯ୍ୟ ମଠର ମନ୍ଦିର, ଶିବ (ଭୂତନାଥ) ମନ୍ଦିର ଓ ଶ୍ମଶାନ କାଳୀ ମନ୍ଦିରର ସୌନ୍ଦର୍ଯ୍ୟୀକରଣ ଏବେ ସ୍ୱର୍ଗଦ୍ୱାରକୁ ଦେଇଛି ନୂଆରୂପ।

ଗତବର୍ଷ ନଭେମ୍ବର ୧୩ ତାରିଖରେ ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ସ୍ୱର୍ଗଦ୍ୱାର ନୂତନ ୱେବସାଇଟ ସ୍ୱର୍ଗଦ୍ୱାର ଡଟ୍ କମ୍ (https://www.swargadwara.com) ଲୋକାର୍ପଣ କରାଯାଇଛି। ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ତିନୋଟି ଭାଷାରେ ଏହି ୱେବ୍‌ସାଇଟରେ ତଥ୍ୟ ଉପଲବ୍ଧ ରହିଥିବା ବେଳେ ଏହା ମାଧ୍ୟମରେ ସ୍ୱର୍ଗଦ୍ୱାରରେ ସଂସ୍କାର ସେବା ନେବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଆବଶ୍ୟକ ତଥ୍ୟ ଅପ୍‌ଲୋଡ୍ କରି ବିଭିନ୍ନ ସେବା ପାଇପାରୁଛନ୍ତି।



ସ୍ୱର୍ଗଦ୍ୱାରର ପୂର୍ବ ସ୍ଥିତି

## ଇତିହାସର ମୂକସାକ୍ଷୀ

ଇତିହାସର ମୂକସାକ୍ଷୀ, ଶ୍ରୀମନ୍ଦିର ଆକ୍ରମଣର ମୂକ ଦର୍ଶକ, ଶ୍ରଦ୍ଧାଳୁଙ୍କ ଭକ୍ତିରେ ଜଡ଼ସଡ଼ ଅଠରନଳାର ଇତିହାସ ବେଶ ପୁରୁଣା। ୧୩ ଶହ ଶତାବ୍ଦୀରେ ନିର୍ମିତ ହୋଇଥିବା ଏହି ସେତୁ କେବଳ ଯୋଗାଯୋଗର ଅଂଶବିଶେଷ ହୋଇ ରହିନାହିଁ, ଭକ୍ତଙ୍କ ଶ୍ରଦ୍ଧାର ସାକ୍ଷୀ ବି ପାଲଟିଛି। ଗଙ୍ଗବଂଶର ରାଜା ଭାନୁଦେବଙ୍କ ଦ୍ୱାରା ନିର୍ମିତ ଏହି ପ୍ରାଚୀନ ସେତୁର ରକ୍ଷଣାବେକ୍ଷଣର ଦାୟିତ୍ୱ ନେଇଛନ୍ତି ରାଜ୍ୟ ସରକାର। ଶ୍ରୀକ୍ଷେତ୍ର ବିକାଶ ଓ ପରିକ୍ରମା ପ୍ରକଳ୍ପରେ ଏହା ଅବିଚ୍ଛେଦ୍ୟ ଅଂଶ ପାଲଟିଛି। ପ୍ରାଚୀନ ଐତିହ୍ୟର ଏହି ମୁକସାକ୍ଷୀ ଏବେ ଆଧୁନିକ ଓଡ଼ିଶାର ନବ ପରିକଳ୍ପନାର ଅଂଶବିଶେଷରେ ପରିଣତ ହୋଇଛି।

## ନାମକରଣର କାହାଣୀ

ଅଠରନଳା ହେଉଛି ଗୋଟିଏ ଓଡିଆ ଶବ୍ଦ। ନିର୍ମାଣ ହୋଇଥିବା ଏହି ସେତୁଟିରେ ଜଳପ୍ରବାହ ନିମନ୍ତେ ୧୮ଟି ମାର୍ଗ ରହିଥିବାରୁ ଏହାକୁ ଅଠରନଳା ଭାବରେ ଅନେକ ଅଭିହିତ କରିଥାଆନ୍ତି। ଏହି ସେତୁଠାରୁ ପ୍ରାୟ ଗୋଟିଏ କିଲୋମିଟର ଦୂରରେ ଅଠରନଳା ବୋଲି ଗୋଟିଏ ଗାଁ ଅଛି। ଗୋପୀନାଥପୁର ପଞ୍ଚାୟତର ଏହି ଗାଁ ନାମରେ ଅଠରନଳାର ନାମକରଣ ହୋଇଥାଇପାରେ ବୋଲି କେହିକେହି କହନ୍ତି। ମାତ୍ର କିଛି ସ୍ଥାନୀୟ ବାସିନ୍ଦା ଅଠରନଳାକୁ ହୁଲୁହୁଳିଆ ପୋଲ ବୋଲି ବି କହିଥାଆନ୍ତି। ଜଳସ୍ରୋତ ନିଷ୍କାସନ ବେଳେ ହୁଳହୁଳି ପରି ଶବ୍ଦ ଶୁଣାଯାଉଥିବା ଯୋଗୁଁ ଏହାକୁ ହୁଲୁହୁଳିଆ ପୋଲ ବୋଲି କୁହାଯାଉଥିବା ସ୍ଥାନୀୟ ଜନସାଧାରଣ ମତ ଦେଇଥାଆନ୍ତି।

## ଅଠରନଳାର ସୌନ୍ଦର୍ଯ୍ୟକରଣ

ରାଜ୍ୟ ସରକାରଙ୍କ ଅଦମ୍ୟ ଇଚ୍ଛାଶକ୍ତି ଓ ବିକାଶର ନୂଆ ବିନ୍ଧାଣୀ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ୟମରେ ଆଜି ଅଠରନଳା ନୂଆ ରୂପରେ ଝଲମଲ। ଅବଢ଼ା ଯୋଜନାରେ ଏହାକୁ ସାମିଲ କରାଯାଇ ନୂଆରୂପ ଓ ରଙ୍ଗ ଦିଆଯାଇଛି। 'ନବୀନ ଓଡ଼ିଶା ମୋ ଓଡ଼ିଶା' ମାଧ୍ୟମରେ ବିକାଶର ନୂଆ ଅଧ୍ୟାୟରେ ସାମିଲ ହୋଇଛି ରାଜା ଭାନୁଦେବଙ୍କ ନିର୍ମିତ ଓ ଓଡ଼ିଶା ଐତିହ୍ୟର ଅନ୍ୟତମ ସ୍ମାରକୀ ଅଠରନଳା। ଡ୍ରେନ ବ୍ୟବସ୍ଥାକୁ ରୂପାନ୍ତରିତ କରାଯାଇ ଏକ ନବ ନିର୍ମାଣର ପଥେ ଅଛନ୍ତି ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ଶ୍ରୀ ମନ୍ଦିର ପ୍ରଶାସନ। ଏଠାରେ ଥିବା ଗରୁଡଙ୍କ ମୂର୍ତ୍ତି ପ୍ରଣାମ ମୁଦ୍ରାରେ ଶ୍ରୀ ଜଗନ୍ନାଥଙ୍କ କରୁଣା ଭିକ୍ଷା କରୁଛନ୍ତି। ତାହା ସହ ସକାଳ ସମୟରେ ବଗ ବଗୁଲୀଙ୍କ କଥା ପର୍ଯ୍ୟଟକଙ୍କ ମନରେ ସକାଳୁ ସକାଳୁ ନୂଆ ଉନ୍ମାଦନା ଭରୁଛି। ସନ୍ଧ୍ୟାରେ ଶ୍ରଦ୍ଧାଳୁ ଆସି ଏଠାରେ ଥିବା ପାର୍କରେ ବସୁଛନ୍ତି ଓ ଗପୁଛନ୍ତି। ମୂଷା ନଦୀର ଶଯ୍ୟାର ମଧ୍ୟ ପୁନରୁଦ୍ଧାର ହେଉଛି। ଏଥିପାଇଁ ରାଜ୍ୟ ସରକାର ପ୍ରାୟ ୧୦.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

## ଜଳରେ ଜଗନ୍ନାଥ

ଅଠରନଳାରେ ଲେଖାହୋଇଛି ଜୟ ଜଗନ୍ନାଥ। ଆଉ ଏହାର ପ୍ରତିଛବି ଆଲୁଅ ମାଧ୍ୟମରେ ପାଣି ମଧ୍ୟରେ ଝଲସୁଛି। ଏ ଦୃଶ୍ୟକୁ ଦେଖିଲେ ପର୍ଯ୍ୟଟକ ଓ ଭକ୍ତ ଅଟକିଯାଉଛନ୍ତି। ସେମାନଙ୍କ ଆଖି ନୀଳାଚଳନାଥଙ୍କ ପାଇଁ ଲୋତକରେ ଭରିଯାଉଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବା ଏଏସ୍ଆଇ ପୋଲ ଉପରେ ଯାନବାହାନ ଯିବାଆସିବାକୁ ବାରଣ କରିଛି। ପୁରୀ ଜିଲ୍ଲା ପ୍ରଶାସନ ଏହା ଉପରେ ଯାନାବାହନ ନ ଯିବା ପାଇଁ ୨୪ ଡିସେମ୍ବର ୨୦୨୦ ମସିହାରେ ଏକ ଆଦେଶ ପାରିତ କରିଥିଲେ। ସେଥିପାଇଁ ତାହାର ବିକଳ୍ପ ରାସ୍ତାରେ ପର୍ଯ୍ୟଟକ ଯିବା ଆସିବା କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ସୁନ୍ଦର ଭାବରେ କାମ କରିଛି। ଏହାର ସୌନ୍ଦର୍ଯ୍ୟକରଣ କାମ ତ୍ୱରାନ୍ୱିତ ଭାବରେ ଆଗେଇ ଚାଲିଛି। ମୂଷା ନଦୀ ପାର ହେବାକୁ ତିଆରି ହୋଇଥିଲା ଅଠରନଳା ପୋଲ। ବାଟମଙ୍ଗଳା ଦର୍ଶନ ପରେ ଶ୍ରୀକ୍ଷେତ୍ରକୁ ପ୍ରବେଶ ପଥର ଡାହାଣ ପଟେ ଅଠରନଳା ଥିବାବେଳେ ବାମପାର୍ଶ୍ୱରେ ମୂଷା ନଦୀ ଉପରେ ମହାପ୍ରଭୁଙ୍କ ବାହନ ଗରୁଡ଼ଙ୍କ ସୁଉଚ୍ଚ ମୂର୍ତ୍ତି ନମସ୍କାର ମୁଦ୍ରାରେ ଦଣ୍ଡାୟମାନ ଅଛନ୍ତି।







## ଅଠରନଳାର ଜନଶ୍ରୁତି

*ଜନଶ୍ରୁତି କହେ, ଯେଉଁ ଦମ୍ପତି ଅଠରଟି ସନ୍ତାନ ଜନ୍ମ ଦିଅନ୍ତି, ସେମାନେ ଆଉ ଥରେ ପରସ୍ପରକୁ ବାହା ହୁଅନ୍ତି। ବିବାହ ପରେ ଶ୍ରୀକ୍ଷେତ୍ରକୁ ଯାଇ ଅଠରନଳାରେ ପଶନ୍ତି। 'ଗର୍ଭନଷ୍ଟ ମହାପାପ'ରେ ବିଶ୍ୱାସ ରଖି ସେମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏ ଜନ୍ମରେ ଆଉ ସନ୍ତାନ ନ ଦେଇ ସଂସାର ବୋଝରୁ ମୁକ୍ତି ଦେବାକୁ ପ୍ରାର୍ଥନା କରନ୍ତି।*

## ମାହାତ୍ମ୍ୟ

ଅଠରନଳା ପୁରୀର ଉତ୍ତର ଦିଗରେ ଅବସ୍ଥିତ। ବାସ୍ତୁଶାସ୍ତ୍ର ଅନୁସାରେ ଉତ୍ତରଦିଗ ହେଉଛି ଧନର ସ୍ୱାମୀ କୁବେରଙ୍କ ବାସସ୍ଥାନ। ଏହି ସେତୁ ଉପରୁ ମହାପ୍ରଭୁଙ୍କ ପତିତପାବନ ବାନା ଦୃଶ୍ୟମାନ ହୋଇଥାଏ। ଏଥିପାଇଁ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରିବା ପାଇଁ ଅଠରନଳାକୁ ଅନେକ ଉପଯୁକ୍ତ ମଣିଥାଆନ୍ତି। ଆହୁରି ମଧ୍ୟ ୧୮ ଅଙ୍କ ଗୋଟିଏ ଶୁଭ ଅଙ୍କ ଅଟେ। ପବିତ୍ର ଗ୍ରନ୍ଥ ଶ୍ରୀମଦ୍‌ଭଗବତ ଗୀତାରେ ୧୮ ଅଧ୍ୟାୟ ଅଛି। ସେହିଭଳି ପବିତ୍ରଗ୍ରନ୍ଥ ମହାଭାରତରେ ଓ ପୁରାଣରେ ମଧ୍ୟ ୧୮ ଅଧ୍ୟାୟ ବିଶିଷ୍ଟ। ସେହିଭଳି ଶ୍ରୀ ଜଗନ୍ନାଥଙ୍କ ବୀଜ ମନ୍ତ୍ର ମଧ୍ୟ ୧୮ ଅକ୍ଷର ବିଶିଷ୍ଟ। ଓଡିଆ ଭାଗବତ ନବାକ୍ଷରୀ ଛାନ୍ଦ ବି ୧୮ ଅକ୍ଷରର ପ୍ରତିନିଧିତ୍ୱ କରେ। ଉପରୋକ୍ତ କାରଣ ପାଇଁ ହିଁ ଅଠରନଳା ଆଗନ୍ତୁକଙ୍କ ପାଇଁ ବେଶ୍ ମହତ୍ତ୍ୱ ରଖିଥାଏ। ଅଠରନଳାର ପରିକ୍ରମା କଲେ ପବିତ୍ର ପୁସ୍ତକ ପରି ପୁଣ୍ୟପ୍ରାପ୍ତି ହୁଏ ବୋଲି କଥିତ ଅଛି।

## ବୈଶିଷ୍ଟ୍ୟ

ଓଡ଼ିଶାର ପ୍ରାଚୀନ ଐତିହ୍ୟର ପ୍ରତିଫଳନ ହେଉଛି ଅଠରନଳା। ୨୮୦ଫୁଟ ଦୈର୍ଘ୍ୟ, ୩୬ ଫୁଟ ପ୍ରସ୍ଥ ଓ ୨୦.୬୬ ଫୁଟ ଉଚ୍ଚତାବିଶିଷ୍ଟ ଅଠରନଳା ସେତୁ ଲେଟେରାଇଟ୍ ପଥରରରେ ଓ ଚୂନରେ ନିର୍ମିତ ଏହି ସେତୁ ପ୍ରାୟ ୧୦୦୦ ବର୍ଷର ପୁରୁଣା। ତଥାପି ଏହି ସେତୁ ଏବେ ବି ଅକ୍ଷୁର୍ଣ୍ଣ। ମଧ୍ୟକାଳୀନ ବାସ୍ତୁଶିଳ୍ପ ଆଧାରରେ ଏହାର ସ୍ତମ୍ଭ ଓ ମେହେରାବ ନିର୍ମାଣ ହୋଇଛି। ଓଡ଼ିଶାର ଯାଜପୁର ଓ ଅନ୍ୟାନ୍ୟ ସ୍ଥାନରେ ମନ୍ଦିର ଓ ସେତୁ ନିର୍ମାଣରେ ଏହି ଢ଼ାଞ୍ଚା ବ୍ୟବହାର ହୋଇଥିବା ଦେଖାଯାଏ।

## ଧାର୍ମିକ-ବୈଜ୍ଞାନିକ ଦୃଷ୍ଟିକୋଣରୁ ଶ୍ରୀଜଗନ୍ନାଥ

'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ଦ୍ୱାରା ଅଦ୍ୟାବଧି ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଯେତେଗୁଡ଼ିଏ ପୁସ୍ତକ ସଂପାଦିତ ହୋଇଛି, ତାହାର ଶୀର୍ଷକ ରହିଛି- ଅପ୍ରମେୟ, ଅପ୍ରତିମ, ଅବର୍ଣ୍ଣନୀୟ, ଅନାଥନାଥ, ଅନନ୍ୟ, ଅତୁଳନୀୟ, ଅନ୍ତର୍ଯ୍ୟାମୀ, ଅନିର୍ବଚନୀୟ, ଅନୁପମ, ଅକଳ୍ପନୀୟ, ଅନନ୍ତ, ଅସୀମ, ଅନ୍ତରଙ୍ଗ, ଅମୃତମୟ ଇତ୍ୟାଦି। ଏହି ଦୃଷ୍ଟିରୁ ଶ୍ରୀଜଗନ୍ନାଥ, ଅଚିନ୍ତନୀୟ ନ ହେବେ ଅବା କିପରି? ଯେଉଁ ଦୃଷ୍ଟିକୋଣରୁ ଗବେଷଣା ଅବା ବିଚାର କରାଗଲେ ମଧ୍ୟ ଶ୍ରୀଜଗନ୍ନାଥ ଆମ ଚିନ୍ତା ପରିଧିର ବାହାରେ। ସ୍ୱ ସ୍ୱ ଦୃଷ୍ଟିକୋଣରୁ 'ସେ' ହିଁ ଠିକ୍। 'ସେ' ହିଁ ଭୁଲ୍। କାରଣ ସେ ହିଁ ସେ ଏବଂ ସେ ହିଁ ସର୍ବତ୍ର। ଅତଏବ ମାନସିକତା, ଚିନ୍ତାଧାରା ଓ ବ୍ୟବହାରରେ ସମତ୍ୱର ଭାବ ହିଁ ଆଣିଦେଇଥାଏ 'ଶ୍ରୀଜଗନ୍ନାଥ'ର ଭାବ।

ପୁରୁଷୋତ୍ତମ ଚେତନା ହିଁ ବ୍ରହ୍ମ ଚେତନା। ଏଠାରେ ପର-ବ୍ରହ୍ମକୁ ଆମେ ଭକ୍ତି ଜ୍ଞାନ କରିଥାଉ ଏବଂ ସେହି ଉପାସନା ମାଧ୍ୟମରେ ପରଂବ୍ରହ୍ମ ଅବା ପ୍ରଣବରୂପୀ ପ୍ରତୀକକୁ ହିଁ ପ୍ରକୃତରେ ଉପାସନା କରିଥାଉ। ତେଣୁ ପ୍ରଣବର ଉପାସନା ହିଁ ଶ୍ରୀଜଗନ୍ନାଥଙ୍କର ଉପାସନା; ପ୍ରକୃତ ବ୍ରହ୍ମର ଉପାସନା; ଉଭୟ ସଗୁଣ-ଉପାସକ ଓ ନିର୍ଗୁଣ ଉପାସକଙ୍କ ଆରାଧ୍ୟ ଦେବତା।

'ଅନ୍ତର୍ବେଦୀ' ଉପରେ (ରତ୍ନ ସିଂହାସନ) ଯାହାଙ୍କୁ ଆମେ ପ୍ରଣିପାତ କରିବାକୁ ଯାଇଥାଉ, ତାହାର ନାମ- 'ଚିନ୍ତାମଣି ଗୃହ'। କେନୋପନିଷଦରେ ଯାହାଙ୍କୁ ଦର୍ଶାଯାଇଛି- ସତ, ଚିଦ୍, ଆନନ୍ଦ ସ୍ୱରୂପ। ଏହା ବ୍ରହ୍ମର ଗୁଣାବଳୀ ପ୍ରଦର୍ଶନ କରିବା ପରିବର୍ତ୍ତେ, ବ୍ରହ୍ମର ପ୍ରକୃତି ସାରବସ୍ତୁ ଅବା ତତ୍ତ୍ୱଟିର ପ୍ରତୀକ- ଶ୍ରୀଜଗନ୍ନାଥ।

'ଶ୍ରୀଜଗନ୍ନାଥ' ଯେ ଅଚିନ୍ତନୀୟ- ଏ କଥା କେବଳ ଆମର ଚିନ୍ତା ନୁହେଁ। ଆମ ପୂର୍ବରୁ ଅନେକେ, ଏହାକୁ ବିଭିନ୍ନ ଢଙ୍ଗରେ ପ୍ରକାଶ କରିଯାଇଛନ୍ତି। ସନ୍ଥ ତୁଳସୀ ଦାସ ବ୍ରହ୍ମଙ୍କ ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ ଦର୍ଶାଇଛନ୍ତି:-

'ବିନୁ ପଦ ଚଲଇ ଶୁନଇ ବିନୁ କାନା, କର ବିନୁ କରମ କରଇ ବିଧି ନାନା।'

ଗୀତାରେ ମଧ୍ୟ ଦର୍ଶାଯାଇଛି-

'ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି, ତସ୍ୟାହଂ ନ ପ୍ରଣଶ୍ୟାମି, ସ ଚ ମେନ ପ୍ରଣତଶ୍ୟତି।'

ଶାସ୍ତ୍ରରେ ବର୍ଣ୍ଣନା ରହିଛି-

'ସର୍ବଂ ରହସ୍ୟଂ ପୁରୁଷୋତ୍ତମସ୍ୟ ଦେବା ନ ଜାନନ୍ତି କୁତଃ ମନୁଷ୍ୟା।'

'ଶ୍ରୀଜଗନ୍ନାଥ' ଯେ ଅଚିନ୍ତନୀୟ, ଏହାର ସରଳ ଉତ୍ତରଟି ହେଉଛି- 'ସେ' ହେଉଛନ୍ତି, ଭାବର ଠାକୁର।

ପରଂବ୍ରହ୍ମ ହେଉଛନ୍ତି ଏକାଧାରାରେ ବ୍ରହ୍ମା-ଶିବ-ଇନ୍ଦ୍ରାଦି ଦେବଗଣ- ବିଷ୍ଣୁ-ପ୍ରାଣୀ-କାଳ-ଅଗ୍ନି-ଚନ୍ଦ୍ର ସ୍ୱରୂପ। ଅନ୍ୟ ଅର୍ଥରେ ପ୍ରକାଶ କଲେ ସେହି ପରମେଶ୍ୱର ହିଁ ଏକ, ଯାହାଙ୍କୁ ଶୈବମାନେ ଶିବ ରୂପରେ, ବେଦାନ୍ତିମାନେ ବ୍ରହ୍ମରୂପରେ, ବୌଦ୍ଧମାନେ ବୁଦ୍ଧ ରୂପରେ, ନ୍ୟାୟବାଦୀମାନେ କର୍ତ୍ତାରୂପରେ, ଜୈନମାନେ ଅର୍ହତ ରୂପରେ ଏବଂ ମୀମାଂସକମାନେ କର୍ମ ରୂପରେ ଆରାଧନା କରି ଥାଆନ୍ତି।

ଯାହାଙ୍କୁ ଶ୍ରୀଚୈତନ୍ୟ କୃଷ୍ଣରୂପରେ ଉପାସନା କରିଛନ୍ତି, ସେହି କୃଷ୍ଣଙ୍କୁ ହିଁ ଶ୍ରୀ ଜୟଦେବ ମୀନ, କଚ୍ଛପ, ବରାହ, ନରସିଂହ, ବାମନ, ପର୍ଶୁରାମ, ରାମ, ବଳଭଦ୍ର, ବୌଦ୍ଧ ଓ କଲ୍‌କୀ ରୂପରେ ବର୍ଣ୍ଣନା କରିଛନ୍ତି। ଅଧିକ ଅନୁଶୀଳନ କଲେ ଗୀତା ଦଶମ ଅଧ୍ୟାୟ, ବିଭୂତି ଯୋଗ ମଧ୍ୟ ଦର୍ଶାଇଥାଏ। ମୁଁ ବିଷ୍ଣୁ, ମୁଁ ଶଙ୍କର, ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ମରୁତ, ବରୁଣ, କୁବେର ଆଦି ସମସ୍ତ ଦେବଙ୍କ ସ୍ୱରୂପ ଅଟେ।

ଏହାତ ହେଲା 'ଅଚିନ୍ତନୀୟ' ସମ୍ପର୍କରେ ଧାର୍ମିକ ମନୋଭାବ। ବୈଜ୍ଞାନିକ ଦୃଷ୍ଟିକୋଣରୁ କିଛି ଅନୁଶୀଳନ କରାଯାଇପାରେ। 'ଶ୍ରୀଜଗନ୍ନାଥ'ଙ୍କୁ ସମ୍ୟକ ଦର୍ଶନ କଲାପରେ ଆମେ ଅନୁଭବ କରିଥାଉ- ଅତିନ୍ଦ୍ରୀୟ ଅନୁଭୂତି (ମିଷ୍ଟିକାଲ ଏକ୍ସପେରିଏନ୍‌ସ); ସତ୍-ଚିତ୍-ଆନନ୍ଦ (ବ୍ଲିଶ); ନିର୍ବିକଳ୍ପ ସମାଧି ସଦୃଶ (ପିକ୍ ଏକ୍ସପେରିଏନ୍‌ସ); ଅପରୋକ୍ଷାନୁଭୂତି (ଓ୍ୱାନ୍‌ନେସ୍); ସମଦର୍ଶୀତା (ଇଉନିଟିଭ୍ କନସସ୍‌ନେସ୍); ଅହଂନାଶ (ଟ୍ରାନ୍ସଡେନ୍ସ ଅଫ୍ ସେଲ୍ଫ); ଲୀଳା (କସ୍‌ମିକ୍ ସେଲଫ୍ ହ୍ୟୁମର ଆଣ୍ଡ ପ୍ଲେ ଫୁଲନେସ୍); 'ବିରାଟ'ର ଅନୁଭବ (ଅଲ୍‌ଟିମେଟ ମିନିଙ୍ଗ) ଏବଂ ଭୂମୈବ ସୁଖମ୍ (ମେଟା-ନିଡ୍‌ସ) ଇତ୍ୟାଦି।

ଅର୍ଥାତ ଜୀବ ସ୍ତରରୁ ଶିବ ସ୍ତରକୁ ଯିବାକୁ ହେଲେ; ସମ୍ପୂର୍ଣ୍ଣ ଶାନ୍ତି ଅବା ଆନନ୍ଦ ଲାଭ କରିବାକୁ ହେଲେ ଅବା ଆତ୍ମ-ସଂଯମ ସହକାରେ ଚୈତନ୍ୟର ଜାଗରଣ ନିମିତ୍ତ ସେହି ପୁରୁଷୋତ୍ତମ ହିଁ ସର୍ବକାଳୀନ ପ୍ରତୀକ। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରିବାର ବିଧିଟିଏ ରହିଛି। ଏହାର କାରଣଟି ହେଉଛି ବେଢ଼ା ପରିକ୍ରମା ଜନିତ ଚିନ୍ତା ଓ ଭାବଧାରାମାନ ମନରେ ସଞ୍ଚରି ଯାଇଥାଏ, ସେ ସମସ୍ତ ହେଲା- ଭଲ-ମନ୍ଦ; ଜୀବନ-ମୃତ୍ୟୁ; ଶାଶ୍ୱତ-ଚିରନ୍ତନ, ଜ୍ଞାତ-ଅଜ୍ଞାତ, ମୀମାଂସା-ଜ୍ଞାନ ମୀମାଂସା, ବୋଧି-ଅନୁଭୂତି ଏବଂ ଅର୍ଥ-ଉପ୍ତତ୍ତି / ଦୂରତିକ୍ରମ ଇତ୍ୟାଦି।

'ମୁଁ' ହିଁ 'ମୁଁ' ଏବଂ ସେହି 'ମୁଁ' ହିଁ ସର୍ବତ୍ର। ଜଗନ୍ନାଥ-ଚେତନାର ଏହି ଭାବଟିକୁ ଅଧୁନା ପାଶ୍ଚାତ୍ୟ ଦେଶର ମନୀଷୀଗଣ ଉପଲବ୍ଧି କଲେଣି। ମନର ଚେତନ, ଅବଚେତନ ଅବସ୍ଥା ଏବଂ ଅତିନ୍ଦ୍ରୀୟ ଅନୁଭୂତି ସମ୍ପର୍କରେ ତଥା ଆଧ୍ୟାତ୍ମିକ ଚିନ୍ତନରେ ଉନ୍ନତି ସମ୍ପର୍କରେ ପାଶ୍ଚାତ୍ୟ ଜଗତରେ ବିଭିନ୍ନ ପାଠ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରିସାରିଲେଣି।

ଶ୍ରୀଜଗନ୍ନାଥ ଚେତନା ଏବଂ ଭାବ ସମ୍ପର୍କରେ ଚିନ୍ତା କଲେ ଜଣାଯାଇଥାଏ, 'ଆଧ୍ୟାତ୍ମିକ- ସଂଶ୍ଳେଷଣ' ଭାବଟି ଏଥିସହିତ ଜଡ଼ିତ। କାରଣ ଏଇଟି 'ସ୍ପିରିଚୋଟେକ୍‌ନିକାଲ୍' ଭାବଧାରାଠାରୁ ଉନ୍ନତ ମାନର। ଏହାକୁ ମଧ୍ୟ ପାଶ୍ଚାତ୍ୟ ଦେଶରେ ଏବେ ଗୁରୁତ୍ୱ ଆରୋପ କରାଗଲାଣି।

ଉପସଂହାରରେ କେବଳ ଏତିକି ଯଥେଷ୍ଟ, ଶ୍ରୀଜଗନ୍ନାଥ ହେଉଛନ୍ତି ଅଚିନ୍ତନୀୟ 'ନ ତତ୍ର ଚକ୍ଷୁର୍ଗଚ୍ଛତି ନ ବାକ୍ ଗଚ୍ଛତି ନୋ ମନଃ।' କାରଣ, 'ସେ' ତର୍କାତୀତ- ନୀରବତା ଏବଂ ପ୍ରଶାନ୍ତି। ଅତଃପର ମନେ ହୋଇଥାଏ ଦେହ ସତ୍ତା ଚେତନା ଏବଂ ଦେହର ଅମର ଉପାସନା (ସ୍ପିରିଟ୍) ସମ୍ପର୍କରେ, ଅତିବଡ଼ୀ ଜଗନ୍ନାଥ ଦାସ, ଓଡ଼ିଆ ଭାଗବତର ଆରମ୍ଭରେ କହିଛନ୍ତି- 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'। ('ଅଚିନ୍ତନୀୟ ଶ୍ରୀଜଗନ୍ନାଥ' ପୁସ୍ତକରୁ ଉଦ୍ଧୃତ।)

ଡ. ଶ୍ରୀଶ ପଟେଲ
ଭୁବନେଶ୍ୱର, ୮୦୧୮୪୯୦୦୩୬

ଓଡ଼ିଶା ଏବଂ ଓଡ଼ିଆ ସଂସ୍କୃତିର ସୀମା ସରହଦ ଡେଇଁ ବିଶ୍ୱ ଚେତନାରେ ରୂପାନ୍ତରିତ ହୋଇଛି ଶ୍ରୀଜଗନ୍ନାଥ ଚେତନା। ଓଡ଼ିଆଙ୍କ ଶ୍ରଦ୍ଧା, ସ୍ନେହ ଓ ଆଦରର କାଳିଆ ଠାକୁର ବିଶ୍ୱ ଦେବତାରେ ପରିଣତ ହୋଇଛନ୍ତି। ଓଡ଼ିଶା ବାହାରେ ଦେଶର ଅନ୍ୟାନ୍ୟ ରାଜ୍ୟ, ଭାରତ ବାହାରେ ବିଶ୍ୱର ବିଭିନ୍ନ ଦେଶରେ ରଥଯାତ୍ରା ଆୟୋଜନ ଏହାକୁ ପ୍ରମାଣିତ କରିଛି। ବିଶ୍ୱ ଭ୍ରାତୃତ୍ୱ ଓ ସର୍ବଧର୍ମ ସମନ୍ୱୟର କାଳିଆ ଠାକୁର ବାହୁ ପ୍ରସାରୀ ସମସ୍ତଙ୍କୁ ଆପଣାର କରିନେଇଛି। ଜଗନ୍ନାଥ ଆଉ କେବଳ ଓଡ଼ିଆ ବା ହିନ୍ଦୁଙ୍କର ନୁହନ୍ତି, ସମଗ୍ର ଜଗତର ନାଥ, ବିଶ୍ୱଜନଙ୍କ ଠାକୁର, ବିଶ୍ୱନିୟନ୍ତା। ସେ ସତ୍ୟ, ଶାଶ୍ୱତ, ପୁରୁଷୋତ୍ତମ। ସବୁଚେତନାର ଶେଷ ଯେଉଁଠି, ସେଇଠି ଜଗନ୍ନାଥ ଚେତନାର ଅୟମାରମ୍ଭ। ଏବେ ତାଙ୍କ କ୍ଷେତ୍ରରେ ଚାଲିଛି ନବକଳେବର ପର୍ବ। ରୂପାନ୍ତରଣ ସ୍ପର୍ଶରେ ଶ୍ରୀକ୍ଷେତ୍ର ଏବେ ଅପରୂପ ଶୋଭାରେ ଶୋଭା ପାଉଛି। ଆସନ୍ତା ୧୭ ତାରିଖରେ 'ପରିକ୍ରମା'ର ଲୋକାର୍ପଣ ଅବସରରେ 'ସକାଳ'ର ୩ୟ ସ୍ୱତନ୍ତ୍ର ଉପସ୍ଥାପନା...

# ଅଠରନଳା ଓ ସ୍ୱର୍ଗଦ୍ୱାର

# ବାଟ ପାଉନି ଓଡ଼ିଆ ସିନେଶିଳ୍ପ

**ଭୁବନେଶ୍ୱର,୭।୧(ସ୍ମିତା ସାହୁ):** ବୁଡ଼ିଯିବ କି ଓଡ଼ିଆ ସିନେମା ଶିଳ୍ପ..? ପ୍ରଯୋଜକ ଭୟ କରୁଛନ୍ତି କି ସିନେମା କରିବାକୁ..? ଆଗାମୀ ପିଢ଼ି ଦେଖିପାରିବେ ତ ଓଡ଼ିଆ ସିନେମା..? ଏଭଳି ଅନେକ ପ୍ରଶ୍ନ ଏବେ ଓଡ଼ିଆ ସିନେପ୍ରେମୀଙ୍କ ମନକୁ ଆନ୍ଦୋଳିତ କରୁଛି। ଏସବୁ ପ୍ରଶ୍ନ ଏଇଥିପାଇଁ ଉଠୁଛି ଯେ ଓଡ଼ିଆ ସିନେମାର ଆର୍ଥିକ ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ପ୍ରଯୋଜକମାନେ ସିନେମା ନିର୍ମାଣ କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଲାଭ ତ ଦୂରର କଥା, ସେମାନେ ମୂଳଧନ ବି ଫେରି ପାଉନାହାନ୍ତି। କେବଳ ଗତବର୍ଷକୁ ଉଦାହରଣକୁ ନେଲେ ସ୍ଥିତି କେତେ ସଂଗିନ୍, ତାହା ଜଣାପଡ଼ିଯାଉଛି। ମିଳିଥିବା ସୂଚନାନୁଯାୟୀ, ବର୍ଷ ୨୦୨୩ରେ ପ୍ରଥମଥର ପାଇଁ ସର୍ବାଧିକ ୪୯ଟି ସିନେମା ହଲ୍‌ରେ ରିଲିଜ୍ ହୋଇଥିଲା। ଏ ବାବଦକୁ ପ୍ରଯୋଜକମାନେ ୩୭ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ମାତ୍ର ୫ କୋଟି ଟଙ୍କା ହଲ୍‌ରୁ ଆୟ କରିଛନ୍ତି। ସିଧାସଳଖ ୩୨ କୋଟିର କ୍ଷତି ସହିଛନ୍ତି ପ୍ରଯୋଜକ। ଏହା କେବଳ ସେମାନଙ୍କୁ ନିରାଶ କରିନି, ବରଂ ଓଡ଼ିଆ ସିନେମାର ଭାଗ୍ୟ ଯେ ଅନ୍ଧାର ଭିତରକୁ ଠେଲି ହୋଇଯାଉଛି, ତାହା ପ୍ରକାରାନ୍ତରେ ପ୍ରମାଣିତ ହୋଇଛି।

ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ ୨୦୨୩ରେ ଓଡ଼ିଆ ସିନେମା ମୁକ୍ତିଲାଭ କରିବାରେ ରେକର୍ଡ ସୃଷ୍ଟି କରିଥିଲା। ଏହି ବର୍ଷ ମୋଟ୍ ୮୨ଟି ଓଡ଼ିଆ ସିନେମା ମୁକ୍ତିଲାଭ କରିଥିଲା। ସେଥିମଧ୍ୟରୁ ସିନେମା ହଲ୍‌ରେ ୪୯ଟି ଏବଂ



- ୨୦୨୩ରେ ସର୍ବାଧିକ ୪୯ଟି ଓଡ଼ିଆ ସିନେମା
- ଖର୍ଚ୍ଚ ୩୭ କୋଟି, ଆୟ ୫ କୋଟି
- ଆର୍ଥିକ ସ୍ଥିତି ସଂଗିନ୍
- କାଳ ସାଜିଛି 'କଳାକାର କଲି' ଓ 'ଡବିଂ'

ଟିଭି ପ୍ରିମିୟର୍‌ରେ ୩୩ଟି ମୁକ୍ତିଲାଭ କରିଥିଲା। ପୂର୍ବରୁ କେବେ ବର୍ଷକରେ ଏତେ ସଂଖ୍ୟକ ଓଡ଼ିଆ ସିନେମା ଆସି ନଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ହେଲା, ଏହି ବର୍ଷ ସିନେମାରୁ ହୋଇଥିବା ଆୟ ବି ସର୍ବନିମ୍ନ ବୋଲି କୁହାଯାଉଛି।

ଗତବର୍ଷ ବଡ଼ ବଜେଟ୍‌ର ସିନେମା ଥିଲା ମାଇଣ୍ଡଗେମ୍। ସେହିପରି 'ମାଲ୍ୟଗିରି' ନିର୍ମାଣରେ ମଧ୍ୟ ପ୍ରାୟ ଅଢ଼େଇ କୋଟି ଟଙ୍କା ବ୍ୟୟ ହୋଇଥିଲା। କିନ୍ତୁ ୪୯ଟି ସିନେମାରୁ ପ୍ରଯୋଜକମାନେ ହଲ୍ ରିଟର୍ଣ୍ଣ ପାଇଛନ୍ତି ମାତ୍ର ୫କୋଟି ଟଙ୍କା। ରିପୋର୍ଟ ଅନୁସାରେ, ଡେଲିଭରି ବଏ, ପୁଷ୍କରା, ମାଇଁ ସ୍ୱିଟ୍ ହାଉସ୍ ୱାଇଫ୍ ସିନେମା ନିର୍ମାଣରେ ଖର୍ଚ୍ଚ ହୋଇଥିବା ଅର୍ଥ ପ୍ରଯୋଜକମାନେ ଫେରି ପାଇଥିବା ବେଳେ ଅନ୍ୟ ୪୬ଟି ସିନେମାରେ ଲାଭ ତ ଦୂରର କଥା, ମୂଳ ବି ପାଇନାହାନ୍ତି। ଏଥିମଧ୍ୟରୁ ବହୁ ଚଳଚ୍ଚିତ୍ରରେ ଅନୁଭବ ମହାନ୍ତି, ବାବୁସାନ୍, ଅରିନ୍ଦମ, ସବ୍ୟସାଚୀ ପ୍ରମୁଖ ଆଗଧାଡ଼ିର କଳାକାରମାନେ ଅଭିନୟ କରିଥିଲେ। କିନ୍ତୁ କେଉଁ କାରଣରୁ ସିନେମାଗୁଡ଼ିକ ବକ୍ସ ଅଫିସରେ ପଛରେ ପଡ଼ିଗଲା, ତାହାକୁ ନେଇ ସିନେମା ବିଶେଷଜ୍ଞମାନେ ମାନସମନ୍ଥନ ଚଳାଇଛନ୍ତି। ଏହା ପଛରେ ଦୁଇଟି ପ୍ରମୁଖ କାରଣ ଦାୟୀ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଗୋଟିଏ ହେଲା, ଓଲିଉଡ୍ କଲି ଓ ଅନ୍ୟଟି 'ଡବିଂ'।

ନିକଟରେ ଓଡ଼ିଆ କଳାକାରଙ୍କ କଲିରେ ଫସିଥିଲା 'ପ୍ରଥା', 'ମାଇଣ୍ଡଗେମ୍', ଓ 'ରାମ'। ଏହି ସବୁ ଚଳଚ୍ଚିତ୍ରଗୁଡ଼ିକରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ବି ପ୍ରଯୋଜକ, କଳାକାର ଓ ଦର୍ଶକ ନିରାଶ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ ଓ ହଲ୍ ସଂଖ୍ୟା ବୃଦ୍ଧି କରାଯିବାକୁ ସରକାରଙ୍କୁ କଳାକାରମାନେ ନିବେଦନ କରୁଛନ୍ତି। ହେଲେ ଅନ୍ୟପଟେ ଯେଉଁ ସିନେମା ହଲ୍‌ରେ ରିଲିଜ୍ ହେଉଛି, ତାହା ଅତି ବେଶିରେ ୨ରୁ ୩ ସପ୍ତାହ ପର୍ଯ୍ୟନ୍ତ ଚାଲି ପାରୁଛି।

ଏ ସଂପର୍କରେ ଓଡ଼ିଶା ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ କହିଛନ୍ତି ଯେ ପଛକୁ ପଛ ୪ରୁ ୫ଟି ଭଲ ସିନେମା ପରଦାକୁ ଆସିବା ଉଚିତ। ଏହାଦ୍ୱାରା ଦର୍ଶକଙ୍କ ଓଡ଼ିଆ ସିନେମା ପ୍ରତି ଯେଉଁ ମୋହ ତୁଟି ଯାଉଛି, ତାହା ଆଉ ହେବନି। ଦର୍ଶକ ହଲ୍‌ମୁହାଁ ହେବେ। କିନ୍ତୁ ଓଡ଼ିଆ ସିନେମା ଜଗତରେ ସେପରି ହେଉନି। କିଛି ଭଲ ଚଳଚ୍ଚିତ୍ର ଆସୁଛି, ଲୋକେ ବି ତାକୁ ପସନ୍ଦ କରୁଛନ୍ତି। କିନ୍ତୁ ତା' ପରେ ମୁକ୍ତିଲାଭ କରୁଥିବା ଚଳଚ୍ଚିତ୍ରଗୁଡ଼ିକ ଲୋକଙ୍କ ମନ ଜିଣିପାରୁନାହିଁ। ବଡ଼ କଥା ହେଉଛି, ପ୍ରତିଯୋଗିତା ଭାବେ ସିନେମା କରାଯାଇ କେବଳ ସଂଖ୍ୟା ବଢ଼ାଯାଉଛି କିନ୍ତୁ ସିନେମା ଶିଳ୍ପର ଉନ୍ନତି ହେଉ ନାହିଁ। ସେହିପରି କଳାକାରଙ୍କ ପାରିବାରିକ କଲିରେ ବି ଅନେକ ସିନେମା ଫସି ଯାଇଛି। ଏହାର ପରିଣାମସ୍ୱରୂପ ସିନେମାର ବଜେଟ୍ ଏବେ 'କୋଟି' ବଦଳରେ 'ଲକ୍ଷ'ରେ ପହଞ୍ଚିଗଲାଣି।

## ସତ ହେଲା ଜିଲ୍ଲାବାସୀଙ୍କ ସ୍ୱପ୍ନ
# ମାଲକାନଗିରିରେ ବିମାନ ଅବତରଣ

### ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ କରିବେ ଲୋକାର୍ପଣ

**ମାଲକାନଗିରି,୭ ।୧(ସମିସ):** ମାଲକାନଗିରି ଜିଲ୍ଲାବାସୀଙ୍କ ସ୍ୱପ୍ନ ପୂରଣ କରିଛନ୍ତି ରାଜ୍ୟ ସରକାର। ମାଲକାନଗିରି ନୂତନ ବିମାନବନ୍ଦରରେ ରବିବାର ପରୀକ୍ଷାମୂଳକ ଭାବେ ୭ଟି ସିଟ୍ ବିଶିଷ୍ଟ ଏକ ବିମାନ ସଫଳତାର ସହ ପ୍ରଥମଥର ଲାଗି ଅବତରଣ କରିଛି। ଖୁବ୍‌ଶୀଘ୍ର ଏହା ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବ ବୋଲି ଜଣାପଡ଼ିଛି। ଅବତରଣ କରିଥିବା ଏହି



ବିମାନ ଭି.ଟି ୧୦୦ ମଡେଲର ବୋଲି ଜଣାପଡ଼ିଛି। ଅବତରଣ ବେଳେ ଦମକଳବାହିନୀ ପକ୍ଷରୁ ଜଳ ସିଞ୍ଚନ କରାଯାଇ ବିମାନକୁ ସ୍ୱାଗତ କରାଯାଇଥିଲା। ଜଣେ ପାଇଲଟ୍ ଓ ୨ଜଣ କ୍ରିଓ-ମେମ୍ବର ବିମାନକୁ ଅବତରଣ କରାଇବା ପରେ ପାଇଲଟ୍ ରନ୍-ୱେ ତନଖି କରି ବିମାନବନ୍ଦରର ପ୍ରସ୍ତୁତି ନେଇ ଖୁବ୍ ପ୍ରଶଂସା କରିଛନ୍ତି। ଆସନ୍ତା ୯ ତାରିଖରେ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିମାନରେ ପହଞ୍ଚି ଏହାକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ୧୦୬ ହେକ୍ଟର୍ ଜମିରେ ନିର୍ମିତ ଏହି ବିମାନବନ୍ଦରରେ ୧୬୨୦ ମିଟର ଲମ୍ବର ରନ୍-ୱେ ପ୍ରସ୍ତୁତି ହୋଇଥିବା ବେଳେ ଏଥିପାଇଁ ୨୯ କୋଟି ଟଙ୍କା ବିନିଯୋଗ କରାଯାଇଛି।

ଆଜିର ଏହି ଟ୍ରାଏଲ-ରନ୍ ବେଳେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲ୍ଲାପାଳ ବିଶାଳ ସିଂ, ବରିଷ୍ଠ ବିଜେଡି ନେତା ପ୍ରକାଶ ମହାନ୍ତି, କୋରାପୁଟର ବରିଷ୍ଠ ବିଜେଡି ନେତା ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ମାଲକାନଗିରି ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମି, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଏବଂ ତ୍ରିନାଥ ମାଝୀଙ୍କ ସମେତ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ନୂଆ ବିମାନବନ୍ଦରରେ ବିମାନ ଅବତରଣ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକଙ୍କ ଭିଡ଼ ଦେଖାଦେଇଥିଲା। ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ପୂର୍ତ୍ତ ଗୃହ ନିର୍ମାଣ ବିଭାଗର ମୁଖ୍ୟଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା କରିଥିଲେ।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

## ଅବଶିଷ୍ଟାଂଶ...

### 'ଅକ୍ଷର ଭୂମି'ରେ...

ଭାଷା ସମ୍ମିଳନୀକୁ ଚିର ସ୍ମରଣୀୟ କରିବା ପାଇଁ ଅକ୍ଷରଭୂମିକୁ ଖଣ୍ଡେଲାଇଟ ପଥରରେ ନିର୍ମାଣ କରାଯାଉଛି। କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ଅକ୍ଷରଭୂମି ଓଡ଼ିଶାର କଳା ଓ ଭାସ୍କର୍ଯ୍ୟର ଅପୂର୍ବ ନିଦର୍ଶନ ହେବ। ଓଡ଼ିଶାର ମହାନ୍ ଐତିହ୍ୟ ଓ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗୌରବ ବିଷୟରେ ଅକ୍ଷରଭୂମି ଭବିଷ୍ୟତ ପିଢିକୁ ପ୍ରେରଣା ଦେବା ସହ ଓଡ଼ିଆ ଭାଷାର ଅସ୍ମିତାର ପରିଚୟ ହେବ ବୋଲି ଶ୍ରୀ ପାଣ୍ଡିଆନ୍ ଆଶା ବ୍ୟକ୍ତ କରିଛନ୍ତି। ସେହିପରି ଏଠାରେ ଏକ ଓଡ଼ିଆ ଭାଷା ସମ୍ମିଳନୀ ସ୍ମୃତି ତୋରଣ ନିର୍ମାଣ କରାଯାଉଛି। ଭବିଷ୍ୟତ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଅଧିକ ଖୋଲା ସ୍ଥାନ ରଖିବା ଏବଂ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବେସମେଣ୍ଟରେ ପାର୍କିଂ ବ୍ୟବସ୍ଥାର ବିକାଶ ପାଇଁ ସ୍ଥିର କରାଯାଇଛି। ଏହାର ପରିସରରେ ଅଧିକ ଗଛ ଲଗାଇ ଏହାକୁ ସବୁଜ ସୁନ୍ଦର କରିବା ତଥା ବିଭିନ୍ନ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିବା ପାଇଁ ୫-ଟି ଅଧ୍ୟକ୍ଷ ଏହି ଅବସରରେ ପରାମର୍ଶ ଦେଇଛନ୍ତି।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଓଡ଼ିଆ ଭାଷାର ପ୍ରାଚୀନତା ଓ ଭବିଷ୍ୟତର ପ୍ରାସଙ୍ଗିକତା ଉପରେ ଅନେକ ତର୍କ ଭିତ୍ତିକ ଓ ମାର୍ମିକ ତର୍ଜମା କରାଯିବ। ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଷାବିତ୍‌ମାନେ ଯୋଗ ଦେଇ ଓଡ଼ିଆ ଭାଷାର ସର୍ବ ପ୍ରାଚୀନତା ଓ ନିରନ୍ତରତା ସମ୍ପର୍କରେ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିବେ। ଏଥିରେ ଓଡ଼ିଆ ଭାଷାର ଉତ୍ପତ୍ତି, କ୍ରମବିକାଶ ଓ ଲୋକପ୍ରିୟତା ଉପରେ ସାରଗର୍ଭକ ଆଲୋଚନା ହେବ। ଏଥିସହ ବିଶେଷଜ୍ଞମାନେ ଏହି ତିନି ଦିନରେ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରୂପରେଖ ଉପରେ ତଥ୍ୟ ଭିତ୍ତିକ ଉପସ୍ଥାପନ କରିବେ। ସମ୍ମିଳନୀରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ତଥା ସବୁ ବର୍ଗର ବ୍ୟକ୍ତିବିଶେଷ ଯୋଗଦେବେ। ଓଡ଼ିଆ ଭାଷାକୁ ଅଭିନବ ଭାବେ କିଭଳି ଶିଖି ହେବ, ଏ ସମ୍ପର୍କରେ ମଧ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ସମ୍ମିଳନୀ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଷାଭାଷୀ ମାନଙ୍କ ନିମନ୍ତେ ଏକ ନୂତନ ଆଲୋକବର୍ତ୍ତିକା ହେବ। ଏହା ପୂର୍ବରୁ '୫-ଟି' ସଚିବ ବିଭିନ୍ନ କାର୍ଯ୍ୟକୁ ଟିକିନିଖି ଅନୁଧ୍ୟାନ କରିଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗ ସହଯୋଗରେ କରାଯାଉଥିବା ନିର୍ମାଣ କାର୍ଯ୍ୟକୁ ଧାର୍ଯ୍ୟ ସମୟ ପୂର୍ବରୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୫-ଟି ଅଧ୍ୟକ୍ଷଙ୍କ ଏହି ଗସ୍ତ ସମୟରେ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ନିର୍ଦ୍ଦେଶକ ଦିଲୀପ ରାଉତରାୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ତୁରୁଙ୍ଗାରେ ପହଞ୍ଚିଲା...

ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ସଂପୃକ୍ତ ଅଞ୍ଚଳର ୩୧,୩୧୮ ହେକ୍ଟର ଜମି ଜଳସେଚିତ ହୋଇପାରିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜେପୁର ଓ ସୋହେଲା ବ୍ଲକ ହୀରାକୁଦ କେନାଲରୁ ଭୂପୃଷ୍ଠର ଉପରେ ଥିବାରୁ ସାଧାରଣ କେନାଲରେ ଏହି ଅଞ୍ଚଳକୁ ଜଳଯୋଗାଣ ଏକ ପ୍ରକାର ଅସମ୍ଭବ ଥିଲା । ତେବେ ନୂତନ ଜ୍ଞାନକୌଶଳର ପ୍ରୟୋଗ କରାଯାଇ ହୀରାକୁଦ ଜଳଭଣ୍ଡାରରୁ ପାଣି ଅଣାଯାଇ ଏହାକୁ ଉପରକୁ ଉଠାଯିବା ପରେ ପୁଣି ଏହାକୁ ତଳକୁ ଅଣାଯାଇ ପମ୍ପ ଜରିଆରେ ଏହି ଉପର ଅଞ୍ଚଳଗୁଡିକୁ ଜଳ ଯୋଗାଣ କରାଯିବ । ଏଥିପାଇଁ ହୀରାକୁଦ ଜିରୋ ଆର୍‌ଡି, ତୁରୁଙ୍ଗା ଏବଂ କନାପାଲିରେ ତିନୋଟି ପମ୍ପ ହାଉସ ସ୍ଥାପନ କରାଯାଇଥିବା ସହ ପାଖପ।ଖି ୩୧୧୩୨ କିଲୋମିଟର ପାଇପ ଲାଇନ ବିଛାଯାଇଛି । ରବିବାର ହୀରାକୁଦ ଜିରୋ ଆର୍‌ଡିରୁ ୬ଟି ପମ୍ପ ମାଧ୍ୟମରେ ପାଣି ଯୋଗାଣ ଆରମ୍ଭ ହୋଇଛି। ଏହି ଉଠାଜଳସେଚନ ପ୍ରକଳ୍ପ ହେବା ପୂର୍ବରୁ ଏହି ଅଞ୍ଚଳରେ କେବଳ ଖରିଫ ଫସଲ ହେଉଥିବା ବେଳେ ଏହା ବର୍ଷା ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା । ତେବେ ବର୍ତ୍ତମାନ ବର୍ଷା ନ ହେଲେ ମଧ୍ୟ ଖରିଫ ସମୟରେ ଏବଂ ସମ୍ପୂର୍ଣ୍ଣ ଭାବରେ ଏଠାରେ ରବି ଚାଷ ମଧ୍ୟ ହୋଇପାରିବ । ପୂର୍ବରୁ କେନାଲ ଅଞ୍ଚଳମାନଙ୍କରେ ଅଧିକାଂଶ ଜମିରେ ଧାନ ଚାଷ ହେଉଥିବା ବେଳେ ଏହି ପ୍ରକଳ୍ପରେ ପାଇପ ଯୋଗେ ଜଳଯୋଗାଣ ହେଉଥିବାରୁ ଅନ୍ୟ ଫସଲ ଗୁଡିକ ମଧ୍ୟ ହୋଇପାରିବ । ବିଜେପୁର ଓ ସୋହେଲା ବ୍ଲକରେ ବର୍ତ୍ତମାନ ପରିବା ଚାଷ ବହୁ ପରିମାଣରେ ବୃଦ୍ଧି ପାଇଛି। ଏହା ସହ ଅଣଜଳସେଚିତ ଅଞ୍ଚଳରେ ଚାଷୀମାନେ ତୈଳବୀଜ, ଡାଲିଜାତୀୟ ଫସଲ ଚାଷ କରି ଆର୍‌ଥିକ ସ୍ୱାବଲମ୍ବୀ ହୋଇପାରିବେ । ଏଣୁ ଗଙ୍ଗାଧର ଉଠା ଜଳସେଚନ ପ୍ରକଳ୍ପ ଏହି ଅଞ୍ଚଳ ପାଇଁ ଏକ ବରଦାନ ସଦୃଶ ହୋଇପାରିବ।

### ତ୍ୱରିତ ହେଉଛି...

ଅତିଥି ଅଭ୍ୟାଗତଙ୍କ ପାଇଁ ପ୍ରସ୍ତୁତ ହେବାକୁ ଥିବା ମଞ୍ଚ ସ୍ଥଳ ବୁଲିବା ସହିତ ଆନନ୍ଦ ବଜାର ଆବର୍ଜନା ପକାଯାଉଥିବା ସ୍ଥାନ ଦେଖିଥିଲେ । ଏହାପରେ ମନ୍ଦିର ଚତୁଃପାଶ୍ୱର୍ ବୁଲି ପ୍ରକଳ୍ପ କାମ ସମ୍ପର୍କରେ ବିଭାଗୀୟ ଅଧିକରୀଙ୍କ ସହ ଆଲୋଚନା କରିଥିଲେ । ପଶ୍ଚିମ ଦ୍ୱାର, ଦକ୍ଷିଣ ଦ୍ୱାର ଦେଇ ଏମାର ମଠ ପାଖକୁ ବାହାରିଥିଲେ। ସେଠାରେ ଛିଡା ହୋଇ ଧ୍ୱଜା ପରିବର୍ତ୍ତନ ଦେଖିବା ପରେ ଲଙ୍ଗୁଳି ମଠ ପାଖକୁ ଆସି ପ୍ରକଳ୍ପ ଶିଳାନ୍ୟାସ ସ୍ଥଳ ଦେଖିଥିଲେ । ଏହାପରେ ଦୋଳବେଦୀ କୋଣ ଦେଇ ମନ୍ଦିର କାର୍ଯ୍ୟାଳୟ ତଳ ମହଲା ସଂଲଗ୍ନ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ଅଭ୍ୟର୍ଥନା କେନ୍ଦ୍ର ବୁଲିଥିଲେ । ସେଠାରେ ଭକ୍ତ, ବରିଷ୍ଠ ନାଗରିକ ଏବଂ ମହିଳାଙ୍କ ପାଇଁ ହେଉଥିବା ବ୍ୟବସ୍ଥାର ଅନୁଧ୍ୟାନ ପରେ ନିର୍ମାଣାଧୀନ ଶ୍ରୀଦାଣ୍ଡରେ ଚାଲି ଚାଲି ଯାଇଥିଲେ । ଶ୍ରୀଦାଣ୍ଡର ସ୍ଥିତି ସମ୍ପର୍କରେ ଅଧିକାରୀଙ୍କୁ ପଚାରି ବୁଝିବା ସହ କାମ ତ୍ୱରାନ୍ୱିତ କରିବା ଲାଗି କହିଥିଲେ '୫-ଟି' ଅଧ୍ୟକ୍ଷ । ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚି ଶ୍ରୀଦାଣ୍ଡରେ ପକାଯାଉଥିବା ପେଭର ବ୍ଲକ କାମ ଦେଖିଥିଲେ । ଏହାପରେ ଜଗନ୍ନାଥ ବଲ୍ଲଭ ପିଲୀଗ୍ରୀମ୍ ସେଣ୍ଟର କାମ ସ୍ଥିତି ଅନୁଧ୍ୟାନ କରିଥିଲେ । ଜଗନ୍ନାଥ ବଲ୍ଲଭ ପରିସରରେ ମହାପ୍ରଭୁଙ୍କ ବେଶ ପ୍ରଦର୍ଶନ ପାଇଁ ଚାଲିଥିବା ପ୍ରସ୍ତୁତି ଏବଂ ସମଗ୍ର ପଞ୍ଚାୟତରୁ ଅରୁଆ ଚାଉଳ ଏବଂ ଗୁଆ ଆଣି ଆସିବାକୁ ଥିବା ଲୋକମାନଙ୍କ ପାଇଁ କ'ଣ ବ୍ୟବସ୍ଥା କରାଯାଉଛି ତାହା ବୁଲି ଦେଖିବା ପରେ ଶ୍ରୀସେତୁ ଦେଇ ଫେରିଯାଇଥିଲେ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ଶ୍ରୀ ଦାସ ।

ଏହି ସମୟରେ ସେମାନଙ୍କ ସହିତ କ୍ରୀଡ଼ା ଓ ଯୁବ ସେବା ସଚିବ ଆର୍. ଭିନୀଲ କ୍ରିଷ୍ଣା, କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂ, ଉପଜିଲ୍ଲାପାଳ ଭବାତରଣ ସାହୁଙ୍କ ସମେତ ଓବିସିସିର ଅଧିକାରୀ ଉପସ୍ଥିତ ଥିଲେ ।

### ୧୫ରୁ ୧୭ ତାରିଖ...

ତା' ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ନୀତି ସବ୍-କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ବର୍ତ୍ତମାନ ପହିଲି ଭୋଗ ଯୋଗୁ ଶ୍ରୀମନ୍ଦିରରେ ନୀତିକାନ୍ତି ସଅଳ ଚାଲିଛି। ୧୫ତାରିଖ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ନୀତିକାନ୍ତି ଚାଲିବାକୁ ପୂର୍ବରୁ ନିର୍ଘଣ୍ଟ ହୋଇଥିଲା। ୧୭ ତାରିଖ ପର୍ଯ୍ୟନ୍ତ ପରିକ୍ରମା ପ୍ରକଳ୍ପ ଯଜ୍ଞ ଚାଲିବାକୁ ଥିବାରୁ ଏହାକୁ ନଜରରେ ରଖି ୧୬, ୧୭ ଓ ୧୮ ତାରିଖ ପାଇଁ ପୂର୍ବ ରାତି ୩ଟାରୁ ଦ୍ୱାରଫିଟା ଯିବା ଲାଗି ନିଷ୍ପତ୍ତି ହୋଇଛି।

ପହିଲି ଭୋଗ ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସେମ୍ବର ୧୬ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୪ପର୍ଯ୍ୟନ୍ତ ଚାଲିବ। ତେଣୁ ପ୍ରତ୍ୟହ ରାତ୍ର ୨ଟାରେ ଦ୍ୱାରଫିଟା ଯିବାକୁ ନୀତି ନିର୍ଘଣ୍ଟ ହୋଇ ଏହି ନୀତିକାନ୍ତି ଚାଲିଛି। ତେବେ ୧୫ ତାରିଖରେ ମକର ସଂକ୍ରାନ୍ତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବରୁ ଛତିଶା ନିଯୋଗ ବୈଠକରେ ନୀତି ନିର୍ଘଣ୍ଟ କରାଯାଇଛି। ଅର୍ଥାତ୍ ମକର ସଂକ୍ରାନ୍ତି ପୂର୍ବରାତି ୩ଟାରୁ ଦ୍ୱାର ଫିଟାଯିବ ବୋଲି ନିଷ୍ପତ୍ତି ହୋଇଛି। ହେଲେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଲାଗି ୧୫, ୧୬ ଓ ୧୭ ତାରିଖ ତିନିଦିନ ଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରତିଦିନ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ସେମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କ ଦର୍ଶନ କରିବେ, ସେଥିଲାଗି ଶନିବାର ନୀତି ସବ୍-କମିଟି ବୈଠକ ବସିଥିଲା। ୧୫ତାରିଖ ମକର ସଂକ୍ରାନ୍ତି ପାଇଁ ଦ୍ୱାରଫିଟା ଏବଂ ରାତ୍ର ପହୁଡ଼ ଲାଗି ଯେଉଁଭଳି ନୀତି ନିର୍ଘଣ୍ଟ ହୋଇଛି, ତାହାକୁ ଆଉ ତିନିଦିନ ଅର୍ଥାତ୍ ୧୬, ୧୭ ଓ ୧୮ ତାରିଖ ପାଇଁ ବଳବତ୍ତର ରଖାଯିବ। ଅର୍ଥାତ୍ ଏହି ତିନିଦିନ ପୂର୍ବ ରାତ୍ର ୩ଟାରେ ଦ୍ୱାର ଫିଟିବ ଏବଂ ସକାଳ ୯ଟା ସୁଦ୍ଧା ଭଅଣ୍ଡ ସାରିବାକୁ ଯୋଜନା ରହିଛି। ଫଳରେ ଅଧିକରୁ ଅଧିକ ସଂଖ୍ୟକ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ସଅଳ ମହାପ୍ରସାଦ ପାଇପାରିବେ ବୋଲି ସ୍ଥିର ହୋଇଛି। ସେହିପରି ବର୍ତ୍ତମାନ ପୁରୀକୁ ପ୍ରତିଦିନ ବହୁ ସଂଖ୍ୟାରେ ଗଙ୍ଗାସାଗର ଯାତ୍ରୀ ଆସୁଛନ୍ତି। ସେମାନେ ମଧ୍ୟ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ, ତା'ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ସମେତ ପରିଚାଳନା କମିଟି ଓ ନୀତି ସବ୍-କମିଟି ସଦସ୍ୟ ଯୋଗ ଦେଇଥିଲେ।

### ସାବାଡ଼ ହେବେ...

ବିବରଣୀ ପ୍ରସ୍ତୁତ କରାଯିବ। ଏହି ତଥ୍ୟ ଆଧାରରେ ପର୍ଯ୍ୟାପ୍ତ ବାଲି ଥିବା ଜିଲ୍ଲାରୁ ବାଲି ଆଣି ବାଲି ଅଭାବ ଜିଲ୍ଲାରେ ଯୋଗାଇ ଦିଆଯାଇପାରିବ। ଜିଲ୍ଲାରେ ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକ ବାଲି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀ ଜିଲ୍ଲାର ଖଣି ଅଧିକାରୀଙ୍କୁ ପ୍ରତି ବର୍ଷ ଫେବୃଆରୀ ମାସ ସୁଦ୍ଧା ରିପୋର୍ଟ ଦେବେ। ସେହି ବର୍ଷ ଏବଂ ପର ବର୍ଷରେ ବିଭାଗୱାରୀ ପ୍ରକଳ୍ପ ପାଇଁ କେତେ ବାଲି ଆବଶ୍ୟକ ତାହାର ବିବରଣୀ ଖଣି ଅଧିକାରୀଙ୍କ ପାଖରେ ରହିବ। ମାର୍ଚ୍ଚ ମାସ ସୁଦ୍ଧା ବାଲିର ଆବଶ୍ୟକତା ଓ ଉପଲବ୍ଧତା ସମ୍ପର୍କରେ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ ହେବ।

ବିଭାଗ ପକ୍ଷରୁ କୁହାଯାଇଛି ଯେ ଜିଲ୍ଲା ସ୍ତରରେ ବାଲିର ଆବଶ୍ୟକତା ଓ ଉପଲବ୍ଧତା ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରିବା ଦାୟିତ୍ୱ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଉପରେ ରହିବ। ଏହି କମିଟିରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ବିଭିନ୍ନ ଇଞ୍ଜିନିୟରିଂ ବିଭାଗର ନିର୍ବାହୀ ଯନ୍ତ୍ରୀ, ସମସ୍ତ ଉପ ଜିଲ୍ଲାପାଳ, ଖଣି ଉପ ନିର୍ଦ୍ଦେଶକ, ଖଣି ଅଧିକାରୀ, ଭୂତତ୍ତ୍ୱ ଉପ ନିର୍ଦ୍ଦେଶକ, ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ଦ୍ୱାରା ମନୋନିତ ଜଣେ ସ୍ୱତନ୍ତ୍ର ନିମନ୍ତ୍ରିତ ବ୍ୟକ୍ତି ସଦସ୍ୟ ରହିବେ। ଖଣି ଅଧିକାରୀଙ୍କ ନେତୃତ୍ୱରେ ଜଳ ସମ୍ପଦ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବନ ବିଭାଗ, ଇସ୍ପାତ ଓ ଖଣି ବିଭାଗ, ଡିସେମ୍ବର-ଜାନୁଆରୀ ମଧ୍ୟରେ ଜିଲ୍ଲାରେ ଥିବା ବାଲି ଉତ୍ସ ଚିହ୍ନଟ କରିବେ। ୫ ହେକ୍ଟରରୁ ଅଧିକ ଅଞ୍ଚଳରେ ଥିବା ନଦୀ ପଠାକୁ ବାଲି ଉତ୍ତୋଳନ ପାଇଁ ଅଗ୍ରାଧିକାର ଦିଆଯିବ। ବେଆଇନ୍ କାରବାର ରୋକିବା ଲାଗି ବୃହତ ବାଲି ଅଞ୍ଚଳକୁ ଭାଗ ଭାଗ କରି ଲିଜ୍ ଦିଆଯାଇ ପାରିବ ନାହିଁ। ଜନବସତି ଅଞ୍ଚଳରେ ବାଲି ଗାଡ଼ିକୁ ପ୍ରବେଶରୁ ରୋକିବା ଲାଗି ରୁଟ୍ ଏବଂ ବାଲି ପରିବହନ କ୍ଷମତା ନିର୍ଦ୍ଧାରଣ କରାଯିବ। ଜିଲ୍ଲା ସର୍ଭେ ରିପୋର୍ଟ (ଡିଏସ୍‌ଆର) ଅନୁଯାୟୀ ବାଲି ଉତ୍ତୋଳନ ଅଞ୍ଚଳକୁ ଖୁଣ୍ଟ ପୋତି ଚିହ୍ନଟ କରାଯିବ। ଏହାପରେ ବାଲି ଉତ୍ତୋଳନ ପାଇଁ ଚିହ୍ନଟ ଅଞ୍ଚଳର ବିବରଣୀ ଓଡ଼ିଶା ସ୍ପେଶ୍ ଆପ୍ଲିକେସନ୍ ସେଣ୍ଟର (ଓଆରଏସ୍‌ଏସି) ଡିଫରେନସିଆଲ ଗ୍ଲୋବାଲ୍ ପୋଜିସନିଂ ସିଷ୍ଟମ୍ (ଡିଜିପିଏସ୍) ଜରିଆରେ ସର୍ଭେ କରିବ।

ଏହା ସହ ପ୍ରତ୍ୟେକ ଖଣି ଲିଜ୍ ପାଇଁ ପରିବେଶ ମଞ୍ଜୁରୀ ବାଧ୍ୟତାମୂଳକ ହେବ। ସେହିପରି ଲିଜ୍‌ଧାରୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ ପରିଚାଳନା ପାଇଁ ଅନୁମତି (ସିଟିଓ) ହାସଲ କରିବେ। ବାଲି ଉତ୍ତୋଳନ କ୍ଷେତ୍ରରେ ଜିଓ ଫେନସିଂ କରାଯାଇ ପ୍ରତି ପିଲର ପାଇଁ ଜିଓ କୋଅର୍ଡିନେଟ୍ ଜାରି କରାଯିବ। ଏହା ଦ୍ୱାରା ଇଲେକ୍ଟ୍ରୋନିକ୍ ସର୍ଭିଲାନ୍ସ କରିବା ସମ୍ଭବ ହେବ। ପିଲର୍ ଏପଟ ସେପଟ ହେବା ମାତ୍ରେ ବିଭାଗ ନିକଟରେ ଖବର ପହଞ୍ଚିଯିବ। ବାଲି ଉତ୍ତୋଳନ ସ୍ଥଳରେ ସମ୍ପୃକ୍ତ ଅଞ୍ଚଳର ବିବରଣୀ ଲିପିବଦ୍ଧ ଥିବା ସାଇନ୍ ବୋର୍ଡ ଲାଗିବ। କେବଳ ଧାର୍ଯ୍ୟ ନିୟମ ଅନୁସାରେ ବାଲି ଉତ୍ତୋଳନ କରାଯିବ। ଧାର୍ଯ୍ୟ ପରିମାଣର ବାଲି ଉତ୍ତୋଳନ ହେବା ପରେ ବିନା ଅନୁମତିରେ ଆଉ ବାଲି ଉତ୍ତୋଳନ ହୋଇପାରିବ ନାହିଁ। ସେହିପରି ବାଲି ଉତ୍ତୋଳନ ପାଇଁ ନଦୀରେ ଜଳ ପ୍ରବାହ ଯେପରି ବାଧାପ୍ରାପ୍ତ ନ ହୁଏ ତାହା ସୁନିଶ୍ଚିତ କରାଯିବ। ଜରୁରୀ ପରିସ୍ଥିତି ପାଇଁ ବାଲି ଉତ୍ତୋଳନ ସ୍ଥାନରେ ଆଶୁ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ହେବ। ଧୂଳି ସମସ୍ୟା ପାଇଁ ପାଣି ଛିଞ୍ଚାଯିବ ଆଉ ଟ୍ରକ୍ ଉପରେ ପାଲ ଘୋଡ଼ାଇବା ଜରୁରୀ ହେବ। ଗୋଟିଏ ଲିଜ୍ ଅବଧି ଶେଷ ହେବା ପରେ ତୁରନ୍ତ ଅନ୍ୟ ଜଣଙ୍କୁ ଲିଜ୍ ଦେବା ଲାଗି ପଦକ୍ଷେପ ନିଆଯିବ। ଫଳରେ ମଝି ସମୟରେ ବେଆଇନ୍ ଚାଲାଣ ଉପରେ ଅଙ୍କୁଶ ଲାଗିବ। ଜିଲ୍ଲାରେ କେଉଁ ଅଞ୍ଚଳରେ ବାଲି ଉତ୍ତୋଳନ ହେଉଛି ତାହାର ବିବରଣୀ ଜିଲ୍ଲା ପ୍ରଶାସନ ଓ ଖଣି ଅଧିକାରୀଙ୍କ ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ ହେବ। ପ୍ରଭାବୀ ଢ଼ଙ୍ଗରେ ବାଲି ଉତ୍ତୋଳନ ଉପରେ ନଜର ରଖିବା ଲାଗି ଆଇ୪ଏମ୍‌ଏସ୍ କୌଶଳ ଅବଲମ୍ବନ କରାଯିବ। ବାଲି ଗାଡ଼ି ପାଇଁ ବାର୍ କୋଡ୍ ଥିବା ଇ-ପାସ୍ ଜାରି କରାଯିବ। ଯଦ୍ଦ୍ୱାରା ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ମୋବାଇଲ୍ ଆପ୍ ମାଧ୍ୟମରେ ଉକ୍ତ ପାସ୍‌ର ବୈଧତା ଯାଞ୍ଚ କରିବେ। ଲଘୁ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଗାଡ଼ିରେ ଜିପିଏସ୍ ଜରୁରୀ ହେବ ଯାହା ଆଇ୪ଏମ୍‌ଏସ୍ ସହିତ ସଂଯୋଗ ହେବ। ରାଜ୍ୟରେ ବାଲି ଉଠାଣ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଖଣି ନିର୍ଦ୍ଦେଶାଳୟରେ ଏକ ପ୍ରୋଜେକ୍ଟ ମୋନିଟରିଂ ୟୁନିଟ୍ ସ୍ଥାପନ କରାଯିବ। ସେହିପରି ବେଆଇନ୍ କାରବାର ଉପରେ ନଜର୍ ରଖିବା ପାଇଁ ରେଞ୍ଜ ପୁଲିସ୍ ମୁଖ୍ୟାଳୟରେ ରାଜ୍ୟସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରାଯିବ। କନିଷ୍ଠ ଖଣି ଅଧିକାରୀମାନେ ନିୟମିତ ଭାବେ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବେ। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପାଳନ ହେଉଛି କି ନାହିଁ ତାହା ତଦାରଖ କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯିବ। ସେହିପରି ପରିବେଶ ଉପରେ ପ୍ରଭାବ ଆକଳନ ପାଇଁ ପ୍ରତି ତିନି ବର୍ଷରେ ଥରେ ଉଚ୍ଚସ୍ତରୀୟ କମିଟି କ୍ଷେତ୍ର ପରିଦର୍ଶନ କରିବ। ଖାଉଟି, ଲିଜ୍‌ଧାରୀ ଓ ଜନତାଙ୍କ ଅଭିଯୋଗ ଗ୍ରହଣ ଓ ସମାଧାନ ପାଇଁ ଜିଲ୍ଲା ଖଣି ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପ୍ରକୋଷ୍ଠ ଖୋଲିବ। ପ୍ରତି ମାସରେ ଖଣି ବିଭାଗକୁ ଜିଲ୍ଲାସ୍ତରୀୟ ରିପୋର୍ଟ ପ୍ରଦାନ କରାଯିବ ବୋଲି ବିଭାଗ ମାର୍ଗଦର୍ଶିକା ଜାରି କରିଛି ।

### ଏକାଠି ବୁଲୁଛନ୍ତି...

ଅଧିବେଶନରେ ସଂସଦରେ ମଧ୍ୟ କଳାବାଘ ପ୍ରସଙ୍ଗରେ ପ୍ରଶ୍ନ ଉଠିଥିଲା। ବର୍ତ୍ତମାନ ଦେଶରେ ଥିବା ସମସ୍ତ ୧୦ଟି କଳାବାଘ ଶିମିଳିପାଳରେ ଥିବା ନେଇ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ସୂଚନା ଦେଇଥିଲେ।

ପୂର୍ବରୁ ଶିମିଳିପାଳ ଜାତୀୟ ଉଦ୍ୟାନରେ ବିରଳ କଳା ମହାବଳ ବାଘ ଠାବ ହୋଇସାରିଛି। ଏହି କଳାବାଘ ପାଇଁ ଜାତୀୟ ସ୍ତରରେ ଶିମିଳିପାଳ ନିଜର ପରିଚୟ ସୃଷ୍ଟି କରିଛି। ଗତ ନଭେମ୍ବରରେ କେନ୍ଦ୍ରୀୟ ଓଡ଼ିଶାରେ ଏକ କଳା କଲରାପତରିଆ ବାଘ ମଧ୍ୟ କ୍ୟାମେରା ଟ୍ରାପ୍‌ରେ ଠାବ ହୋଇଥିଲା। ରାଜ୍ୟରେ ବାରମ୍ବାର କଳା ମହାବଳ ବାଘ ଦେଖାଯାଉଥିବା ଯୋଗୁଁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମଧ୍ୟ ଉତ୍ସାହିତ ହୋଇଛନ୍ତି। କଳାବାଘମାନଙ୍କର 'ଜିନ୍ ପୁଲ୍' ଅଭିନବ ଏବଂ ସେମାନଙ୍କର ସଂଖ୍ୟା ବୃଦ୍ଧି କରିବା ଲାଗି 'ବ୍ୟାଘ୍ର ସଂରକ୍ଷଣ' ଉଦ୍ୟମ ଚଳାଇଛି। ଗୁଣସୂତ୍ରୀୟ ପରିବର୍ତ୍ତନ ହେତୁ ମହାବଳ ବାଘ ଦେହରେ ଏଭଳି ଚମତ୍କାର ଗାଢ଼ କଳା ପଟା ଦାଗ ସୃଷ୍ଟି ହୋଇଥାଏ। ନିର୍ଦ୍ଦିଷ୍ଟ କୌଣସି ଗୁଣସୂତ୍ର ରୂପାନ୍ତରିତ ହୋଇଯିବା ପରେ କଳା ପଟା ଦାଗ ସବୁ ବଢ଼ିବଢ଼ି ବାଘର କମଳା ରଙ୍ଗର ଦେହକୁ ଆବୃତ୍ତ କରି ପକାଇଥାଏ।

କଳାବାଘଙ୍କ ସମ୍ପର୍କରେ ସୂଚନା ଦେଇ ବରିଷ୍ଠ ବନ୍ୟପ୍ରାଣୀ ବିଶେଷଜ୍ଞ ଲାଲା ଏକେ ସିଂ କହିଛନ୍ତି ଯେ ୧୯୯୩ ମସିହାରେ ଶିମିଳିପାଳରେ ପ୍ରଥମଥର ଏହି କଳା ବାଘ ଦେଖାଯାଇଥିଲା। କଳା ଦେହରେ ହଳଦିଆ ପଟା ପଡ଼ିଥିବା ବାଘ ଥିଲା। ଏବେ ଏହି ବାଘଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ବର୍ତ୍ତମାନ ଏହି ବାଘର ପରିବାର ଦେଖାଦେଇଥିବାରୁ ଏହା ଏକ ଭଲ ସଙ୍କେତ ବୋଲି ସେ କହିଛନ୍ତି।

ରାଜ୍ୟରେ ବର୍ତ୍ତମାନ ନିଜସ୍ୱ ବାଘ ଗଣନା ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ବିଭିନ୍ନ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଟ୍ରାପ୍ କ୍ୟାମେରା ଲଗାଯାଇଛି। ଏହି କ୍ୟାମେରା ଯୋଗୁଁ ବିଭିନ୍ନ ସ୍ଥାନରେ ବାଘ ଥିବା ନେଇ ବିଭାଗକୁ ଅଧିକ ସୂଚନା ମିଳୁଥିବା ବେଳେ ଏବେ କଳାବାଘ ସମ୍ପର୍କରେ ମଧ୍ୟ ସୂଚନା ମିଳିଛି। ବାଘ ଗଣନା ପରେ ଚଳିତ ମାସ ଶେଷ ଆଡ଼କୁ ଏହାର ରିପୋର୍ଟ ପ୍ରକାଶ ପାଇବାର ସମ୍ଭାବନା ରହିଛି। ଏହି ସମୟରେ ହିଁ କେଉଁ ଜଙ୍ଗଲରେ କେତ ବାଘ ରହୁଛନ୍ତି ଓ ଏହି କଳାବାଘ ସମ୍ପର୍କରେ ଅଧିକ ତଥ୍ୟ ସାମନାକୁ ଆସିବାର ଆଶା କରାଯାଉଛି।



## ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍
ROURKELA SMART CITY LTD.

ସଂଖ୍ୟା ନଂ RSCL / 26 / 2024 ତା. 05.01.2024

C-2295 : ଏତଦ୍ୱାରା ରାଉରକେଲା ସ୍ମାର୍ଟ ସିଟି ଅଧୀନରେ Gandhi Chowk, Panposh ନିକଟରେ ନୂତନ ଭାବେ ନିର୍ମାଣ କରାଯାଇଥିବା Panposh Market ରେ ଥିବା 29 (Twenty Nine) ଗୋଟି ଦୋକାନ ଗୃହକୁ ଲାଇସେନ୍ସ ସୂତ୍ରରେ ଆବଣ୍ଟନ କରିବା ପାଇଁ ସର୍ବସାଧାରଣଙ୍କ ଠାରୁ ସର୍ବୋଚ୍ଚ ଅମାନତ ଜମା (Security Deposit) ଗ୍ରହଣ ନିମନ୍ତେ ବନ୍ଦ ଲଫାପା ଡାକମୂଲ୍ୟ (Quoted Price) ଆହ୍ୱାନ କରାଯାଉଅଛି। ଦୋକାନ ଗୃହର ଅବସ୍ଥିତି ମାପ ଧାର୍ଯ୍ୟମୂଲ୍ୟ ଓ ଅମାନତ ଜମା ରାଶି ନିମ୍ନ ଭାବେ ଉଲ୍ଲେଖ କରାଗଲା।

| କ୍ର.ନଂ. (Sl. No.) | ଦୋକାନ ନଂ (Shop No.) | ମହଲା (Floors) | ଦୋକାନ ଗୃହର ଆୟତନ ସଂଖ୍ୟା (Dimension) | ବର୍ଗଫୁଟ କ୍ଷେତ୍ର (Area in Sqft.) | ଧାର୍ଯ୍ୟମୂଲ୍ୟ ରାଶି (Base Price) | ଅମାନତ ରାଶି (Security Deposit) | ମାସିକ ଲାଇସେନ୍ସ ଫିସ୍ (Monthly License Fees) |
|---|---|---|---|---|---|---|---|
| 1 | 165 | Second Floor | 15'10" x 8'6" | 135 | 1012500 | 101250 | Rs.7 Per Sqft |
| 2 | 166 | Second Floor | 15'11" x 8'6 1/2" | 136 | 1020000 | 102000 | Rs.7 Per Sqft |
| 3 | 167 | Second Floor | 15'11" x 8'1" | 129 | 967500 | 96750 | Rs.7 Per Sqft |
| 4 | 168 | Second Floor | 16'1" x 8'4" | 134 | 1005000 | 100500 | Rs.7 Per Sqft |
| 5 | 169 | Second Floor | 15'11" x 8'9" | 134 | 1005000 | 100500 | Rs.7 Per Sqft |
| 6 | 170 | Second Floor | 15'10 1/2" x 8'4" | 132 | 990000 | 99000 | Rs.7 Per Sqft |
| 7 | 171 | Second Floor | 15'9 1/2" x 8' 4 1/2" | 132 | 990000 | 99000 | Rs.7 Per Sqft |
| 8 | 172 | Second Floor | 15'11" x 8'4" | 133 | 997500 | 99750 | Rs.7 Per Sqft |
| 9 | 173 | Second Floor | 15'11" x 8'3 1/2" | 132 | 990000 | 99000 | Rs.7 Per Sqft |
| 10 | 174 | Second Floor | 15'8" x 12'1" | 189 | 1417500 | 141750 | Rs.7 Per Sqft |
| 11 | 178 | Second Floor | 15'9" x 9'6" | 149 | 1117500 | 111750 | Rs.7 Per Sqft |
| 12 | 180 | Second Floor | 15'10" x 9'7 1/2" | 152 | 1140000 | 114000 | Rs.7 Per Sqft |
| 13 | 181 | Second Floor | 15'9 1/2" x 9'7" | 151 | 1132500 | 113250 | Rs.7 Per Sqft |
| 14 | 183 | Second Floor | 15'8 1/2" x 9'7" | 151 | 1132500 | 113250 | Rs.7 Per Sqft |
| 15 | 184 | Second Floor | 15'9" x 9'6 1/2" | 150 | 1125000 | 112500 | Rs.7 Per Sqft |
| 16 | 186 | Second Floor | 15'7 1/2" x 12'1" | 189 | 1417500 | 141750 | Rs.7 Per Sqft |
| 17 | 187 | Second Floor | 15'10" x 8'2 1/2" | 130 | 975000 | 97500 | Rs.7 Per Sqft |
| 18 | 188 | Second Floor | 15'10" x 8'3 1/2" | 132 | 990000 | 99000 | Rs.7 Per Sqft |
| 19 | 189 | Second Floor | 15'10" x 8'3 1/2" | 131 | 982500 | 98250 | Rs.7 Per Sqft |
| 20 | 191 | Second Floor | 15'11" x 8'2" | 130 | 975000 | 97500 | Rs.7 Per Sqft |
| 21 | 192 | Second Floor | 15'11" x 8'3" | 132 | 990000 | 99000 | Rs.7 Per Sqft |
| 22 | 196 | Second Floor | 15'3 1/2" x 13'4" | 204 | 1530000 | 153000 | Rs.7 Per Sqft |
| 23 | 197 | Second Floor | 15'10" x 9'6" | 151 | 1132500 | 113250 | Rs.7 Per Sqft |
| 24 | 199 | Second Floor | 15'10" x 9'6 1/2" | 151 | 1132500 | 113250 | Rs.7 Per Sqft |
| 25 | 200 | Second Floor | 15'9" x 9'7 1/2" | 152 | 1140000 | 114000 | Rs.7 Per Sqft |
| 26 | 201 | Second Floor | 15'10" x 9'6" | 150 | 1125000 | 112500 | Rs.7 Per Sqft |
| 27 | 202 | Second Floor | 15'10" x 9' 6 1/2" | 151 | 1132500 | 113250 | Rs.7 Per Sqft |
| 28 | 203 | Second Floor | 15'11" x 9'6" | 151 | 1132500 | 113250 | Rs.7 Per Sqft |
| 29 | 205 | Second Floor | 15'11" x 9'5 1/2" | 150 | 1125000 | 112500 | Rs.7 Per Sqft |

**ସର୍ତ୍ତାବଳୀ :**

୧. ଇଚ୍ଛୁକ ଆବେଦନକାରୀ ତାଙ୍କର ନିଜସ୍ୱ ଡ଼ାକମୂଲ୍ୟ (ଧାର୍ଯ୍ୟ ହୋଇଥିବା ରାଶି ଠାରୁ ଅଧିକ) ରାଉରକେଲା ସ୍ମାର୍ଟ ସିଟିର ସଂଲଗ୍ନ ଫର୍ମାଟରେ ଉଲ୍ଲେଖ କରି ବନ୍ଦ ଲଫାପାରେ CEO, Rourkela Smart City Limited, Uditnagar, Rourkela, PIN - 769012 ଠିକଣାରେ Speed Post / Registered Post ମାଧ୍ୟମରେ ପଠାଇ ପାରବେ। ସମସ୍ତ ଆବେଦନ ପତ୍ର ତା.୩୧.୦୧.୨୦୨୪ ରିଖ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ ପହଁଞ୍ଚିବା ଆବଶ୍ୟକ। ଡ଼ାକ ସମ୍ବନ୍ଧୀୟ ବିଳମ୍ବ ପାଇଁ ରାଉରକେଲା ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ
୨. ଆବେଦନକାରୀ ସ୍ପଷ୍ଟ ଭାବରେ "Panposh Market Shop No. ....................................." ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ ଅଥବା ଏହାକୁ ନାକଚ କରାଯିବ।
୩. ଧାର୍ଯ୍ୟ ମୂଲ୍ୟର ୧୦% ଆବେଦନ, ଦରଖାସ୍ତ ସହ ରାଉରକେଲା ସ୍ଥିତ କୌଣସି ଜାତୀୟ କରଣ ବ୍ୟାଙ୍କର ଡ୍ରାଫ୍ଟ /ବ୍ୟାଙ୍କର୍ ଚେକ୍ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (Rourkela Smart City Limited) ଙ୍କ ନାମରେ ଉଠାଣ ହୋଇଥିବା ଉଚିତ୍। ଉକ୍ତ ପ୍ରାଥମିକ ଜମାରାଶିର ବ୍ୟାଙ୍କର୍ ଚେକ୍ / ଡ୍ରାଫ୍ଟ ସଂଲଗ୍ନ ହୋଇନଥିବା ଡ଼ାକ ମୂଲ୍ୟ ଆବେଦନକୁ ବିଚାରକୁ ନିଆଯିବ ନାହିଁ। ଆବେଦନକାରୀ ନିଜର ଫଟୋ ପରିଚୟ ପତ୍ର (ଆଧାର କାର୍ଡ଼/ ଭୋଟର କାର୍ଡ଼) ସଂଲଗ୍ନ କରିବା ଆବଶ୍ୟକ।
୪. ସମସ୍ତ ଡ଼ାକମୂଲ୍ୟ ଆବେଦନ ବନ୍ଦ ଲଫାପା ଗୁଡିକ ତା.୦୧.୦୨.୨୦୨୪ ରିଖ ଦିନ ୧୧:୦୦ ଘଟିକାରେ ରାଉରକେଲା ସ୍ମାର୍ଟ ସିଟି କାର୍ଯ୍ୟାଳୟରେ ଆବେଦନକାରୀ / ପ୍ରତିନିଧିଙ୍କ ସମ୍ମୁଖରେ ଖୋଲାଯାଇ ସର୍ବାଧିକ ଡ଼ାକମୂଲ୍ୟ ଆବେଦନକାରୀଙ୍କ ସପକ୍ଷରେ ସଂପୃକ୍ତ ଦୋକାନ ଗୃହକୁ ଆବଣ୍ଟନ କରାଯିବ। ସଂପୃକ୍ତ ଆବେଦକକାରୀଙ୍କୁ ବଳକା ଡ଼ାକ ମୂଲ୍ୟ ଅମାନତ ଜମା ବାବଦ ସଂପୂର୍ଣ୍ଣ ରାଶି ଏକ କାଳୀନ ୭ ଦିନ ସମୟ ମଧ୍ୟରେ କୌଣସି ଜାତୀୟ କରଣ ବ୍ୟାଙ୍କର୍ ଡ୍ରାଫ୍ଟ / ବ୍ୟାଙ୍କର୍ ଚେକ୍ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (Rourkela Smart City Limited)ଙ୍କ ନାମରେ ପଇଠ କରିବାକୁ ହେବ। ଏଥିରେ ଖିଲାପ କଲେ ସର୍ବାଧିକ ଡ଼ାକମୂଲ୍ୟ ଆବେଦନକାରୀଙ୍କ ବଦଳରେ ୨ୟ ସର୍ବାଧିକ ଡ଼ାକ ମୂଲ୍ୟ ଆବେଦନକାରୀଙ୍କ ସପକ୍ଷରେ ସର୍ବାଧିକ ଡ଼ାକମୂଲ୍ୟ ଦରରେ ଆବଣ୍ଟନ ସିଦ୍ଧ କରାଯିବ ଏବଂ ମୂଳ / ପ୍ରଥମ ସର୍ବାଧିକ ଆବେଦନକାରୀଙ୍କ ଅମାନତ ରାଶିକୁ ବ୍ୟାଜ୍ୟାପ୍ତ କରାଯିବ।
୫. ଅସଫଳ ଡ଼ାକମୂଲ୍ୟ ଆବେଦନକାରୀଙ୍କ ଆବେଦନ ରାଶିର ଚେକ୍ / Bank Draft ଆବଣ୍ଟନ ପ୍ରକ୍ରିୟା ଚୂଡାନ୍ତ ପରେ ଫେରସ୍ତ କରାଯିବ।
୬. ଆବଣ୍ଟନକାରୀ ଦୋକାନ ଗୃହର ବିଦ୍ୟୁତ୍ ସଂଯୋଗ ଖର୍ଚ୍ଚ ଓ ମାସିକ ଦେୟ ନିଜସ୍ୱ ରୂପେ ବହନ କରିବେ ଓ ଆବଣ୍ଟିତ ପରିସରରେ ବିନା ଅନୁମତିରେ structure ପରିବର୍ତ୍ତନ ବା କୌଣସି ପୁନଃନିର୍ମାଣ କରି ପାରିବେ ନାହିଁ।
୭. ମାସିକ ଲାଇସେନ୍ସ ଫିସ୍ କେବଳ ଏଠାରେ ଉଲ୍ଲେଖ ଥିବା ଏହି ମାର୍କେଟ ଦର ପାଇଁ ଉଦ୍ଦିଷ୍ଟ ଅଟେ। ମାସିକ ଲାଇସେନ୍ସ ଫିସ୍ ବିଭିନ୍ନ ସମୟରେ ମାର୍କେଟ ଦରକୁ ନେଇ ରାଉରକେଲା ସ୍ମାର୍ଟ ସିଟି ସ୍ଥିରିକୃତ କରିବେ ଏବଂ ଏହା ଦୋକାନ ଗ୍ରହୀତାମାନଙ୍କୁ ଦେବା ବାଧ୍ୟତାମୂଳକ ଅଟେ।
୮. ପାନପୋଷ ଦୋକାନ ପରିଚାଳିତ କରିବା ପୂର୍ବରୁ ଦୋକାନ ଗ୍ରହୀତାମାନଙ୍କୁ ଟ୍ରେଡ୍ ଲାଇସେନ୍ସ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ଗ୍ରହଣ କରିବାକୁ ହେବ।
୯. ଉକ୍ତ ଆବଣ୍ଟନ ପ୍ରକ୍ରିୟାରେ ରାଉରକେଲା ସ୍ମାର୍ଟ ସିଟି କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। ରାଉରକେଲା ସ୍ମାର୍ଟ ସିଟି କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଯେ କୌଣସି ଆବେଦନ କିମ୍ବା ସଂପୂର୍ଣ୍ଣ ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କରିପାରିବେ।
୧୦. ଅଫିସ୍ ସ୍ପେସ୍ ପାଇଁ ଯେକୌଣସି ବୃତ୍ତିଗତ ବ୍ୟକ୍ତି ମଧ୍ୟ Bidding ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ସେମାନଙ୍କୁ bidding document ସହିତ ସେମାନଙ୍କ ବୃତ୍ତି ସମର୍ଥନରେ document ଦାଖଲ କରିବାକୁ ପଡିବ।
୧୧. ଏହି ବିଜ୍ଞାପନ ସମ୍ବନ୍ଧୀୟ ଅନ୍ୟ କୌଣସି ତଥ୍ୟ କିମ୍ବା ସ୍ପଷ୍ଟୀକରଣ ପାଇଁ ରାଉରକେଲା ସ୍ମାର୍ଟ ସିଟିର Mr. Sarthak Sourav Rath, Architect, Mob. No. 8984353513 ରେ ସମସ୍ତ କାର୍ଯ୍ୟ ଦିବସର ଦିନ ୧୦.୦୦ ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରି ପାରିବେ।

ଡାଃ. ଶୁଭଙ୍କର ମହାପାତ୍ର, ଭା.ପ୍ର.ସେ.
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍

OIPR 13080 / 11 / 0015 / 2324

## ଥାଲାସେମିଆରେ ଆକ୍ରାନ୍ତ ଦୁଇ ସନ୍ତାନ

# ଚିକିତ୍ସାରେ ଅର୍ଥାଭାବ ବାଧକ ଚିନ୍ତାରେ ବାପା ମା'



ଜଗତସିଂହପୁର,୭।୧(ସମିସ):

ତିର୍ତ୍ତୋଲବ୍ଲକସାଇଲୋପଞ୍ଚାୟତଅନ୍ତର୍ଗର ନିଶ୍ଚିନ୍ତକୋଇଲି ଗ୍ରାମର ଗୋପାଳ ଚନ୍ଦ୍ର ମଲ୍ଲିକ ଓ ଲଳାବତୀ ମଲ୍ଲିକଙ୍କ ଦୁଇଝିଅ ଜନ୍ମରୁ ଥାଳା ସେମିଆରେ ଆକ୍ରାନ୍ତ। ସେମାନଙ୍କୁ ପ୍ରତିମାସରେ ଦୁଇଥର ରକ୍ତ ଦେବାକୁ ପଡୁଥିବାରୁ ଏହାକୁ ନେଇ ଏହି ଗରିବ ପରିବାର ଚିନ୍ତାରେ। ସେମାନଙ୍କ ଶରୀରରେ ପର୍ଯ୍ୟାପ୍ତ ସୁସ୍ଥ ରକ୍ତ କଣିକା ଉତ୍ପାଦନ ଅଭାବରୁ ସେମାନଙ୍କଠାରେ ଅସ୍ଥିମଜ୍ଜା ପ୍ରତିରୋପାଣ ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ମାତ୍ର ଅର୍ଥ ଅଭାବରୁ ଏହା ହୋଇପରୁନାହିଁ। ଦୁଇଝିଅଙ୍କ ଚିକିତ୍ସା ପାଇଁ ପ୍ରଶାସନ ଓ ବଦାନ୍ୟ ବ୍ୟକ୍ତିମାନେ ସହାୟତାର ହାତ ବଢାଇବାକୁ ଗୋପାଳ ଓ ଲୀଳାବତିଙ୍କ ସହିତ ସ୍ଥାନୀୟ ଗ୍ରାମବାସୀ ନିବେଦନ କରିଛନ୍ତି।

ସୂଚନା ଅନୁସାରେ, ଦିନ ମଜୁରିଆ ଭାବେ ପ୍ରତିଦିନ ମଜୁରୀ ଲାଗୁଥିବା ଗୋପାଳଙ୍କର ବଡ ଝିଅ ଅର୍ପିତା ଦାସ (୧୭) ଓ ସାନଝିଅ ଅଙ୍କିତା ଦାସ (୧୫) ଜନ୍ମରୁ ଥାଲାସେମିଆରେ ଆକ୍ରାନ୍ତ ହୋଇଛନ୍ତି। ବଡ ଝିଅ ଜନ୍ମ ହେବାର ୭ ମାସ ପରେଏହି ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିବା ସମୟରେ ସାନଝିଅ ୩ ମାସର ହୋଇଥିବାବେଳେ ରୋଗ ଚିହ୍ନଟ ହୋଇଥିଲା। ଏହାପରଠୁ ସେମାନଙ୍କୁ ପ୍ରତିମାସରେ ଦୁଇଥର ରକ୍ତ ଦିଆଯାଉଛି। କଟକ ବଡ ମେଡିକାଲର ସେଣ୍ଟ୍ରାଲ ରେଡକ୍ରସ ରକ୍ତ ଭଣ୍ଡାରରେ ଏହି ଦୁଇଝିଅଙ୍କୁ ପ୍ରତି ମାସରେ ରକ୍ତ ଦିଆଯାଉଛି। ଏହି ରକ୍ତ ପ୍ରଦାନ ଦ୍ୱାରା ସେମାନେ ଆଜି ପର୍ଯ୍ୟନ୍ତ ବଞ୍ଚି ରହିଛନ୍ତି ବୋଲି ବାପା ଗୋପାଳ କହିଛନ୍ତି। ଏବେ ସେମାନଙ୍କଠାରେ ଅସ୍ଥିମଜ୍ଜା ପ୍ରତିରୋପାଣ ପାଇଁ ବେଙ୍ଗାଲୁର ନେବାକୁ ଡାକ୍ତର ପରାମର୍ଶ ଦେଇଥିବା ସମୟରେ ଅର୍ଥର୍ ଅଭାବରୁ ଏହା ସମ୍ଭବ ହେଉନଥିବା ଗୋପାଳ ପ୍ରକାଶ କରିଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ସହାୟତା କରନ୍ତେ ତେବେ ଅର୍ପିତା ଓ ଅଙ୍କିତାଙ୍କ ଜୀବନ ବଞ୍ଚିଯାଇପାରନ୍ତା। ସହାୟତା ପାଇଁ ମୋବାଇଲ ନମ୍ବର ୯୭୭୬୦୦୯୮୩୭ / ୭୮୪୮୯୪୧୦୪୩ରେ ଯୋଗାଯୋଗ କରିବାକୁ ଗୋପାଳ ଅନୁରୋଧ କରିଛନ୍ତି।

# ବାଲିକୁଦାରେ ବୁଲିଲା ଅର୍ପଣ ରଥ



ବାଲିକୁଦା,୭।୧(ସମିସ): ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଆସନ୍ତା ଜାନୁୟାରୀ ୧୭ ତାରିଖ ପୁରୀ ଶ୍ରୀମନ୍ଦିର ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରିପ୍ରେକ୍ଷୀରେ ଅର୍ପଣ ରଥର ଶୁଭାରମ୍ଭ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଛନ୍ତି। ଏହି ରଥ ଗାଁ ଗାଁ ବୁଲି ଚାଉଳ, ନଡ଼ିଆ, ଗୁଆ ଆଦି ସଂଗ୍ରହ କରିବେ। ଏହି ରଥ ବ୍ଲକର ୩୦ ପଞ୍ଚାୟତର ପ୍ରତ୍ୟକ ଗ୍ରାମର ପ୍ରତ୍ୟକ ପରିବାର ନିକଟରେ ପହଞ୍ଚିବ। ଏହି କାର୍ଯ୍ୟକୁ ବ୍ଲକ ପ୍ରଶାସନ ପକ୍ଷରୁ ତଦାରଖ କରାଯିବ। କାର୍ଯ୍ୟକ୍ରମରେ ବିଡ଼ିଓ ବିକାଶ କୁମାର ମହାନ୍ତି, ଏବିଡ଼ିଓ ସଞ୍ଜୟ ଦାସ, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ରୁନିଲତା ବେହେରା, ଜଟାଧାରୀ ଦାସ, ଡଲି ପଣ୍ଡା, ବ୍ଲକ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଳାଉର, ସରପଞ୍ଚ ପ୍ରଶାନ୍ତ କୁମାର ବାରିକ, ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, କମଳାକାନ୍ତ ମହାପାତ୍ର, ବ୍ଲକ କୋଷାଧ୍ୟକ୍ଷ ଆଶୁତୋଷ ସ୍ୱାଇଁ, ମୁଖ୍ୟ କିରାଣୀଙ୍କ ସମେତ ବହୁ ସମିତି ସଭ୍ୟ, ସରପଞ୍ଚ ଓ ସମସ୍ତ ବ୍ଲକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ପୂର୍ବତନ ଉପାଧ୍ୟକ୍ଷଙ୍କ ପିତୃ ବିୟୋଗ

ମଣିଜଙ୍ଗା,୭।୧(ସମିସ): ତିର୍ତ୍ତୋଲ ବ୍ଲକ ପିପ୍ପଳମାଧବ ଗ୍ରାମପଞ୍ଚାୟତ ଅହମ୍ମଦାବାଦ (ସିତୋଳ) ଗ୍ରାମର ମୁରବି ପରମାନନ୍ଦ ସାହୁ (୮୮)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ତଥା ତିର୍ତ୍ତୋଲ ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ (ମଙ୍ଗୁ), ବୋହୁ ସୁମିତା ସାହୁ, ଝିଅ, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା।

■ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

## ଗୋଲାପ ଦେଇ ବୁଝାଇଲେ ଥାନା ଅଧିକାରୀ

ପାରାଦୀପ,୭।୧(ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଞ୍ଚଳରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜ କିଶୋର ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।



ଶ୍ରୀ ବେହେରା ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନତାର ବାର୍ତ୍ତା ଦେବା ସହ ରାସ୍ତାରେ ଯାଉଥିବା ବାଇକ ଅରୋହୀଙ୍କୁ ଗୋଲାପ ଫୁଲ ଦେଇ ସଡକ ସୁରକ୍ଷା ସମ୍ପର୍କରେ ବୁଝାଇ ଥିଲେ। ଜଗତସିଂହପୁର ଟ୍ରାଫିକ ଇନ୍ସପେକ୍ଟର ଓ ଜେଏସ୍‌ଡବ୍ଲୁ ଫାଉଣ୍ଡେସନର ସଦସ୍ୟମାନଙ୍କ ସହଯୋଗରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ରଙ୍ଗିଆଗଡ଼, ଢ଼ିଙ୍କିଆ ଗୋବିନ୍ଦପୁର, ପାଟଣା, ତ୍ରିଲୋଚନପୁର, ମାହାଳ ଏବଂ ଆଖପାଖ ଗ୍ରାମର ବହୁ ଯୁବକ ଓ ସ୍ଥାନୀୟ ଅଞ୍ଚଳବାସୀ ସାମିଲ ହୋଇଥିଲେ।

## ୟୁକୋ ବ୍ୟାଙ୍କ ପ୍ରତିଷ୍ଠା ଦିବସ ପାଳିତ

ଏରସମା,୭।୧(ସମିସ): ୟୁକୋ ବ୍ୟାଙ୍କର ୮୨ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଶନିବାର ଏରସମା ବ୍ଲକ୍ ଅନ୍ତର୍ଗତ ବାଲିତୁଠ ସ୍ଥିତ ୟୁକୋ ବ୍ୟାଙ୍କ ଶାଖା ପରିସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶାଖା ପରିଚାଳକ ଶୁଭକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଗଡକୁଜଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ ଏବଂ ଶାଖା ପରିଚାଳକ ଶୁଭକାନ୍ତ ସ୍ୱାଇଁ, ବିଭିନ୍ନ ପଞ୍ଚାୟତର ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ର ଓ ଗ୍ରାହକମାନେ ଯୋଗ ଦେଇଥିଲେ। ସହକାରୀ ଶାଖା ପରିଚାଳକ ଦିବ୍ୟରଶ୍ମି ପ୍ରଧାନ, ଦାମୋଦର ସାମନ୍ତରାୟ ଓ ଆର୍ତ୍ତତ୍ରାଣ ମହାନ୍ତି ପ୍ରମୁଖ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁସ୍ତକ ମେଳା ଆସିବାକୁ ପ୍ରକାଶକ କୁଣ୍ଠକୁଣ୍ଠ

### ଆସନ୍ତା ପୁସ୍ତକମେଳାରୁ ବହି କିଣିବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ

ଜଗତସିଂହପୁର, ୭।୧ (ସମିସ): ରୌପ୍ୟ ଜୟନ୍ତୀ ଜଗତସିଂହପୁର ପୁସ୍ତକମେଳା ନିମନ୍ତେ ସହଯୋଗ କରିବାକୁ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ ମାନଙ୍କୁ ନେଇ ଏକ ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜ ଗ ତ ସି ଂ ହ ପୁ ର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧକ୍ଷ ବିପ୍ଳବ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ ଯୋଗଦେଇ ଆଗାମୀ ରୌପ୍ୟ ଜୟନ୍ତୀ ଜଗତସିଂହପୁର ପୁସ୍ତକମେଳାକୁ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏଥିରେ ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ଉପସ୍ଥିତ ଥିବା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର



ବହି ବେପାର ମାନ୍ଦା

ଅଧକ୍ଷ ଓ ଶିକ୍ଷା ବିଭାଗର ଅଧିକାରୀଙ୍କୁ ପୁସ୍ତକ କ୍ରୟ ନିମନ୍ତେ ସହଯୋଗ କାମନା କରିଥିଲେ। ବୈଠକରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ, ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତିନିଧି, ପୌର ପରିଷଦର ପ୍ରତିନିଧି, ଜିଲ୍ଲା ସଂସ୍କୃତି ବିଭାଗର ପ୍ରତିନିଧି, କେନ୍ଦ୍ରୀୟ ସମନ୍ୱୟ କମିଟିର ପ୍ରତିନିଧି, କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ପୁସ୍ତକମେଳାର ଅଗ୍ରଗତି ସମ୍ପର୍କରେ ଆଲୋଚନା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଉପସ୍ଥିତି ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ ମାନେ ପୁସ୍ତକମେଳାରୁ ବହି କିଣିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ ଯେ, ଏହି ରୌପ୍ୟ ଜୟନ୍ତୀ ପୁସ୍ତକମେଳା ଜାନୁଆରୀ ମାସ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଅନୁଷ୍ଠିତ ହେବ।

## ଅଙ୍ଗୁଳାଇ କପ୍ କ୍ରିକେଟ; ସୋଲାର ସେମିରେ

ମାର୍ଶାଘାଇ,୭।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ କପ୍ କ୍ରିକେଟ ୩ୟ ଲିଗ୍ ମ୍ୟାଚ ଜୁଭେନାଇଲ କଟକ ସହ ସହିଦ୍ ସୋଲାର କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୁଭେନାଇଲ ଟସ୍ ଜିତି ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୫ ଓଭରରେ ୨ ୱିକେଟ ହରାଇ ୧୨୭ ରନ କରିଥିଲା। ଜବାବରେ ସୋଲାର କ୍ରିକେଟ କ୍ଲବ ୧୮.୪ ଓଭରରେ ୪ ୱିକେଟ ହରାଇ ୧୨୮ ରନ କରି ବିଜୟୀ ହୋଇଛି। ସୋଲାର କ୍ରିକେଟ ଟିମ୍‌ର ମନିସ ରାଉତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ପ୍ରଭାତ ରଞ୍ଜନ ଦାସ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ଅର୍ଥରାଶି ଚେକ୍ ପ୍ରଦାନ କରିଥିଲେ। ଅମ୍ପାୟାର ସହଦେବ ବେହେରା, ଅମରେନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ।

ବୁଣାକାରଙ୍କ ସଚେତନତା ଶିବିର/

## ମୌଳିକ ବୟନ ଓ ଜାକାର୍ଡ ଡିଜାଇନ ତାଲିମର ଶୁଭାରମ୍ଭ

ଜଗତସିଂହପୁର,୭।୧(ସମିସ): ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜଇପୁର ବୟନଗ୍ରାମ ଠାରେ ଜିଲ୍ଲାର ବୁଣାକାରମାନଙ୍କୁ ନେଇ ଏକ ସଚେତନତା ଶିବିର ରାଜ୍ୟ ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଦ୍ୱାରା ଶ୍ରୀ ଶ୍ରୀ ପାର୍ବତୀ ତନ୍ତୁବାୟ ସହେଯାଗ ସମିତି ଲିଃ ସହଯୋଗରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବୁଣାକାରଙ୍କ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ ବୁଣାକାରମାନଙ୍କୁ ସଚେତନ କରାଯାଇଥିଲା।

ବୁଣାକାରଙ୍କ ଏହି ସଚେତନାତା ଶିବିରରେ ଆଶୁତୋଷ ମହାନ୍ତି, ଉପନିର୍ଦ୍ଦେଶକ, ବୟନଶିଳ୍ପ କଟକ ଅଧକ୍ଷତା କରିଥିଲେ। ଏଥିରେ ଜିଲ୍ଲା ପରିଷଦ, ମୁଖ୍ୟ ବିକାଶ- ନିର୍ବାହୀ ଅଧିକାରୀ ରବି ନାରାୟଣ




ଜେନ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବୁଣାକାରରମାନଙ୍କୁ ଆର୍ଥିକ ଉନ୍ନତି ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଏହି ଯୋଜନା ମାଧ୍ୟମରେ ବୁଣାକାରମାନେ ଉପକୃତ ହେବା ସହିତ ମହିଳା ବୁଣାକାର ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା, ବଳିଆ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ବୁଣାକାରମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ମୌଳିକ ବୟନ ତାଲିମ ଶିବିର ଓ ଜାକାର୍ଡ ଡିଜାଇନ ବସ୍ତ୍ର ବୁଣା ତାଲିମ ଶିବିର ଶୁଭାରମ୍ଭ ହୋଇଥିଲା। ଏହି ଶିବିରରେ ବିଜୟକୁମାର ନନ୍ଦି, ସମ୍ପାଦକ ବାସୁଦେବ ଶ୍ରୀସାରଳା ସମିତି ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ସେହିପରି ଏଥିରେ ଜିଲ୍ଲାପରିଷଦ ଉପ ନିର୍ବହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା, ଜଗତସିଂହପୁର, ରଘୁନାଥପୁର ଓ ବିରିଡିର ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କର ପରିଚାଳକ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ଅମିତା ଖୁଣ୍ଟିଆ, ପାର୍ବତୀ ତନ୍ତୁବାୟ ସମିତିର ସଭାପତି ହେମନ୍ତ କୁମାର ସାହୁ, ସମ୍ପାଦକ ମାନସ କୁମାର ପୃଷ୍ଟି, ଜଗତସିଂହପୁର ଜିଲ୍ଲାର ସମସ୍ତ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିର ସଭାପତି, ସମ୍ପାଦକ, ସଭ୍ୟାସଭ୍ୟାମାନେ ଉପସ୍ଥିତ ଥିଲେ।

## ପାରାଦୀପ ବନ୍ଦର ଠିକା କର୍ମଚାରୀ ଓ ଡିଏଲ୍‌ଆର୍‌ଙ୍କ ଦରମା ବୃଦ୍ଧି ନିଷ୍ପତ୍ତି

ପାରାଦୀପ,୭।୧(ସମିସ): ପାରାଦୀପ ବନ୍ଦର ପ୍ରାଧିକରଣରେ କାର୍ଯ୍ୟରତ ଠିକା କର୍ମଚାରୀ ଓ ଡିଏଲଆରଙ୍କ ଦରମା ବଢିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏନେଇ ଦୀର୍ଘଦିନ ହେବ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଦାବି ହୋଇଆସୁଥିଲା। ତେବେ ନୂଆବର୍ଷର ପ୍ରଥମ ବୋର୍ଡ ବୈଠକରେ ବନ୍ଦରର ଠିକା କର୍ମଚାରୀ ଓ ଡିଏଲ୍‌ଆରମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ନେଇ ଆଲୋଚନା ପରେ ବନ୍ଦର କର୍ତ୍ତୃପକ୍ଷ ଏହା ଉପରେ ସହମତି ପ୍ରକାଶ କରିଛନ୍ତି। ଏହାଦ୍ୱାରା ପ୍ରାୟ ୨୦ ଜଣ ଠିକା କର୍ମଚାରୀ ଓ ୧୧ ଶହରୁ ଉଦ୍ଧ୍ୱର୍ ଡିଏଲଆର କର୍ମଚାରୀ ଉପକୃତ ହେବେ।




୨୦ ଠିକା କର୍ମଚାରୀଙ୍କ ସମେତ ୧୧ ଶହରୁ ଊର୍ଦ୍ଧ୍ୱ ଡିଏଲ୍‌ଆର ଉପକୃତ ହେବେ

ବୋର୍ଡ ବୈଠକରେ ବନ୍ଦର ଅଧକ୍ଷ ପି. ଏଲ୍. ହରନାଦ, ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା, ବନ୍ଦର ଶ୍ରମିକ ପ୍ରତିନିଧି ସୁନୀଲ କାନ୍ତ ଦାସ ଓ ଶ୍ରୀକାନ୍ତ ରାୟଙ୍କ ସମେତ ଅନ୍ୟ ପ୍ରତିନିଧି ଉପସ୍ଥିତ ଥିଲେ। ୨୦୧୮-୧୯ ମସିହାରୁ ଏହି କର୍ମଚାରୀ ଓ ଶ୍ରମିକ ମାନଙ୍କର ଦରମା ବୃଦ୍ଧି ଘଟିନଥିବା ବେଳେ ଏହି ବୋର୍ଡ ବୈଠକରେ ସ୍ୱୀକୃତି ପରେ ଚଳିତ ବର୍ଷଠାରୁ ସେମାନଙ୍କ ଦରମାର ୫୦ ପ୍ରତିଶତ ବୃଦ୍ଧି ପାଇବ। ଏତଦ୍‌ବ୍ୟତୀତ ଏସବୁ କର୍ମଚାରୀ ଓ ଡିଏଲଆ୍‌ମାନଙ୍କ ବୀମା ରାଶିକୁ ୧୦ ଲକ୍ଷରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ଏହି ନିଷ୍ପତି ପରେ ଠିକା କର୍ମଚାରୀ ଓ ଡିଏଲଆର୍‌ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

■ ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫି

## ଉଦ୍‌ଘାଟନୀ ମ୍ୟାଚରେ ବାଲାବାବା ବିଜୟୀ



ରାଜନଗର,୭।୧(ସମିସ): ରାଜନଗରର ମଦନପୁର ଖେଳ ପଡିଆରେ ଆଜି ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫି। ଚଳିତବର୍ଷ ଆୟୋଜକ ମହାବୀର ଯୁବକ ସଂଘର ସକ୍ରିୟ ସଦସ୍ୟ ବନୋଜ ସାହୁଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ମ୍ୟାଚରେ କେନ୍ଦ୍ରାପଡ଼ାର ବାଲାବାବା କ୍ରିକେଟ କ୍ଲବ ଟସ୍ ଜିତି ବୋଲିଂ ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ ପାଇଁ ପଡିଆକୁ ଓହ୍ଲାଇଥିବା ଜଗତପୁରର ନିମପୁର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୫୧ ରନ କରିଥିଲା। ଦଳର ଅବିନାଶ ନାୟକ ୬୫ ବଲରେ ଧୂଆଁଦାର ୧୦୫ କରି ଶତକ ଅର୍ଜନ କରିଥିଲେ। ୨୫୨ ରନ୍‌ର ବିଶାଳ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା କେନ୍ଦ୍ରାପଡ଼ା ୧୯.୪ ଓଭରରେ ୬ ଉଇକେଟ ହରାଇ ୨୫୨ କରି ବିଜୟୀ ହୋଇଥିଲା। ଦଳର ଆଶିଷ ପାତ୍ର ୨୪ବଲରେ ୪୯ ରନ କରି ଦଳକୁ ବିଜୟୀ କରାଇବା ସହିତ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଘାଟନ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ, କବି ବିଷ୍ଣୁ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିରଞ୍ଜନ ଦାଶ, ତନୁଜ ସାହୁ ଖେଳ ପରିଚାଳନା କରିଥିବା ବେଳେ ସୁଧୀର ବେହେରା, ପୁଷ୍ପକ ପ୍ରଧାନ ଭାଷ୍ୟକାର ଭାବେ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ।

### ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆମରଣ ଅନଶନ

# ଡାକ୍ତର ନିଯୁକ୍ତି ପ୍ରତିଶ୍ରୁତି ପରେ ହଟିଲେ ଅନଶନକାରୀ

ବାଲିକୁଦା,୭।୧(ସମିସ):

ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ଡାକ୍ତରୀ ସେବା ସହ ରାତିରେ ଏମ୍‌ବିବିଏସ୍ ଡାକ୍ତର ସେବା ସହ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଯୋଗାଇ ଦେବାକୁ ବାଲିକୁଦା ଯୁବଗୋଷ୍ଠୀ ପକ୍ଷରୁ ପ୍ରଶାସନ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ଏହା କାର୍ଯ୍ୟକାରୀ ହେଉ ନଥିଲା। ଫଳରେ ବାଲିକୁଦାର ଯୁବ ସମାଜସେବୀ ସୁରେନ୍ଦ୍ର ବିଶ୍ୱାଳ ଜିଲ୍ଲା ପ୍ରଶାସନ ନିକଟରେ ଜାନୁଆରୀ ୬ ତାରିଖରେ ଅଞ୍ଚଳବାସୀ ଆମରଣ ଅନଶନରେ ମେଡିକାଲ ପରିସରରେ ବସିବା ନେଇ ଦାବିପତ୍ର ପ୍ରଦାନ କରିଥିଲେ। ଶନିବାର ସକାଳ ପ୍ରାୟ ୯ଟାରେ ଅଞ୍ଚଳର ଶତାଧିକ ଯୁବକଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀ ଏହି ଅନଶନକୁ ସମର୍ଥନ ଜଣାଇ ଅନଶନରେ ବସିଥିଲେ।

ସୂଚନା ଅନୁଯାୟୀ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସମସ୍ୟା ଦୀର୍ଘ



ବର୍ଷ ହେବ ରହି ଆସିଛି। ପୂର୍ବରୁ ଏହି ମେଡିକାଲ ସ୍ତ୍ରୀ ପ୍ରସୂତି ବିଭାଗ ପାଇଁ ପ୍ରତିଷ୍ଠା ଅର୍ଜନ କରିଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ମେଡିକାଲରେ ସର୍ବାଧିକ ପ୍ରସୂତି ମା' ମାନେ ପ୍ରସବ କରାଉଥିବା କାରଣରୁ ପୁରସ୍କାର ପ୍ରଦାନ କରିଥିଲେ। ହେଲେ ବର୍ତ୍ତମାନ ଏହି ମେଡିକାଲ ଉପରେ ବାଲିକୁଦା ବ୍ଲକର ୩୦ ପଞ୍ଚାୟତ ସମେତ ନାଉଗାଁ ବ୍ଲକ ଓ ଏରସମା ବ୍ଲକର ଜନସାଧାରଣ ନିର୍ଭର କରୁଥିବା ବେଳେ ମେଡିକାଲରେ ସ୍ଥାୟୀ ପ୍ରସୂତି ବିଭାଗ ଡାକ୍ତର କିମ୍ବା ନିଶ୍ଚେତକ ଡାକ୍ତର ସମେତ ମେଡିସିନି ବିଭାଗର ଡାକ୍ତର ଅଭାବ ଦେଖାଦେଇଛି। ଆୟୁଷ ଡାକ୍ତରଙ୍କ ସହାୟତାରେ ରୋଗୀସେବା ଚାଲୁଛି। ପ୍ରସବ ପାଇଁ ଆସୁଥିବା ମହିଳାଙ୍କୁ ଏଠାରୁ ଜଗତସିଂହପୁର କିମ୍ବା କଟକ ମେଡିକାଲ ପଠାଇ ଦିଆଯାଏ।

ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଚେତାବନୀ ଦେବା ପରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଚେତା ପଶିଥିଲା। ଫଳରେ ଘଟଣା ସ୍ଥଳ ରେ ସିଡିଏମଓ କ୍ଷେତ୍ରବାସୀ ଦାସ ଓ ଏଡିଏମଓ ଅଜୟ କୁମାର ସ୍ୱାଇଁ ପହଞ୍ଚି ଏହି ମାସ ଶେଷ ସୁଦ୍ଧା ୮ ଟି ଡାକ୍ତର ପଦବୀ ପୂରଣ କରିବାକୁ ଓ ରାତିରେ ଏମ୍‌ବିବିଏସ୍ ଡାକ୍ତର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଯଦି ଏହି ପ୍ରତିଶ୍ରୁତି ପୂରଣ ନହୁଏ ତେବେ ଆସନ୍ତା ମାସରେ ପୁନଃ ଅନଶନ ଆରମ୍ଭ କରାଯିବ ବୋଲି କହି ଅନଶନରୁ ଓହରିବାକୁ ରାଜି ହୋଇଥିଲେ। ଫଳରେ ଉପରିସ୍ଥି ଅଧିକାରୀ ମାନେ ମିଠା ଓ ପାଣି ପିଆଇ ଅନଶନ ଭଙ୍ଗ କରାଇଥିଲେ। ଅନଶନରେ ସମାଜସେବୀ ସୁରେନ୍ଦ୍ର ବିଶ୍ୱାଳ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ବିଭୁତି ଭୂଷଣ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ବାସୁଦେବ ଷଡଙ୍ଗୀ, ରୁଦ୍ର ନାରାୟଣ ପ୍ରଧାନ, ପ୍ରକାଶ ସାହୁ, ସୁଦର୍ଶନ କାଣ୍ତି, ସେବା ଫାଉଣ୍ଡେସନ ସଭାପତି ରଶ୍ମି ରଞ୍ଜନ ପାତ୍ର, କାର୍ତ୍ତିକ ଗୋଛାୟତ, ସମରଜିତ ବିଶ୍ୱାଳ, ତୋଫାନ ପରିଡା, ଅମୁଲ୍ୟ ବିଶ୍ୱାଳ, ସୀତାଂଶୁ ମହାନ୍ତି, ଦେବେନ୍ଦ୍ର ସ୍ୱାଇଁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନେକ ବୁଦ୍ଧିଜୀବୀ, ମହିଳା ଓ ଯୁବବର୍ଗ ସାମିଲ ହୋଇଥିଲେ।

### ବିଭିନ୍ନ ସ୍ଥାନରେ ବୁଲିଲା ଜୟ ଜଗନ୍ନାଥ ଅର୍ପଣ ରଥ

# ବୁଲୁଛି ଅର୍ପଣ ରଥ; ଭକ୍ତିମୟ ପରିବେଶ

**ଜଗତସିଂହପୁର,୭।୧(ସମିସ)**

ଜଗତସିଂହପୁର ପୌରପରିଷଦ ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ଅର୍ପଣ ରଥ ପରିକ୍ରମା କରିଛି। ଏହାକୁ ପୌରପାଳିକା ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଜଗନ୍ନାଥ ମନ୍ଦିର ପରିସରରେ ପୂଜାର୍ଚ୍ଚନା ସହିତ ଉଦଘାଟନ କରିଥିଲେ। କୀର୍ତ୍ତନ ମଣ୍ଡଳୀ ସହ ୨୧ଟି ୱାର୍ଡ ପରିକ୍ରମା କରି ପ୍ରତ୍ୟେକ ଗୃହରୁ ଭକ୍ତମାନଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ। ସଂଗୃହୀତ ଅରୁଆ ଚାଉଳ ଓ ଗୁଆ ଜୟବଢ଼ ଜଗନ୍ନାଥ ମନ୍ଦିରରେ ରଖାଯିବ ଏବଂ ସେଠାରେ ଭକ୍ତ ଓ କୀର୍ତ୍ତନ ମଣ୍ଡଳୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ। ଆଜିଠାରୁ ଅକ୍ଷତ ସଂଗ୍ରହ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ। ଜଗତସିଂହପୁର ସହରରେ ଏହି ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ସମୟରେ ଜୟବଢ଼ ଜଗନ୍ନାଥ ମନ୍ଦିରର ସେବାୟତ ପ୍ରେମାନନ୍ଦ ପଡିହାରୀ, ନିତ୍ୟାନନ୍ଦ ପଡିହାରୀ, ଜଗତାନନ୍ଦ ପଡିହାରୀ, ସଚ୍ଚିଦାନନ୍ଦ ପଡିହାରୀ, ଜଗତସିଂହପୁର ମୁନିସିପାଲିଟିର ପାରିଷଦ ଗଣ, ବିଭିନ୍ନ କର୍ମଚାରୀ, ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ୧୭ ଜାନୁଆରୀ ୨୦୨୪ ଦିନ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକର୍ପଣ ଉତ୍ସବର ସିଧା ପ୍ରସାରଣ ପ୍ରତ୍ୟୋକ ଗ୍ରାମ ପଞ୍ଚାୟତ, ସହରାଞ୍ଚଳ ଜଗନ୍ନାଥ ମନ୍ଦିରରେରେ ଏଲ୍ଇଡି ପରଦାରେ ପ୍ରଦର୍ଶିତ ହେବ।



**ଏରସମା:** ଏରସମା ବ୍ଲକ ପରିସରରେ ପ୍ରଶାସନ ପକ୍ଷରୁ ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷ ବିକାଶ ପରିଡ଼ା, ବିଡ଼ିଓ ଲମ୍ବୋଦର ଖୁଣ୍ଟିଆ, ଅତିରିକ୍ତ ବିଡ଼ିଓ ଜ୍ଞାନେନ୍ଦ୍ର ଲେଙ୍କା, ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ରାନୀ ଟୁଡୁ, ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ସମିତି ସଭ୍ୟା ଦେବଯାନୀ ସେଠୀ, ଢ଼ିଙ୍କିଆ ସରପଞ୍ଚ କିଶୋର ପରିଡ଼ା, ପୋଖରିଆପଡ଼ା ସରପଞ୍ଚ ଗଦାଧର ମଲ୍ଲିକ, ନାରଦିଆ ସରପଞ୍ଚ ସିମାଇ ଭୋଳ ପ୍ରମୁଖ ଉପସ୍ଥିତ ରହି ଚାଉଳ ଓ ଗୁଆ ଅର୍ପଣ କରିଥିଲେ।



**କୁଜଙ୍ଗ:** କୁଜଙ୍ଗ ପଂଚାୟତ ସମିତି ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଅର୍ପଣ ରଥ ଗତକାଲି ବ୍ଲକ ପରିକ୍ରମା କରିଥିଲା। ଏହି ଅବସରରେ ଆଜି ରଥକୁ ପଙ୍କପାଳ ପଞ୍ଚତବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିବା ବେଳେ ଗ୍ରାମବାସୀ ଓ ଶ୍ରଦ୍ଧାଳୁ ମାନଙ୍କ ଭିତରେ ପ୍ରବଳ ଉତ୍ସାହ କରିଲିକ୍ଷିତ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିବା ବେଳେ ସରପଞ୍ଚ ସରୋଜ କୁମାର ସେଠୀ ଏହି ଅର୍ପଣ ରଥକୁ ସ୍ୱାଗତ କରିଥିଲେ। ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ପଙ୍କପାଳ ସମିତିସଭ୍ୟା ପ୍ରଶାନ୍ତି ମହାନ୍ତିଙ୍କ ସହ ବହୁ ମୁରବୀ, ୱାର୍ଡ ସଭ୍ୟ ସଭ୍ୟା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ହୁଳହୁଳି, ହରିବୋଲି ସହ ରଥକୁ ସ୍ୱାଗତ କରିଥିଲେ।






**ନାଉଗାଁ:** ରବିବାର ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଅର୍ପଣ ରଥକୁ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ଏହି ରଥ ଉକ୍ତ ବ୍ଲକର ନାଉଗାଁ, ଡାବର, ଅଲଣା ଓ ବଛାଲୋ ପଞ୍ଚାୟତରେ ବୁଲିବାର ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ମଣ୍ଡଳ ଉନ୍ନୟନ ଅଧିକାରୀ ତପନ କୁମାର ମହାପାତ୍ର ଉପସ୍ଥିତ ରହିଥିବା ବେଳେ ଅନ୍ୟ କର୍ମଚାରୀମାନେ ସହଯୋଗ କରିଛନ୍ତି।

**ବିରିଡି:** ବିରିଡି ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି। ସରପଞ୍ଚ କାହ୍ନୁ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ ଓ ଗାଁର ମହିଳାମାନେ ମିଶି ରଥକୁ ପୂଜାର୍ଚ୍ଚନା କରିଥିଲେ। ପରେ ରଥ ମା' ଥାନପତିଙ୍କ ଠାରୁ ଗ୍ରାମ ଅଭିମୁଖେ ଗଡିଥିଲା। ପ୍ରତିଟି ଓଡିଆଙ୍କ ଘରୁ ଏହି ରଥ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଥିଲା। ଏଥିରେ ଜଗନ୍ନାଥ କଥା ପ୍ରଚାରକ ବାବା ଦିବାକର ଦାସ ପିଇଓ ପ୍ରଦୀପ ସ୍ୱାଇଁ, ସମାଜ ସେବୀ ନୃସିଂହ ଚରଣ ଦାଶ, ନେତ୍ରାନନ୍ଦ ପାତ୍ର, ଜ୍ୟୋତି ମହାସଂଘର ସଭାପତି ସରୋଜିନୀ ବେହେରାଙ୍କ ସମେତ ଅଜୟ ଭୋଇ, ବିକ୍ରମ ସାହୁ, ସୁନୀଲ ଦାସ, ସାଗର ସାହୁ, ତ୍ରିଲୋଚନ ସ୍ୱାଇଁ, ସୁଦର୍ଶନ ବେହେରା, ସୁଶାନ୍ତ ମଲିକ, ଶ୍ରୀକାନ୍ତ ସାହୁ, ସୌମ୍ୟ ରଞ୍ଜନ ବେହେରା, ମନୋଜ ସେଠି, ଶ୍ରୀଧର ସାହୁ




## ଦୁଇ ଜଣଙ୍କ ଘରେ କଳାକନା ବୁଲାଇଲେ ଚୋର

**ବାଲିକୁଦା,୭।୧(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ବନ୍ଦର ସାମୁଦ୍ରିକ ଥାନା ଅଧିନ ମରିଚିପୁର ଗ୍ରାମର ଘନଶ୍ୟାମ ମହାନ୍ତି ଓ ପ୍ରଫୁଲ୍ଲ ମୁଦୁଲିଙ୍କ ବାସଭବନରୁ ଗତକାଲି ରାତିରେ କିଛି ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ ଘନଶ୍ୟାମ ନିଜ ପରିବାର ସହ ପାରଦ୍ୱୀପରେ ରହୁଥିବା ବେଳେ ଗ୍ରାମରେ ଥିବା ଘର ତାଲା ଭାଙ୍ଗି ଘରୁ କେହି ଦୁର୍ବୃତ୍ତ ଟିଭି ଚୋରି କରି ନେଇଛି। ପ୍ରଫୁଲ୍ଲ ମୁଦୁଲିଙ୍କ ଘର ପଛପଟ ପଟେ ସିଡିଘର ତାଲା ଭାଙ୍ଗି ଘର ମଧ୍ୟରେ ଥିବା ସୁନା ଚେନ ୩ଟି, ସୁନା ମୁଦି, ଟିଭି, ଷ୍ଟାଣ୍ଡ ଫ୍ୟାନ, ପିତଳ ବାସନ ଇତ୍ୟାଦି ଚୋରି କରିଥିବା ଅଭିଯୋଗ କରିଛନ୍ତି। ସେ ଭୁବନେଶ୍ୱରରେ ରହୁଥିବା ବେଳେ ନିଜ ପୁତ୍ରବଧୂର ଡେଲିଭରି ପାଇଁ ସମସ୍ତ ପରିବାର ଜଗତସିଂହପୁର ମେଡିକାଲରେ ଥିଲେ। ଅଭିଯୋଗ ପାଇ ବନ୍ଦର ଥାନା ପକ୍ଷରୁ ମାମଲା ରୁଜୁ କରି ସନ୍ଧାନୀ କୁକୁରର ସହାୟତାରେ ତଦନ୍ତ କରାଯାଇଥିଲା। କୁକୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ପ୍ରବେଶ କରିବା ସହ ଘର ବାରଣ୍ଡାରେ ବସି ରହିଥିଲା। ସେହି ଘରର ଦୁଇ ଜଣଙ୍କୁ ପୁଲିସ ଉଠାଇ ନେଇଥିବା ବେଳେ ସେମାନଙ୍କ ନିକଟରୁ କୌଣସି ଚୋରି ସାମଗ୍ରୀ ଜବତ ହୋଇ ନଥିବା ପୁଲିସ ସୂଚନା ଦେଇଛି। ଉଭୟଙ୍କୁ ପଚରା ଉଚରା ଚାଲିଛି।

## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ତିର୍ତ୍ତୋଲ, ୭।୧(ସମିସ):** ତିର୍ତ୍ତୋଲସ୍ଥିତ ଆନନ୍ଦମଣ୍ଡପ ପରିସରରେ ରବିବାର ଜିଲ୍ଲା ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୁଲ୍ୟରେ ସଡକ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଦର ଟେରସା ଫାଉଣ୍ଡେସନର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ସୁନାକର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ମୁଖ୍ୟବକ୍ତା ତିର୍ତ୍ତୋଲ କଲେଜ ଅଧ୍ୟକ୍ଷ ପ୍ରଫେସର ସଦାଶିବ ସାହୁ, ସମ୍ମାନିତ ଅତିଥି ଏମଭିଆଇ ଶର୍ମିଳା ମହାରଣା, ବିଶିଷ୍ଟ ଚିକିତ୍ସକ ଡା.ସତ୍ୟ କାନୁନଗୋ, ସମାଜସେବୀ ବିମଳ ମହାପାତ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ତିର୍ତ୍ତୋଲ ଥାନା ଅଧିକାରୀ ଅଭିମନ୍ୟୁ ନାୟକ ଯୋଗଦେଇ ସଡକ ସୁରକ୍ଷା ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ଯୁବ ରେଡକ୍ରସ ଅଧିକାରୀ ଗୋପଳ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସଡକ ଦୁର୍ଘଟଣାରେ ଆହତ ବ୍ୟକ୍ତି ମାନଙ୍କୁ ତ୍ୱରିତ ଚିକିତ୍ସା ଦେଇ ହସପିଟାଲ୍‌ରେ ପହଞ୍ଚାଇବା ନିମନ୍ତେ ଗୁଡ ସମରିଟାନ ଓ ପ୍ରଥମ ରକ୍ଷକ ପ୍ରଶିକ୍ଷଣ ନେଇଥିବା ୪୨ଜଣ, ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତାର କୃତକାର୍ଯ୍ୟ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଚାରକ ମଣ୍ଡଳୀରୁ ୧୨ଜଣ, ଜନସାଧାରଣଙ୍କ ମଧ୍ୟରୁ ୧୦ଜଣଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସହକାରୀ ମୋଟର ଯାନ ନୀରୀକ୍ଷକ ରୀତା ମଲ୍ଲିକ, ଟ୍ରାଫିକ ଅଧିକାରୀ ପ୍ରଶାନ୍ତ ମହାପାତ୍ର, ଜୁନିଅର ରେଡକ୍ରସ ଅଧିକାରୀ ତ୍ରିଲୋଚନ ସାହୁ, ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଆରଟିଓ ପ୍ରତାପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




### ● ଆଶାଲତାଙ୍କୁ ମିଳିଲା ସାହାରା

## ବୃଦ୍ଧ ମା'ର ଦାୟିତ୍ୱ ନେଲେ ପୁଅ-ବୋହୂ

**ଜଗତସିଂହପୁର,୭।୧(ସମିସ):** ବାଲିକୁଦା ବ୍ଲକର ଆଶାଲତା ଦାସଙ୍କୁ ହତାଦର କରୁଥିବା ନିଜ ପୁଅ ବୋହୁ ଶେଷରେ ନିଜ ଭୁଲ୍ ବୁଝିପାରି ମା'କୁ ଘରକୁ ଫେରାଇ ନେବା ସହିତ, ଆଗକୁ ସମସ୍ତ ଦାୟିତ୍ୱ ନେବେ ବୋଲି ଉପଜିଲ୍ଲାପାଳଙ୍କ କୋର୍ଟରେ ଲିଖିତ ଭାବରେ ଜଣାଇଛନ୍ତି। ଏହି ଘଟଣା ଅନ୍ୟ ବାପା ମାଙ୍କ ପାଇଁ ପ୍ରେରଣା ବୋଲି ଉପ ଜିଲ୍ଲାପାଳ ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, ବାଲିକୁଦା ବ୍ଲକ ଅନ୍ତର୍ଗତ ଦେବହୋତା ଗ୍ରାମର ବିଧବା ମହିଳା ଆଶାଲତା ଦାସଙ୍କୁ ଦୀର୍ଘଦିନ ଧରି ପୁଅ ଓ ବୋହୁ ନିର୍ଯାତିତା ଦେଇ ଆସୁଥିଲେ। ଏନେଇ ସେ ଉପଜିଲ୍ଲାପାଳ ଜଗତସିଂହପୁରଙ୍କ କୋର୍ଟରେ ଗୁହାରି କରିଥିଲେ। ଉପଜିଲ୍ଲାପାଳ ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ଲାଗୁ କରାଯାଉଥିବା ଆଇନ କାନୁନ୍ ବିଧିବ୍ୟବସ୍ଥା ଅନୁସାରେ ଆଶାଲତାଙ୍କ ପୁଅ ଧର୍ମେଶ୍ୱର ଦାସଙ୍କୁ ମାସିକ ୨୦୦୦ଟଙ୍କା ନିଜ ମା'କୁ ଭରଣ ପୋଷଣ ଦେବାକୁ ନୋଟିସ୍ ଜାରି କରିଥିଲେ। ତେବେ ନୋଟିସ ସତ୍ତ୍ୱେ ମା'କୁ ଭରଣପୋଷଣ ଦେବା ପାଇଁ ପୁଅ ବୋହୁ ଅରାଜି ହୋଇଥିଲେ। ଏ ସମ୍ପର୍କରେ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଓ ସମାଜସେବୀ ଗଗନ ବିହାରୀ ପାଇଟାଲ ଧର୍ମେଶ୍ୱର ଓ ତାଙ୍କ ପତ୍ନୀଙ୍କୁ ବୁଝା ସୁଝା କରିବା ପରେ ଆଜି ଉପଜିଲ୍ଲାପାଳଙ୍କ ନିକଟରେ ପୁଅ ବୋହୁ ମା'ଙ୍କ ଦାୟିତ୍ୱ ନେବା ପାଇଁ ଲିଖିତ ଭାବେ ଜଣାଇଛନ୍ତି।

## ଜିନ୍ଦଲରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ପାଇଁ ବୈଠକ

**ବାଲିକୁଦା,୭।୧(ସମିସ):** ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଏରସମା ବ୍ଲକରେ ଜିନ୍ଦଲ ଇସ୍ପାତ କାରଖାନା ନିର୍ମାଣ ହେଉଥିବାବେଳେ ଏଥିରେ ସ୍ଥାନୀୟ ନିର୍ବାଚନ ମଣ୍ଡଳୀର ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଯୁବକମାନଙ୍କ ଦ୍ୱାରା ଏକ ବୈଠକ ବାଲିକୁଦା ବ୍ଲକ ମା' ବନ୍ଦରେଇ ପୀଠରେ ଅନୁଷ୍ଠିତ ହୋଇଥିଲା। ଯୁବ ଶ୍ରମିକ ନେତା ପିନାକୀ ନାରାୟଣ ଦାସ ଯୋଗଦେଇ ରାଜ୍ୟ ସରକାର ଜିନ୍ଦଲ କାରଖାନାରେ କିଭଳି ସ୍ଥାନୀୟ ଅଞ୍ଚଳର ଯୁବକ ନିଯୁକ୍ତି ପାଇବେ ସେ ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଜୋରଦାର କରାଯିବ। ଏହି ଅବସରରେ ପିନାକୀଙ୍କ ଜନ୍ମ ଦିବସ ହୋଇଥିବା କାରଣରୁ ଉପସ୍ଥିତ ଯୁବକ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଯୁବକ ବିଶ୍ୱରଂଜନ ସ୍ୱାଇଁ, ଚିତ୍ତରଞ୍ଜନ ମହାନ୍ତି, ଫେଲୁପ୍ରତାପ ବେହେରା, ସତ୍ୟଜିତ ସ୍ୱାଇଁ, ତାପସ ବିଶ୍ୱାଳ, ପାପୁନି ମହାରଣା, ଆଶିଷ ସ୍ୱାଇଁ, ଦେବାଶିଷ ମଲ୍ଲିକ, ହାପି ବିଶ୍ୱାଳ, ପାପୁନି ନାୟକ, ବାପୁ ନାୟକଙ୍କ ସମେତ ବହୁ ଯୁବକ ସାମିଲ ହୋଇଥିଲେ।

## ନୂଆବର୍ଷ ବନ୍ଧୁମିଳନରେ ଏକାଠି ହେଲେ ବାପିଙ୍କ ସମର୍ଥକ

**ପାରାଦୀପ, ୭।୧(ସମିସ):** ନୂଆବର୍ଷ ଅବସରରେ ଅରିନ୍ଦମ ସର୍ଖେଲ (ବାପି) ରବିବାର ତାଙ୍କ ସମର୍ଥକଙ୍କୁ ନେଇ ଏକ ବନ୍ଧୁମିଳନର ଆୟୋଜନ କରିଥିଲେ। ଏଥିରେ ପାରାଦୀପର ବହୁ ପ୍ରଭାବଶାଳୀ ଲୋକ ଓ ଶହ ଶହ ବାପି ସମର୍ଥକ ସାମିଲ ହୋଇଥିଲେ। ମଧୁବନ ସ୍ଥିତ ମୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଆମ ପାରାଦୀପ ଆମ ପ୍ରଗତିର ସଭାପତି ତଥା ଆଇନଜୀବି କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ପାରାଦୀପ ପୌରପାଳିକାର ସମସ୍ତ ୧୯ ଗୋଟି ୱାର୍ଡର ମହିଳା, ଛାତ୍ର, ଯୁବକ ଓ ମୁରବୀମାନଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ପାରାଦୀପ ଆମ ପ୍ରଗତିର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶ୍ରମିକ ନେତା ବାପି ଉପସ୍ଥିତ ରହି ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ପରିଶେଷରେ ବାପି ସର୍ଖେଲ ତାଙ୍କ ଅଭିଭାଷଣରେ ସମଗ୍ର ପାରାଦୀପର ବିକାଶ ପାଇଁ ସବୁବର୍ଗର ଜନସାଧାରଣ ଆଗେଇ ଆସିବାକୁ କହିଥିଲେ।




### ● ଶୁଣିଲେନି ଆୟୋଜକ; ଅଣଦେଖା କଲା ପ୍ରଶାସନ

## ବାଲିଯାତ୍ରା ପଡ଼ିଆ ସଫାକଲା ଗଜଲକ୍ଷ୍ମୀ ସାଂସ୍କୃତିକ ପରିଷଦ

**ଜଗତସିଂହପୁର,୭।୧(ସମିସ):** ତିର୍ତ୍ତୋଲ ଚେଲିତୋଳ ବାଲିଯାତ୍ରା ସରିବାର ଦୀର୍ଘଦିନ ପରେ ମଧ୍ୟ ଆୟୋଜକମାନେ ଏହି ପଡିଆକୁ ସଫା ନକରିବାରୁ କୁଢ କୁଢ ପ୍ଲାଷ୍ଟିକ ଓ ପଲିଥିନର ଆବର୍ଜନା ମାସରୁ ଅଧିକ ସମୟ ହେଲା ଏଠାରେ ପଡି ରହିଥିଲା। ମାତ୍ର ଏଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଶେଷରେ ସ୍ଥାନୀୟ ଗଜଲକ୍ଷ୍ମୀ ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାର ଉକ୍ତ ପଡିଆକୁ ସଫା କରାଯାଇଛି। ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ସାଂସ୍କୃତିକ ପରିଷଦର ଏହି କାମକୁ ପ୍ରଶଂସା କରାଯାଇଛି।

ପ୍ରକାଶ ଥାଉକି, ତିର୍ତ୍ତୋଲର ଗୋପିଆକୁଦ ମହାନଦୀ ବେଳାଭୂମିରେ ଅନୁଷ୍ଠିତ ହୋଇଥିବା ଚେଲିତୋଳ ବାଲିଯାତ୍ରା ସରିବାର ମାସେ ପରେ ବିତିଲାଣି। ମାତ୍ର ପଡିଆକୁ ଆୟୋଜକମାନେ ସଫା କରିନଥିଲେ। ପଲିଥିନ ଶୁଖି ଗଲା ପରେ ଚାରିଆଡେ ଉଡି ପରିବେଶ ଦୂଷିତ ହୋଇଥିଲା। ଏନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଥିଲେ। ତେବେ ଗଜଲକ୍ଷ୍ମୀ ସାଂସ୍କୃତିକ ପରିଷଦ ସିରସ୍ତା ପକ୍ଷରୁ ସଭାପତି ସତ୍ୟରଞ୍ଜନ ସାହୁ ଓ ପରିବେଶବିତ୍ ପ୍ରକୃତିବନ୍ଧୁ ବାମଦେବ ସାହୁଙ୍କ ନେତୃତ୍ୱରେ ସଦସ୍ୟ ସୁରେଶ ଚନ୍ଦ୍ର ସାହୁ, ରଂଜିତ ସାହୁ, ସୁଚିତ୍ର କୁମାର ସାହୁ, ଅଭିରାମ ଶଣ୍ଢ, ସୁଶାନ୍ତ ଦାସ, ଅଲୋକ ବାରିକ , ଜ୍ଞାନ ରଂଜନ ପ୍ରଧାନ ପ୍ରମୁଖ ସଫେଇ କରିଥିଲେ।



## ଗ୍ୟାସ୍ ଏଜେନ୍ସି ମାଲିକଙ୍କଠାରୁ ଲୁଟ୍ ଘଟଣା; ୨ ଗିରଫ

### ବନ୍ଧୁକ, ମୋବାଇଲ, ନଗଦ ୧.୧୦ ଲକ୍ଷ ଟଙ୍କା ଓ ବାଇକ୍ ଜବତ

**ଜଗତସିଂହପୁର, ୭।୧(ସମିସ)**

ଗ୍ୟାସ ଏଜେନ୍ସି ମାଲିକଙ୍କ ଠାରୁ ୩.୮୫ ଲକ୍ଷ ଟଙ୍କା ଲୁଟ ମମାଲାରେ ଜଗତସିଂହପୁର ପୁଲିସକୁ ବଡ ସଫଳତା ମିଳିଛି। ଏଥିରେ ସମ୍ପୃକ୍ତ ୨ ଲୁଟେରାଙ୍କୁ ଗିରଫ କରାଯାଇଛି। ଲୁଟ ଅର୍ଥରୁ ୧ଲକ୍ଷ ୧୦ ହଜାର ଟଙ୍କା ଜବତ ହୋଇଛି। ସେହିପରି ଏକ ବନ୍ଧୁକ, ମୋବାଇଲ ସହ ବାଇକ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ମୁଖ୍ୟ ଅଭିଯୁକ୍ତ ନିଆଳି ଥାନା ଅନ୍ତର୍ଗତ ସୁଆଁଲୋର ସନ୍ତୋଷ ପାତ୍ର (୩୬) ଓ ନିଆଳି ଥାନା ଅନ୍ତର୍ଗତ ସାଗଡିଆଲୋ ଗ୍ରାମର ସରୋଜ କୁମାର ମଲ୍ଲିକ (୩୨)।

ପୁଲିସ ସୂଚନା ଅନୁସାରେ ଗତ ଡିସେମ୍ବର ୧୨ ସନ୍ଧ୍ୟା ୮ଟା ୪୦ରେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଆଲିପିଙ୍ଗଳର କଳ୍ପନା ଗ୍ୟାସ ଏଜେନ୍ସିର ମାଲିକ କୁତମ କିଶୋର ସାଜନସିଂହ(୪୫) ନିଜ ଓଡିଶଗଡା ସ୍ଥିତ ଗ୍ୟାସ ଏଜେନ୍ସିରୁ ୩ ଲକ୍ଷ ୮୫ ହଜାର ଟଙ୍କା ଧରି ବାଇକ୍‌ରେ ଯାଉଥିଲେ। ପୂର୍ବ ଯୋଜନା ମୁତାବକ ତାଙ୍କ ନିଜର କର୍ମଚାରୀ ଜିସୁ ଆଲିୟାସ ସରୋଜ କୁମାର ମଲ୍ଲିକ ଅପରାଧୀମାନଙ୍କୁ ଏ ସମ୍ପର୍କରେ ଖବର ଦେଇଥିଲେ। ଖବର ପାଇ ମୁଖ୍ୟ ଅଭିଯୁକ୍ତ ସନ୍ତୋଷ କୁମାର ପାତ୍ର ଓ ତାର ଅନ୍ୟ ଜଣେ ସହଯୋଗୀଙ୍କ ଦ୍ୱାରା କାଠ ପୋଲ ଓ ଆଶ୍ରମପାଟଣା ମଝି ରାସ୍ତାରେ ବନ୍ଧୁକ ଦେଖାଇ ଆକ୍ରମଣ କରିବା ସହିତ ଉକ୍ତ ୩ଲକ୍ଷ ୮୫ ହଜାର ଟଙ୍କା ବ୍ୟାଗ କିଶୋରଙ୍କଠାରୁ ଛଡାଇ ନେଇଥିଲେ। ଜଗତସିଂହପୁର ଥାନାରେ ଏତଲା ପରେ ପୁଲିସ ତନାଘନା ଆରମ୍ଭ କରିଥିଲା। ଏନେଇ ଏସ୍ଆଇ ଶୁଭ୍ରଜିତ ଦାସଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଗଠନ ସହିତ ଏହି ଟିମ ଜଗତସିଂହପୁର, କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚଢଉ କରିଥିଲା। ପରିଶେଷରେ ମୁଖ୍ୟ ଅଭିଯୁକ୍ତ ନିଆଳି ଥାନା ଅନ୍ତର୍ଗତ ସୁଆଁଲୋର ସନ୍ତୋଷ ପାତ୍ର (୩୬) ଓ ନିଆଳି ଥାନା ଅନ୍ତର୍ଗତ ସାଗଡିଆଲୋ ଗ୍ରାମର ସରୋଜ କୁମାର ମଲ୍ଲିକ (୩୨)କୁ ଗିରଫ କରାଯିବା ସହିତ ୧ ଲକ୍ଷ ୧୦ ହଜାର ଟଙ୍କା ଉଦ୍ଧାର କରାଯାଇଛି। ସେମାନଙ୍କ ନିକଟରୁ ଅପରାଧରେ ବ୍ୟବହୃତ ବନ୍ଧୁକ ଓ ମୋବାଇଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି।





## ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଜଣେ ଗିରଫ



**ଆଠମଲ୍ଲିକ,୭।୧(ସମିସ):** ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ବନଖଣ୍ଡ ତଳେଇ ପଥର ସଂରକ୍ଷିତ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର ଅଭିଯୋଗରେ ବନ ବିଭାଗ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ହେଲେ ଦୁଧିଆ ନାଳୀ ଗ୍ରାମର କାମେଶ୍ୱର ମୁଣ୍ଡା । ବନ ବିଭାଗ ସୂଚନା ଅନୁଯାୟୀ କାମେଶ୍ୱର ମୁଣ୍ଡା ଗତ ଏକ ଦେଶୀ ବନ୍ଧୁକ ଧରି ତଳେଇ ପଥର ସର ଂକ୍ଷୀତ ଜଙ୍ଗଲ କମ୍ପାର୍ଟମେଣ୍ଟ ୧୯ ନିକଟରେ ବନ୍ୟଜନ୍ତୁ ଶିକାର ଲାଗି ଯାଇଥିଲେ । ବନ ବିଭାଗ ପାଟ୍ରୋଲିଂ କରୁଥିବା ସମୟେ ଆଠମଲ୍ଲିକ ବନ ବିଭାଗ ର ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର କପୋଲାଙ୍କ ନିର୍ଦ୍ଦେଶ କ୍ରମେ ରେଞ୍ଜ ଅଫିସର ସୁନୀଲ କୁମାରଙ୍କ ତତ୍ୱାବଧାନରେ ବନପାଳ ମାଣତ୍ରୀ ଗୌର ଚନ୍ଦ୍ର ଦନ୍ତା, ବନରକ୍ଷୀ ବିକାଶ କୁମାର ମହାନ୍ତି, ୱାଚର ରମେଶ ଡ଼ାଙ୍ଗ, ରେବତୀକାନ୍ତ ମିଶ୍ର, ସତ୍ୟଜିତ ପାତ୍ର, ଅଜିତ ମାହାର ଜବତ କରିଥିଲେ ।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**କାମାକ୍ଷାନଗର,୭।୧(ସମିସ):** ପଣ୍ଡୁଆ ଫାଣ୍ଡି ଅନ୍ତର୍ଗତ ପଣ୍ଡୁଆ ଜିରାଳ ପୂର୍ତ୍ତ ବିଭାଗ ରାସ୍ତାର ବୋଲୁଅ ଛକ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ଚିତାକଟା ଗ୍ରାମର ବିଜୟ ସାହୁ (୪୫)। ସୂଚନା ଅନୁସାରେ ବିଜୟ ଏକ ବାଇକରେ ପଣ୍ଡୁଆ ଛକରୁ କାମସାରି ସନ୍ଧ୍ୟା ସମୟରେ ନିଜ ଗାଁ ଚିତାକଟା ଯାଉଥିଲେ । ବୋଲୁଅ ଛକ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ସେ ବାଇକରୁ ତଳକୁ ଖସି ପଡ଼ିଥିଲେ । କିଛି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଅଁଳାବେରେଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଖବର ପାଇ ପଣ୍ଡୁଆ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପଠାଇ ତଦନ୍ତ ଜାରି ରଖିଛି ।

## ପୂର୍ବତନ ସ୍ନାତକ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଆଠମଲ୍ଲିକ, ୭।୧ (ସମିସ):** ଆଠମଲ୍ଲିକ ମହାବିଦ୍ୟାଳୟର ଗ୍ରାଜୁଏସନ ବ୍ୟାଚର ବନ୍ଧୁମିଳନ ବୌଦ୍ଧ ଜିଲ୍ଲା ଖର ସଂକୁଳ ଗ୍ରାମ ନିକଟରେ ହୋଇଯାଇଛି । ସୁବୋଧ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅଶୋକ କୁମାର ଗାଇଗରିଆ, ଗାୟତ୍ରୀ ସିଂ ବନ୍ଧୁମାନଙ୍କ ଉଦେଶ୍ୟରେ କବିତା ପାଠ କରିଥିଲେ । ଆଠମଲ୍ଲିକ ଏନଏସିର ଅଧ୍ୟକ୍ଷା ଆଶା କୁମାରୀ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସାମ୍ବାଦିକ ବିଶ୍ୱମ୍ବର ବେହେରା, ରୁଦ୍ର ପ୍ରସାଦ ମିଶ୍ର, ରୁଦ୍ର ମୋହନ ହୋତା, ଦିନବନ୍ଧୁ ସାହୁ, ରାଜେନ୍ଦ୍ର ପ୍ରସାଦ ମିଶ୍ର ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ । ଆଲୋକ କୁମାର ରଥ ମଞ୍ଚ ପରିଚାଳନା କରିଥିଲେ ।

## ବାଇକ୍ ସାରା ନିଶା ନିବାରଣ ଓ ସଡ଼କ ସୁରକ୍ଷା ସଚେତନତାର ବାର୍ତ୍ତା



**ନାଲକୋ ନଗର, ୭।୧(ସମିସ):** ସରକାରଙ୍କ ନିର୍ଦ୍ଦେଶ ମୁତାବକ ଗୁଟକା, ଖଇନି, ସିଗାରେଟ ପ୍ରଭୃତି ମାଦକ ଦ୍ରବ୍ୟ ପ୍ୟାକେଟ ଉପରେ ପ୍ରସ୍ତୁତକାରୀ କମ୍ପାନୀ ପକ୍ଷରୁ ବୈଧାନିକ ସତର୍କତା ସୂଚନା ସହିତ ଏତଦ୍ୱାରା ଭୟାନକ ରୋଗ ଆକ୍ରାନ୍ତର ବିଦ୍ରୂପ ଛବି ଥାଇ ଲୋକଙ୍କୁ ସଚେତନ କରାଯାଉଛି । ସଚେତନତାକୁ ଗୁରୁତ୍ୱାରୋପ କରି ବର୍ଷକରେ ଦିନଟିଏ ତମାଖୁ ସେବନ ଦିବସ ଭାବେ ପାଳନ କରାଯାଉଛି । ସ୍ୱତଃପ୍ରବୃତ୍ତ ଭାବେ ଜଣେ ବ୍ୟକ୍ତି ନିଜ ହିରୋ ହୋଣ୍ଡା ସ୍ପେଲଣ୍ଡରରେ ମାଦକ ଦ୍ରବ ବ୍ୟବହାର ରୋକିବାକୁ ନାନା ପ୍ରକାର ସଚେତନତା ଧର୍ମୀ ସତର୍କମୂଳକ ଲେଖିଛନ୍ତି । ଅନୁଗୁଳ ସହରର ବିକ୍ରମ କୁମାର ରାଉତ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ । ଶ୍ରୀ ରାଉତ ୨୦୧୭ରେ ଚାକିରିରୁ ଅବସର ନେବା ପରେ ଜନସେବାରେ ନିଜକୁ ନିୟୋଜିତ କରିଛନ୍ତି । ଯୁଆଡେ ଗଲେ ଲୋକଙ୍କୁ ନିଶା ନିବାରଣ ପାଇଁ ସଚେତନ କରୁଛନ୍ତି । ନିଜ ବାଇକରେ ବୁଲି ବୁଲି ଲୋକଙ୍କୁ ସଚେତନ କରୁଛନ୍ତି ।

## ଅନ୍ତରଙ୍ଗ ସାଇ କାର୍ଯ୍ୟକ୍ରମ



**ଢେଙ୍କାନାଳ, ୭।୧(ସମିସ):** ଶ୍ରୀ ସତ୍ୟସାଇ ଉଚ୍ଚ ଆୟୁର୍ବିଜ୍ଞାନ ସଂସ୍ଥାନ, ପ୍ରଶାନ୍ତି ଗ୍ରାମ ଓ ହ୍ୱାଇଟ୍ ଫିଲ୍ଡିରେ ହୃଦ୍ରୋଗ ଚିକିତ୍ସା ହୋଇଥିବା ରୋଗୀମାନଙ୍କୁ ନେଇ ଶ୍ରୀ ସତ୍ୟସାଇ ପୁନର୍ବସତି କାର୍ଯ୍ୟକ୍ରମ ମାଧ୍ୟମରେ 'ଅନ୍ତରଙ୍ଗ ସାଇ' ନାମରେ ଏକ ଦିବ୍ୟ କାର୍ଯ୍ୟକ୍ରମ ଶ୍ରୀ ସତ୍ୟସାଇ ସେବା ସଂଗଠନ ଢେଙ୍କାନାଳ ଦ୍ୱାରା ପିଡବ୍ଲ୍ୟୁଡି. କଲୋନୀ ନିକଟ ଶ୍ରୀ ସତ୍ୟସାଇ ସେବା ସମିତିରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍, କଟକର ସିଟିଭିଏସ୍ ବିଭାଗୀୟ ମୁଖ୍ୟ ହୃଦରୋଗ ବିଶେଷଜ୍ଞ ପ୍ରଫେସର ଡା. ମନୋଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପ୍ରତ୍ୟେକ ରୋଗୀଙ୍କ ରକ୍ତପରୀକ୍ଷା ପିଟି/ଆଇଏନ୍ଆର୍ କରାଯାଇଥିଲା । ଉକ୍ତ ଶିବିରରେ ମୋଟ୍ ୪୭ଜଣ ହୃଦ୍ରୋଗୀ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଢେଙ୍କାନାଳ ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଭାପତି ସୁଧାକର ସାହୁ, ଜିଲ୍ଲା ସେବା ସଂଯୋଜକ ବ୍ରଜବନ୍ଧୁ ଚିନରା, ସଂଯୋଜିକା ଜାନକୀ ଦେଇ, ଢେଙ୍କାନାଳ ସମିତି ଆବାହକ ବିଶ୍ୱଜିତ୍ ନାୟକ, ଜିଲ୍ଲା ଯୁବ ସଂଯୋଜକ ବିକ୍ରମ ବେହେରା, ସଂଯୋଜିକା ଚନ୍ଦନା ସୁବୁଦ୍ଧି ପରିଚାଳନା କରିଥିଲେ । ସଂଗଠନର ଅନ୍ୟାନ୍ୟ ସଦସ୍ୟ/ସଦସ୍ୟା ଅଭୟ କୁମାର ରାଉତ, ପ୍ରେମାନନ୍ଦ ସାହୁ, ସାଇପ୍ରସାଦ ଶରଣ, ପ୍ରଶାନ୍ତ ନାୟକ, ସୁବ୍ରତ ପ୍ରଧାନ, ଶତ୍ରୁଘନ ମାଟି, ଜୟଶ୍ରୀ ସିଂ, ପ୍ରତିମା ପାଣିଗ୍ରାହୀ, ସୁଚିତ୍ରା ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

### ସଡ଼କ ସୁରକ୍ଷା ସପ୍ତାହ ପାଳନର ଉଦ୍‌ଯାପନୀ ଉତ୍ସବ

# ପୁରସ୍କୃତ ହେଲେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଡ୍ରାଇଭର ଓ ସମାଜସେବୀ




**ଅନୁଗୋଳ,୭।୧(ସମିସ)**

ଚଳିତ ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ 'ସଡକ ସୁରକ୍ଷା ଓ ପରିବାର ରକ୍ଷା' ବାର୍ତ୍ତାକୁ ନେଇ ସଡ଼କ ସୁରକ୍ଷା ସପ୍ତାହ ପାଳନର ଉଦଯାପନୀ ଉତ୍ସବ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ତଥା ସଡ଼କ ସୁରକ୍ଷା କମିଟିର ସଦସ୍ୟ, ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସ ଯୋଗଦେଇ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମଭିଆଇ ବିଭୁରଞ୍ଜନ ନାୟକ, ପରିବହନ ନିରୀକ୍ଷକ ସୁମନ୍ତ କୁମାର ସେଠୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ.କୁଳମଣୀ ନାୟକଙ୍କ ସମେତ ବସ୍ ମାଲିକ ସଂଘର ସଭ୍ୟ, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସଡ଼କ ସୁରକ୍ଷା ପରିବାର ରକ୍ଷା ସମ୍ବନ୍ଧୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ ପି. ଶୁଭଶ୍ରୀ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଓମ୍ ବିଦ୍ୟାଭାରତୀ ଛାତ୍ରୀ ସିପ୍ରାଣୀ ସାହୁ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ରଶ୍ମିତା ସାହୁଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସମାଜସେବୀ ଚିନ୍ମୟୀ ଦାସ, ମମତା ରାଣୀ ପ୍ରଧାନ, ବିଭୁ ପ୍ରସାଦ ଶତପଥି, ଶରତ ଚନ୍ଦ୍ର ସାହୁ, ସୁଧାକର ସାହୁ, ବାପି ମହାନ୍ତି ଏବଂ ବୀର ସୁରେନ୍ଦ୍ର ପ୍ରସାଦ ପ୍ରଧାନ, ଡ୍ରାଇଭର ବିରଞ୍ଚି ନାରାୟଣ ସାମଲ, ଘନଶ୍ୟାମ ଦାସ ପ୍ରମୁଖଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଜିଲ୍ଲାର ପ୍ରାୟ ୪୦ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।




## ଉତ୍କଳମଣି ଗୋପବନ୍ଧୁ ଅନ୍ଧକଲ୍ୟାଣ ସମିତିର ସୁବର୍ଣ୍ଣ ଜୟନ୍ତୀ ପାଳିତ



**କଣିହାଁ,୭।୧(ସମିସ):** କଣିହା ବ୍ଲକସ୍ଥିତ ତାଳଚେର ପ୍ରଜାମଣ୍ଡଳ ମେମୋରିଆଲ ଟ୍ରଷ୍ଟ ପରିସରରେ ରବିବାର ଉତ୍କଳମଣି ଗୋପବନ୍ଧୁ ଅନ୍ଧ କଲ୍ୟାଣ ସମିତି କଣିହାଁର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ତାର ବାର୍ଷିକ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି । ଏହି ଅନୁଷ୍ଠାନର ନିମନ୍ତ୍ରଣକୁ ଗ୍ରହଣ କରି ଅୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଧାୟକ ତାଳଚେର ବ୍ରଜକିଶୋର ପ୍ରଧାନ ଉପସ୍ଥିତ ହୋଇ ମହାପୁରୁଷଙ୍କୁ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଉତ୍କଳମଣି ଗୋପବନ୍ଧୁ ଅନ୍ଧ କଲ୍ୟାଣ ସମିତିର ସଭାପତି ସୁଧାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଏନଟିପିସି କଣିହାଁର ପ୍ରକଳ୍ପ ମହାପ୍ରବନ୍ଧକ ଅଶୋକ କୁମାର ସେହେଗଲ, ସମ୍ମାନିତ ଅତିଥି ଭାବରେ ଏଜିଏମ୍ (ଏଚ୍ ଆର) ବ୍ରିଜ କିଶୋର ପାଣ୍ଡେ, ଏଜିଏମ (ସି ଏସ ଆର) ରଫିକୁଲ ଇଜିଲାମ କଣିହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା ସୁମନ୍ତ ପଟେଲ ଯୋଗ ଦେଇଥିଲେ । ସମିତିର ସମ୍ପାଦକ କାଳନ୍ଦୀ ପ୍ରଧାନ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ କର କମଳରେ ବିଗତ ବର୍ଷମାନଙ୍କର ସ୍ମୃତି ବହନ କରିଥିବା ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ୮୫୦ ଜଣ ହିତାଧିକାରୀଙ୍କୁ ଅତିଥିବୃନ୍ଦ ଶୀତବସ୍ତ୍ର, ସହାୟକ ବାଡ଼ି ପ୍ରଦାନ କରିଥିଲେ । ସିଦ୍ଧି ପ୍ରସାଦ ସାହୁ ମଞ୍ଚ ପରିଚାଳନା କରିଥିଲେ ।

## ଜିଲ୍ଲା ପାଚିକା ସହାୟିକା ସଂଘର ଜିଲ୍ଲା ସମ୍ମିଳନୀ




**ଢେଙ୍କାନାଳ, ୭।୧(ସମିସ):** ଢେଙ୍କାନାଳ ସହର ଅନ୍ତର୍ଗତ ଷ୍ଟେସନ୍ ବଜାରସ୍ଥିତ ରାମ୍ଲୀ ମଣ୍ଡପ ଠାରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମ୍ଡିଏମ୍ ପାଚିକା ସହାୟିକା ସଂଘର ୨ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସମ୍ମିଳନୀରେ ରଞ୍ଜିତା ସାହୁ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦିକା ଭାରତୀ ଦାସ ସମ୍ମିଳନୀ ରିପୋର୍ଟ ଉପସ୍ଥାପନା କରିଥିଲେ । ଅତିଥି ଭାବେ ଏଆଇଟିୟୁସିର ରାଜ୍ୟ ସମ୍ପାଦିକା ହରପ୍ରିୟା ସ୍ୱାଇଁ ଯୋଗଦେଇ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ପାଚିକା ସହାୟିକା ସଂଘର ରାଜ୍ୟ ସଭାପତି କମଳ ଷଣ୍ଢ ବକ୍ତା ଭାବେ ଯୋଗଦେଇଥିଲେ । ଗତ ୧୬ ତାରିଖରେ ଶିକ୍ଷା ସଚିବଙ୍କୁ ପାଚିକାମାନଙ୍କ ସମସ୍ୟା ଉପରେ ଦାବିପତ୍ର ପ୍ରଦାନ କରିଥିବା ବେଳେ ଆଶା, ଅଙ୍ଗନବାଡ଼ି କର୍ମୀଙ୍କର ୬୨ବର୍ଷ ହୋଇଥିବା ବେଳେ ପାଚିକାମାନଙ୍କୁ ୬୨ ବର୍ଷରେ ଅବସର ଦେବାକୁ ନିର୍ଦ୍ଦେଶନାମା ଘୋଷଣା କରନ୍ତୁ । ଏହା ସହିତ ଅନ୍ୟାନ୍ୟ ଦାବି ଉପସ୍ଥାପନ ରାଜ୍ୟ କମିଟି ତରଫରୁ ଦିଆଯାଇଥିଲା । ଶିକ୍ଷା ବିଭାଗର ପ୍ରମୁଖ ସଚିବ ଏହା ଉପରେ ଫେବୃଆରୀ ମାସରେ ପାଚିକାମାନଙ୍କର ୬୨ ବର୍ଷର ବୃଦ୍ଧି ସହିତ ପାରିଶ୍ରମିକ ବୃଦ୍ଧି ଉପରେ ଘୋଷଣା କରିବେ ବୋଲି ବକ୍ତବ୍ୟ ରଖିଥିଲେ । ଚଳିତ ମାସ ୨୭ ଓ ୨୮ ତାରିଖ ଦୁଇଦିନ ଧରି ରାଜ୍ୟ ସମ୍ମିଳନୀକୁ ଜିଲ୍ଲାରୁ ୨୦ଜଣ ପ୍ରତିନିଧି ନିର୍ବାଚିତ ହେବା ସହିତ ଆଗାମୀ ଦିନ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଗଲା । ଏଥିରେ ଉପଦେଷ୍ଟା ଭାବେ ଯମ୍ନେଶ୍ୱର ପୃଷ୍ଟି, ସଭାପତି ଭାବେ ରବିରଥ, ଉପସଭାପତି ଶୁଭାସିନୀ ସାହୁ, ସମ୍ପାଦିକା ଭାରତୀ ଦାସ, ସହ ସମ୍ପାଦିକା ରଞ୍ଜିତା ସାହୁ ଓ କୋଷାଧକ୍ଷା ଭାବେ ମମତା ସାହୁଙ୍କୁ ନିର୍ବାଚିତ କରାଯିବା ସହିତ ୨୧ ଜଣିଆ ଜିଲ୍ଲା କମିଟି ଗଠନ କରାଗଲା । ଶେଷରେ ଯମ୍ନେଶ୍ୱର ପୃଷ୍ଟି ଧନ୍ୟବାଦ ଦେଇ ସଭା ସାଙ୍ଗ କରାଗଲା ।

## ନାଲ୍‌କୋର ପ୍ରତିଷ୍ଠା ଦିବସ ପାଳିତ



**ନାଲକୋ ନଗର,୭।୧(ସମିସ):** ନାଲକୋ ନବରତ୍ନପ୍ରାପ୍ତ ରାଷ୍ଟ୍ରାୟତ ଉଦ୍ୟୋଗ ନାଲକୋ ୪୪ବର୍ଷରେ ପଦାର୍ପଣ କରିଛି । ପ୍ରତିଷ୍ଠା ଉତ୍ସବର ଦୁଇଦିନିଆ ସମାରୋହ ନାଲକୋନଗର ସ୍ଥିତ ଗୋପବନ୍ଧୁ ପାର୍କ ନିକଟ ଓପନ ଏଆର ପେଣ୍ଡାଲରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରଥମ ଦିବସ ସନ୍ଧ୍ୟାରେ ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରାଯାଇଥିଲା । ନାଲକୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅମୀୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗ ଦେଇଥିଲେ । ଭାରତୀୟ ଅର୍ଥନୀତି ପରିବର୍ତ୍ତନରେ ନାଲକୋର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ନିର୍ଦ୍ଦେଶକ ମନସା ପ୍ରସାଦ ମିଶ୍ର ଯୋଗଦେଇ ଥିଲେ । ସମ୍ମାନିତ ଅତିଥି ଭାବେ ଜି.ଏମ ଇନ୍ ଚାର୍ଜ ଏସ.ଏ.ବସୁ, ଜିଜିଏମ ସ୍ମେଲ୍ଟର ଏନ୍.ଏସ୍ ସୁବ୍ରମଣ୍ୟମ୍, ଜିଜିଏମ ସିପିପି ଏମ୍.ଆର ଆଚାର୍ଯ୍ୟ, ଜି.ଜି.ଏମ କୋଲ ତପନ ପଟ୍ଟନାୟକ, ଜି.ଏମ ଏଚ.ଆର.ଡି ସିପିପି ସୁନିଲ କୁମାର ମହାପାତ୍ରଙ୍କ ସମେତ ନାଲକୋର ସମସ୍ତ ମହାପ୍ରବନ୍ଧକ ଓ ଅଧିକାରୀ ଯୋଗ ଦେଇଥିଲେ । କୃତିତ୍ୱ ହାସଲ କରିଥିବା କର୍ମଚାରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ସଭା ଶେଷରେ ଲିଟିଲ ଚାମ୍ପ ସ୍କୁଲର ଛାତ୍ର ଛାତ୍ରୀଙ୍କ ଦ୍ଵାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ରିମିଟ କଲେଜ ଛାତ୍ରଛାତ୍ରୀଙ୍କ ସଡ଼କ ସୁରକ୍ଷା ସଚେତନତା




**ଅନୁଗୋଳ, ୭।୧ (ସମିସ):** ଅନୁଗୋଳ ପଞ୍ଚମହଲା ସ୍ଥିତ ରିମିଟ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଥିଲା । ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ନିଖିଳ ପଟ୍ଟନାୟକ ଓ ଖାଦ୍ୟ ଯୋଜନା ବୋର୍ଡ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ କାର୍ଯ୍ୟକ୍ରମରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସଡ଼କ ନିୟମ ବିଷୟରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଚେୟାରମ୍ୟାନ ଅଭୟ କୁମାର ସାହୁ, ସମାଜସେବୀ ଚିନ୍ମୟୀ ଦାସ ଯୋଗଦାନ କରିଥିଲେ ।

## କଣିହାଁ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଏସିସି ଅନୁଗୋଳ ଚାମ୍ପିଅନ

**କଣିହାଁ, ୭।୧(ସମିସ)**

ଅନୁଗୋଳ ଜିଲ୍ଲା କଣିହାଁ କଲେଜ ସମ୍ମୁଖ ଖେଳ ପଡିଆଠାରେ ଚାଲିଥିବା କଣିହାଁ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି ।ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ୯ ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ମର୍ଣ୍ଣିଂ ଷ୍ଟାର ଅନୁଗୋଳ ଓ ଏସିସି ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମର୍ଣ୍ଣିଂ ଷ୍ଟାର ଅନୁଗୋଳ ଟସ୍ ଜିତି ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୧ ରନ ସଂଗ୍ରହ କରିଥିଲା । ଜବାବରେ ଏସିସି ଅନୁଗୋଳ ନିର୍ଦ୍ଧାରିତ ଓଭରରେ ୯ ୱିକେଟ ହରାଇ ୧୪୨ ରନ ସଂଗ୍ରହ କରି ଚାମ୍ପିଅନ ଘୋଷିତ ହୋଇଥିଲା । ଏହି ଅବସରରେ ଅତିଥିଭାବେ କଣିହାଁ କୋଇଲା ଖଣି ଜିଏମ କିଶୋର କୁମାର

ରାଉଳ, ଜେଆଇଟିପିଏଲ ଅଧିକାରୀ ପ୍ରଭାତ ବିଶ୍ୱାଳ,ଏନଟିପିସି ପ୍ରକଳ୍ପ ଅଧିକାରୀ ଶାଗନିକ ବାକ୍ଲିଲ, ଧନେଶ୍ୱର ନାୟକ ଉତ୍କଳ ସାମ୍ବାଦିକ ସଂଘର ସଭାପତି କଷ୍ଟୁଚରଣ ସାମଲ, କଣିହା ପ୍ରେସ କ୍ଲବ ସମ୍ପାଦକ ରଞ୍ଜନ ମିଶ୍ର , କାଳନ୍ଦୀ ପ୍ରଧାନ, କଣିହାଁ ଗ୍ରାମ ସଭାପତି କଳାକାର ସାହୁ ପ୍ରମୁଖ ଯୋଗଦାନ ଦେଇ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ ।ଏହା ସହିତ ମ୍ୟାନ ଅଫ ଦି ଫ୍ୟାଇନାଲ ଭାବେ ଘୋଷିତ ଆୟୁସ ବାରିକ, ବେଷ୍ଟ ବ୍ୟାଟ୍ସମ୍ୟାନ ସତ୍ୟଜିତ ସିଂ, ବେଷ୍ଟ ବୋଲର ଦୀପକ ତିୱାରୀ, ମ୍ୟାନ ଅଫ ଦି ସିରିଜି ଆଦର୍ଶ ସିଂଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ଲବ ସଭାପତି ଆଲୋକ କୁମାର ସାହୁଙ୍କ ସହିତ ଅନ୍ୟାନ ସଦସ୍ୟ ପରିଚାଳନା କରିଥିବା ବେଳେ ଅମ୍ପାୟାର ଜୟକୃଷ୍ଣ ରାଉତ, ବଳଭଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ ।



# ମାର୍ଚ୍ଚ ପ୍ରଥମ ସପ୍ତାହରେ ସରିବ ହାଇସ୍କୁଲ୍ ଶିକ୍ଷକ ବଦଳି ପ୍ରକ୍ରିୟା

**ଭୁବନେଶ୍ୱର, ୭ ।୧(ସମିସ):** ହାଇସ୍କୁଲ୍ ଶିକ୍ଷକ ବଦଳି ପ୍ରକ୍ରିୟା ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ମଧ୍ୟରେ ସରିବ । ଏବେ ଆବେଦନ ଫର୍ମ ଯାଞ୍ଚ ପ୍ରକ୍ରିୟା ଚାଲୁଥିବା ବେଳେ ଆସନ୍ତା ୧୧ ତାରିଖରେ ଏହା ଶେଷ ହେବ । ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ) ଓ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ଆବେଦନଗୁଡ଼ିକର ଯାଞ୍ଚ କରୁଛନ୍ତି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ବଦଳି କମିଟି(ଡିଏଲ୍‌ଟିସି) ଏବଂ ରାଜ୍ୟସ୍ତରରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବଦଳି କମିଟି(ଏସ୍‌ଏଲ୍‌ଟିସି) ଗଠନ ହୋଇଛି । ବଦଳି ପାଇଁ ହୋଇଥିବା ଆବେଦନ ଫର୍ମକୁ ସିଧାସଳଖ କିମ୍ବା ମନଇଚ୍ଛା ବାତିଲ୍ କରିପାରିବେ ନାହିଁ । ବାତିଲ କରିବାକୁ ଏହି କମିଟିଦ୍ୱୟକୁ ବୈଧ କାରଣ ଦର୍ଶାଇବାକୁ ପଡ଼ିବ ।

ସୂଚନାନୁଯାୟୀ, ଆବେଦନକାରୀ ମେଡିକାଲ ସମସ୍ୟା ଦର୍ଶାଇଥିଲେ, ଆସନ୍ତା ୧୨ତାରିଖରୁ ୩୧ ପର୍ଯ୍ୟନ୍ତ ମେଡିକାଲ ବୋର୍ଡକୁ ସୁପାରିଶ ପାଇଁ ପଠାଯିବ । ଏହାର ରିପୋର୍ଟ ଫେବ୍ରୁଆରୀ ୧୨ ମଧ୍ୟରେ ଆସିବ । ମେଡିକାଲ ରିପୋର୍ଟଗୁଡ଼ିକୁ ୧୨ରୁ ୧୫ମଧ୍ୟରେ ଅପଲୋଡ୍ କରାଯିବ । ଏହାପରେ ଜିଲ୍ଲା କିମ୍ବା ରାଜ୍ୟସ୍ତରୀୟ ବଦଳି କମିଟି ବୈଠକ ବସି ଫେବ୍ରୁଆରୀ ୧୬ ଓ ୧୭ରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ । ବଦଳି ଆଦେଶ ଫେବ୍ରୁଆରୀ ୧୮ ରୁ ୨୦ ମଧ୍ୟରେ ଜାରି କରାଯିବ । ଆଦେଶ ଜାରି ହେବାର ୨ସପ୍ତାହ ମଧ୍ୟରେ ବଦଳି ତାଲିକାରେ ଥିବା ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ଶେଷ ହେବ । ଅର୍ଥାତ୍ ମାର୍ଚ୍ଚ ପ୍ରଥମ ସପ୍ତାହ ଶେଷ ସୁଦ୍ଧା ବଦଳି ପ୍ରକ୍ରିୟା ସଂପୂର୍ଣ୍ଣ ଶେଷ ହେବ । ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ(ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି ।

# ସୀତାଂଶୁ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ଓ ରାଜୀବ ଉପାଧ୍ୟକ୍ଷ ନିର୍ବାଚିତ

**କଟକ, ୭ ।୧(ସମିସ):** ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିର୍ବାଚନ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ଭାବେ ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ଓ ଉପାଧ୍ୟକ୍ଷ ଭାବେ ରାଜୀବ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ପାଇଁ ମୋଟ ୪ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ । ଅଧ୍ୟକ୍ଷ ପଦ ପାଇଁ ସୀତାଂଶୁ ମୋହନ ଦ୍ୱିବେଦୀ ଓ ସୌରଚନ୍ଦ୍ର ମହାପାତ୍ର ପ୍ରାର୍ଥୀ ହୋଇଥିଲେ । ସେହିପରି ଉପାଧ୍ୟକ୍ଷ ପଦ ପାଇଁ ରାଜୀବ କୁମାର ମହାନ୍ତି ଓ ପୀତବାସ ପଣ୍ଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଆଇନଜୀବୀ ପରିଷଦର ସମସ୍ତ ୨୫ଜଣ ସଦସ୍ୟ ନିର୍ବାଚନରେ ମତଦାନ କରିଥିଲେ । ଏହି ନିର୍ବାଚନକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରମଥ କୁମାର ପଟ୍ଟନାୟକ ଓ ସହକାରୀ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ଓ ବାସୁଦେବ ପୂଜାହାରୀ ପରିଚାଳନା କରିଥିଲେ । ନବ ନିର୍ବାଚିତ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ବିଜୁ ଜନତା ଦଳ ଆଇନଜୀବୀ ସାମୁଖ୍ୟର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଦୁର୍ଗାଚରଣ ପ୍ରଧାନ ବିଜେଡି ରାଜ୍ୟ ସମ୍ପାଦକ

**ଭୁବନେଶ୍ୱର,୭ ।୧(ସମିସ):** ଅନୁଗୁଳର ଦୁର୍ଗାଚରଣ ପ୍ରଧାନଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଶ୍ରୀ ପ୍ରଧାନଙ୍କୁ ଏହି ପଦରେ ନିଯୁକ୍ତ କରାଯାଇଛି ବୋଲି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ଆଜୀବନ ଜେଲ୍‌ଦଣ୍ଡ ଭୋଗୁଥିବା କଏଦୀ ଫେରାର୍



**ବାରିପଦା/ରାଇରଙ୍ଗପୁର, ୭ ।୧(ସମିସ):** ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ଜଣେ କଏଦୀ ଜେଲରୁ ଫେରାର୍ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପକାରାଗାରରେ ଏହି ଘଟଣା ଘଟିଛି । ଆସାମୀଜଣଙ୍କ ହେଲା, ବିଶୋଇ ଥାନା ଅନ୍ତର୍ଗତ ବୁଢ଼ାମରା ଗ୍ରାମର ଛୋଟୁ ଲୋହାର । ଜେଲ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଛୋଟୁ ଫେରାର୍ ହେବାରେ ସମର୍ଥ ହୋଇଛି । ଜେଲ କର୍ତ୍ତୃପକ୍ଷ ଓ ରାଇରଙ୍ଗପୁର ଟାଉନ୍ ଥାନା ପୁଲିସ ତାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି । ସୂଚନା ଅନୁଯାୟୀ, ଛୋଟୁ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲା । ପ୍ରାୟ ୩ ବର୍ଷ ହେବ, ସେ ରାଇରଙ୍ଗପୁର ଉପକାରାଗାରରେ ବନ୍ଦୀ ଜୀବନ ବିତାଉଥିଲା । ଶନିବାର ଅପରାହ୍ଣରେ ସେ ଜେଲ୍ କର୍ମଚାରୀଙ୍କୁ ଚକମା ଦେଇ ଫେରାର୍ ହୋଇଯାଇଛି । ଜେଲ୍‌ର ବିଭିନ୍ନ କାମ ଓ ଜେଲ୍‌ରେ ହେଉଥିବା ପରିବା ଚାଷ ଆଦି କଥା ମଧ୍ୟ ସେ ବୁଝୁଥିଲା । ସେ ପଡ଼ୋଶୀ ଝାଡ଼ଖଣ୍ଡକୁ ପଳାଇ ଯାଇଥିବା ଅନୁମାନ କରାଯାଉଛି ।

# କୃଷ୍ଣା ମହାନ୍ତି ପାଇବେ 'ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର'



**ଭୁବନେଶ୍ୱର, ୭ ।୧(ସମିସ):** ବିଶିଷ୍ଟ ଗାନ୍ଧୀବାଦୀ, ସର୍ବୋଦୟ ନେତ୍ରୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି ୨୦୨୩ ବର୍ଷ ପାଇଁ ସମ୍ମାନଜନକ 'ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର'ରେ ସମ୍ମାନିତ ହେବେ । ଅଖିଳ ଭାରତ ସର୍ବୋଦୟ ମଣ୍ଡଳ ପକ୍ଷରୁ ରାଜସ୍ଥାନର ଜୟପୁରଠାରେ ସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ସର୍ବସମ୍ମତିକ୍ରମେ ଶ୍ରୀମତୀ ମହାନ୍ତିଙ୍କୁ ଏହି ସମ୍ମାନ ଦେବା ନିମନ୍ତେ ନିଷ୍ପତ୍ତି ହୋଇଛି । ସର୍ବସେବା ସଂଘର ଆଗାମୀ ରାଷ୍ଟ୍ରୀୟ ଅଧିବେଶନରେ କୃଷ୍ଣା ମହାନ୍ତିଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ନିମନ୍ତେ ସମ୍ମାନ ପତ୍ର ଓ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚନ୍ଦନ ପାଲ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

ଉଲ୍ଲେଖଯୋଗ୍ୟ, କୃଷ୍ଣା ମହାନ୍ତି ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କର କନିଷ୍ଠ କନ୍ୟା ତଥା ମାଆ ରମାଦେବୀ ଓ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ଝିଆରୀ । ଭାରତଛାଡ଼ ଆନ୍ଦୋଳନ କାଳରେ ତାଙ୍କର ସମଗ୍ର ପରିବାର ଜେଲ୍‌ରେ ଥିବା ବେଳେ ଛୋଟ ଝିଅ କୃଷ୍ଣା ମଧ୍ୟ ମାଆଙ୍କ ସହ କଟକ ଜେଲ୍‌ରେ କିଛି କାଳ ବିତାଇଥିଲେ । ଜେଲ୍‌ରୁ ବାହାରିବା ପରେ ମହାତ୍ମା ଗାନ୍ଧୀ ତାଙ୍କୁ ତାଙ୍କ ସେବାଗ୍ରାମ ଆଶ୍ରମରେ ରଖାଇଥିଲେ । ୮୪ ବର୍ଷୀୟା କୃଷ୍ଣା ମହାନ୍ତି ସମ୍ପ୍ରତି ଅନୁଗୁଳସ୍ଥିତ ବାଜି ରାଉତ ଛାତ୍ରାବାସରେ ରହୁଛନ୍ତି ।

# ମଝି ଚିଲିକାରେ ଫସିଲେ କେନ୍ଦ୍ରମନ୍ତ୍ରୀ

**ପୁରୀ, ୭।୧(ସମିସ):** ମଝି ଚିଲିକାରେ ଦୀର୍ଘ ୫ ଘଣ୍ଟା ଫସି ରହିଥିଲେ କେନ୍ଦ୍ର ମତ୍ସ୍ୟ ଓ ପଶୁ ଗୋପାଳନ ମନ୍ତ୍ରୀ ପୁରୁଷୋତ୍ତମ ରୁପାଲା । ରବିବାର ଅପରାହ୍ଣ ପ୍ରାୟ ୪ଟାରେ ବାଲୁଗାଁରୁ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଚିଲିକାରେ ଡଙ୍ଗାରେ ସାତପଡ଼ା ଆସୁଥିବା ବେଳେ ଚିଲିକା ଭିତରେ ଅନ୍ଧାରରେ ଦିଗହରା ହୋଇଥିଲା ମନ୍ତ୍ରୀଙ୍କ ଡଙ୍ଗା । ଡଙ୍ଗାଟି ଯାଇ ବରକୁଳରେ ମାଛ ଧରିବା ପାଇଁ ବସାଯାଇଥିବ ଜାଲରେ ଲାଗି ଯାଇଥିଲା । ଦୀର୍ଘ ସମୟ ଧରି ସାତପଡ଼ାରେ ନ ପହଞ୍ଚିବାରୁ ମନ୍ତ୍ରୀଙ୍କୁ ଅପେକ୍ଷା କରିଥିବା ଲୋକେ ଯୋଗାଯୋଗ କରିବା ପରେ ଘଟଣା ବିଷୟରେ ଜାଣିଥିଲେ । ତୁରନ୍ତ ସାତପଡ଼ାରୁ ୨ଟି ଡଙ୍ଗା ଯାଇ ମନ୍ତ୍ରୀଙ୍କୁ ଉଦ୍ଧାର କରିଥିଲା । ରାତି ୯ଟା ସୁଦ୍ଧା ମନ୍ତ୍ରୀ ସାତପଡ଼ାରେ ସୁରକ୍ଷିତ ଭାବେ ପହଞ୍ଚିଥିଲେ । ମନ୍ତ୍ରୀ ଶ୍ରୀ ରୁପାଲାଙ୍କ ସହିତ ବିଜେପି ନେତା ସମ୍ବିତ ପାତ୍ର ମଧ୍ୟ ଫସିଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି । ପୁରୀ ଜିଲ୍ଲାର ଅରଖକୁଦା ଗାଁରେ ମନ୍ତ୍ରୀ ସାଗର ପରିକ୍ରମା କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା । ଅନ୍ୟପଟେ ମନ୍ତ୍ରୀଙ୍କ ବିଳମ୍ବ ହେବାରୁ ବିଭିନ୍ନ ଗ୍ରାମରୁ ସାଗର ପରିକ୍ରମା କାର୍ଯ୍ୟକ୍ରମକୁ ଆସିଥିବା ମତ୍ସ୍ୟଜୀବୀମାନେ ଫେରିଯାଇଥିଲେ ।

# ପାଣିଟାଙ୍କିରେ ଫୁଟିଉଠୁଛି 'ପଦ୍ମାବତୀ'ର କଥା






- ଅତିଥି ଦେଖିବେ ରାଜା ପୁରୁଷୋତ୍ତମ ଦେବ ଓ କାଞ୍ଚି ରାଜକନ୍ୟାଙ୍କ ପ୍ରେମ କାହାଣୀ
- ଉତ୍କଳୀୟ ପାରମ୍ପରିକ ପଟ୍ଟଚିତ୍ର ଶୈଳୀରେ ଆକର୍ଷଣୀୟ ହୋଇଛି ଚିତ୍ରକଳା

**ପୁରୀ,୭ ।୧(ସମିସ):** ଶ୍ରୀମନ୍ଦିର ଲୋକାର୍ପଣ ପାଇଁ ଶ୍ରୀକ୍ଷେତ୍ରରେ ଏକାଠି ହେବେ ଦେଶର ପ୍ରମୁଖ ଦେବପୀଠର ମୁଖ୍ୟ । ପୁଣି ଧର୍ମଗୁରୁ, ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତି ବି ଯୋଗଦେବେ । ବିଗତ ଦିନରେ ସବୁ ଧର୍ମ ଓ ମତବାଦର ବ୍ୟକ୍ତିଙ୍କୁ ଆପଣାଇ ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ ଶ୍ରୀଜଗନ୍ନାଥଙ୍କ ଧାମ ଏବେ ପୁଣିଥରେ ସମସ୍ତଙ୍କୁ ଆପଣାଇବା ଲାଗି ନିଜକୁ ପ୍ରସ୍ତୁତ କରୁଛି । ପରିକ୍ରମା ଲୋକାର୍ପଣରେ ଯୋଗ ଦେବାକୁ ଆସୁଥିବା ଅତିଥିମାନଙ୍କ ଆତିଥେୟତାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ସଜେଇ ହେଉଛି ଶ୍ରୀକ୍ଷେତ୍ର ପୁରୀ । ଏହି ସାଜସଜା ଭିତରେ ସହରର ବିଭିନ୍ନ ପ୍ରମୁଖ ଜାଗାର କାନ୍ଥ, ପ୍ରାଚୀରରେ ଅଙ୍କାଯାଉଛି ଆକର୍ଷଣୀୟ ଚିତ୍ରକଳା । ଓଡ଼ିଆ ଶିଳ୍ପୀଙ୍କ କଳା, ଚାତୁର୍ଯ୍ୟ ଓ ସୂକ୍ଷ୍ମ କାରୁକାର୍ଯ୍ୟ ଫୁଟିଉଠୁଛି ଏହି ଚିତ୍ରରେ । ଯିଏ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡ଼ଦେଉଳକୁ ଯାଉଛନ୍ତି, ସେମାନଙ୍କ ନଜର ଏବେ ଅଟକି ଯାଉଛି ଗଡ଼ନ୍ତି ଛକର ପୁରୁଣା ପାଣିଟାଙ୍କି ଉପରେ । ବ୍ରିଟିଶ୍ ଅମଳର ଏହି ପାଣିଟାଙ୍କି ପରିକ୍ରମା ପ୍ରକଳ୍ପ ଭିତରେ ଛିଡ଼ା ହୋଇଥିବା ବେଳେ ଏହାକୁ ଆକର୍ଷଣୀୟ ପରିପାଟୀରେ ସଜା ଯାଉଛି । ଏହି ପାଣିଟାଙ୍କିକୁ ସମ୍ପୂର୍ଣ୍ଣ ଭାବେ ଫିକା ଗୋଲାପି ରଙ୍ଗରେ ରଙ୍ଗାୟିତ କରାଯାଇଥିବା ବେଳେ ଏହା ଉପରେ ସୁନ୍ଦର ଭାବେ କାଞ୍ଚି ରାଜକନ୍ୟା ପଦ୍ମାବତୀଙ୍କ କାହାଣୀ ଅଙ୍କାଯାଉଛି । ପାରମ୍ପରିକ ପଟ୍ଟଚିତ୍ର ଶୈଳୀରେ ଆକର୍ଷଣୀୟ ଭାବେ ଫୁଟିଉଠୁଛି ଏହି ଚିତ୍ରକଳା । ପରିକ୍ରମା ପ୍ରକଳ୍ପକୁ ଯୋଗଦେବା ପାଇଁ ଆସୁଥିବା ଅତିଥିମାନେ ଏହି ବ୍ରିଟିଶ୍ ଅମଳର ପାଣିଟାଙ୍କି ଉପରେ ଦେଖିପାରିବେ ରାଜା ପୁରୁଷୋତ୍ତମ ଦେବ ଏବଂ କାଞ୍ଚି ରାଜକନ୍ୟାଙ୍କ ପ୍ରେମ କାହାଣୀ ।

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଲାଗି ପୁରୀ ସହରର ୨୭ଟି ସ୍ଥାନର କାନ୍ଥ, ପ୍ରାଚୀରରେ ପାରମ୍ପରିକ ଚିତ୍ରକଳା କରାଯାଉଛି । ଏଥିପାଇଁ ୧୪ଟି ସଂସ୍ଥାର ପ୍ରାୟ ୧୦୦ ଶିଳ୍ପୀ ନିୟୋଜିତ ରହିଛନ୍ତି । ତେବେ ପରିକ୍ରମା ପ୍ରକଳ୍ପ ପରିସର ବ୍ରିଟିଶ ଅମଳର ପାଣିଟାଙ୍କି ଉପରେ ପାରମ୍ପରିକ ପଟ୍ଟଚିତ୍ର ଶୈଳୀରେ ପଦ୍ମାବତୀ ଉପାଖ୍ୟାନ ଅଙ୍କନ କରୁଛନ୍ତି ଐତିହ୍ୟ ଗ୍ରାମ ରଘୁରାଜପୁରର ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ୟୁନିଭର୍ସ ମହାରଣା । ତାଙ୍କ ସହ ଆଉ ୬ଜଣ ଏଥିରେ ସାମିଲ ଅଛନ୍ତି । ଏଥିରେ ଅଙ୍କାଯାଉଥିବା ଚିତ୍ରକଳା ସମ୍ପର୍କରେ ଶିଳ୍ପୀ ୟୁନିଭର୍ସ କହିଛନ୍ତି, ୮ଟି ଭାଗରେ କାଞ୍ଚି ରାଜ୍ୟର ରୂପସୀ ରାଜଜେମା ପଦ୍ମାବତୀ ଏବଂ ସୂର୍ଯ୍ୟବଂଶୀ ରାଜା ଗଜପତି ପୁରୁଷୋତ୍ତମ ଦେବଙ୍କ ବିବାହକୁ ସେମାନ ଚିତ୍ରଣ କରିଛନ୍ତି । ଏଥିରେ ଏକ ନଦୀକୂଳରେ ପୁରୁଷୋତ୍ତମ ଦେବ ରାଜଜେମା ପଦ୍ମାବତୀଙ୍କୁ ସାକ୍ଷାତ କରିବା, ଦୁହେଁ ପରସ୍ପରକୁ ପସନ୍ଦ କରି ବିବାହ ପାଇଁ ମନସ୍ଥ କରିବା, କାଞ୍ଚି ରାଜା ଜାଣିବା ପରେ ସହମତି ପ୍ରକାଶ କରି ତାଙ୍କର ଜଣେ ମନ୍ତ୍ରୀଙ୍କୁ ରଥଯାତ୍ରା ଦେଖିବା ପାଇଁ ପଠାଇବାକୁ ଅତି ନିଚ୍ଛକ ଭାବେ ଅଙ୍କାଯାଇଛି । ସେହିପରି ପୁରୁଷୋତ୍ତମଦେବ ରଥ ଉପରେ ଛେରାପହଁରା କରୁଥିବା ଖବର ପାଇ କାଞ୍ଚି ରାଜା ଅମଙ୍ଗ ହେବା, ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେବା, ଯୁଦ୍ଧରେ ପ୍ରଭୁ ଜଗନ୍ନାଥ ଏବଂ ବଳଭଦ୍ର କଳା, ଧଳା ଘୋଡାରେ ଚଢ଼ି ଯିବା, ଗଜପତି ପୁରୁଷୋତ୍ତମଦେବ ଯୁଦ୍ଧରେ ବିଜୟୀ ହୋଇ ପଦ୍ମାବତୀଙ୍କୁ ବିବାହ କରିବା; ଏହି ସବୁକୁ ଅତି ନିଖୁଣ ଭାବେ ଚିତ୍ରକଳାରେ ସ୍ଥାନ ଦିଆଯାଇଛି ବୋଲି ଶିଳ୍ପୀ ୟୁନିଭର୍ସ କହିଛନ୍ତି । ଏଥିରେ ମଧୁସୂଦନ ସ୍ୱାଇଁ, ସୁରେଶ ମହାରଣା, ସୁକାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ଚରଣ ନାୟକ, ହେମନ୍ତ ବରାଳ ପ୍ରମୁଖ ଶିଳ୍ପୀ ଓ ସହଯୋଗୀ କାମ କରିଛନ୍ତି । ବନ୍ଧା ଯାଇଥିବା ଭାରାରେ ଚଢ଼ି ଚିତ୍ର ଆଙ୍କିବା ବେଶ୍ କଷ୍ଟକର । କିନ୍ତୁ ମହାପ୍ରଭୁଙ୍କ ଆଶୀର୍ବାଦ ଥିବାରୁ ସେମାନେ ଏତେ ଉଚ୍ଚରେ ଚଢ଼ି କାମ କରୁଛନ୍ତି ବୋଲି କହିଛନ୍ତି ୟୁନିଭର୍ସ ।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SOCIAL SCIENCE

### SECTION-A

1. Which of the following statements is /are correct?
   A. Social divisions take place when social differences overlap
   B. It is possible that a person can have multiple identities
   C . Social divisions exist in only big countries like India
   D. Only c
   (a)A,B and C. (b)A and B. (c)B & C. (d)C & D
2. Boys and girls are brought up to believe that the main responsibility of women is housework and bringing up children. This is reflected in a .................... in most families?
   (a) Gender system (b) Sexual division of labour
   (c) Division of labour (d) Gender division
3. What is the name of the alliance that formed the government in 1998?
   (a) National Democratic Alliance (b) United progressive Alliance
   (c) National progressive Alliance (d) United Democratic Alliance
4. Social outcomes cover the areas like
   (i) Dignity and freedom of citizens
   (ii) Untouchability and discrimination
   (iii) Gender equality (iv) Ban on child labour
   (a) (i), (iii) and (iv) (b) (ii), (i) and (iv)
   (c) (ii) and (iv) (d) (i) and (iii)
5. Which one comes under the Union List in India?
   (a) Police (b) Agriculture (c) Banking (d) Trade
6. Materials in the environment which have the potential to satisfy human needs but human beings do not have appropriate technology to access them are called:
   (a) Potential resource (b) Stock
   (c) Developed resource (d) Reserves
7. Which of these statements is not a valid reason for the depletion of flora and fauna?
   (a) Agricultural expansion (b) Large-scale development projects
   (c) Grazing and fuel wood collection (d) Rapid industrialisation and urbanisation
8. In states like Assam, ______ and Odisha, three crops of paddy are grown in a year. These are Aus, Aman and Boro.
   (a) Uttar Pradesh (b) West Bengal (c) Punjab (d) Haryana
9. Which of the following minerals is the primary source of aluminium?
   (a) Bauxite (b) Coal (c) Iron ore (d) Copper
10. Oil India Ltd is a ______ type of industry on the basis of ownership.
    (a) Public sector (b) Private sector
    (c) Joint sector Industry (d) Cooperative sector Industry
11. Workers in this sector do not produce goods :
    (a) tertiary sector (b) secondary sector (c) primary sector (d) only c option
12. Assertion (A): Globalisation leads to increased competition in international and domestic markets.
    Reason (R): Globalisation makes the consumers better off as they have a wider variety of goods to choose from at lower prices.
    (a)Both A and R are true , R is the correct explanation of A.
    (b)Both A and R are true, R is not the correct explanation of A.
    (c) A is true ,R is false
    (d) A is false , R is true
13. Assertion (A): Banks charge a higher interest rate on loans than what they offer on deposits.
    Reason (R): The difference between what is charged from borrowers and what is paid to depositors is their main source of income.
    (a) Both A and R are true , R is the correct explanation of A.
    (b) Both A and R are true, R is not the correct explanation of A.
    (c) A is true ,R is false (d) A is false, R is true
14. Assertion (A): In the 1980s and 1990s a comprehensive land development programme was initiated which included both institutional and technological reforms.
    Reason (R) : Green revolution was based on the use of package Technology.
    (a) Both A and R are true , R is the correct explanation of A.
    (b) Both A and R are true, R is not the correct explanation of A.
    (c) A is true ,R is false (d) A is false , R is true
15. For the middle class of Europe, the most important feature of Liberalism was
    (a) abolition of conservatism. (b) Right to be liberal and educated.
    (c) Individual freedom and equality before law (d) Representative government.
16. Romanticism refers to
    (a) cultural movement (b) religious movement
    (c) political movement (d) literary movement
17. In Prussia, who was referred to as 'Junkers'?
    (a) Military officials (b) Large landowners
    (c) Factory owners (d) Aristocratic nobles
18. A form of demonstration used in the Non-cooperation Movement in which people block the entrance to a shop, factory or office is
    (a) Boycott (b) Begar (c) Picketing (d) Bandh
19. Khilafat Committee was formed in 1919 in the city of
    (a) Bombay (b) Calcutta (c) Lucknow (d) Amritsar
20. In which year the Indigo Satryagrah was organized?
    (a) 1916 (b) 1917 (c) 1918 (d) 1919

### SECTION - B (2 Marks)

21. Given one point of difference between a pressure group and a political party.
22. Explain the term majoritarianism.
23. Write about the different innovations in printing technology during the 19th century.
24. The production of pulses should be increased. Give two reasons.

### SECTION-C (3 Marks)

25. List all the different social groups which joined the Non-Cooperation Movement of 1921. Choose any three, and write about their hopes and struggles to show why they joined the movement.
26. Suppose a politician seeks your vote on the religious ground. Why is his act considered against the norms of democracy? Explain.
27. An ideal government would not only keep itself away from corruption but also make fighting corruption and black money a top priority". Justify the statement.
28. Explain how public sector contributes to the economic development of a nation.
29. Compare 'intensive subsistence farming' with that of 'commercial farming' practiced in India.

### SECTION-D (5 Marks)

30. What changes did Napoleon introduce to make the administrative system more efficient in the territories ruled by him?
31. India comes under which type of federation and why?
32. 'Energy saved is energy produced.' Assess the statement.
33. "Information and communication technology has played a major role in spreading out production of services across countries." Justify the statement with examples.

### SECTION-E (4 Marks)

34. **Read the given text and answer the following questions:**
    The influence of print media, namely newspapers and magazines, is significantly limited in developing countries due to the prevalence of illiteracy. Despite this, print media plays a crucial role in shaping public opinion and determining what is deemed newsworthy. Margaret Gallagher's research in the early 1980s revealed that women and women's issues were given minimal coverage in newspapers, with gender stereotypes being reinforced in general.
    However, with the rise of feminist criticism of print media and the involvement of feminist professionals in the industry, there has been some progress. In the past, women and their issues were rarely featured on the front page of newspapers and were often portrayed as victims of violence. Today, women are more visible in mainstream print media, although they still coexist with outdated sexist images and back page pin-ups.
    i) What do you mean by the term penny magazine? Also add name of prominent women writer in history of print media. (1)
    ii)Write about Rashsundari Debi . (1)
    iii) What was the role of press in liberating the rights of women in India? (2)
35. **Read the given text and answer the following questions:**
    The stable availability of credit for business and commerce is an essential prerequisite for investment and, consequently, economic growth in any given economy. In the case of an emerging economy such as India, the provision of credit for investments is crucial in order to achieve and maintain a high GDP growth rate. Throughout history, the banking system has been the primary and formal source of commercial credit in India, excluding government-related credit. However, in recent years, the bond market has also emerged as a significant source of credit. The expansion and increased prevalence of mutual funds and insurance firms have directed a growing portion of household savings towards corporate bonds. Additionally, non-banking finance companies (NBFCs) have played a critical role in providing credit to certain segments of borrowers who have been overlooked or underserved by traditional banks. Furthermore, there has been an increase in external commercial borrowings (ECB) by firms over the past decade, although access to ECB is regulated and represents a relatively smaller portion of domestic credit.
    i) What do you understand by the term "terms of credit"? (2)
    ii) Explain two situation of lending where credit plays a positive and a negative role? (2)
36. **Read the given text and answer the following questions:**
    The recent effort and suggestion in our country to perform political parties and its leaders: The constitution was embedded to prevent the elected MLA and MP's for changing parties. This was it on because many elected representatives were indulging in diffraction in order to become ministers or for each cash rewards. Now the law says that if any MLA or MP changes party he or she will lose the seats in the Legislature. This new law have the bring defects and down at the same time this has made any decent even more difficult MLA and MP have to accept whatever the party leaders decide. The supreme court past and order to reduce the influence of money and criminals. Now, it is mandatory for every candidate who contest election to file and Affidavit giving details of his property and criminal cases pending against him. It should be made mandatory for political parties to give a minimum number of tickets, about one third to women candidates. Similarly, there should be a quota for women in the decision making bodies of the party .There should be state funding of the elections the government should give parties money to support their election expenses. This support could be given in the kind : petrol ,paper ,telephone etc. Or it could be given in cash on the basis of votes secure by the party in the last election.
    i) Explain the meaning of the term defection with reference to the political party system of India. Also evaluate the significance of an affidavit which is given by the candidate while contesting elections. (1+1)
    ii) state any one suggestion which is made to perform the position of women in the Indian political system. What is the significance of this suggestion? (2)

***** *All the Best...*

**ANSWER KEY**

| | | | | | | | | | |
|---|---|---|---|---|---|---|---|---|---|
| 1.b | 2.b | 3. a | 4.b | 5.c | 6. b | 7.d | 8. b | 9.a | 10. c |
| 11. a | 12.b | 13. a | 14.b | 15.c | 16.a | 17.b | 18.c | 19.a | 20.b |

**Courtesy: ARYAVART ANCIENT ACADEMY, KHORDHA**
A SENIOR SECONDARY SCHOOL
Web: www.aaschool.in

ରଣଜୀ ଟ୍ରଫି

# ପୂଜାରାଙ୍କ ୧୭ତମ ଦ୍ୱିଶତକ

ନୂଆଦିଲ୍ଲୀ, ୭ ।୧ (ଏଜେନ୍ସି)

ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଭାରତୀୟ ଘରୋଇ କ୍ରିକେଟ୍‌ର ଶ୍ରେଷ୍ଠ ପ୍ରତିଯୋଗିତା ରଣଜୀ ଟ୍ରଫିର ୮୯ତମ ସଂସ୍କରଣର ୩ୟ ଦିବସ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଦଳରୁ ବାଦ୍ ପଡ଼ିଥିବା ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଚମତ୍କାର ବ୍ୟାଟିଂ କରି ପ୍ରଥମଶ୍ରେଣୀ କ୍ୟାରିୟରର ୧୭ତମ ଦ୍ୱିଶତକ ହାସଲ କରିଛନ୍ତି । ତୃତୀୟ ଦିବସ ଖେଳରେ ପୂଜାରାଙ୍କ ଅପରାଜିତ ୨୪୩ ରନର ଦ୍ୱିଶତକୀୟ ପାଳି ସବୁଠୁ ଉଲ୍ଲେଖନୀୟ ଘଟଣା ରହିଥିଲା । ପୂଜାରାଙ୍କ ଏହି ମାରାଥନ ବ୍ୟାଟିଂ ବଳରେ ଝାଡ଼ଖଣ୍ଡ ବିପକ୍ଷରେ ସୌରାଷ୍ଟ୍ର ୧୫୬ ଓଭରରେ ୪ ୱିକେଟ୍ ହରାଇ ୫୭୮ ରନରେ ପ୍ରଥମ ପାଳି ଘୋଷଣା କରିଥିଲା । ଏଥିସହ ସୌରାଷ୍ଟ୍ର ପ୍ରଥମ ପାଳିରେ ୪୩୬ ରନର ବିଶାଳ ଅଗ୍ରଣୀ ହାସଲ କରିଛି । ପୂର୍ବରୁ ପ୍ରଥମ ପାଳିରେ ମାତ୍ର ୧୪୨ ରନ କରିଥିବା ଝାଡ଼ଖଣ୍ଡ ଦ୍ୱିତୀୟ ପାଳି ଆରମ୍ଭ କରି ରବିବାର ଶେଷ ସୁଦ୍ଧା ୨ ୱିକେଟ୍‌ରେ ୧୪୦ ରନ କରିଛି । ସୋମବାର ମ୍ୟାଚର ଶେଷ ଦିବସ ହୋଇଥିବାବେଳେ ଝାଡ଼ଖଣ୍ଡ ପାଳି ପରାଜୟ ଏଡ଼ାଇବାକୁ ଆହୁରି ୨୯୬ ରନ ଆବଶ୍ୟକ କରୁଛି ।

ପୂଜାରା ୩୫୬ ବଲର ଏହି ପାଳିରେ ୩୦ ଚୌକା ମାରିଥିଲେ । ରଣଜୀ ଟ୍ରଫିରେ ଏହା ତାଙ୍କର ୮ମ ଓ ଓଭରଅଲ୍ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୧୭ତମ ଦ୍ୱିଶତକ ଥିଲା । ଏଥିସହ ପ୍ରଥମଶ୍ରେଣୀରେ



ସର୍ବାଧିକ ଦ୍ୱିଶତକ ହାସଲ କରିବାରେ ପୂଜାରା ଇଂଲଣ୍ଡର ଦୁଇ ବ୍ୟାଟର୍ ମାର୍କ ରାମପ୍ରକାଶ ଓ ହେବର୍ଟ ଷ୍ଟକଲିଫ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି । କିନ୍ତୁ ବିଶ୍ୱରେ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ସର୍ବାଧିକ ଦ୍ୱିଶତକ ମାରିବା ତାଲିକାରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡ୍‌ମ୍ୟାନ (୩୭ଟି) ପ୍ରଥମ, ଇଂଲଣ୍ଡର ୱାଲି ହାମଣ୍ଡ (୩୬) ୨ୟ ଓ ପାଷ୍ଟି ହେଣ୍ଡ୍ରେନ (୨୨ଟି) ୩ୟ ସ୍ଥାନରେ ରହିଛନ୍ତି ।

## ମହାରାଷ୍ଟ୍ରର ପାଳି ବିଜୟ

ଏଲିଟ୍ ଗ୍ରୁପ୍-ଏ'ରେ ଖେଳାଯାଇଥିବା ଏକ ମ୍ୟାଚରେ ମଣିପୁର ବିପକ୍ଷରେ ଘରୋଇ ମହାରାଷ୍ଟ୍ର ଏକ ପାଳି ଓ ୬୯ ରନରେ ବିଜୟ ଲାଭ କରିଛି । ମଣିପୁର ପ୍ରଥମ ପାଳିରେ ମାତ୍ର ୧୩୭ ରନ କରିଥିଲା । ଏହାପରେ ଅଙ୍କିତ ବାୱନେଙ୍କ ୧୫୩ ରନ ସହାୟତାରେ ମହାରାଷ୍ଟ୍ର ପ୍ରଥମ ପାଳିରେ ୩୨୦ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ୧୮୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ମଣିପୁର ମାତ୍ର ୧୧୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ସେହିଭଳି ପାଟନାର ମୋଇନ-ଉଲ୍-ହକ୍ ଷ୍ଟାଡିୟମରେ ମୁମ୍ବାଇ ବିପକ୍ଷରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ବି ମ୍ୟାଚରେ ଘରୋଇ ବିହାର ପରାଜୟ ଦ୍ୱାରରେ ପହଞ୍ଚିଛି । ବିହାର ପ୍ରଥମ ପାଳିରେ ୧୦୦ ରନ କରିଥିବାବେଳେ ମୁମ୍ବାଇ ୨୫୧ ରନ ସହ ଅଗ୍ରଣୀ ଲାଭ କରିଥିଲା । ଏହାପରେ ୧୫୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଘରୋଇ ବିହାର ରବିବାର ଷ୍ଟମ୍ପ ସୁଦ୍ଧା ୬ ୱିକେଟ୍‌ରେ ୯୧ ରନ କରିଛି । ସୋମବାର ମ୍ୟାଚର ଶେଷ ଦିବସ ହୋଇଥିବାବେଳେ ବିହାର ପାଳି ପରାଜୟ ଏଡ଼ାଇବା ଲାଗି ବଳକା ୪ ୱିକେଟ୍‌ରେ ଆହୁରି ୬୦ ରନ ଆବଶ୍ୟକ କରୁଛି ।

## ରିକି ଭୁଇଙ୍କ ଶତକ; ଆନ୍ଧ୍ରର ଦୃଢ଼ ଜବାବ

ସେହିଭଳି ଏଲିଟ୍ ଗ୍ରୁପ୍-ବି'ର ଏକ ମ୍ୟାଚରେ ବେଙ୍ଗଲ ବିପକ୍ଷରେ ଆନ୍ଧ୍ର ପ୍ରଦେଶ ଦୃଢ଼ ଜବାବ ଦେଇଛି । ଅନୁଷ୍ଟୁପ ମଜୁମଦାରଙ୍କ ୧୨୫ ରନ ସହାୟତାରେ ବେଙ୍ଗଲ ପ୍ରଥମ ପାଳିରେ ୪୦୯ ରନ କରିଥିଲା । ଏହାପରେ ଆନ୍ଧ୍ର ପ୍ରଦେଶ ପ୍ରଥମ ପାଳି ଆରମ୍ଭ କରି ରବିବାର ୩ୟ ଦିବସ ଶେଷ ସୁଦ୍ଧା ୧୩୩ ଓଭରରେ ୬ ୱିକେଟ୍ ହରାଇ ୩୩୯ ରନ କରିଛି । ୱିକେଟ୍‌ରକ୍ଷକ ରିକି ଭୁଇ ୧୦୭ ଓ ଅଧିନାୟକ ହନୁମା ବିହାରୀ ୫୧ ରନର ଉପଯୋଗୀ ପାଳି ଖେଳିଥିଲେ । ଅନ୍ୟ ଏକ ମୁକାବିଲାରେ ଗୋଆ ସାମ୍ନାରେ ତ୍ରିପୁରା ୫୦୦ ରନର ଲକ୍ଷ୍ୟ ଧାର୍ଯ୍ୟ କରିଛି । ଏହି କଷ୍ଟସାଧ ଲକ୍ଷ୍ୟକୁ ପିଛା କରି ଗୋଆ ରବିବାର ଷ୍ଟମ୍ପ ସୁଦ୍ଧା ୩ ୱିକେଟ୍‌ରେ ୪୮ ରନ କରି ପରାଜୟ ଦିଗରେ ଅଗ୍ରସର ହେଉଛି । ଏଲିଟ୍ ଗ୍ରୁପ୍-ସି'ର ଏକ ମ୍ୟାଚରେ ପଞ୍ଜାବ ବିପକ୍ଷରେ କର୍ଣ୍ଣାଟକର ଦେବଦତ୍ତ ପାଡିକଲ୍ ୧୯୩ ରନରେ ଆଉଟ୍ ହୋଇ ଦ୍ୱିଶତକରୁ ବଞ୍ଚିତ ହୋଇଛନ୍ତି । ପଞ୍ଜାବ ପ୍ରଥମ ପାଳିରେ ୧୫୨ ରନ କରିଥିବାବେଳେ କର୍ଣ୍ଣାଟକ ପାଡ଼ିକଲ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ବଳରେ ୮ ୱିକେଟ୍‌ରେ ୫୧୪ ରନ କରି ପାଳି ଘୋଷଣା କରିଥିଲା । ଜବାବରେ ୩୬୨ ରନ ପଛରେ ଥାଇ ୨ୟ ପାଳି ଆରମ୍ଭ କରିଥିବା ପଞ୍ଜାବ ପ୍ରଭସିମରନ ସିଂହଙ୍କ ୧୦୦ ରନ ସହାୟତାରେ ୩ ୱିକେଟ୍‌ରେ ୨୩୮ ରନ କରି ପାଳି ପରାଜୟ ଏଡ଼ାଇବାକୁ ଉଦ୍ୟମ କରୁଛି ।

ବ୍ରିସ୍‌ବେନ୍ ଅନ୍ତର୍ଜାତୀୟ ଟେନିସ

## ରିବାକିନା ଚାମ୍ପିଅନ



ବ୍ରିସବେନ, ୭ ।୧ (ଏଜେନ୍ସି): ସ୍ଥାନୀୟ କୁଇନ୍ସଲାଣ୍ଡ ଟେନିସ ସେଣ୍ଟରରେ ବ୍ରିସବେନ ଅର୍ନ୍ତଜାତୀୟ ଟେନିସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ମହିଳା ଏକକ ଟୁର୍ଣ୍ଣାମେଣ୍ଟରେ କାଜାଖସ୍ତାନର ଏଲିନା ରିବାକିନା ଚାମ୍ପିଅନ ହୋଇଛନ୍ତି । ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ରିବାକିନା ଅଷ୍ଟ୍ରେଲିଆନ ଓପନ୍ ଚାମ୍ପିଅନ ବେଲାରୁଷର ଟପ୍ ସିଡ୍ ଖେଳାଳି ଅରିନା ସାବାଲେଙ୍କାଙ୍କୁ ୬-୦, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି । ୨୪ ବର୍ଷୀୟା ରିବାକିନା ଏହାପୂର୍ବରୁ ସେମିଫାଇନାଲରେ ଚେକଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କୁ ୬-୩, ୬-୨ ପରାସ୍ତ କରିଥିବା ବେଳେ କ୍ୱାର୍ଟରରେ ୱାକଓଭର ପାଇଥିଲେ । ଅନ୍ୟପଟେ ସାବାଲେଙ୍କା ସେମିରେ ନିଜର ଦେଶର ଅଷ୍ଟମ ସିଡ୍ ଖେଳାଳି ଭିକ୍ଟୋରିଆ ଆଜାରେଙ୍କାଙ୍କୁ ୬-୨, ୬-୪ ସେଟରେ ପରାସ୍ତ କରିଥିଲେ । ରିବାକିନା ଏଥିସହ କ୍ୟାରିୟରର ଷଷ୍ଠ ଟାଇଟଲ ଜିତିଛନ୍ତି । ୨୦୨୨ ୱିମ୍ବଲଡନ ଚାମ୍ପିଅନ ରିବାକିନାଙ୍କୁ ଫାଇନାଲରେ ବିଜୟୀ ହେବାକୁ ସେତେଟା ସଂଘର୍ଷ କରିବାକୁ ପଡି ନଥିଲା ।

## ୬ ବର୍ଷ ପରେ ଡିମିଟ୍ରୋଭଙ୍କୁ ଏଟିପି ଟାଇଟଲ



ପୁରୁଷ ଏକକ ପ୍ରତିଯୋଗିତାରେ ବୁଲଗେରିଆର ଦ୍ୱିତୀୟ ସିଡ୍ ଖେଳାଳି ଗ୍ରିଗର ଡିମିଟ୍ରୋଭ ଟାଇଟଲ ହାସଲ କରିଛନ୍ତି । ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଡିମିଟ୍ରୋଭ ୭-୬, ୬-୪ ସେଟରେ ଶ୍ରେଷ୍ଠ ସିଡ୍ ଖେଳାଳି ଡେନମାର୍କର ହୋଲଗାର ରୁନଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି । ଏଥିସହ ଦୀର୍ଘ ୬ ବର୍ଷ ପରେ ଡିମିଟ୍ରୋଭ ପ୍ରଥମ ଏଟିପି ଟାଇଟଲ ହାସଲ କରିଛନ୍ତି । ୩୨ ବର୍ଷୀୟ ଡିମିଟ୍ରୋଭ ପୂର୍ବରୁ ୨୦୧୭ ନଭେମ୍ବରରେ ଲଣ୍ଡନରେ ଏଟିପି ଟୁର ଫାଇନାଲ ଜିତିଥିଲେ । ଏଥିସହ ଡିମିଟ୍ରୋଭ କ୍ୟାରିୟରର ୯ମ ଟାଇଟଲ ହାସଲ କରିଛନ୍ତି ।

## ଓଡ଼ିଶା କନିଷ୍ଠ ବାଳକ ହ୍ୟାଣ୍ଡବଲ୍ ଦଳ ଚୟନ



**ଭୁବନେଶ୍ୱର, ୭।୧ (ସମିସ):** ଚଳିତ ମାସ ୯ ରୁ ୧୩ତାରିଖ ପର୍ଯ୍ୟନ୍ତ ରାଜସ୍ଥାନ ଜୟପୁରର କରୋଲି ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ୪୭ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡିଶାର ୧୮ ଜଣିଆ ଦଳ କରୋଲି ଯାତ୍ରା କରିଛି । ଏହି ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଅଧିନାୟକ ଆର୍ଯ୍ୟନ ବ୍ରାହ୍ମିନ, ରବିନାରାୟଣ ସାମଲ, ଦିନେଶ ପୃଷ୍ଟି, ଜ୍ଞାନରଞ୍ଜନ ଦାସ, ଗୌରବ ନାୟକ, ରାକେଶ ନାୟକ, ସୁର୍ଯ୍ୟନାରାୟଣ ପରିଡ଼ା, ଶୁଭମ ରାଏ, ଶୁଭଙ୍କର ଦାସ, ଗୌରୀଶଙ୍କର ଜେନା, ଋତୁରାଜ ଜେନା, ଈଶ୍ୱର ଚନ୍ଦ୍ର ନାୟକ, ଶତ୍ରୁଜିତ୍ ପାଗଳ, ଅଂଶୁମାନ ଦାସ, ବୈକୁଣ୍ଠ ବେହେରା, ରାମାଶିଷ ଜେନା, ଜି କେଶବ ରେଡ୍ଡୀ, କୁଲଦୀପ ସାମନ୍ତ । ଦଳର ପ୍ରଶିକ୍ଷକ ଭାବେ ଆକାଶ କୁମାର ପଟ୍ଟନାୟକ, ସହକାରୀ ପ୍ରଶିକ୍ଷକଭାବେ ଅଞ୍ଜନ କୁମାର ପତ୍ରୀ, ମ୍ୟାନେଜର ଗୌରୀ ଶଙ୍କର ମିଶ୍ର ଦଳସହ ଯାତ୍ରା କରିଛନ୍ତି । ଓଡିଶା ହ୍ୟାଣ୍ଡବଲ ସଂଘର ସମ୍ପାଦକ ଇଂ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ , କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାସ ଓଡ଼ିଶା ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ଜାତୀୟ ଭାରୋତ୍ତୋଳନରେ ଜ୍ୟୋତ୍ସ୍ନା ଶ୍ରେଷ୍ଠ

**ଭୁବନେଶ୍ୱର, ୭ ।୧ (ସମିସ):** ଅରୁଣାଚଳ ପ୍ରଦେଶ ଭାରୋତ୍ତୋଳନ ସଂଘ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ଭାରୋତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଓଡ଼ିଶା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ର ଜ୍ୟୋତ୍ସ୍ନା ଶବର ଯୁବ ବର୍ଗରେ ଶ୍ରେଷ୍ଠ ଭାରୋତ୍ତୋଳିକା ବିବେଚିତ ହୋଇଛନ୍ତି । ଏହିପ୍ରତିଯୋଗିତାରେ ପୁନିତ୍ ଚନ୍ଦ୍ର ସାହୁ କନିଷ୍ଠ ୯୬ କିଗ୍ରା ବିଭାଗରେ ରୌପ୍ୟ, ସୁରେଶ ଯାଦବ ବରିଷ୍ଠ ୯୦ କିଗ୍ରା ବିଭାଗରେ କାଂସ୍ୟ ଓ ଇଣ୍ଟରଷ୍ଟେଟ୍‌ରେ ସ୍ୱର୍ଣ୍ଣ, ବରିଷ୍ଠ ବର୍ଗରେ ସ୍ନେହା ସୋରେନ ସ୍ୱର୍ଣ୍ଣ ଓ ରୌପ୍ୟ, ମୀନା ସାଣ୍ଟା ମହିଳା ୫୫ କିଗ୍ରା ଯୁବା ବର୍ଗରେ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ସଫଳତା ଆଣିଥିଲେ ।

## ସୌମ୍ୟରଞ୍ଜନଙ୍କୁ ୮୦ତମ ଚେସ୍ ଟାଇଟଲ

ଭୁବନେଶ୍ୱର, ୭।୧ (ସମିସ)

ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଏଠାରେ ରବିବାର ଅନୁଷ୍ଠିତ ୩୭ତମ ଭୁବନେଶ୍ୱର ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ଜିତିଛନ୍ତି । ସୌମ୍ୟଙ୍କ କ୍ୟାରିୟରରେ ଏହା ହେଉଛି ୮୦ତମ ଟାଇଟଲ । ରାଜ୍ୟର ଜଣେ ଆଗଧାଡ଼ିର ଖେଳାଳିଭାବେ ନିଜକୁ ପ୍ରତିଷ୍ଠା କରିଥିବା ସୌମ୍ୟ ଏହି ଚାମ୍ପିଅନସିପ୍‌ରେ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧବକାର କରିଛନ୍ତି । ତାଙ୍କ ପଛକୁ ୫ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି । ସେମାନଙ୍କ ମଧ୍ୟରେ କଟକର ହର୍ଷିତରଞ୍ଜନ ସାହୁ, ସେକ୍ ସୟିଦ୍, ଜଟଣୀର ଅବିନାଶ ବଳିଆର ସିଂ, କଟକର ଦୁଇ ଖେଳାଳି ରବୀନ୍ଦ୍ର କୁମାର ଓଝା ଓ ସତ୍ୟମ ସ୍ୱରୂପ ସାହୁ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟରୁ ଷଷ୍ଠ ସ୍ଥାନ ଅଧିକାର





କରିଛନ୍ତି । ଏମାନଙ୍କ ପଛକୁ ଭୁବନେଶ୍ୱରର ଉଦୟକାନ୍ତ ନାୟକ ଓ ମନୀଷ ରଞ୍ଜନ ଦାସ, କଟକର ସେକ୍ ଅବିରୁଦ୍ଦିନ ଅହମ୍ମଦ୍ ଓ ସଙ୍କଳ୍ପ ଶ୍ରୀକୁମାର ସିଂ, ଭୁବନେଶ୍ୱରର ସୁରଜିତ ନାୟକ ଓ ସ୍ୱସ୍ତିକ ବେହେରା ଏବଂ ଜଟଣୀର ଟାଇଗର ଦୁର୍ଗାପ୍ରସାଦ ଯଥାକ୍ରମେ ସପ୍ତମରୁ ତ୍ରୟୋଦଶ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । କେସୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଖେଳାଯାଇଥିବା ଏହି ଚାମ୍ପିଅନସିପ୍ ଶେଷରେ ଡାକ୍ତର ଦେବସ୍ମିତା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ତଥା ଭୁବନେଶ୍ୱର ଚେସ ସଂଘ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ । ପୂର୍ବରୁ ଦେବାଶିଷ ମଧ୍ୟ ୬୦୦ ମ୍ୟାଚ୍ ପରିଚାଳନା କରି ଏକ ରେକର୍ଡ ପ୍ରତିଷ୍ଠା କରିସାରିଛନ୍ତି । ରୟାଲ ପବ୍ଲିକ୍ ସ୍କୁଲ ସମ୍ପାଦକ ସର୍ବେଶ୍ୱର ସାମଲ ଚାମ୍ପିଅନସିପ୍‌କୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ ।

## କନିଷ୍ଠ ମହିଳା ହକି ପ୍ରଶିକ୍ଷଣ ଶିବିର ଲାଗି ୪୧ ମନୋନୀତ

ନୂଆଦିଲ୍ଲୀ, ୭।୧ (ଏଜେନ୍ସି)

ବିଭିନ୍ନ କନିଷ୍ଠ ମହିଳା ହକି ପ୍ରତିଯୋଗିତା ଲାଗି ଭାରତୀୟ ଦଳ ପ୍ରସ୍ତୁତି ଆରମ୍ଭ କରିଛି । ବେଙ୍ଗାଲୁରୁରେ ଆସନ୍ତା ୮ ତାରିଖରୁ ହେବାକୁ ଯାଉଥିବା ପ୍ରଶିକ୍ଷଣ ଶିବିର ଲାଗି ୪୧ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି । ଘରୋଇ ହକି ପ୍ରତିଯୋଗିତାର ପ୍ରଦର୍ଶନକୁ ଭିତ୍ତିକରି ଏହି ଖେଳାଳିମାନଙ୍କୁ ଶିବିର ଲାଗି ଚୟନ କରାଯାଇଛି । ମୁଖ୍ୟ ପ୍ରଶିକ୍ଷକ ତୁଷାର ଖାଣ୍ଡେକରଙ୍କ ପ୍ରତ୍ୟକ୍ଷ ପରାମର୍ଶରେ ଏହି ଦଳ ଚୟନ କରାଯାଇଛି । ଦଳରେ ଓଡ଼ିଶା ହକି ଆସୋସିଏସନରୁ ମାତ୍ର ୨ ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ରକ୍ଷଣଭାଗ ଖେଳାଳି ମମିତା ଓରାମ ଏବଂ ଫରୱାର୍ଡ ଖେଳାଳି ସୁନେଲିତା ଟପ୍ପୋ । ସୁନେଲିତା ମଧ୍ୟ ବରିଷ୍ଠ ମହିଳା ହକି ଦଳର କୋର ଗ୍ରୁପ୍‌ରେ ରହିଛନ୍ତି । କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଟାଟା ନାଭାଲ ହକି ଏଚ୍‌ପିସିରୁ କିଛି ଖେଳାଳିଙ୍କୁ ସ୍ଥାନ ମିଳିଛି । ସେମାନଙ୍କ ମଧ୍ୟରେ ଫରୱାର୍ଡ ଖେଳାଳି ମୁନମୁନି ଦାସ ରହିଛନ୍ତି । ଏହି ଶିବିରରୁ ଆସନ୍ତା କନିଷ୍ଠ ମହିଳା ବିଶ୍ୱକପ୍‌କୁ ଆଖିଆଗରେ ରଖି ପ୍ରଶିକ୍ଷଣ ଶିବିରରେ ଗୁରୁତ୍ୱ ଦିଆଯିବ ବୋଲି ଖାଣ୍ଡେକର ମତ ଦେଇଛନ୍ତି ।

## ଆଘାତ ସମସ୍ୟା: ଅଷ୍ଟ୍ରେଲିଆନ ଓପନରୁ ଓହରିଲେ ନାଦାଲ



**ମେଲବୋର୍ଣ୍ଣ, ୭ ।୧ (ଏଜେନ୍ସି):** ସ୍ପେନ ଟେନିସ ସୁପରଷ୍ଟାର ରାଫେଲ ନାଦାଲ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନରୁ ଓହରିଯାଇଛନ୍ତି । ପୁଣି ଥରେ ଆଘାତ ସମସ୍ୟା ତାଙ୍କ ପାଇଁ ଅନ୍ତରାୟ ସୃଷ୍ଟି କରିଛି । ୨୨ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ନାଦାଲ ମାଂସପେସୀରେ ଟାଣି ହେବା କାରଣରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି । ରବିବାର ନିଜ ଏକ୍ସ ହ୍ୟାଣ୍ଡଲରେ ସେ ଏ ନେଇ ସୂଚନା ଦେଇଛନ୍ତି । ଏହାପୂର୍ବରୁ ସେ ବ୍ରିସବେନ୍ ଅନ୍ତର୍ଜାତୀୟ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନଙ୍କଠାରୁ ପରାସ୍ତ ହୋଇଥିଲେ । ଆଘାତ ସମସ୍ୟା କାରଣରୁ ପାଖାପାଖି ସେ ଦୀର୍ଘ ଗୋଟିଏ ବର୍ଷ ହେବ ଟେନିସରୁ ଦୂରେଇ ରହିଥିଲେ । କ୍ଲେ କୋର୍ଟର ରାଜା କୁହାଯାଉଥିବା ୩୭ ବର୍ଷୀୟ ନାଦାଲ ଆଧୁନିକ ଟେନିସରେ ଅନ୍ୟତମ ସଫଳତା ତାରକା ବିବେଚିତ ହେଉଛନ୍ତି । ନଦାଲ ତାଙ୍କର ଦୀର୍ଘ ୨୨ ବର୍ଷର ଉଜ୍ଜ୍ୱଳମୟ କ୍ୟାରିଅରରେ ୨୦୦୯ ଓ ୨୦୨୨ରେ ଦୁଇଥର ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ହାସଲ କରିଛନ୍ତି ।

## ଓସିଏ ଆନ୍ତଃବିଦ୍ୟାଳୟ କ୍ରିକେଟ ଲାଗି ପଞ୍ଜୀକରଣ

**ଭୁବନେଶ୍ୱର, ୭।୧ (ସମିସ):** ଚଳିତବର୍ଷଠାରୁ ଓଡ଼ିଶା କ୍ରିକେଟ ସଂଘ (ଓସିଏ) ଆନୁକୂଲ୍ୟରେ ସମସ୍ତ କ୍ରୀଡ଼ା ଜିଲ୍ଲାରେ ଆନ୍ତଃବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଭାଗ ନେବାକୁ ହେଲେ ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ସମସ୍ତ ବିଦ୍ୟାଳୟର ବାଳକ ଛାତ୍ର ଖେଳାଳିମାନେ ପଞ୍ଜୀକରଣ କରିପାରିବେ । ଯେଉଁମାନେ ୭ମରୁ ୧୦ମ ଶ୍ରେଣୀରେ ନିୟମିତ ହୋଇଥିବେ କେବଳ ସେହି ଖେଳାଳିମାନଙ୍କୁ ଖେଳିବାର ସୁଯୋଗ ଦିଆଯିବ । ମୋଟ ୧୫ଜଣ ଛାତ୍ର ଆବଶ୍ୟକ ପ୍ରମାଣପତ୍ର ଯଥା ଡିଜିଟାଲ ଜନ୍ମଗତ ପ୍ରମାଣପତ୍ର, ଆଧାର କାର୍ଡ, ରଙ୍ଗୀନ ଫଟୋ, ବିଦ୍ୟାଳୟ ପରିଚୟ ପତ୍ର, ନିୟମିତ ପଢୁଥିବା ପ୍ରଧାନ ଶିକ୍ଷକଙ୍କଠାରୁ ପ୍ରମାଣପତ୍ର ସହ ବିଦ୍ୟାଳୟ ଗୁଡ଼ିକ ଭୁବନେଶ୍ୱର ଦୌଡ଼କୁଦ ସଂଘ (ବିଏଏ) କାର୍ଯ୍ୟାଳୟରେ ଆସନ୍ତା ୧୫ ତାରିଖ ସୁଦ୍ଧା ପଞ୍ଜୀକରଣ କରାଇନେବାକୁ ଅନୁରୋଧ କରାଯାଇଛି । ଯଦି କେହି କିଛି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା (ମୋବାଇଲ ନଂ- ୯୮୬୧୦-୬୫୧୯୮) କିମ୍ବା କ୍ରିକେଟ ସମ୍ପାଦକ ଅଶୋକ କୁମାର ପାତ୍ର (ମୋ ନଂ- ୯୪୩୮୪-୦୭୮୯୯) ଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ଓସିଏ ନିର୍ଦ୍ଦେଶାବଳୀ ଅନୁଯାୟୀ ସପ୍ତମ ଶ୍ରେଣୀରୁ ୩ ଜଣ, ଅଷ୍ଟମଶ୍ରେଣୀରୁ ୩ଜଣ, ନବମ ଶ୍ରେଣୀରୁ ୪ ଓ ଦଶମଶ୍ରେଣୀରୁ ୫ଜଣ ଲେଖାଏଁ ମୋଟ ୧୫ ଜଣ ଖେଳାଳିଙ୍କ ନାମ ପଞ୍ଜୀକରଣ କରାଯାଇପାରିବ ।

ଭୁବନେଶ୍ୱର ଆନ୍ତଃସ୍କୁଲ୍ କ୍ରିକେଟ୍

## ଲୟଲା ଓଡ଼ିଆ ସ୍କୁଲ ବିଜୟୀ

**ଭୁବନେଶ୍ୱର, ୭ ।୧ (ସମିସ):** ଓଡ଼ିଶା ଭେଟେରାନ କ୍ରିକେଟ୍ ଆସୋସିଏସନ (ଭିସିଏଓ) ଆନୁକୂଲ୍ୟରେ ଚାଲିଥିବା ୨୦ତମ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ୍ ପ୍ରତିଯୋଗିତାରେ ରବିବାର ଲୟଲା ଓଡ଼ିଆ ସ୍କୁଲ ୭ ୱିକେଟ୍‌ରେ ରୁଚିକା ହାଇସ୍କୁଲକୁ ପରାସ୍ତ କରିଛି । ସ୍ଥାନୀୟ ୟୁନିଟ୍-୨ ହାଇସ୍କୁଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ରୁଚିକା ହାଇସ୍କୁଲ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୭୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଜବାବରେ ଲୟଲା ଓଡ଼ିଆ ସ୍କୁଲ ୮ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା । ଚିନାରି ଲିନା ୨୪ ରନ କରିଥିଲେ । ବିଜୟୀ ଦଳ ପକ୍ଷରୁ ବୋଲିଂରେ ୩ ୱିକେଟ୍ ନେଇଥିବା ସେକ୍ ମହମ୍ମଦ ରିୟାଜ





ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଡବଲ୍ୟୁ କୁମାର ଓ ସନ୍ତୋଷ ଷଡ଼ଙ୍ଗୀ ମ୍ୟାଚ୍ ପରିଚାଳନା କରିଥିଲେ । ଦିବସରେ ଦ୍ୱିତୀୟ ମ୍ୟାଚ୍ ବିଜେଇଏମ୍ ଓ ବିକାଶ ସ୍କୁଲ ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ଥିଲା । କିନ୍ତୁ ବିକାଶ ସ୍କୁଲ ନ ଆସିବାରୁ ବିଜେଇଏମ୍‌କୁ ୱାକ୍‌ଓଭର ମିଳିଥିଲା ।

ଅଶୋକ ଦାସ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଉଦ୍‌ଯାପିତ

## ୟୁନିଅନ୍ ସ୍ପୋର୍ଟିଂ ଚାମ୍ପିଅନ, ରାଇଜିଂ ଷ୍ଟୁଡେଣ୍ଟ ରନର୍ସଅପ୍

ଯାଜପୁର,୭ ।୧(ସମିସ)

ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ କ୍ଲବ୍ ମିଳିତ ଆନୁକୂଲ୍ୟରେ ନାଥସାହି ପଞ୍ଚାୟତର ନୂଆପଡ଼ା ଖେଳ ପଡ଼ିଆରେ ଅଶୋକ ଦାସଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଚାଲିଥିବା ସର୍ବଭାରତୀୟ ଅଶୋକ ଦାସ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ରବିବାର ଟାଇଟଲ ମୁକାବିଲାରେ କଟକର ୟୁନିଅନ୍ ସ୍ପୋର୍ଟିଂ ନିଜ ସହରର ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି ।



ଆଜି ଫାଇନାଲ୍ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । କିନ୍ତୁ ଦଳ ପ୍ରଥମ ଦୁଇ ଓଭରରେ ୨ ୱିକେଟ୍ ହରାଇବା ଫଳରେ ଆସନ୍ନ ବିପଦ ଆଶଙ୍କା କରି ମ୍ୟାଚରୁ ଓହରିଯାଇଥିଲା । କଟକର ଏହି ଦଳକୁ ଯେତେ ବୁଝାଇଥିଲେ ମଧ୍ୟ ସେମାନେ ଖେଳିବାକୁ ରାଜି ହୋଇ ନ ଥିଲେ । ଏହାପରେ ସେମାନେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ । ଫଳରେ ୟୁନିଅନ୍ ସ୍ପୋର୍ଟିଂକୁ ଚାମ୍ପିଅନ୍ ଘୋଷଣା କରାଯାଇଥିଲା । ଫାଇନାଲରେ ଶାରଦା ମହାପାତ୍ର, ରଞ୍ଜନ ମହାନ୍ତି ଅମ୍ପାୟର ରହିଥିଲେ । ଶୁଭ୍ରାଂଶୁ ବେହୁରିଆ, ସ୍ୱସ୍ତିକ ପହି ସ୍କୋରିଂ ଦାୟିତ୍ୱରେ ଥିଲେ ।

ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏସନର ଟେକ୍ନିକାଲ ଡାଇରେକ୍ଟର ଭେଙ୍କଟ ରାମ, ପ୍ରଫେସର ବଟକୃଷ୍ଣ ମହାପାତ୍ର, ଜିଲ୍ଲା କ୍ରିକେଟ ଆସୋସିଏସନ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଉପସଭାପତି ପଦାରବିନ୍ଦ ପରିଡ଼ା ଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ୟୁନିଅନ୍ ସ୍ପୋର୍ଟିଂକୁ ଟ୍ରଫି ସହ ୮୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ଏ ଅବସରରେ ବରିଷ୍ଠ ବିଜେଡ଼ି ନେତା ତୁଷାରକାନ୍ତ ପରିଡ଼ା, ଯାଜପୁର ପୌରପାଳିକାର ନଗର ବିଜେଡି ସଭାପତି ମନୋଜ ସାହୁ, କାଉନସିଲର ସୁବାଶିଷ ରାଉତ, ପାର୍ଥସାରଥୀ ବେହେରା, ଉମା ସିଂ, ସଞ୍ଜୟ ବେହେରା, ମନୋଜ ପତି, ସୁଶାନ୍ତ ସିଂହ, ଅୟସ କାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ଦିବାକର କର, ଜ୍ଞାନ ଘଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ ।



# କ୍ରୀଡ଼ା



ସକାଳ
www.sakalaepaper.com

## ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳ ଘୋଷିତ

# ରୋହିତ ଅଧିନାୟକ, ବିରାଟ ସାମିଲ



**ନୂଆଦିଲ୍ଲୀ, ୭।୧ (ଏଜେନ୍ସି)**

ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ରୋହିତ ଶର୍ମାଙ୍କୁ ଏହି ଦଳର ଅଧିନାୟକ ମନୋନୀତ କରାଯାଇଥିଲାବେଳେ ଅନ୍ୟତମ ବରିଷ୍ଠ ଖେଳାଳି ବିରାଟ କୋହଲିଙ୍କୁ ସାମିଲ କରାଯାଇଛି। ଉଭୟ ବରିଷ୍ଠ ଖେଳାଳି ଶେଷଥର ୧୪ ମାସ ପୂର୍ବେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଟି-୨୦ ବିଶ୍ୱକପ୍‌ରେ ଖେଳିଥିଲେ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଗଠିତ ଏହି ଭାରତୀୟ ଦଳ ସେମିଫାଇନାଲରେ ଇଂଲଣ୍ଡ ନିକଟରୁ ହାରିଯାଇଥିଲା। ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ମୋହାଲିରେ ଜାନୁଆରୀ ୧୧ରୁ ଆରମ୍ଭ ହେବ। ଏହା ପରେ ଇନ୍ଦୋରରେ ଦ୍ୱିତୀୟ ଟି-୨୦ ଜାନୁଆରୀ ୧୪ରେ ଓ ବେଙ୍ଗାଲୁରୁରେ ତୃତୀୟ ତଥା ଶେଷ ମ୍ୟାଚ୍ ଜାନୁଆରୀ ୧୭ରେ ଖେଳାଯିବ।

ସିରିଜ୍ ଲାଗି ଘୋଷିତ ଦଳରୁ ଦୁଇ ଆହତ ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ ସୂର୍ଯ୍ୟକୁମାର ଯାଦବଙ୍କୁ ବାଦ୍ ଦିଆଯାଇଛି। ସେହିପରି ଦକ୍ଷିଣ ଆଫ୍ରିକାରେ ହାଇ ପ୍ରୋଫାଇଲ କ୍ରିକେଟ ଖେଳିଥିବା ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ରବୀନ୍ଦ୍ର ଜାଡେଜା ଓ ଲୋକେଶ ରାହୁଲଙ୍କୁ ବିଶ୍ରାମ ଦିଆଯାଇଛି। କିନ୍ତୁ ଇଶାନ କିଶାନ ଓ ଯୁଜବେନ୍ଦ୍ର ଚହଲଙ୍କୁ ସୁଯୋଗ ମିଳିନାହିଁ। ଏହି ସିରିଜ୍ ଲାଗି ୪ଜଣ ସ୍ପିନର ଯଥା ଅକ୍ଷର ପଟେଲ, କୁଲଦୀପ ଯାଦବ, ରବି ବିଷ୍ଣୋଇ ଓ ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରାଯାଇଛି। ବୁମ୍‌ରା ଓ ସିରାଜଙ୍କ ଅନୁପସ୍ଥିତିରେ ଅର୍ଶଦୀପ ସିଂ, ଆଭେଷ ଖାନ୍ ଓ ମୁକେଶ କୁମାରଙ୍କୁ ପେସ୍ ବୋଲରଭାବେ ଦଳରେ ନିଆଯାଇଛି। ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଶିବମ ଦୁବେ ଅଲରାଉଣ୍ଡର ଭାବେ ରହିଛନ୍ତି। ନିକଟରେ ଆଇପିଏଲ୍ ଟିମ୍ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଭାବେ ରୋହିତଙ୍କ ସ୍ଥାନରେ ପାଣ୍ଡ୍ୟାଙ୍କୁ ନିଯୁକ୍ତି କରାଯାଇଥିଲା। ଏବେ ରୋହିତଙ୍କୁ ଭାରତୀୟ ଦଳର ନେତୃତ୍ୱ ମିଳିବା ପରେ ଆସନ୍ତା ଟି-୨୦ ବିଶ୍ୱକପ୍‌ରେ ସେ ହିଁ ଦଳର ନେତୃତ୍ୱ ନେବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ବିରାଟ କୋହଲିଙ୍କ ସହ ସେ କେବଳ ଦଳ ନୁହେଁ, ବିଜ୍ଞାପନଦାତା, ଆୟୋଜକ ଓ ଦର୍ଶକଙ୍କ ଲାଗି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିବେ। ଏଣୁ ଟି-୨୦ ବିଶ୍ୱକପରେ ଉଭୟ ଖେଳାଳି ରହିବେ ।

### ଟି-୨୦ ସିରିଜ୍ ଖେଳସୂଚୀ

| | | |
|---|---|---|
| ୧୧।୧ | ପ୍ରଥମ ଟି-୨୦ | ମୋହାଲି |
| ୧୪।୧ | ଦ୍ୱିତୀୟ ଟି-୨୦ | ଇନ୍ଦୋର |
| ୧୭।୧ | ତୃତୀୟ ଟି-୨୦ | ବେଙ୍ଗାଲୁରୁ |

### ଖେଳାଳି ଦଳ

**ଭାରତ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଳକ ବର୍ମା, ରିଙ୍କୁ ସିଂ, ଜିତେଶ ଶର୍ମା ଓ ସଞ୍ଜୁ ସାମସନ (ଉଭୟ ୱିକେଟରକ୍ଷକ), ଶିବମ ଦୁବେ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ରବି ବିଷ୍ଣୋଇ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ଆଭେଷ ଖାନ୍ ଓ ମୁକେଶ କୁମାର।

**ଆଫଗାନିସ୍ତାନ:** ଇବ୍ରାହିମ ଜଡ୍ରାନ, (ଅଧିନାୟକ), ରହମନୁଲ୍ଲା ଗୁରବାଜ ଓ ଇକ୍ରାମ ଅଲ୍ଲୀଖୀଲ (ଉଭୟ ୱିକେଟରକ୍ଷକ), ହଜରତଉଲ୍ଲା ଜାଜାଇ, ରହମତ ଶାହ, ନଜିବୁଲ୍ଲା ଜଡ୍ରାନ, ମହମ୍ମଦ୍ ନବି, କରିମ ଜାନତ, ଆଜମତୁଲା ଓମରଜାଇ, ସରାଫୁଦ୍ଦିନ ଅଶ୍ରଫ, ମୁଜୀବ-ଉର-ରହମନ, ଫଜଲ ହକ୍ ଫାରୁକି, ଫରୀଦ ଅହମ୍ମଦ୍, ନବୀନ-ଉଲ-ହକ୍, ନୁର ଅହମ୍ମଦ୍, ମହମ୍ମଦ୍ ସଲୀମ୍, କାଏସ ଅହମ୍ମଦ୍, ଗୁଲବଦିନ ନାଏବ ଓ ରଶିଦ୍ ଖାନ୍।

# ହୁକ୍କା ପିଇ ଚର୍ଚ୍ଚାରେ ଧୋନି





**ନୂଆଦିଲ୍ଲୀ, ୭।୧ (ଏଜେନ୍ସି)**

ଭାରତୀୟ ପୂର୍ବତନ କ୍ରିକେଟ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଜୋରଦାର ଭାଇରାଲ ହୋଇଛି। ଏହି ଭିଡିଓରେ ଧୋନି ହୁକ୍କା ପିଉଥିବାର ଲକ୍ଷ୍ୟ କରାଯାଇଛି। ୬ ସେକେଣ୍ଡର ଏହି ଭିଡିଓରେ ସେ କଳା ସୁଟ୍ ପିନ୍ଧି ହୁକ୍କା ପିଇବା ସହ ଧୂଆଁ ଛାଡୁଛନ୍ତି। ଏହି ଭିଡିଓ ନେଇ ସାମାଜିକ ଗଣମାଧ୍ୟମରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। କେତେଜଣ ତାଙ୍କୁ ସମାଲୋଚନା କରିଥିବା ବେଳେ ଆଉ କେତେକ ଧୋନିଙ୍କ ସପକ୍ଷରେ ମତ ରଖିଛନ୍ତି। ଏହା ତାଙ୍କର ଇଚ୍ଛା, ଯାହା ଚାହିଁବେ ସେ ତାହା କରିବେ ବୋଲି କେତେକ ୟୁଜର ମତ ରଖିଛନ୍ତି। ଧୋନିଙ୍କ ଏଭଳି ଭିଡିଓ ଦେଖି ପ୍ରଶଂସକ ଚକିତ ହୋଇଛନ୍ତି। କିଛି ଦିନତଳେ ସେ ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତଙ୍କ ଭଉଣୀ ସାକ୍ଷୀଙ୍କର ନିର୍ବନ୍ଧ ପାର୍ଟିରେ ଯୋଗ ଦେଇଥିଲେ। ଏହା ସେହି ପାର୍ଟିର ଦୃଶ୍ୟ ହୋଇପାରେ ବୋଲି କେତେକ ମତ ଦେଇଛନ୍ତି। ତେବେ ଏହା ଏକ ବିଜ୍ଞାପନର ଦୃଶ୍ୟ ବୋଲି ଆଉ କେତେକ ମତ ଦେଇଛନ୍ତି। କିନ୍ତୁ ଏ ନେଇ ଧୋନିଙ୍କ ତରଫରୁ ଏପର୍ଯ୍ୟନ୍ତ କିଛି କୁହାଯାଇନାହିଁ।

# ଦ୍ୱିତୀୟ ଟି-୨୦: ଅଷ୍ଟ୍ରେଲିଆ ବିଜୟୀ

**ମୁମ୍ବଇ, ୭।୧ (ଏଜେନ୍ସି):** ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଭାରତ ବିପକ୍ଷ ଦ୍ୱିତୀୟ ମହିଳା ଟି-୨୦ ମୁକାବିଲରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଗୋଟିଏ ଓଭର ବାକି ଥାଇ ୬ ୱିକେଟରେ ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ବରାବର ସ୍ଥିତିରେ ପହଞ୍ଚିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୩୦ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୯ ଓଭରରେ ୪ ୱିକେଟ ହରାଇ ୧୩୩ ରନକରି ବିଜୟୀ ହୋଇଛି। ଦଳ ତରଫରୁ ଏଲିସ ପେରି ୩୪ ଓ ଫେବେ ଲିଚଫିଲ୍ଡ ୧୮ ରନକରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ଭାରତ ତରଫରୁ ବୋଲିଂରେ ଦୀପ୍ତି ଶର୍ମା ୨, ଶ୍ରେୟଙ୍କା ପାଟିଲ ଓ ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ତରଫରୁ ଦୀପ୍ତି ଶର୍ମା ସର୍ବାଧିକ ୩୦, ୱିକେଟରକ୍ଷକ ବ୍ୟାଟର ରିଚା ଘୋଷ ୨୩, ଓପନର ସ୍ମୃତି ମନ୍ଧାନା ୨୩, ଜେମିମା ରୋଡ୍ରିଗ୍ସେଜ ୧୩ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଅନ୍ତିମ ମ୍ୟାଚ ମଙ୍ଗଳବାର ଖେଳାଯିବ।

# ଆନ୍ତଃ କଲେଜ କ୍ରିକେଟ୍: ଏକାମ୍ର ବିଜୟୀ

**ଭୁବନେଶ୍ୱର, ୭।୧ (ସମିସ):** ଅଢ଼ଶପୁର ୟୁଏନ୍ କଲେଜଠାରେ ଚାଲିଥିବା ଆନ୍ତଃକଲେଜ କ୍ରିକେଟ୍ ପ୍ରତିଯୋଗିତାରେ ଏକାମ୍ର କଲେଜ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଏକାମ୍ର ସହ କଟକ କଲେଜର ମୁକାବିଲା ହୋଇଥିଲା। ଏଥିରେ ଏକାମ୍ର କଲେଜ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୨ ୱିକେଟ୍ ହରାଇ ୨୦୮ ରନ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ୍ ଭୋଇ ଅପରାଜିତ ୯୨ ଓ ସ୍ୱୟମ ସାର୍ଥକ ରାଉତରାୟ ୪୬ ରନ କରିଥିଲେ। ଜବାବରେ କଟକ କଲେଜ ୯ ୱିକେଟ୍‌ରେ ୭୨ ରନ କରିବାକୁ ସମର୍ଥ ହୋଇଥିଲା। ବ୍ୟାଟିଂ ଭଳି ବୋଲିଂରେ ମଧ୍ୟ ବିଜୟୀ ଦଳର ସ୍ୱୟମ ସାର୍ଥକ ୪ଟି ୱିକେଟ୍ ନେଇଥିଲେ।

## ■ କେଟି ଗ୍ଲୋବାଲ ନିଖିଳ ଓପନ ଚେସ୍

# ଟାଇଟଲ ଜିତିଲେ ରାଜେଶ ଓ ଶ୍ରୀହାନ

**ଭୁବନେଶ୍ୱର, ୭।୧ (ସମିସ)**

ପୁରୀର ରାଜେଶ ନାୟକ କ୍ଲାସିକାଲରେ ଓ କେନ୍ଦ୍ରାପଡ଼ାର ଶ୍ରୀହାନ ସାବତ କେଟି ଗ୍ଲୋବାଲ ନିଖିଳ ଓଡ଼ିଶା ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରବିବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାର କ୍ଲାସିକାଲ ଇଭେଣ୍ଟରେ ଚାମ୍ପିଅନ ରାଜେଶଙ୍କୁ ଟ୍ରଫି ସହ ୭,୦୦୦, ରନର୍ସ ଅପ୍ ଗଜପତିର ତପନ ବଡମୁଣ୍ଡିଙ୍କୁ ଟ୍ରଫି ସହ ୫,୦୦୦ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଅନୁଗୋଳର ଶ୍ରୀନିବାସ ମିଶ୍ରଙ୍କୁ ଟ୍ରଫି ସହ ୪,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟ ବ୍ଲିଜ୍ ଚେସରେ ଶ୍ରୀହାନ ସାବତ ଚାମ୍ପିଅନ ହୋଇଥିଲେ। କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ରନର୍ସ ଅପ୍ ଓ ଅନୁଗୋଳର ତପନ ବଡ଼ମୁଣ୍ଡି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କୁ ଟ୍ରଫି ସହ ଯଥାକ୍ରମେ ୪, ୩ ଓ ୨ ହଜାର ଟଙ୍କା ପୁରସ୍କାର ଦିଆଯାଇଛି। ଖେଳ ଶେଷରେ ବିଶିଷ୍ଟ ପ୍ରଶିକ୍ଷକ ତଥା ଏସ୍‌ଆର ଚେସ୍ ସେଣ୍ଟରର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ, ଷ୍ଟ୍ରେଟଜେମ୍ ସିଇଓ ଅମ୍ଳାନ ପ୍ରଧାନ, ଏଓସିଏ କାର୍ଯ୍ୟକାରୀ କମିଟି ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ ଓ ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଅଲ୍ଟିମେଟ ଖୋ ଖୋ-୨

# ୫ମ ବିଜୟ ସହ ଶୀର୍ଷରେ ଜଗରନଟ୍ସ



**କଟକ,୭।୧(ସମିସ):** ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋ ଦ୍ୱିତୀୟ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ୫ମ ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ଲିଗ୍ ପର୍ଯ୍ୟାୟ ମ୍ୟାଚରେ ଓଡ଼ିଶା ୩୫-୨୭ ପଏଣ୍ଟରେ ଗତ ସଂସ୍କରଣର ଉପବିଜେତା ତେଲୁଗୁ ଯୋଦ୍ଧାସକୁ ପରାସ୍ତ କରିଛି। ଏଥିସହ ୯ମ ମ୍ୟାଚରୁ ୫ମ ବିଜୟ ଏବଂ ୨ଟି ଲେଖାଏ ଟାଇ ଓ ପରାଜୟ ସହ ଓଡ଼ିଶା ୨୦ ପଏଣ୍ଟ ପାଇ ଟେବଲ୍‌ର ଶୀର୍ଷକୁ ଲମ୍ଫ ପ୍ରଦାନ କରିଛି। ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିସାରିଥିବା ଜଗରନଟ୍ସ ଶେଷ ଲିଗ୍ ମ୍ୟାଚରେ ମଙ୍ଗଳବାର ମୁମ୍ବାଇ ଖିଲାଡିସକୁ ଭେଟିବ। ଅପରପକ୍ଷରେ ତେଲୁଗୁ ୯ ମ୍ୟାଚରୁ ୩ୟ ପରାଜୟ ସହ ୩ୟ ସ୍ଥାନକୁ ଖସିଛି।

ପୂର୍ବରୁ ଦିବସର ପ୍ରଥମ ମ୍ୟାଚରେ ମୁମ୍ବାଇ ଖିଲାଡିସ ୨ (୨୯-୨୭)ରେ ରାଜସ୍ଥାନ ୱାରିୟର୍ସ ପରାସ୍ତ କରିଥିଲା। ଫଳରେ ୱାରିୟର୍ସ କ୍ରମାଗତ ୯ମ ପରାଜୟର ସମ୍ମୁଖୀନ ହୋଇ ବିଜୟ ସ୍ୱାଦ ଚାଖିପାରି ନାହିଁ। ଖିଲାଡିସ ଦଳର ଏସ୍ ଶ୍ରୀଜେସ ଶ୍ରେଷ୍ଠ ଆଟାକର ଏବଂ ୱାରିୟର୍ସ ଦଳର ବିଜୟ ହଜାରେ ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଛନ୍ତି। ଉଭୟ ମୁମ୍ବାଇ ଓ ରାଜସ୍ଥାନ ପୂର୍ବରୁ ପ୍ରତିଯୋଗିତାର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଛନ୍ତି।

## ଅକଲାଣ୍ଡ ଡବ୍ଲ୍ୟୁଟିଏ ଓପନ୍

# ଟାଇଟଲ ସହ ଗଫ୍‌ଙ୍କ ବିରଳ ରେକର୍ଡ

**ଅକଲାଣ୍ଡ, ୭।୧ (ଏଜେନ୍ସି):** ନ୍ୟୁଜିଲାଣ୍ଡର ଅକଲାଣ୍ଡରେ ଅନୁଷ୍ଠିତ ଡବ୍ଲ୍ୟୁଟିଏ ଟେନିସ ଟୁର୍ଣ୍ଣାମେଣ୍ଟରେ ଆମେରିକାର କୋକୋ ଗଫ୍ ଚାମ୍ପିଅନ ହୋଇଛନ୍ତି। ଗତଥରର ଚାମ୍ପିଅନ ଗଫ୍ ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ୟୁକ୍ରେନର ଏଲିନା ଭିତୋଲିନାଙ୍କୁ ୬-୭, ୬-୩,୬-୩ ସେଟରେ ପରାସ୍ତ କରି ଟାଇଟଲ ବଜାୟ ରଖିଛନ୍ତି। ଚତୁର୍ଥ ଖେଳାଳିଭାବେ ଗଫ୍ କ୍ରମାଗତ ଦ୍ୱିତୀୟ ଟାଇଟଲ ହାସଲ କରି ବିରଳ ରେକର୍ଡ ଅଧିକାରୀ ହୋଇଛନ୍ତି। ଗତ ଏକ ଦଶନ୍ଧି ମଧ୍ୟରେ ତୃତୀୟ ସ୍ୱଳ୍ପ ବୟସ୍କ ଖେଳାଳିଭାବେ ସେ ସଫଳତାର ସହ କୌଣସି ଡବ୍ଲ୍ୟୁଟିଏ ଟାଇଟଲ ବଜାୟ ରଖିଛନ୍ତି। ପୂର୍ବରୁ ପାଟି ଫେଣ୍ଡିକ୍ (୧୯୮୮, ୧୯୮୯), ଏଲେନି ଡାନିଲିଡୋଉ (୨୦୦୩, ୨୦୦୪) ଓ ଜୁଲିଆ ଜର୍ଜେସ (୨୦୧୮, ୨୦୧୯) କ୍ରମାଗତ ଦୁଇଟି ସଂସ୍କରଣରେ ଟାଇଟଲ ଜିତିଥିଲେ। ୟୁଏସ୍ ଓପନ୍ ଚାମ୍ପିଅନ ଗଫ୍ ଏହି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ୧୦ଟି ମ୍ୟାଚରେ ବିଜୟୀ ହୋଇଛନ୍ତି। ଦୁଇଟି ଟାଇଟଲ ଜିତିବା ମଧ୍ୟରେ ସେ ୨୦ଟି ସେଟରେ ବିଜୟୀ ହୋଇଥିବା ବେଳେ ଗୋଟିଏ ସେଟରେ ପରାସ୍ତ ହୋଇଛନ୍ତି। ୧୯ ବର୍ଷିୟା ଗଫ୍ ଏଥିସହ କ୍ୟାରିୟରର ସପ୍ତମ ଡବ୍ଲ୍ୟୁଟିଏ ଟାଇଟଲ ଜିତିଛନ୍ତି। ଏହାପୂର୍ବରୁ ସେମିରେ ସେ ଇମ୍ମା ନାଭାରୋଙ୍କୁ ୬-୩, ୬-୨, କ୍ୱାର୍ଟରରେ ଭାରଭାରା ଗ୍ରାଚେଭାଙ୍କୁ ୬-୧, ୬-୧ ସେଟ୍ ରେ ହରାଇ ଅଗ୍ରଗତି କରିଥିଲେ।

## ■ ସି.କେ. ନାଇଡୁ ଟ୍ରଫି

# ଓଡ଼ିଶା ୧୮୦ରେ ଅଲ୍‌ଆଉଟ୍



ଓମ୍ ଟି ମୁଣ୍ଡେ



ସାୱନ ପହରିୟା

**କଟକ,୭।୧(ସମିସ):** ୨୩ବର୍ଷରୁ କମ୍ ବାଳକ ସି.କେ. ନାଇଡୁ ଟ୍ରଫି ରବିବାରଠାରୁ ଆରମ୍ଭ ହୋଇଛି। ବରଗଡ଼ର ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ସୌରାଷ୍ଟ୍ରକୁ ଭେଟିଛି। ଏହି ମ୍ୟାଚରେ ଭ୍ରମଣକାରୀ ସୌରାଷ୍ଟ୍ର ଦଳ ଟସ୍ ଜିତି ଘରୋଇ ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓଡ଼ିଶା ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିବା ସହ ପ୍ରଥମ ପାଳିରେ ମାତ୍ର ୧୮୦ ରନରେ ଅଲଆଉଟ ହୋଇଛି। ପ୍ରାରମ୍ଭରେ ଓଡ଼ିଶା ୩୧ ରନରେ ୬ଟି ୱିକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। ଏହାପରେ କିନ୍ତୁ ଓପନର ଓମ୍ ଟି ମୁଣ୍ଡେ ଏବଂ ୱିକେଟକିପର ସାୱନ ପହରିୟା ଉଭୟ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ଓମ ୫୯ ରନରେ ଆଉଟ ହୋଇଥିବାବେଳ ସାୱନ ୮୧ ରନରେ ଅପରାଜିତ ରହିଥିଲେ। ସୌରାଷ୍ଟ୍ର ପକ୍ଷରୁ ଡି ଗୋହିଲ ସର୍ବାଧିକ ୫ଟି, ନୀଲ ପାଣ୍ଡ୍ୟା ୩ଟି ଏବଂ ପବନ ପାରମାର ୨ଟି ୱିକେଟ ଅକ୍ତିଆର କରିଛନ୍ତି। ଏହାପରେ ବ୍ୟାଟିଂ ଆରମ୍ଭ କରି ସୌରାଷ୍ଟ୍ର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ବିନା ୱିକେଟରେ ୪୦ ରନ କରିଛି। ଅଧିନାୟକ ଜୟ ଗୋହିଲ ୨୪ ଏବଂ ସ୍ମୃତିରାଜ ସିଂହ ୧୪ ରନରେ ଅପରାଜିତ ରହିଛନ୍ତି।

## ରଣଜୀ ଟ୍ରଫି: ଦ୍ୱିତୀୟ ପାଳିରେ ଓଡ଼ିଶାର ଲଢୁଆ ବ୍ୟାଟିଂ

# ଶେଷ ଦିନରେ ଓଡ଼ିଶାର ଲକ୍ଷ୍ୟ ୩୨୯ ରନ୍

**କଟକ,୭।୧(ସମିସ)**



ଅନୁରାଗ ଷଡ଼ଙ୍ଗୀ



ଗୋବିନ୍ଦ ପୋଦ୍ଦାର

ମୋତିବାଗ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ଓ ବରୋଦା ମଧ୍ୟରେ ଚାଲିଥିବା ରଣଜୀ ଟ୍ରଫି ମ୍ୟାଚ୍ ଏକ ପ୍ରକାର ନିର୍ଣ୍ଣାୟକ ସ୍ଥିତି ଆଡକୁ ମୁହାଁଉଛି। ବରୋଦା ପକ୍ଷରୁ ଧାର୍ଯ୍ୟ ୪୩୨ ରନର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ଲଢୁଆ ବ୍ୟାଟିଂ କରିଛି। ରବିବାର ମ୍ୟାଚର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଗୋଟିଏ ୱିକେଟ ବିନିମୟରେ ଦଳ ୧୦୩ ରନ କରିଛି। ଅନୁରାଗ ଷଡ଼ଙ୍ଗୀ ୫୬ ରନରେ ଆଉଟ ହୋଇଛନ୍ତି। ଅଧିନାୟକ ଶାନ୍ତନୁ ମିଶ୍ର ୪୧ ଏବଂ ସନ୍ଦୀପ ପଟ୍ଟନାୟକ ୧ ରନରେ ଅପରାଜିତ ଅଛନ୍ତି। ହାତରେ ୯ ୱିକେଟ ବାକି ଥିବାବେଳେ ବିଜୟଠାରୁ ଓଡ଼ିଶା ୩୨୯ରନ ପଛରେ ରହିଛି। ମ୍ୟାଚ୍ ଡ୍ର ରଖିବାର ସମ୍ଭାବନା ଥିଲେ ସୁଦ୍ଧା ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସରେ ଓଡ଼ିଶା ବିଜୟ ଲକ୍ଷ୍ୟ ନେଇ ଖେଳିବ ବୋଲି ଅନୁମାନ କରାଯାଉଛି।

ଅସମାପ୍ତ ଦ୍ୱିତୀୟ ପାଳି ୪୩/୧ରୁ ରବିବାରର ଖେଳ ଆରମ୍ଭ କରିଥିଲା ଘରୋଇ ବରୋଦା ଦଳ। ଦେବବ୍ରତ ପ୍ରଧାନ ପ୍ରଥମ ସେସନରେ ଜ୍ୟୋସ୍ନିଲ ସିଂହଙ୍କୁ ୩୩ ରନରେ ଆଉଟ କରି ଓଡ଼ିଶା ପାଇଁ ଦ୍ୱିତୀୟ ସଫଳତା ଦେଇଥିଲେ। ମାତ୍ର ପ୍ରଥମ ପାଳିରେ ସଅଳ ଆଉଟ ହୋଇଥିବା ଅଧିନାୟକ ବିଷ୍ଣୁ ସୋଲାଙ୍କି ଏବଂ ଶାଶ୍ୱତ ରାଉତ ୩ୟ ୱିକେଟରେ ୧୩୯ ରନର ଶତକୀୟ ଭାଗିଦାରୀ ସୃଷ୍ଟି କରିବା ସହ ଦଳୀୟ ସ୍କୋରକୁ ୨୦୦ପାର କରିଥିଲେ। ହେଲେ ୩୦ରନ ବ୍ୟବଧାନରେ ଉଭୟଙ୍କ ୱିକେଟ ପତନ ଘଟିଥିଲା। ଶାଶ୍ୱତ ୧୦୩ ରନରେ ଗୋବିନ୍ଦ ପୋଦ୍ଦାରଙ୍କ ଦ୍ୱାରା ଓ ଅଧିନାୟକ ବିଷ୍ଣୁ ୭୯ ରନରେ ଜୟନ୍ତ ବେହେରାଙ୍କ ଦ୍ୱାରା ଆଉଟ ହୋଇଥିଲେ। ପରେ କ୍ରିଜକୁ ଆସିଥିବା ଅଭିମନ୍ୟୁ ସିଂହ ଦ୍ରୁତ ପାଳି ଖେଳିଥିଲେ। ଦଳୀୟ ସ୍କୋର ୨୫୮/୪ରେ ବରୋଦା ପାଳି ଘୋଷଣା କରିଥିଲା। ଫଳସ୍ୱରୂପ ପ୍ରଥମ ପାଳିରେ ୧୭୩ ରନର ଅଗ୍ରଣୀ ହାସଲ କରିଥିବା ବରୋଦା ଓଡ଼ିଶା ସମ୍ମୁଖରେ ମୋଟ ୪୩୨ ରନର ଟାର୍ଗେଟ ରଖିଥିଲା। ଦ୍ୱିତୀୟ ପାଳିରେ ଓଡ଼ିଶା ପକ୍ଷରୁ ଦେବବ୍ରତ ୨, ଗୋବିନ୍ଦ ଓ ଜୟନ୍ତ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

ଏହାପରେ ଦ୍ୱିତୀୟ ପାଳିରେ ସତର୍କତାର ସହ ବ୍ୟାଟିଂ କରି ଓଡ଼ିଶାର ଦୁଇ ଓପନର ବରୋଦାକୁ କଡ଼ା ଜବାବ ଦେଇଥିଲେ। ଅଧିନାୟକ ଶାନ୍ତନୁ ଓ ଅନୁରାଗ ଓପନିଂ ଭାଗୀଦାରିରେ ୯୫ ରନ ସଂଗ୍ରହ କରିଥିଲେ। ତୃତୀୟ ଦିବସ ଷ୍ଟମ୍ପ ଅପସାରଣର ୩ ଓଭର ପୂର୍ବରୁ ବରୋଦାକୁ ପ୍ରଥମ ସଫଳତା ମିଳିଥିଲା। ଅନୁରାଗ ୬ଟି ଚୌକା ଓ ୨ଟି ଛକା ସହ ୫୬ ରନ କରି ଅତିତ ସେଠଙ୍କ ଶିକାର ହୋଇଥିଲେ। ୧୧୭ ବଲ ସମ୍ମୁଖୀନ ହୋଇ ଶାନ୍ତନୁ ୪୧ ରନ କରି ଖେଳୁଛନ୍ତି। କାର୍ତ୍ତିକ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ସେନାପତି, ଆଶୀର୍ବାଦ ସ୍ୱାଇଁଙ୍କ ଭଳି ବ୍ୟାଟର ଥିବା ହେତୁ ଓଡ଼ିଶା ଅନ୍ତିମ ଦିନରେ ବିଜୟ ଲକ୍ଷ୍ୟ ନେଇ ଖେଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର